ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୨/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, September 12/2025 | Page 16 | ₹ 7.00

୫୧ଶ ଭାଗ ୨୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 288 | ମୂଲ୍ୟ ₹୭/-

Hero



ମାନ୍ୟବର ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀ**

ଆମେ ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତଥା ଭାରତ ସରକାରଙ୍କୁ ଦୂରଦୃଷ୍ଟି ସମ୍ପନ୍ନ GST ସଂଶୋଧନ ଗୁଡ଼ିକ ପାଇଁ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରୁଛୁ, ଯିଏ ଏହି ମୁହୂର୍ତ୍ତକୁ ଦେଶବ୍ୟାପୀ ଉତ୍ସବରେ ପରିଣତ କରିଦେଇଛନ୍ତି ।

ଏହି ପାର୍ବଣ ଋତୁରେ, 100% GSTର ସମ୍ପୂର୍ଣ୍ଣ ଲାଭ ସିଧାସଳଖ ପ୍ରାପ୍ତ କରି କମ ମୂଲ୍ୟରେ ଘରକୁ ଆଣନ୍ତୁ ନିଜର ପ୍ରିୟ ହିରୋ ଟୁ-ହୁଇଲର । ଡେଲିଭରୀ ଏହି ନବରାତ୍ରୀରୁ ଆରମ୍ଭ !

## ହ୍ରାସିତ ମୂଲ୍ୟ, ଉନ୍ନତର ଉତ୍ସବ

| ମଡେଲ | ଏତିକି ପର୍ଯ୍ୟନ୍ତ GST ଲାଭ* |
|---|---|
| HF Deluxe | ₹ 5 800 |
| Passion + | ₹ 6 400 |
| Splendor+ | ₹ 6 800 |
| Destini 125 | ₹ 7 500 |
| Glamour X | ₹ 7 800 |
| Xpulse 210 | ₹ 14 500 |



## ଆଜି ହିଁ ନିଜର ହିରୋ ବୁକ୍ କରନ୍ତୁ!

*ON EX-SHOWROOM BHUBANESWAR

WORLD'S NO.1 24 YEARS IN A ROW## MOTORCYCLE & SCOOTER COMPANY

INDIA'S FIRST 5 YEAR WARRANTY* *Conditions apply

CALL TOLL-FREE 1800 266 0018

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. ##Highest sales for any 2 Wheeler Corporate Entity in the world for Calendar Year 2024 - Data source: DNA Consult & Advisory's report Assessment of Global Two Wheelers Market (CY24). For all Corporate and Bulk Enquiries, Please email us on institutionalsales@heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. Offer amount & combination of offers may vary as per model. Offers are valid in select states for a limited period or till stock lasts. For more details, please visit your nearest authorized Hero outlet. Terms & Conditions apply.

Authorized Dealers: , Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES , Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph:9289923107,Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611 Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658 Associate Dealers: Telkoi:Panchamukhi Motors-9717004926, Barbil:Wheels Motors-9776931870 Rairangpur:Maa Sakambari Motors-7008581719, Mayurbhanj:Jk Motors-9040909925, Mayurbhanj:Mahaveer Motors-7326872255/9853290346, BasudevPur:Bidyalalita Automobile-9827487072, Kamrda:Siddhivinayak Motors-7208675074 , Rahama:Sarala Automobiles-9937018532, Kendrapara:Baishnabi Motors-9437089454/9853471301, Pattamundai:Mishra Auto-9853843713, Narsinghpur:Ambika Motocorp-9861811411, Nimapara:Basudev Automobiles-9861020724, Pipili:Shri Ram Motors-9437110789, Balugaon: Mahamayee Motors-9437004624, Khurdha:Dinesh Trading Co.-9778097876, Sakhigopal:Sai Motors-9439765820, Begunia:Rashmi Automobiles-9178316145, Balipatna:M/S Jagannath Motors-7064309702, Chandpur:Apsara-9861418161, Khuakia:Binayak Automobiles-9090444379 Jajpur Town:Ayush Automobiles-9556189870

SAATCHI & SAATCHI

**ପହଲଗାମ୍ ଅଭିଯୁକ୍ତଙ୍କ ନାର୍କୋ ଟେଷ୍ଟ ପାଇଁ ମନାକଲେ କୋର୍ଟ**

ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ବଶିର ଅହମଦ ଜୋଥାଟ ଓ ପରଭେଜ ଅହମଦଙ୍କ ପଲିଗ୍ରାଫ୍ ଓ ନାର୍କୋ ପରୀକ୍ଷା ପାଇଁ ଏନ୍ଆଇଏର ଆବେଦନକୁ ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଛନ୍ତି। ଦୁହେଁ ପରୀକ୍ଷାର ସମ୍ମୁଖୀନ ହେବାକୁ ସହମତି ଦେଇଥିବା କୋର୍ଟଙ୍କୁ ଏନ୍ଆଇଏ ଜଣାଇଥିଲା। ସେମାନେ ନାର୍କୋ ଏବଂ ପଲିଗ୍ରାଫି ପରୀକ୍ଷା ଦେବା ପାଇଁ ଇଚ୍ଛୁକ ନ ଥିବା କୋର୍ଟରେ ଉପସ୍ଥିତ ରହି କହିଥିଲେ।

## ଆଜି ଶପଥ ନେବେ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍

**ନୂଆଦିଲ୍ଲୀ, ୧୧।୯**

ନବ ନିର୍ବାଚିତ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଶୁକ୍ରବାର ସକାଳେ ଭାରତର ନୂତନ ଉପରାଷ୍ଟ୍ରପତି ଭାବେ ଶପଥ ନେବେ। ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଧାକ୍ରିଷ୍ଣନ୍ଙ୍କୁ ଶପଥ ପାଠ କରାଇବେ। ଶୁକ୍ରବାର ପୂର୍ବାହ୍ନ ୧୦.୩୦ରୁ ମଧ୍ୟାହ୍ନ ୧୨.୩୦ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏହି ସମାରୋହରେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନକର ସାମିଲ ହେବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାର ବିରୋଧୀ ଦଳ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି।

## ଆମେରିକାରେ ରାଷ୍ଟ୍ରଦୂତ ଥିବା ପିଟରଙ୍କୁ ବହିଷ୍କାରକଲା ବ୍ରିଟେନ୍

**ଲଣ୍ଡନ, ୧୧।୯**

ଯୌନ ଅପରାଧ ମାମଲାରେ ଦୋଷୀସାବ୍ୟସ୍ତ ଜେଫ୍ରି ଏପ୍‌ଷ୍ଟେଇନ୍‌ଙ୍କ ସହ ପିଟର ମାଣ୍ଡେଲସନ୍ ସମ୍ପର୍କ ରଖିଥିବା ଜଣାପଡ଼ିବା ପରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଗୁରୁବାର ତାଙ୍କୁ ରାଷ୍ଟ୍ରଦୂତ ପଦବୀରୁ ବିଦା କରିଛନ୍ତି। ପିଟର ଆମେରିକାରେ ବ୍ରିଟେନ୍‌ର ରାଷ୍ଟ୍ରଦୂତ ଥିଲେ। ବିବାଦୀୟ ଫାଇନାନ୍ସର ଏପ୍‌ଷ୍ଟେଇନ୍‌ଙ୍କ ପାଖକୁ ପିଟର ଇମେଲ୍ ପଠାଇବା ସହ ତାଙ୍କୁ ସମର୍ଥନ ଜଣାଇଥିଲେ।

## ମୋଦିଙ୍କ ମଣିପୁର ଗସ୍ତ ପୂର୍ବରୁ ୪୩ ଭାଜପା ସଦସ୍ୟଙ୍କ ଇସ୍ତଫା

**ଇମ୍ଫାଲ, ୧୧।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତିଆଣ ହିଂସା କ୍ଷତିଗ୍ରସ୍ତ ମଣିପୁରକୁ ଗସ୍ତରେ ଯିବାର ଦିନକ ପୂର୍ବରୁ ଗୁରୁବାର ଉଖ୍ରୁଲ ଜିଲା ଫୁଙ୍ଗ୍ୟାର ନିର୍ବାଚନ ମଣ୍ଡଳୀର ଅନ୍ୟୂନ ୪୩ ଜଣ ଭାଜପା ସଦସ୍ୟ ସମୂହ ଇସ୍ତଫା ଦେଇଛନ୍ତି। ଦଳ ଭିତରେ ଚାଲିଥିବା କାର୍ଯ୍ୟକୁ ନେଇ ସେମାନେ ଅତ୍ୟନ୍ତ ଚିନ୍ତିତ। ତୃଣମୂଳ ସ୍ତରର ନେତାଙ୍କ ପ୍ରତି ଦଳରେ ସମ୍ମାନ ନାହିଁ କି ସେମାନଙ୍କ ସହ ପରାମର୍ଶ କରାଯାଉ ନାହିଁ। ଏହା ଇସ୍ତଫା ପଛର କାରଣ ବୋଲି ସେମାନେ ଦର୍ଶାଇଛନ୍ତି। ତେବେ ସେମାନଙ୍କ ସମ୍ପ୍ରଦାୟ ଏବଂ ମଣିପୁର ଜନସାଧାରଣଙ୍କ କଲ୍ୟାଣ ଲାଗି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ନାଗାବହୁଳ ଏହି ନିର୍ବାଚନ ମଣ୍ଡଳୀରେ ଇସ୍ତଫା ଦେଇଥିବା ଭାଜପା ସଦସ୍ୟଙ୍କ ମଧ୍ୟରେ ମଣ୍ଡଳ ସଭାପତି, ମହିଳା, ଯୁବ ଓ କିଷାନ ମୋର୍ଚ୍ଚା ମୁଖ୍ୟ ପ୍ରମୁଖ ରହିଛନ୍ତି।

# ପାର୍ଲାମେଣ୍ଟ ଭଙ୍ଗ, ସମ୍ବିଧାନ ସଂଶୋଧନ କର

## ଦାବିରେ ଅଟଳ ଜେନ୍ ଜେଡ୍




କାଠମାଣ୍ଡୁରେ ଜେନ୍ ଜେଡ୍ ବିକ୍ଷୋଭକାରୀ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଛନ୍ତି।

- ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦକୁ ନେଇ ଜେନ୍ ଜେଡ୍‌ରେ ବିବାଦ
- କୁଲମାନ ଘିସିଂଙ୍କ ନାମ ପ୍ରସ୍ତାବ ଦେଲେ ଆଉ ଏକ ଗୋଷ୍ଠୀ
- ସେନା ମୁଖ୍ୟ, ରାମଚନ୍ଦ୍ର ପୌଡେଲଙ୍କ ସହ ଆଲୋଚନା

**କାଠମାଣ୍ଡୁ, ୧୧।୯**

ନେପାଳରେ ସରକାର ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଉଥିବା ଜେନ୍ ଜେଡ୍ ପକ୍ଷରୁ ଗୁରୁବାର ଦେଶର ପାର୍ଲାମେଣ୍ଟ ଭଙ୍ଗ ଓ ସମ୍ବିଧାନ ସଂଶୋଧନ ପାଇଁ ଦାବି କରାଯାଇଛି। କାଠମାଣ୍ଡୁରେ ଏକ ଖବରଦାତା ସମ୍ମିଳନୀ କରି ଜେନ୍ ଜେଡ୍ ବିକ୍ଷୋଭକାରୀ କହିଛନ୍ତି, ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ବିକ୍ଷୋଭର ସମାଧାନ ବାହାରିପାରିବ। ଗୁରୁବାର ଜେନ୍ ଜେଡ୍‌ର କିଛି ପ୍ରତିନିଧି ସେନା ମୁଖ୍ୟ ଅଶୋକ ରାଜ୍ ଶିଗ୍‌ଡେଲଙ୍କ ସହ ଆଲୋଚନା କରିଛନ୍ତି। ଗତ ୯ରେ ନିଜ ପଦରୁ ଇସ୍ତଫା ଦେଇଥିବା ନେପାଳର ପୂର୍ବତନ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲଙ୍କ ସହ ମଧ୍ୟ ସେମାନେ ଆଲୋଚନା କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ସ୍ୱାର୍ଥ ପାଇଁ ବିକ୍ଷୋଭକାରୀଙ୍କୁ ବ୍ୟବହାର କରିବା ଉଚିତ ନୁହେଁ। ଏହା ସମ୍ପୂର୍ଣ୍ଣ ନାଗରିକ ଆନ୍ଦୋଳନ ଥିଲା। ଏହାକୁ ନେଇ ରାଜନୀତି ନ ହେଉ ବୋଲି ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। ନେପାଳ ସଂସଦକୁ ଭଙ୍ଗ କରାଯିବା ଉଚିତ ଏବଂ ଜନସାଧାରଣଙ୍କ ହିତ ଏବଂ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ବିଧାନରେ ମଧ୍ୟ କିଛି ସଂଶୋଧନ ଆବଶ୍ୟକ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ, ସାମ୍ପ୍ରତିକ ସ୍ଥିତିରେ ନେପାଳର ନୂତନ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦକୁ ନେଇ ଗୁରୁବାର ଜେନ୍ ଜେଡ୍ ମଧ୍ୟରେ ମତଭେଦ ଦେଖାଦେଇଛି। ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ଜେନ୍ ଜେଡ୍ ବିକ୍ଷୋଭକାରୀଙ୍କ ଏକ ଗୋଷ୍ଠୀ ନେପାଳ ବିଦ୍ୟୁତ୍ ପ୍ରାଧିକରଣର ପୂର୍ବତନ କାର୍ଯ୍ୟନିର୍ବାହୀ ମୁଖ୍ୟ କୁଲମାନ ଘିସିଂଙ୍କ ନାମକୁ ପ୍ରସ୍ତାବ ଦେଇଛି। ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ସୁଶୀଳା କାର୍କିଙ୍କ ନାମକୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ବୁଧବାର ଜେନ୍ ଜେଡ୍ ପକ୍ଷରୁ ପ୍ରସ୍ତାବିତ କରାଯାଇଥିବାବେଳେ ତାଙ୍କ ନାମକୁ ଏହି ଗୋଷ୍ଠୀ ବିରୋଧ କରିଛି। ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦକୁ ନେଇ ମତଭେଦ ମଧ୍ୟରେ ଗୁରୁବାର ସେନା ମୁଖ୍ୟାଳୟ ସମ୍ମୁଖରେ ଜେନ୍ ଜେଡ୍‌ର ୨ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଛନ୍ତି। ନେପାଳ ସେନାର ଜଣେ ମୁଖପାତ୍ର କହିଛନ୍ତି, ନେପାଳରେ ହୋଇଥିବା ଆନ୍ଦୋଳନର ବିଭିନ୍ନ ଅଂଶୀଦାରଙ୍କ ସହ ସେନାର ଆଲୋଚନା ଜାରି ରହିଛି। ଦେଶର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ବଜାୟ ରଖିବା ସହ ଅଚଳାବସ୍ଥାକୁ ଦୂର କରିବା ପାଇଁ ସେନା କାର୍ଯ୍ୟ କରୁଛି।

### ନେପାଳ ଜେଲରେ ସଂଘର୍ଷ: ୩ ମୃତ

**ବିଭିନ୍ନ ଜେଲରୁ ୧୫ ହଜାର ବନ୍ଦୀ ଚମ୍ପଟ**

**କାଠମାଣ୍ଡୁ, ୧୧।୯(ପି.ଟି.)**

ନେପାଳର ମାଧେଶ ପ୍ରଦେଶ ଅନ୍ତର୍ଗତ ରାମେଛାପ ଜିଲା ଜେଲରେ ଗୁରୁବାର ସକାଳେ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷରେ ୩ ଅନ୍ତେବାସୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ନେପାଳରେ ସରକାର ବିରୋଧୀ ହିଂସାତ୍ମକ ବିକ୍ଷୋଭ ଆରମ୍ଭ ହେବା ଦିନରୁ ଇତିମଧ୍ୟରେ ବିଭିନ୍ନ ଜେଲରୁ ୧୫,୦୦୦ରୁ ଊର୍ଦ୍ଧ୍ୱ ବନ୍ଦୀ ଖସି ପଳାଇଲେଣି। ମଙ୍ଗଳବାରଠାରୁ ଜେଲରେ ସୁରକ୍ଷା ବଳ ସହ ସଂଘର୍ଷରେ ୮ ବନ୍ଦୀଙ୍କ ଜୀବନ ଯାଇଛି। ଗୁରୁବାର ବନ୍ଦୀମାନେ ସିଲିଣ୍ଡର ବିସ୍ଫୋରଣ ଘଟାଇ ଜେଲରୁ ବାହାରି ପଳାଇବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା ଦାୟିତ୍ୱରେ ଥିବା ଯବାନଙ୍କ ସହ ସଂଘର୍ଷ ଘଟିଥିଲା। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ସୁରକ୍ଷା ବଳ ଗୁଳି ଚଳାଇବାରୁ ୩ ଜଣଙ୍କ ମୃତ୍ୟୁ ଘଟିଲା ବୋଲି ପୋଲିସ ସୂତ୍ରରୁ କୁହାଯାଇଛି। ଆହତମାନଙ୍କୁ ରାମେଛାପ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଚାର୍ଲି ହତ୍ୟାକାରୀଙ୍କ ଫଟୋ ଜାରି



ଚାର୍ଲି କିର୍କ

### କିର୍କଙ୍କୁ ମିଳିବ ସର୍ବୋଚ୍ଚ ସମ୍ମାନ: ଟ୍ରମ୍ପ୍

**ୱାଶିଂଟନ୍, ୧୧।୯ (ଏ.ପି/ରଏଟର୍ସ)**

ଜଣାଶୁଣା କଞ୍ଜର୍ଭେଟିଭ୍ ଇନ୍‌ଫ୍ଲୁଏନ୍ସର ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହଯୋଗୀ ଚାର୍ଲି କିର୍କଙ୍କୁ ବୁଧବାର ଗୁଳିକରି ହତ୍ୟା କରାଯାଇଛି। ଓରେମ୍‌ସ୍ଥିତ ଉଟାହ ଭ୍ୟାଲି ୟୁନିଭର୍ସିଟି (ୟୁଭିୟୁ)ରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବାବେଳେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। କିର୍କଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରମ୍ପ୍ ଏନେଇ ଶୋକବ୍ୟକ୍ତ କରିବା ସହ ଏହାକୁ ଆମେରିକା ପାଇଁ 'ଏକ ଅନ୍ଧକାରମୟ ସମୟ' ଭାବେ ଅଭିହିତ କରିଛନ୍ତି। କିର୍କ ସତ୍ୟ ପାଇଁ ଶହୀଦ ହୋଇଥିବା ଦର୍ଶାଇ ତାଙ୍କ ହତ୍ୟା ଲାଗି କଠୋର ବାମପନ୍ଥୀଙ୍କୁ ଦାୟୀ କରିଛନ୍ତି। କିର୍କଙ୍କୁ ମରଣୋତ୍ତର ଭାବେ ଆମେରିକାର ସର୍ବୋଚ୍ଚ ବେସାମରିକ ସମ୍ମାନ 'ପ୍ରେସିଡେନ୍ସିଆଲ ମେଡାଲ୍ ଅଫ୍ ଫ୍ରିଡମ୍' ପ୍ରଦାନ କରାଯିବ ବୋଲି ଗୁରୁବାର ରାଷ୍ଟ୍ରପତି ଟ୍ରମ୍ପ୍ ଘୋଷଣା କରିଛନ୍ତି।

ଆମେରିକାର ସର୍ବବୃହତ୍ ରକ୍ଷଣଶୀଳ ଯୁବ ସଙ୍ଗଠନ 'ଟର୍ନିଂ ପଏଣ୍ଟ ୟୁଏସ୍‌ଏ'ର ସହପ୍ରତିଷ୍ଠାତା ଚାର୍ଲି କିର୍କ(୩୧) କଞ୍ଜର୍ଭେଟିଭ୍ ମୁଭ୍‌ମେଣ୍ଟ ପାଇଁ ପ୍ରଭାବଶାଳୀ ଢଙ୍ଗରେ ସ୍ୱର ଉତ୍ତୋଳନ କରିଆସୁଥିଲେ। Xରେ ତାଙ୍କର ୫.୨ ନିୟୁତ ଫଲୋଅର୍ସ ଅଛନ୍ତି। ସେ ଲୋକପ୍ରିୟ ପୋଡ୍‌କାଷ୍ଟ ତଥା ରେଡିଓ ପ୍ରୋଗ୍ରାମ୍ 'ଦି ଚାର୍ଲି କିର୍କ ଶୋ'କୁ ହୋଷ୍ଟ କରିଆସୁଥିଲେ। ଦେଶର ୧୫ ୟୁନିଭର୍ସିଟିରେ 'ଆମେରିକାନ୍ କମ୍‌ବ୍ୟାକ୍ ଟୁର୍' କାର୍ଯ୍ୟକ୍ରମକୁ ସେ ସମ୍ବୋଧନ କରିବାର ଥିଲା। ୟୁଭିୟୁରେ ଏହା ଥିଲା ତାଙ୍କର ପ୍ରଥମ କାର୍ଯ୍ୟକ୍ରମ। ସ୍ଥାନୀୟ ସମୟ ମଧ୍ୟାହ୍ନ ୧୨ଟା ୧୦ରେ ସମ୍ବୋଧନ ଆରମ୍ଭ କରିବାର ପ୍ରାୟ ୨୦ ମିନିଟ୍ ପରେ ୯୦ରୁ ୧୮୦ ମିଟର ଦୂରରୁ କିର୍କଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। କିର୍କ ନିଜ ହାତରେ ବେକକୁ ଧରିବାବେଳେ ଚେୟାରରୁ



ଏଫ୍‌ବିଆଇ ଜାରି କରିଥିବା ସନ୍ଦିଗ୍ଧଙ୍କ ଫଟୋ।

ଖସିପଡ଼ିଥିଲେ। ଉପସ୍ଥିତ ଲୋକେ ପ୍ରାଣବିକଳରେ ଧାଇଁବାରେ ଲାଗିଲେ। କିର୍କଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। କିର୍କଙ୍କ ରାଜନୈତିକ ହତ୍ୟାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଇତିମଧ୍ୟରେ ପୋଲିସ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରିବା ସହ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। କିର୍କଙ୍କୁ ଗୁଳି କରିବା ପରେ ବନ୍ଧୁକଧାରୀ ଏକ ଛାତରୁ ଡେଇଁ ଭିନ୍ନ ଅଞ୍ଚଳକୁ ଫେରାର ହୋଇଯାଇଥିଲେ। କଲେଜ ବୟସ୍କ ଶୁଟରଙ୍କ ଫଟୋ ଏଫ୍‌ବିଆଇ ଜାରି କରିଛି। ଏହା ଏକ ଟାର୍ଗେଟ ଆକ୍ରମଣ ବୋଲି ସଂଘୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି।

## ଉତ୍ତରାଖଣ୍ଡକୁ ୧,୨୦୦ କୋଟିର ପ୍ୟାକେଜ୍

**ଡେରାଡୁନ୍, ୧୧।୯**

ଉତ୍ତରାଖଣ୍ଡର ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ୧,୨୦୦ କୋଟି ଟଙ୍କାର ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି। ଚଳିତ ମୌସୁମୀରେ ବର୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିପୂରଣ ସ୍ୱରୂପ ରାଜ୍ୟ ସରକାରଙ୍କ ପକ୍ଷରୁ ୫,୭୦୨ କୋଟି ଟଙ୍କାର ସହାୟତା ମଗାଯାଇଥିଲା। ମୋଦି ଶୁକ୍ରବାର ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନ୍‌ରେ ପହଞ୍ଚି ଆକାଶମାର୍ଗରୁ ବନ୍ୟା ତଥା ଭୂସ୍ଖଳନ ପ୍ରଭାବିତ ଅଞ୍ଚଳର ସର୍ଭେ କରିଥିଲେ ଓ ରାଜ୍ୟ ଅଧିକାରୀଙ୍କ ସହ ମିଶି ବିପର୍ଯ୍ୟୟଜନିତ କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଚଳିତ ବର୍ଷ ମୃତ୍ୟୁବରଣ କରିଥିବା ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତ ହୋଇଥିବା ପରିବାର ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ନେଇ ଘୋଷଣା କରିଛନ୍ତି। ପ୍ରକାଶ ଯେ, ଉତ୍ତରାଖଣ୍ଡରେ ଚଳିତ ବର୍ଷ ୨୦୧୩ ପରଠାରୁ ସର୍ବାଧିକ ବିପର୍ଯ୍ୟୟ ଘଟିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଡେରାଡୁନ୍‌ଠାରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଓ ଆପଦା ମିତ୍ର ଦଳ ସହ ଆଲୋଚନା କରୁଛନ୍ତି।

## ଏୟାରପୋର୍ଟରେ ୬ ଘଣ୍ଟା ଫସିରହିଲେ ୨୦୦ ଯାତ୍ରୀ

**ନୂଆଦିଲ୍ଲୀ, ୧୧।୯**

ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗୁରୁବାର ଦିଲ୍ଲୀରୁ ସିଙ୍ଗାପୁର ଯିବାକୁ ଥିବା ଏୟାର ଇଣ୍ଡିଆର ବିମାନ ଏଆଇ୨୩୮୦ର ଏସି ସିଷ୍ଟମ ଏବଂ ବୈଦ୍ୟୁତିକ ବ୍ୟବସ୍ଥାରେ ତ୍ରୁଟି ଦେଖାଯାଇଥିଲା। ୨୦୦ ଯାତ୍ରୀ ବିମାନରେ ୨ ଘଣ୍ଟା ଏବଂ ଏୟାରପୋର୍ଟରେ ୪ ଘଣ୍ଟା ଫସି ରହିଥିଲେ। ଏସି ଖରାପ ଥିବା ଯୋଗୁ ପ୍ରବଳ ଗରମରେ ବିମାନ ମଧ୍ୟରେ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ୨ ଘଣ୍ଟା ପରେ ସେମାନଙ୍କୁ ବିମାନରୁ ଓହ୍ଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## କାର୍ଯ୍ୟାନୁଷ୍ଠାନ ଆବେଦନ ଖାରଜ

**ନାଗରିକ ହେବା ପୂର୍ବରୁ ଭୋଟର ତାଲିକାରେ ସୋନିଆଙ୍କ ନାଁ**

**ନୂଆଦିଲ୍ଲୀ, ୧୧।୯(ପି.ଟି.)**



କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଭାରତର ନାଗରିକ ହେବାର ୩ ବର୍ଷ ପୂର୍ବରୁ ତାଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାଏର ପିଟିଶନ୍‌କୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ଖାରଜ କରିଦେଇଛନ୍ତି। ଅଭିଯୋଗକାରୀ ବିକାଶ ତ୍ରିପାଠୀଙ୍କ ଓକିଲ ପବନ ନାରଙ୍ଗ କୋର୍ଟରେ କହିଥିଲେ, ନୂଆଦିଲ୍ଲୀ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ସୋନିଆଙ୍କ ନାଁ ୧୯୮୦ ଜାନୁଆରୀରେ ସାମିଲ ହୋଇଥିଲା। ସେତେବେଳେ ସେ ଭାରତର ନାଗରିକ ହୋଇ ନ ଥିଲେ। ଯଦି ସେ ଜଣେ ନାଗରିକ, ତେବେ ୧୯୮୨ରେ ତାଙ୍କ ନାଁକୁ ଭୋଟର ତାଲିକାରୁ ହଟାଇ ଦିଆଗଲା କାହିଁକି ବୋଲି ନାରଙ୍ଗ ପ୍ରଶ୍ନ କରିଥିଲେ।

## ଗ୍ରୀଷ୍ମଲହର ପାଇଁ ଜୀବାଶ୍ମ ଇନ୍ଧନ, ସିମେଣ୍ଟ କମ୍ପାନୀ ଦାୟୀ

**ନୂଆଦିଲ୍ଲୀ, ୧୧।୯(ପି.ଟି.)**

ପ୍ରାକ୍ ଶିଳ୍ପ ଯୁଗରୁ ଏପର୍ଯ୍ୟନ୍ତ ହାରାହାରି ୫୦ ପ୍ରତିଶତ ଅଧିକ ଗ୍ରୀଷ୍ମଲହର ପାଇଁ ଜୀବାଶ୍ମ ଇନ୍ଧନ ଓ ସିମେଣ୍ଟ ଉତ୍ପାଦନରୁ ହେଉଥିବା ନିର୍ଗମନ ପ୍ରତ୍ୟକ୍ଷଭାବେ ଦାୟୀ ହୋଇପାରେ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ନେଚର ପତ୍ରିକାରେ ପ୍ରକାଶିତ ଏହି ଗବେଷଣାରେ କୁହାଯାଇଛି, ୧୬ରୁ ୫୩ଟି ଗ୍ରୀଷ୍ମଲହର ଘଟଣା କେବଳ ଗୋଟିଏ ଅତ୍ୟଧିକ ଅଙ୍ଗାରକ ନିର୍ଗମନକାରୀ ସୃଷ୍ଟି କରିପାରେ। ବୈଶ୍ୱିକ ଉତ୍ତାପୀକରଣ ବିନା ଏହା ହେବା ସମ୍ପୂର୍ଣ୍ଣ ଅସମ୍ଭବ। ଇଟିଏଚ୍ ଜୁରିଚ୍‌ର ବିଶେଷଜ୍ଞଙ୍କ ସମେତ ୟୁରୋପର ଗବେଷକମାନେ ୨୦୨୨ରେ ଭାରତରେ ହୋଇଥିବା ଗ୍ରୀଷ୍ମଲହର ସମେତ ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ରେକର୍ଡ ହୋଇଥିବା ୨୧୩ଟି ହିଟ୍‌ୱେଭ୍‌ର ଅନୁଶୀଳନ କରିଥିଲେ। କାର୍ବନ ନିର୍ଗମନକାରୀ ଜୀବାଶ୍ମ ଇନ୍ଧନ କମ୍ପାନୀ ସାଉଦି ଆରାମ୍‌କୋ, ରୁଷିଆର ଗାଜ୍‌ପ୍ରୋମ୍, ଚେଭ୍ରୋନ୍, ଏବଂ କୋଇଲା ଉପରେ ନିର୍ଭରଶୀଳ ଚାଇନା ଓ ଭାରତ ଭଳି ଦେଶଗୁଡ଼ିକ ଉପରେ ଗବେଷକ ଟିମ୍ ଅନୁଧ୍ୟାନ କରିଥିଲେ। ହିଟ୍‌ୱେଭ୍ ଏବଂ ଅତ୍ୟଧିକ ବୃଷ୍ଟିପାତ ଭଳି ଘଟଣାରେ ଜଳବାୟୁ ପରିବର୍ତ୍ତନ କେତେ ପ୍ରଭାବ ପକାଉଛି, ତାହା ନିର୍ଦ୍ଧାରଣ କରିବାରେ ଏହି ଅଧ୍ୟୟନ ସହାୟକ ହେବ ବୋଲି ଗବେଷକମାନେ କହିଛନ୍ତି।

## 'ରୁଷୀୟ ସୈନ୍ୟବାହିନୀରେ ଭାରତୀୟଙ୍କ ନିଯୁକ୍ତି ବନ୍ଦ ହେଉ'

**ନୂଆଦିଲ୍ଲୀ, ୧୧।୯**

ରୁଷିଆ ନିଜ ସେନାରେ ଭାରତୀୟ ନାଗରିକଙ୍କୁ ନିଯୁକ୍ତି ଦେବା ବନ୍ଦ କରୁ। ଭାରତ ସରକାରଙ୍କ ପକ୍ଷରୁ ଏନେଇ ରୁଷୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର ସୂଚନା ଦେଇଛନ୍ତି। ସେହିପରି ରୁଷିଆ ସେନାରେ ଯୁଦ୍ଧ ନ କରି କେବଳ ସହାୟକ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ସମସ୍ତ ଭାରତୀୟଙ୍କୁ ମୁକ୍ତ କରିବା ପାଇଁ ଭାରତ ଦାବି କରିଛି। ଜୟସ୍ୱାଲ କହିଛନ୍ତି, ରୁଷୀୟ ସେନାରେ ଭାରତୀୟମାନଙ୍କ ନିଯୁକ୍ତିକୁ ନେଇ ନିକଟରେ ଏକ ରିପୋର୍ଟ ସାମ୍ନାକୁ ଆସିଥିଲା। ଭାରତ ପାଇଁ ଏହା ଅତ୍ୟନ୍ତ ଚିନ୍ତାଜନକ। ଭାରତ ପକ୍ଷରୁ ନୂଆଦିଲ୍ଲୀ ଏବଂ ମସ୍କୋରେ ଥିବା ରୁଷୀୟ ଅଧିକାରୀଙ୍କ ସମ୍ମୁଖରେ ଏହି ପ୍ରସଙ୍ଗ ଉଠାଯାଇଛି। ରୁଷୀୟ ସେନାରେ ଭାରତୀୟମାନଙ୍କ ନିଯୁକ୍ତି ପ୍ରଥା ବନ୍ଦ କରିବା ସହ ସେଠାରେ କାର୍ଯ୍ୟରତ ଭାରତୀୟମାନଙ୍କୁ ମୁକ୍ତ କରିବା ପାଇଁ ନୂଆଦିଲ୍ଲୀ ଦାବି କରିଥିବା ସେ କହିଛନ୍ତି।

**ଫୁର୍‌ସତ**

## ଆଜିଠୁ ଓଟିଟିରେ ସୈୟାରା

**ମୁମ୍ବାଇ:** ଗତ ଜୁଲାଇ ୧୮ରେ ମୋହିତ ସୁରୀଙ୍କ ନିର୍ଦ୍ଦେଶିତ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ 'ସୈୟାରା' ରିଲିଜ୍ ହୋଇଥିଲା। ଫିଲ୍ମରେ ଅଭିନେତା ଅହାନ ପାଣ୍ଡେ ଓ ଅଭିନେତ୍ରୀ ଅନୀତ ପଡ୍ଡାଙ୍କ ଯୋଡ଼ିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ସିନେମା ହଲ୍‌ରେ ରିଲିଜ୍ କରିବାର ପ୍ରାୟ ୫୦ ଦିନ ପରେ ଏହି ଫିଲ୍ମକୁ ଓଟିଟିରେ ଷ୍ଟ୍ରିମିଂ କରିବାକୁ ଫିଲ୍ମ ନିର୍ମାତା ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାରଠାରୁ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ୧୫୬ ମିନିଟ୍ ଅବଧିର ଏହି ଫିଲ୍ମ ଷ୍ଟ୍ରିମିଂ ହେବାକୁ ଯାଉଛି। ୧୯୦ ଦେଶରେ 'ସୈୟାରା' ଫିଲ୍ମ ଷ୍ଟ୍ରିମିଂ ହେବ ବୋଲି ଗୁରୁବାର ନେଟ୍‌ଫ୍ଲିକ୍ସ ଇଣ୍ଡିଆ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଗତ ୫ ତାରିଖ ସୁଦ୍ଧା ଏହି ଫିଲ୍ମ ଭାରତୀୟ ସିନେମାହଲ୍ ଗୁଡ଼ିକରୁ ପ୍ରାୟ ୪୦୮ କୋଟି ଟଙ୍କା ବ୍ୟବସାୟ କରିଥିବାବେଳେ ବିଶ୍ୱବ୍ୟାପୀ ଏହାର ରୋଜଗାର ୫୭୭ କୋଟି ଟଙ୍କା ରହିଛି। ଯଶରାଜ୍ ଫିଲ୍ମସ୍‌ର ବ୍ୟାନରରେ ଏହି ଚଳଚ୍ଚିତ୍ର ମାତ୍ର ୪୦ରୁ ୫୦ କୋଟି ଟଙ୍କାର ବଜେଟରେ ନିର୍ମିତ ହୋଇଥିଲା।



## ମଙ୍ଗଳରେ ଅତିସୂକ୍ଷ୍ମ ଜୀବସତ୍ତାର ସଙ୍କେତ

**କେପ୍ କାର୍ନେଭାଲ:** ଆମେରିକୀୟ ମହାକାଶ ସଂସ୍ଥା ନାସା ମଙ୍ଗଳ ଗ୍ରହରେ ବଡ଼ ସଫଳତା ପାଇଥିବା କହିଛି। ମଙ୍ଗଳକୁ ପ୍ରେରିତ ନାସାର ପର୍ସିଭରେନ୍ସ ରୋଭର ଏକ ଶୁଖିଲା ନଦୀଗର୍ଭରେ ପଥର ଆବିଷ୍କାର କରିଛି, ଯହିଁରେ ପ୍ରାଚୀନ ଅତିସୂକ୍ଷ୍ମ ଜୀବସତ୍ତାର ସମ୍ଭାବ୍ୟ ସଙ୍କେତ ମିଳିଛି। ନାସା ବୈଜ୍ଞାନିକମାନେ ବୁଧବାର କହିଛନ୍ତି, କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଲାବୋରେଟୋରିରେ ପର୍ସିଭରେନ୍ସ ଦ୍ୱାରା ସଂଗୃହୀତ ନମୁନାଗୁଡ଼ିକର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଅତ୍ୟନ୍ତ ଜରୁରୀ। ୨୦୨୧ରୁ ଲାଲ୍ ଗ୍ରହରେ ଘୂରିବୁଲୁଥିବା ପର୍ସିଭରେନ୍ସ ରୋଭର ବର୍ତ୍ତମାନ ସୁଦ୍ଧା ସେଠାରେ ଅତୀତରେ ଜୀବନ ଥିବା ନେଇ କୌଣସି ପ୍ରତ୍ୟକ୍ଷ ପ୍ରମାଣ ପାଇନାହିଁ। ଏହି ରୋଭରରେ ସଂଲଗ୍ନ ଏକ ଡ୍ରିଲ୍ ଜରିଆରେ ମିଳିଥିବା ତଥ୍ୟ ଅନୁଯାୟୀ ଅନେକ କୋଟି ବର୍ଷ ପୂର୍ବେ ମଙ୍ଗଳ ଗ୍ରହରେ ଜୀବସତ୍ତା ଥିଲା। ଜୀବନ ସନ୍ଧାନ ପାଇଁ ପଥୁରିଆ ସ୍ଥାନ ନମୁନା ସର୍ବୋତ୍ତମ। ମଙ୍ଗଳରେ ଠାବ ବିରଳ ନମୁନା ଆଗକୁ ଲାଲ୍ ଗ୍ରହର ଅନେକ ରହସ୍ୟ ଉପରୁ ପରଦା ହଟାଇବା ପାଇଁ ନାସା ବୈଜ୍ଞାନିକଙ୍କୁ ଗବେଷଣାରେ ସହାୟକ ହେବ ବୋଲି ଆଶା କରାଯାଉଛି।



## ଭାରତ-ମରିସସ୍ ଦ୍ୱିପାକ୍ଷିକ ବାଣିଜ୍ୟ ସ୍ଥାନୀୟ ମୁଦ୍ରାରେ ହେବ

**ବାରାଣସୀ, ୧୧।୯(ପି.ଟି.)**

ମରିସସ୍ ପାଇଁ ଭାରତ ଗୁରୁବାର ୬୫୫ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଥିବାବେଳେ ୨ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଲାଗି ୭ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ମରିସସ୍‌ରେ ୟୁପିଆଇ ଏବଂ ରୁପେ କାର୍ଡର ସଫଳ ଶୁଭାରମ୍ଭ ପରେ ୨ ଦେଶ ମଧ୍ୟରେ ବାଣିଜ୍ୟ କାରବାର ସ୍ଥାନୀୟ ମୁଦ୍ରାରେ କରିବା ଦିଗରେ ଉଭୟ ପକ୍ଷ କାର୍ଯ୍ୟ କରିବେ ବୋଲି ରାଜି ହୋଇଛନ୍ତି। ଭାରତ ଓ ମରିସସ୍ କେବଳ ଭାଗୀଦାର ନୁହନ୍ତି ବରଂ ଏକ ପରିବାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ କହିଛନ୍ତି। ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମଙ୍କ ସହ ଆଲୋଚନା ପରେ ମୋଦି ଏହା କହିଛନ୍ତି।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୨/୨୦୨୫ | Bhubaneswar, Friday, September 12/2025 | ପୃଷ୍ଠା-୧





କେନ୍ଦୁଝର ବନଖଣ୍ଡ ଅଧୀନ ସଦର ରେଞ୍ଜ ମହାଦେଇଯୋଡ଼ା ପଞ୍ଚାୟତ ଡାଲିମ୍ବାରପୁର ଗ୍ରାମ ନିକଟ ଏକ ଧାନକ୍ଷେତରେ ଗୁରୁବାର ପଶିଥିବା ହାତୀପଲ। **(ଫଟୋ: ନରେଶ ଚନ୍ଦ୍ର ପଟ୍ଟନାୟକ)**

# ସୁରକ୍ଷା କର୍ମୀଙ୍କ ଗୁଳିରେ ୧୧ ମାଓବାଦୀ ନିହତ

ମାଲକାନଗିରି,୧୧।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲା ପରତାପୁର ଥାନା ଏବଂ ଗାରିଆବନ୍ଧ ଜିଲା ମେନପୁର ଥାନା ଅଞ୍ଚଳରେ ଥିବା ଜଙ୍ଗଲରେ ଗୁରୁବାର ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୧୧ ମାଓବାଦୀଙ୍କ ମୃତ୍ୟୁ ଘଟିଛି।

ମେନପୁର ଥାନା ନିକଟ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ଖବର ପାଇ ଏସ୍‌ଟିଏଫ୍ ଓ କୋବ୍ରା ବାହିନୀ କୋମ୍ବିଂ ଅପରେଶନ କରିଥିଲେ। ଫଳରେ ଗୁରୁବାର ସକାଳେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହେବାରୁ ଗୁଳି ବିନିମୟ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ସେଥିମଧ୍ୟରୁ ମାଓବାଦୀ ସଙ୍ଗଠନର ଟପ୍ ☞ପୃଷ୍ଠା-୨

# ସାର ଅଭାବ ନାହିଁ, କଳାବଜାର ରୋକ: ମୁଖ୍ୟମନ୍ତ୍ରୀ

ସମ୍ପ୍ରତି ଧାନଚାଷ ପାଇଁ ଚାଷୀଙ୍କୁ ଆବଶ୍ୟକ ୟୁରିଆ ସାର। ହେଲେ ତାହା ସରକାରୀ ବ୍ୟବସ୍ଥା ମଧ୍ୟରେ ଠିକ୍‌ରେ ମିଳୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏଥିପାଇଁ ରାସ୍ତାରୋକୋ, ଧାରଣା, ପାକ୍ସ ସମ୍ମୁଖରେ ଚାଷୀମାନେ ଭୋରରୁ ଲମ୍ବା ଧାଡ଼ି ଲଗାଇବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଏହାର ଫାଇଦାରେ ବଜାରରେ ଚଢ଼ା ଦରରେ ୟୁରିଆ ବିକ୍ରି କରାଯାଉଛି, ଯାହାକି ଚାଷୀମାନଙ୍କୁ ଆନ୍ଦୋଳନମୁଖୀ କରିଛି। ଏପରିସ୍ଥଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥିତି ଅନୁଧ୍ୟାନ ପରେ ରାଜ୍ୟରେ ସାର ଅଭାବ ନ ଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଚାଷୀମାନଙ୍କୁ ପାକ୍ସ ଏବଂ ଲାମ୍ପ୍ସ ମାଧ୍ୟମରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର କଳାବଜାର, ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସ୍ଥାନରେ ସାରକୁ ଜବତ ନ କରି ସେହି ସାରକୁ ନିକଟସ୍ଥ ପାକ୍ସ କିମ୍ବା ଲାମ୍ପକୁ ସ୍ଥାନାନ୍ତର କରି ଚାଷୀଙ୍କୁ ଆବଣ୍ଟନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

- ତଦାରଖ ପ୍ରକ୍ରିୟା ତ୍ୱରାନ୍ୱିତ ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଜବତ ସାରକୁ ପାକ୍ସ କିମ୍ବା ଲାମ୍ପ୍ସ ଜରିଆରେ ଚାଷୀଙ୍କୁ ବାଣ୍ଟ

ଭୁବନେଶ୍ୱର,୧୧।୯(ରବିନାରାୟଣ ଜେନା)

ବର୍ତ୍ତମାନ ରାଜ୍ୟରେ ୧ଲକ୍ଷ ୮୦ହଜାରରୁ ଅଧିକ ମେଟ୍ରିକ୍ ଟନ୍ ସାର ରହିଛି। ଯେଉଁଠାରେ ସାର କଳାବଜାର ନେଇ ଅଭିଯୋଗ ଆସୁଛି ସେଠାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ସାର ସଙ୍କଟ ଓ ଏହାକୁ ନେଇ ବିଭିନ୍ନ ଜିଲାରେ ଉପୁଜୁଥିବା ଘଟଣାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଗୁରୁବାର ପୂର୍ବାହ୍ନରେ ସାର ଯୋଗାଣ ସମୀକ୍ଷା କରିଛନ୍ତି। କୃଷି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜ୍ୟରେ ସାରର ଆବଶ୍ୟକତା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସିଥିବା ସାର ସମ୍ପର୍କରେ ଟିକିନିଖି ଅବଗତ କରାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହୃଦ୍‌ବୋଧ ହୋଇଥିଲା ଯେ, କେନ୍ଦ୍ର ସରକାର ଚଳିତବର୍ଷ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସାର ଯୋଗାଣ କରିଛନ୍ତି। ମାତ୍ର ଜିଲାସ୍ତରରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବଂ ବୃହତ୍ ଅଞ୍ଚଳ ବହୁମୁଖୀ ସମିତି (ଲାମ୍ପ୍ସ) କର୍ମଚାରୀମାନେ ଠିକଣା ଭାବେ ସାର ଆବଣ୍ଟନ କରୁନାହାନ୍ତି; ଯେଉଁଥିପାଇଁ କୃତ୍ରିମ ଭାବେ ସାର ସଙ୍କଟ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳମାନେ ପ୍ରତ୍ୟେକ ପାକ୍ସ ଓ ଲାମ୍ପ୍ସକୁ ତଦାରଖ କରି ମହଜୁଦ ସାରକୁ ଚାଷୀଙ୍କୁ ଆବଣ୍ଟନ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକର ସୂଚନା ଅନୁଯାୟୀ, ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ୯,୫୫,୦୦୦ ମେଟ୍ରିକ ଟନ୍ ସାର ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ଏହି ପରିମାଣର ସାର ଆବଣ୍ଟନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ମହଜୁଦ ଥିବା ୧୧,୬୬,୭୩୩ ମେଟ୍ରିକ ଟନ ସାର ମଧ୍ୟରୁ ୯,୮୫,୯୬୭ ମେଟ୍ରିକ ଟନ ବିକ୍ରି ହୋଇସାରିଛି। ତେବେ ଜିଲାରେ ସାରର ଷ୍ଟକ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଏବଂ ଲାମ୍ପ୍ସକୁ ବିଭିନ୍ନ ଗ୍ରେଡ୍‌ର ସାର ଯୋଗାଇଦେବା ପାଇଁ କୃଷି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ମାର୍କଫେଡ୍‌ର ଅଧିକାରୀମାନଙ୍କୁ ସାର ଯୋଗାଣ ତ୍ୱରାନ୍ୱିତ କରିବାକୁ ☞ପୃଷ୍ଠା-୨


ଭୁବନେଶ୍ୱର ଲୋକସେବା ଭବନରେ ଗୁରୁବାର ଅନୁଷ୍ଠିତ ସାର ଯୋଗାଣ ସମ୍ପର୍କିତ ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ଅଧିକାରୀମାନେ।

# କିମ୍ ଜୋଙ୍ଗ୍ ଉନ୍‌ଙ୍କ ଉତ୍ତରାଧିକାରୀ ହେବେ ଝିଅ

**ଦକ୍ଷିଣ କୋରିଆ ଗୁପ୍ତଚର ସଂସ୍ଥାର ଦାବି**

ସିଓଲ,୧୧।୯

ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଉନ୍ ଝିଅ କିମ୍ ଜୁ ଏ'ଙ୍କୁ ଖୁବ୍‌ଶୀଘ୍ର ନିଜ ଉତ୍ତରାଧିକାରୀ ଘୋଷଣା କରିପାରନ୍ତି। ଏନେଇ ଦକ୍ଷିଣ କୋରିଆର ଏକ ଗୁପ୍ତଚର ସଂସ୍ଥା ଗୁରୁବାର ଦାବି କରିଛି। ନିକଟରେ କିମ୍‌ଙ୍କ ବେଜିଂ ଗସ୍ତ ବେଳେ ଝିଅ ଜୁ ଏ' ତାଙ୍କ ସହ ନଜରକୁ ଆସିଥିଲେ। କିମ୍‌ଙ୍କ ସହ ଜୁ ଏ'ଙ୍କର ଏହା ପ୍ରଥମ ସରକାରୀ ବିଦେଶ ଗସ୍ତ ଥିଲା, ଯାହା ତାଙ୍କୁ ସାରା ବିଶ୍ୱରେ ଚର୍ଚ୍ଚିତ କରାଇଥିଲା। ଚାଇନା ଗସ୍ତ ପରେ କିମ୍‌ଙ୍କ ସମ୍ଭାବିତ ଉତ୍ତରାଧିକାରୀ ଭାବେ ଝିଅ ଜୁ ଏ'ଙ୍କ ସ୍ଥିତି ମଜଭୁତ ହୋଇଥିବା ଦକ୍ଷିଣ କୋରିଆ ସଂସଦୀୟ ଗୋଇନ୍ଦା କମିଟିର ଜଣେ ସଦସ୍ୟ ଲି ସେଓଙ୍ଗ କ୍ୱେଅନ୍ କହିଛନ୍ତି। ଏନେଇ କମିଟିର ସଦସ୍ୟଙ୍କୁ ଉକ୍ତ ଗୁପ୍ତଚର ସଂସ୍ଥା ଅବଗତ କରାଇଛି। ୨୦୨୨ରେ ଜୁ ଏ' ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ସାମ୍ନାକୁ ଆସିଥିଲେ। ସେତେବେଳେ ଏକ ଆନ୍ତଃ ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ ଲଞ୍ଚ୍ ବେଳେ ବାପା କିମ୍ ଜୋଙ୍ଗ୍‌ଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ତେବେ କେତେଜଣ ବିଶେଷଜ୍ଞଙ୍କ ମତରେ ଜୁ ଏ'ଙ୍କର ଜଣେ ବଡ଼ ଭାଇ ମଧ୍ୟ ରହିଛନ୍ତି, ଯାହାଙ୍କୁ ଗୁପ୍ତ ଭାବରେ ଉତ୍ତର କୋରିଆର ପରବର୍ତ୍ତୀ ନେତା ଭାବରେ ପ୍ରସ୍ତୁତ କରାଯାଉଛି।


ଝିଅ କିମ୍ ଜୁ ଏ'ଙ୍କ ସହ ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଉନ୍।

# ଡଲାର=୮୮.୩୫ ଟଙ୍କା

## ଗୁରୁବାର ଛୁଇଁଲା ସର୍ବକାଳୀନ ନିମ୍ନ ସ୍ତର ୮୮.୪୯

ମୁମ୍ବାଇ,୧୧।୯(ପି.ଟି.)



ଆମେରିକାର ଟାରିଫ୍ ଚାପରେ ଭାରତୀୟ ଟଙ୍କା ଗୁରୁବାର ପୂର୍ବାପେକ୍ଷା ଆହୁରି ୨୪ ପଇସା ଦୁର୍ବଳ ହୋଇ ସର୍ବନିମ୍ନ ସ୍ତରକୁ ଖସିଆସିଛି। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୮୮.୩୫ ଟଙ୍କା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ୨୫% ଆମଦାନୀ ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହୋଇଥିବାବେଳେ ଭାରତର ରୁଷୀୟ ତୈଳ କ୍ରୟ ବାବଦ ୨୫% ଜରିମାନା ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହୋଇଛି। ଫଳରେ ଭାରତୀୟ ସାମଗ୍ରୀଗୁଡ଼ିକ ଆମେରିକା ବଜାରକୁ ପ୍ରବେଶ କରିବା ପରେ ମହଙ୍ଗା ହୋଇଯାଇଛି। ଏଭଳି ସ୍ଥିତିରେ ☞ପୃଷ୍ଠା-୨

# ଚୁପ୍ ବସିବେନି ସୁପ୍ରିମକୋର୍ଟ

**ବିଲ୍ ମଞ୍ଜୁରୀ ପାଇଁ ରାଜ୍ୟପାଳଙ୍କ ସମୟସୀମା ପ୍ରସଙ୍ଗ**

**ରାୟ ସଂରକ୍ଷିତ**

ନୂଆଦିଲ୍ଲୀ,୧୧।୯(ପି.ଟି.)

ରାଜ୍ୟପାଳଙ୍କ ଭଳି ସାମ୍ବିଧାନିକ କର୍ତ୍ତୃପକ୍ଷ ଯଦି ଦାୟିତ୍ୱ ସମ୍ପାଦନରେ ବିଫଳ ହୁଅନ୍ତି, ତେବେ ନିଜକୁ ସମ୍ବିଧାନର ତତ୍ତ୍ୱାବଧାରକ କହୁଥିବା ସୁପ୍ରିମକୋର୍ଟ ଚୁପ୍ ବସିପାରିବେ ନାହିଁ ବୋଲି ଗୁରୁବାର ସାମ୍ବିଧାନିକ ପୀଠ କହିଛନ୍ତି। ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ୍‌କୁ ମଞ୍ଜୁରୀ ପ୍ରଦାନ ଲାଗି ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ ବିରୋଧରେ ଦାଏର ପିଟିଶନ୍‌ର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି।

ବିଲ୍‌କୁ ମଞ୍ଜୁରୀ ଦେବାରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଇଁ ସାମ୍ବିଧାନିକ ଅଦାଲତ ସମୟସୀମା ଧାର୍ଯ୍ୟ କରିପାରିବେ କି ନାହିଁ ମୁଖ୍ୟ ପ୍ରସଙ୍ଗ ଏବଂ ଅନୁଚ୍ଛେଦ ୨୦୦ ଓ ୨୦୧ ଉପରେ କେନ୍ଦ୍ରିତ ପ୍ରେସିଡେନ୍ସିଆଲ ରେଫରେନ୍ସ ଉପରେ କ୍ରମାଗତ ୧୦ ଦିନ ଧରି ଶୁଣାଣି ଚାଲିଥିଲା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ୟୁରୋପ ଏତେ ଦୁର୍ବଳ କାହିଁକି






# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- 'ରିଇମାଜିନିଂ ଡେଭ୍‌ଲପମେଣ୍ଟ ଥ୍ରୁ ଏ ଜେଣ୍ଡର୍ ଲେନ୍ସ: ଇନ୍‌କ୍ଲୁସିଭ୍, ସେଫ୍, ସଷ୍ଟେନେବଲ୍' କର୍ମଶାଳା, ସ୍ଥାନ: ହୋଟେଲ୍ ଲାଇଫ୍, ସମୟ: ସକାଳ ୯ଟା ୩୦ ।
- ଓଡ଼ିଶା ବିକାଶ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଷ୍ଟଲ୍‌ୱାର୍ଟ ଯଜାତି, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଏମ୍ପାୟାର, ସହୀଦ ନଗର, ସମୟ: ଅପରାହ୍ନ ୪ଟା ।
- ଜୟକିରଣ ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଝରଣା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ୩୦ ।

### କଟକ
- ଜିଲା ପ୍ରଶାସନ ପକ୍ଷରୁ କଟକ ବାଲିଯାତ୍ରା ୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ: ସଦଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କଟକ ମହାନଗର ନିଗମର ୩୫ତମ ସାଧାରଣ ଅଧିବେଶନ, ସ୍ଥାନ: ବିଶ୍ୱନାଥ ପଣ୍ଡିତ ସଭାକକ୍ଷ, ସିଏମ୍‌ସି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଅଭୀପ୍‌ସା ପକ୍ଷରୁ ଦ୍ୱାଦଶ କାହ୍ନୁଚରଣ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା, ସ୍ଥାନ: ବାଦାମବାଡ଼ି ନ୍ୟୁ କଲୋନୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା ।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ସଞ୍ଜୀବ କୁମାର ନାୟକଙ୍କ ବାସଭବନ, ସିଦ୍ଧେଶ୍ୱର ମନ୍ଦିର ପାଖ, ଚାଉଳିଆଗଞ୍ଜ, ସମୟ: ସନ୍ଧ୍ୟା ୭ଟା ୩୦ ।

### ଖୋର୍ଦ୍ଧା
- ଶରଧାପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ।

### ପୁରୀ
- ପ୍ରାକୃତିକ ଚିକିତ୍ସା ଶିବିର, ସ୍ଥାନ: ମହୋଦଧି ନିବାସ ବେଳାଭୂମି, ସମୟ: ସକାଳ ୭ଟା ।
- ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍, ସ୍ଥାନ: ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ, ସମୟ: ସକାଳ ୮ଟା ।
- ଟ୍ରକ ମାଲିକ ସଂଘର ବୈଠକ, ସ୍ଥାନ: ମଦନ ମଣ୍ଡପ, ଅଠରନଳା, ସମୟ: ମଧ୍ୟାହ୍ନ ୧୨ଟା ।

- ସାମାଜିକ କର୍ମୀ ମୁରାରି ତ୍ରିପାଠୀଙ୍କ ସ୍ମୃତିସଭା, ସ୍ଥାନ: ସଦାଶିବ ପରିସର, ସମୟ: ସନ୍ଧ୍ୟା ୬ଟା ।

### ବାଲେଶ୍ୱର
- ଜିଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ଚତୁର୍ଥ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିଆନ ସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- କୁଇଜ୍ ପ୍ରତିଯୋଗିତା ଓ ସଚେତନତା ସଭା, ସ୍ଥାନ: କେକେଏସ୍ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ଗଣଧାରଣା, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।

### ଭଦ୍ରକ
- ବାବା ଗଜାନନ କମିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଦମବେଡ଼ା ନାୟକ କଲୋନୀ, ଭଦ୍ରକ, ସମୟ: ସକାଳ ୯ଟା ।
- ଏସିଡିସି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା ୩୦ ।
- ସ୍ୱର୍ଗତ ଉଷାରାଣୀ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଜଗନ୍ନାଥପୁର କଲେଜ ରୋଡ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱର୍ଗତ କିରଣବାଳା ବେହେରାଙ୍କ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ବେହେରା କମ୍ପ୍ଲେକ୍ସ, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୧ଟା ।

### ମୟୂରଭଞ୍ଜ
- ଶତାବ୍ଦୀର କଳାକାର ଭୁବନେଶ୍ୱର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ମହାସଂଗ୍ରାମର ମହାନାୟକ', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ସନ୍ଧ୍ୟା ୬ଟା ୩୦ ।

### କନ୍ଧମାଳ
- ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ।
- ଶିଶୁ ମାତୃ ମୃତ୍ୟୁ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଫୁଲବାଣୀ ଜିଲା ପରିଷଦ ସଭା ଗୃହ, ସମୟ: ଅପରାହ୍ନ ୪ଟା ।
- ରୋଗୀ କଲ୍ୟାଣ ସମିତି କାର୍ଯ୍ୟ ନିର୍ବାହୀ କମିଟିର ବୈଠକ, ସ୍ଥାନ: ଫୁଲବାଣୀ ଜିଲା ପରିଷଦ ସଭା ଗୃହ, ସମୟ: ଅପରାହ୍ନ ୪ଟା ୩୦ ।

### ଢେଙ୍କାନାଳ
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା ।
- ଶ୍ରୀ ଜଗନ୍ନାଥ କୃପା ମହୋତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ୩୦ ।

### ଜଗତ୍‌ସିଂହପୁର
- ଜିଲା ଯୋଗାଣ ବିଭାଗ କାର୍ଯ୍ୟ ଉପରେ ଅନୁଧ୍ୟାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସିଏସ୍‌ଓଙ୍କ କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମା' ଶାରଳା ମନ୍ଦିରର ସମ୍ମିଳନୀ ଉନ୍ନୟନ ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ୧୧ଟା ୩୦ ।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ଟାଉନ ବଳରାମପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା ।

### ଯାଜପୁର
- ବରୀ ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଧର୍ମଶାଳା ଆମ୍ବେଡକର ଫାଉଣ୍ଡେଶନ ପକ୍ଷରୁ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ନେଇ ଗଣ ପ୍ରତିବାଦ, ସ୍ଥାନ: ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ଯାଜପୁର ଯଯାତିକେଶରୀ ମେଡିକାଲ କଲେଜ ଓ ଡାକ୍ତରଖାନାରେ ସିଟି ସ୍କାନ ମେସିନ ଓ ମେଡିସିନ ଓପିଡି ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ମେଡିକାଲ କଲେଜ ପରିସର, ସମୟ : ଅପରାହ୍ନ ୪ଟା ।

### ନୟାଗଡ଼
- ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ୨୮ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କଚେରୀ ବଜାର, ସମୟ: ସକାଳ ୭ଟା ୩୦ ।
- ଖଣ୍ଡପଡ଼ା ବିଧାୟକଙ୍କ ଜନଶୁଣାଣି ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱର୍ଗତ ଖଣ୍ଡପଡା ବିଧାୟକ ଅରୁଣ ପଟ୍ଟନାୟକଙ୍କ ସ୍ମୃତି ଚାରଣ ଦିବସ, ସ୍ଥାନ: ଖଣ୍ଡପଡ଼ା ଅରୁଣ ନିବାସ, ସମୟ: ପୂର୍ବାହ୍ନ ୧୧ଟା ।
- ପ୍ରଖ୍ୟାତ ସଂଗ୍ରାହକ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିଚାରଣ ସଭା, ସ୍ଥାନ: ନୂଆଗାଁ ବ୍ଲକର ଉଦୟପୁର, ସମୟ: ସନ୍ଧ୍ୟା ୬ଟା ।

### ରାୟଗଡ଼ା
- ମା' ଅଗ୍ନି ଭୈରବୀ ବାଲିଯାତ୍ରା ଉଦ୍‌ଯାପନ, ସ୍ଥାନ: ଟିକିରି,ସମୟ: ଅପରାହ୍ନ ୫ଟା ।
- ନିର୍ବାଣ ଟ୍ରଷ୍ଟର ସ୍ୱତନ୍ତ୍ର ବୈଠକ, ସ୍ଥାନ: ବାଘୁଆ ଦେଉଳ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା ।

### ନବରଙ୍ଗପୁର
- ଜୋନାଲ୍‌ସ୍ତରୀୟ ଦୌଡ ଓ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଡାବୁଗାଁ, ସମୟ: ସକାଳ ୮ଟା ।
- ମିଲେଟ ମିଶନ କର୍ମଶାଳା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଦ୍ୱାରା ନନ୍ଦାହାଣ୍ଡି ବ୍ଲକର ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା, ସମୟ: ଅପରାହ୍ନ ୩ଟା ।

### କୋରାପୁଟ
- ଯଶୋଦା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ।
- କୋଡ଼ିଙ୍ଗାମାଳି ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ନିଯୁକ୍ତି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଦେଓମାଳି ପର୍ଯ୍ୟଟନସ୍ଥଳୀ ତନଖି ଫାଟକ ନିଲାମ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ।
- କୋରାପୁଟ ଜିଲାରେ ଥିବା ୫ ଆଇଟିଆଇ କେନ୍ଦ୍ରର ସାଧାରଣ ବର୍ଡି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ : ଅପରାହ୍ନ ୪ ଟା ।
- ବାଲିଯାତ୍ରା ଆରମ୍ଭ, ସ୍ଥାନ: ବୈପାରୀଗୁଡ଼ା, ସମୟ: ସନ୍ଧ୍ୟା ୬ଟାରୁ ମଧ୍ୟରାତ୍ର ।

### ମାଲକାନଗିରି
- ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଏମ୍‌ଭି-୯୦ ଗ୍ରାମ ଖେଳପଡ଼ିଆ, କାଲିମେଲା, ସମୟ: ସକାଳ ୮ଟା ।

### ସମ୍ବଲପୁର
- ୟସ ବ୍ୟାଙ୍କ ଆୟୋଜନରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୭ଟା ।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟବଲ ପଡିଆ, ସମୟ : ଅପରାହ୍ନ ୩ଟା ।
- ସମ୍ବଲପୁର ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଆୟୋଜିତ ଜିଏସ୍‌ଟି ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା ୩୦ ।
- ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଆଗମନ, ସ୍ଥାନ : ବୁର୍ଲା ସ୍ଥିତ ଅଶୋକ ନିବାସ, ସମୟ : ରାତି ୧୦ଟା ୫୦ ।

### ବଲାଙ୍ଗୀର
- ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ନୂତନ କୃଷି ଭବନ ଉଦ୍‌ଘାଟନ, ସ୍ଥାନ: ପାଟଣାଗଡ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

### ରାଉରକେଲା
- ନେତାଜୀ କ୍ଲବ ପକ୍ଷରୁ ନିଶା ନିବାରଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୭, ସମୟ: ସକାଳ ୮ଟା ।
- ଉତ୍କଳ ସମ୍ମିଳନୀ ରାଉରକେଲା ପକ୍ଷରୁ ଓଡ଼ିଆ ନାମଫଳକ ପାଇଁ ପଦଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ ପୂର୍ବାହ୍ନ ୧୦ଟା ।
- ମଡେଲ ୟୁନାଇଟେଡ୍ ନେଶନ କାର୍ଯ୍ୟକ୍ରମ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ଗୋପବନ୍ଧୁ ପାଠାଗାର ଓ ସ୍ୱପ୍ନ ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ସମାବେଶ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୪୫ ।

### ବରଗଡ଼
- ରକ୍ତଦାନ ଶିବିର, ସ୍ଥାନ: ବୁଦେଲପାଲି, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ।
- ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ବରଗଡ଼ ମହିଳା ସମିତି, ବରଗଡ଼, ସମୟ: ଅପରାହ୍ନ ୫ଟା ।

### କଳାହାଣ୍ଡି
- ମା' ଲଙ୍କେଶ୍ୱରୀ ଖଣ୍ଡାବସା କପ୍ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୨ଟା ।
- ସ୍ୱାସ୍ଥ୍ୟ ବିଭାଗର ଟାସ୍କ ଫୋର୍ସ ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବାଲିଯାତ୍ରା ୨୦୨୫, ସ୍ଥାନ: ଥୁଆମୂଳ ରାମପୁର ରାଜବାଟି ସମ୍ମୁଖ, ସମୟ: ଅପରାହ୍ନ ୪ଟା ।
- ବାଲିଯାତ୍ରା ଅବସରରେ ଜିଲାସ୍ତରୀୟ ଘୁମୁରା ପ୍ରତିଯୋଗିତା, ସ୍ଥାନ: ଥୁଆମୂଳ ରାମପୁର ରାଜବାଟି ସମ୍ମୁଖ, ସମୟ: ରାତ୍ର ୧୦ଟା ।

### ସୁବର୍ଣ୍ଣପୁର
- ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜରେ ସ୍ୱାଗତ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ତରଭା ଦୁର୍ଗାପୂଜା କମିଟିର ବୈଠକ, ସ୍ଥାନ: ଦୁର୍ଗା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା ।

### ନୂଆପଡ଼ା
- ରାସ୍ତା କାର୍ଯ୍ୟରେ ଯାଇଥିବା ଜମି ସହାୟତା ନ ମିଳିବାରୁ ଅନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ପଞ୍ଚାୟତ ଧରମପୁର ଗାଁ, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରୋକ୍ଷ ଶତ୍ରୁତାରୁ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ । ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ । ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ହେତୁ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟିପାରେ ।

**ବୃଷ** ସହକର୍ମୀଙ୍କ ଅସହଯୋଗରୁ କୌଣସି କାମ ସମ୍ପନ୍ନ ଦିଗରେ ଅସୁବିଧାର ସମ୍ମୁଖୀନ ହେବେ । ପଡୋଶୀ ସହଯୋଗର ହାତ ବଢାଇବେ ଓ କାମଟି ସୁବିଧାରେ ହୋଇଯିବ । ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ । ସନ୍ତାନ ହେତୁକ ପୀଡା କିମ୍ବା ଅନୁପସ୍ଥିତିର ଅଭାବ ଅନୁଭବ କରିବେ ।

**ମିଥୁନ** ପରିବାରର ଅସହମତିଜନିତ କାର୍ଯ୍ୟ କରିବା ଯୋଗୁ ନିଜଘରେ ସମାଲୋଚିତ ହେବେ । ନୂତନ କର୍ମାରମ୍ଭ ସାଙ୍ଗକୁ ପ୍ରଶାସନ, ପ୍ରକାଶନ, ରାଜନୀତି, ସଂଗଠନ,ସଭାସମିତି ପାଇଁ ଦିନଟି ଭଲ । ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ । ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ।

**କର୍କଟ** ଆଜି ସତର୍କତା ଅଭାବରୁ ହାତପାଦରେ ଆଘାତ କିମ୍ବା ସ୍ନାୟବିକ ଦୁର୍ବଳତାରୁ ସମସ୍ୟା ଆସିବ । ମନ କଥା ମନରେ ରଖି କାମ ନ କଲେ କଳହ ଲାଗିପାରେ । କିନ୍ତୁ ନିଜ ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ । ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆତ୍ମବିଭୋର ହୋଇପାରନ୍ତି ।

**ସିଂହ** ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କାମ କରିପାରନ୍ତି । କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳ ହେବେ । ସନ୍ତାନଙ୍କ ସମସ୍ୟା, ବ୍ୟୟବୃଦ୍ଧି ଓ ପଡୋଶୀଙ୍କ ଚାହିଦାପରା ମାନସିକ ଅଶାନ୍ତିର କାରଣ ହେବ ।

**କନ୍ୟା** ଅମୀମାଂସିତ ଆଲୋଚନା ଆଜିର ମୁଖ୍ୟ ସମସ୍ୟା ରୂପେ ଅସ୍ଥିରତାକୁ ଡାକି ଆଣିବ । ଅର୍ଥନୀତି ପ୍ରଭାବିତ ହେବା ସହ କୌଣସି ସମସ୍ୟା ସୃଷ୍ଟି କରିପାରେ । ଶତ୍ରୁତା କରୁଥିବା ଲୋକଟିର ମନକୁ ବାଧିଲା ଭଳି କଥାରୁ ଦୁଃଖ ପ୍ରକାଶ କରିବେ । ଅବଶ୍ୟ ଚିତ୍ରା ନକ୍ଷତ୍ର ପାଇଁ କୌଣସି ବିଶେଷ ଅସୁବିଧା ନ ହୋଇପାରେ ।

**ତୁଳା** ବନ୍ଧୁଙ୍କ ସହାନୁଭୂତି ଓ ଆଦରବୋଳା କଥାରେ ଦୁଃଖର ମାତ୍ରା ଲାଘବ ହୋଇଯିବ । ତଥାପି ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ । ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବାର ଆଶଙ୍କା ରହିଛି । ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ ।

**ବିଛା** ଦୀର୍ଘଦିନ ହେଲା ଯାହା ହୋଇପାରି ନ ଥିଲା ଆଜି ତାହାକୁ ସମ୍ପନ୍ନ କରିପାରିବେ । ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଅଧିକ ପାଇବା ସକାଶେ ବ୍ୟାକୁଳ ହେବେ । ପରିବହନ, ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ଲାଗି ପ୍ରଯତ୍ନ କରିପାରନ୍ତି । ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ ।

**ଧନୁ** ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ ପାରିବାରିକ ଜୀବନକୁ ବିଶୃଙ୍ଖଳିତ କରିପାରେ । ଆର୍ଥିକ ସମସ୍ୟା ସମାଧାନର ପନ୍ଥା ଖୋଜି ପାଇବେ । ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ । ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ, ଏଣୁ ଗାଡିକୁ ପରଖି ନେବା ଭଲ ହେବ ।

**ମକର** ବିଭିନ୍ନ କ୍ଷେତ୍ର ସମସ୍ୟାବହୁଳ ହେଉଥିବାରୁ ମାନସିକ ଅସ୍ଥିରତା ଲାଗିରହିବ । ଧନିଷ୍ଠା ନକ୍ଷତ୍ରର ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କ୍ଷତି କରିପାରିବେ ନାହିଁ । ଆର୍ଥିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଋଣ ପରିଶୋଧରେ ପଛେଇଯାଇ ସମାଲୋଚିତ ହୋଇପାରନ୍ତି । ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢା ପ୍ରଭୃତିରୁ ସୁଫଳ ପାଇବେ ।

**କୁମ୍ଭ** ପରିବାରରେ ଭୁଲ୍ ବୁଝାମଣାରୁ ସାଧାରଣ କଥାରେ କଳହ ସୃଷ୍ଟି ହୋଇପାରେ । ବିବାଦୀୟ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି । ଆଲୋଚନା କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ । କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ର, ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ । ପରିସ୍ଥିତି, ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ । କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡିବାର ସୂଚନା ରହିଛି । କୌଣସି କଥା ଭଲ ରୂପେ ନ ବୁଝି ଅନ୍ୟ ଉପରେ ଦୋଷ ଲଦି ପାରନ୍ତି ।

ଆଜି ସେପ୍ଟେମ୍ବର ୧୨ ତାରିଖ, ଆଶ୍ୱିନ କୃଷ୍ଣପକ୍ଷର ପଞ୍ଚମୀ ଯୁକ୍ତ ଗଜଷଷ୍ଠୀ ଶୁକ୍ରବାର । ରାଶିନକ୍ଷତ୍ର-ଦିବା ଘ.୧୧।୫୯ ମି. ପର୍ଯ୍ୟନ୍ତ ଦ୍ୱିଜା/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ଘ.୦୫।୩୭ ଗତେ, ଘ.୦୬।୨୫ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୧୧ ଗତେ, ଘ.୧୧।୪୨ ମଧ୍ୟେ ରାହୁ କାଳ ।

## ୧୬ରେ ସର୍ବଦଳୀୟ ବୈଠକ ଡକାଇଲେ ବାଚସ୍ପତି

ଭୁବନେଶ୍ୱର, ୧୧।୯ (ସୁନିତ୍ ମିଶ୍ର)

ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୧୮ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୫ରେ ଶେଷ ହେବ । ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି । ତେବେ ଏହି ଅଳ୍ପ ଦିନିଆ ଅଧିବେଶନ କିପରି ସୁରୁଖୁରୁରେ ଚାଲିବ ସେଥିନେଇ ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ୧୬ ତାରିଖରେ ସର୍ବଦଳୀୟ ବୈଠକ ଡକାଇଛନ୍ତି । ସେହିଦିନ ୧୧ଟା୩୦ ମିନିଟ୍ ସମୟରେ ବାଚସ୍ପତିଙ୍କ ଚାମ୍ବରରେ ଏହି ବୈଠକ ଅନୁଷ୍ଠିତ ହେବ ।

## ମୌସୁମୀ ଅଧିବେଶନ ପାଇଁ ବିରୋଧୀ-ଶାସକ ସଜବାଜ

ଭୁବନେଶ୍ୱର, ୧୧।୯ (ରବିନାରାୟଣ ଜେନା)

ଚଳିତମାସ ୧୮ରୁ ୨୫ ତାରିଖ ଯାଏ ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ । ଏଥିନେଇ ସେପ୍ଟେମ୍ବର ୧୬ରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବାକୁ ରହିଥିବାବେଳେ ବିରୋଧୀମାନେ ଏହି ଅଧିବେଶନ ବେଳେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି ।

ଗୁରୁବାର ଲୋକସେବା ଭବନରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ କହିଛନ୍ତି, ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ଗୃହ ଚାଲିବ । ଅଧିବେଶନଟି ସ୍ୱଳ୍ପ ସମୟର ହେଲେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବାକୁ ରହିଛି । ରାଜ୍ୟବାସୀଙ୍କ ହିତକୁ ଦୃଷ୍ଟିରେ ରଖି ଅଧିବେଶନ ପୂର୍ବରୁ ସବୁ ଦଳର ସଦସ୍ୟଙ୍କୁ ନେଇ ବାଚସ୍ପତି ବୈଠକ କରିବେ । ଏହି ସମୟରେ ଗୃହ କିପରି ସୁରୁଖୁରୁରେ ଚାଲିବ ତାହା ଉପରେ ବିସ୍ତୃତ ଆଲୋଚନା ହେବ । ଗୃହ କାର୍ଯ୍ୟରେ ସହଯୋଗ କରିବାପାଇଁ ବିରୋଧୀ ସଦସ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅଧିବେଶନକାଳରେ ବିରୋଧୀ ଯେଉଁସବୁ

- ନାରୀ ନିର୍ଯାତନା ସହ ଅନାସ୍ଥା ଆଣିବୁ: କଂଗ୍ରେସ
- ଖୁବ୍‌ଶୀଘ୍ର ରଣନୀତି ପ୍ରସ୍ତୁତ ହେବ: ବିଜେଡି
- ଗଠନମୂଳକ ପ୍ରସ୍ତାବକୁ ସ୍ୱାଗତ କରିବୁ: ଭାଜପା

ଗଠନମୂଳକ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ଚାହିଁବେ ତାହା ଉପରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି; ଯେଉଁଥିପାଇଁ ସରକାର ମୌସୁମୀ ଅଧିବେଶନ ପାଇଁ ପଛଘୁଞ୍ଚା ଦେଉଥିଲେ । ଏବେ ଏହି ସ୍ୱଳ୍ପ ଅଧିବେଶନ ବେଳେ କଂଗ୍ରେସ ପକ୍ଷରୁ ନାରୀ ନ୍ୟାୟ ସହିତ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବ । ଏହାସହିତ ଚାଷୀ, ଆଦିବାସୀ, ଦଳିତଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବଠାରୁ ଆରମ୍ଭ କରି ଛାତ୍ର ସଂସଦ ନିର୍ବାଚନ ପର୍ଯ୍ୟନ୍ତ ବହୁତ କିଛି ପ୍ରସଙ୍ଗ କଂଗ୍ରେସ ଆଣିବ ବୋଲି ସେ କହିଥିଲେ ।

ଅନ୍ୟପକ୍ଷରେ ପ୍ରମୁଖ ବିରୋଧୀଦଳ ବିଜେଡି ଏହି ଅଧିବେଶନରେ ଦଳର ଆଭିମୁଖ୍ୟ କ'ଣ ରହିବ ସେନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହିଁ । ଏସମ୍ପର୍କରେ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଖୁବ୍‌ଶୀଘ୍ର ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ହେବ ଏବଂ ତାହା ରାଜ୍ୟବାସୀ ଜାଣି ପାରିବେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଲ ଭଲ ଲୋକ ଚୋରି କରନ୍ତି
ରଙ୍କୁଣୀ ଦେଖିଲେ ମାରି ଗୋଡ଼ାନ୍ତି ।**

କ୍ଷମତାରେ ଥିବା କିଛି ବ୍ୟକ୍ତି ନିଜ ପଦବୀର ଅପବ୍ୟବହାର କରି ଧନ ଆତ୍ମସାତ କରି ଚାଲୁଥିବା ବେଳେ ସମାଜର ନିମ୍ନଶ୍ରେଣୀର ଲୋକ ସେପରି କରିବାକୁ ସାହସ ଜୁଟାଇ ପାରି ନ ଥାନ୍ତି । ପରନ୍ତୁ ପେଟ ବିକଳରେ ଯଦି ଗରିବ ଲୋକ କିଛି ଛୋଟମୋଟ ଚୋରି କାମ କରିପକାନ୍ତି, ତେବେ ଉକ୍ତ ତଥାକଥିତ ଉଚ୍ଚପଦବୀରେ ଅଧିଷ୍ଠିତ ହୋଇଥିବା ବଡ଼ବାବୁମାନେ ମାରି ଗୋଡ଼ାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଭାତ ଖୁଆଇଲି କୁକୁରକୁ
କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ । ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି । ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ, ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

ପ୍ରଥମ ପୃଷ୍ଠାରୁ...

## ସାର ଅଭାବ ନାହିଁ...

ପରାମର୍ଶ ଦେଇଛନ୍ତି । ଜିଲା ଏବଂ ବ୍ଲକସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାର ରୋକିବା ପାଇଁ ଚଢ଼ଉକୁ ଅଧିକ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ରାଜ୍ୟରେ ସାର ସଙ୍କଟ ନାହିଁ । କିନ୍ତୁ କିଛି ସ୍ଥାନରେ କଳାବଜାର କାରଣରୁ ସେମାନଙ୍କ ଉପରେ ବି କାର୍ଯ୍ୟାନୁଷ୍ଠାନ ହୋଇଛି । ୫୮ଟି ସ୍ଥାନରେ ଚଢ଼ଉ ହୋଇଛି । ଗତବର୍ଷ ଅପେକ୍ଷା ଚଳିତବର୍ଷ ସାରର ଅଧିକ ଆବଶ୍ୟକତା ରହିଛି । ଯେତିକି ଆବଶ୍ୟକତା ଅଛି, ତା'ଠୁ ଅଧିକ ସାର ରାଜ୍ୟକୁ ଆସିଛି । ଆଉ ୮ ରୁ ୧୦ ଦିନ ସାର ଆବଶ୍ୟକ । କିନ୍ତୁ କଳାବଜାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ନିଷ୍ପତ୍ତି କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ବୈଠକରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

## ଡଲାର=୮୮.୩୫...

ଆମେରିକୀୟ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଅପେକ୍ଷାକୃତ ସ୍ୱଳ୍ପ ଟାରିଫ୍‌ର ସମ୍ମୁଖୀନ ହେଉଥିବା ରାଷ୍ଟ୍ରଗୁଡ଼ିକଠାରୁ ସାମଗ୍ରୀ ଆମଦାନୀ କରି ଶସ୍ତାରେ ଘରୋଇ ଉପଭୋକ୍ତାଙ୍କୁ ବିକ୍ରି କରୁଛନ୍ତି । ଇତିମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ଚାପ ସୃଷ୍ଟି ସକାଶେ ମସ୍କୋଠାରୁ ତୈଳ କିଣୁଥିବା ଭାରତ ଓ ଚାଇନା ଉପରେ ୧୦୦% ଟାରିଫ୍ କଷିବା ପାଇଁ ଟ୍ରମ୍ପ୍ ୟୁରୋପୀୟ ସଂଘ(ଇୟୁ)କୁ ପରାମର୍ଶ ଦେଇଛନ୍ତି । ଟ୍ରମ୍ପ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ-ଆମେରିକା ଟ୍ରେଡ୍ ଡିଲ୍ ନେଇ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ଇୟୁକୁ ଟ୍ରମ୍ପ୍‌ଙ୍କ ଉପରୋକ୍ତ ତାଗିଦ ବଜାର ଅସ୍ଥିରତାର କାରଣ ହୋଇପାରେ ବୋଲି ମନେକରାଯାଉଛି ।

ଟାରିଫ୍‌ଜନିତ ବଜାର ଅନିଶ୍ଚିତତା ସାଙ୍ଗକୁ ତୈଳ, ସୁନା ଆମଦାନୀକାରୀଙ୍କ ଡଲାର ଚାହିଦାକୁ ଟଙ୍କାର ଅବମୂଲ୍ୟାୟନ ପାଇଁ ଦାୟୀ କରାଯାଉଛି । ଏହାବାଦ୍ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ମଧ୍ୟ ଭାରତୀୟ ପୁଞ୍ଜିବଜାରରୁ ବିପୁଳ ଅର୍ଥ ପ୍ରତ୍ୟାହାର କରି ବିକଳ୍ପ କ୍ଷେତ୍ରରେ ନିବେଶ ପାଇଁ ପସନ୍ଦ କରୁଛନ୍ତି । ଏଭଳି ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଘରୋଇ କରେନ୍ସିରେ ସ୍ଥିରତା ଆଣିବା ପାଇଁ ହସ୍ତକ୍ଷେପର ସଙ୍କେତ ମିଳୁ ନ ଥିବା ବିଶେଷଜ୍ଞମାନେ କହିଛନ୍ତି । ଗୁରୁବାର ଟ୍ରେଡିଂ ସେସନ୍ ପ୍ରାରମ୍ଭରେ ଟଙ୍କା ୮୮.୧୧ରେ କାରବାର ହୋଇଥିଲା । ଅପରାହ୍ନ ବେଳକୁ ଡଲାର ତୁଳନାରେ ଏହା ୮୮.୪୯କୁ ଖସିଯାଇଥିଲା, ଯାହାକି ସର୍ବକାଳୀନ ନିମ୍ନ ରେକର୍ଡ । ତେବେ କାରବାର ଶେଷରେ ଟଙ୍କାର ବିନିମୟ ମୂଲ୍ୟ ୮୮.୩୫ ରହିଥିଲା । ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର ଫରେନ୍ ଏକ୍ସଚେଞ୍ଜ ବିଶ୍ଳେଷକ ଦିଲୀପ ପରମାର କହିଛନ୍ତି, ତୈଳ ଓ ସୁନା ଆମଦାନୀକାରୀମାନେ ବ୍ୟାଙ୍କଗୁଡ଼ିକରୁ ଡଲାର କିଣିବା ବଢ଼ାଇଦେଇଥିବାରୁ ଏଭଳି ସ୍ଥିତି ଉପୁଜିଛି । ସିଆର୍ ଫରେକ୍ସ ଆଡଭାଇଜର୍ସ ଏମ୍‌ଡି ଅମିତ୍ ପରମାରଙ୍କ ମତରେ ଭାରତୀୟ ଟଙ୍କା ସର୍ବକାଳୀନ ନିମ୍ନ ରେଟର୍କୁ ଖସିବା ପଛରେ ଆର୍‌ବିଆଇର ନୀରବତା ମଧ୍ୟ ଦାୟୀ । ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଆମେରିକାର ଉଚ୍ଚ ଟାରିଫ୍ ଚାପ ଯୋଗୁ ଟଙ୍କା ଦୁଃସ୍ଥିତିରେ ରହିଛି । ଏପରି ସମ୍ବେଦନଶୀଳ ସମୟରେ ଆର୍‌ବିଆଇ ଟଙ୍କାରେ ସ୍ଥିରତା ଆଣିବା ପାଇଁ ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ।

ଏନ୍‌ଏସ୍‌ଡିଏଲ୍ ଡେଟା ଅନୁସାରେ ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟର୍ସ (ଏଫ୍‌ପିଆଇ) ଜୁଲାଇରେ ୧୭,୭୪୧ କୋଟି ଟଙ୍କାର ନେଟ୍ ସେଲିଂ କରିଥିବାବେଳେ ଅଗଷ୍ଟରେ ଏହି ପରିମାଣ ୩୪,୯୯୩କୁ ବୃଦ୍ଧି ପାଇଥିଲା । ସେପ୍ଟେମ୍ବର ଆରମ୍ଭରୁ ଅଦ୍ୟାବଧି ଏଫ୍‌ପିଆଇମାନେ ୭,୩୬୮ କୋଟି ଟଙ୍କା ଭାରତୀୟ ବଜାରରୁ ଉଠାଇସାରିଲେଣି । ଏହି ପୃଷ୍ଠଭୂମିରେ ନିକଟ ଭବିଷ୍ୟତରେ ଟଙ୍କାର ଦୁର୍ବଳତା ବଜାୟ ରହିବ ବୋଲି ଆଇଏଫ୍‌ଏ ଗ୍ଲୋବାଲ ପ୍ରତିଷ୍ଠାତା ତଥା ସିଇଓ ଅଭିଷେକ ଗୋଏଙ୍କା କହିଛନ୍ତି ।

## ଚୁପ୍ ବସିବେନି...

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ବରିଷ୍ଠ ଆଇନଜୀବୀ କପିଲ ସିବଲ, ଅଭିଷେକ ମନୁ ସିଂଘଭି, ଗୋପାଳ ସୁବ୍ରମଣ୍ୟମ୍, ଅରବିନ୍ଦ ଦାତାର ଓ ଅନ୍ୟମାନଙ୍କ ଯୁକ୍ତି ଶୁଣିଥିଲେ । ସାମ୍ବିଧାନିକ ବେଞ୍ଚରେ ଥିବା ଅନ୍ୟ ବିଚାରପତି ହେଲେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ବିକ୍ରମ ନାଥ, ପି.ଏସ୍. ନରସିଂହା ଏବଂ ଏ.ଏସ୍. ଚନ୍ଦୁରକର । ଶୁଣାଣିର ଶେଷ ଦିନରେ ମେହେଟ୍ଟା ସମ୍ବିଧାନର ଅନ୍ୟତମ ମୂଳ ଢାଞ୍ଚା କ୍ଷମତା ବିଭାଜନ ପ୍ରସଙ୍ଗ ଉଠାଇ ଅଦାଲତ ସମୟସୀମା ଧାର୍ଯ୍ୟ କରିବା ଉଚିତ ନୁହେଁ ଏବଂ ରାଜ୍ୟପାଳଙ୍କ ଇଚ୍ଛାଧୀନ କ୍ଷମତା ଉପରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି କହିଥିଲେ । ଏହା ଉପରେ ସିଜେଆଇ କହିଥିଲେ, ଯିଏ ଉଚ୍ଚରେ ହୁଅନ୍ତୁ ନା କାହିଁକି ସମ୍ବିଧାନର ତତ୍ତ୍ୱାବଧାରକ ଭାବେ ମୁଁ ଖୋଲାଖୋଲି କହିବି ଯେ, କ୍ଷମତା ବିଭାଜନ ସିଦ୍ଧାନ୍ତରେ ମୋର ଦୃଢ଼ ବିଶ୍ୱାସ ରହିଛି ଏବଂ ଯେହେତୁ ସେଠାରେ ନ୍ୟାୟିକ ତତ୍ପରତା ରହିବାର ଅଛି, ନ୍ୟାୟିକ ଆତଙ୍କବାଦ ବା ଦୁଃସାହସ ରହିବା ଉଚିତ ନୁହେଁ । ଏଥିସହିତ ଗଣତନ୍ତ୍ରର ଗୋଟିଏ ଶାଖା ଯଦି କାର୍ଯ୍ୟନିର୍ବାହ କରିବାରେ ବିଫଳ ହୁଏ, ତେବେ ସମ୍ବିଧାନର ତତ୍ତ୍ୱାବଧାରକ କ୍ଷମତାହୀନ ହୋଇ ଚୁପ୍ ବସିବେ କି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ । ମେହେଟ୍ଟା କହିଥିଲେ, କେବଳ ଅଦାଲତ ନୁହନ୍ତି, କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ମଧ୍ୟ ନାଗରିକଙ୍କ ମୌଳିକ ଅଧିକାରର ତତ୍ତ୍ୱାବଧାରକ । ରାଜ୍ୟପାଳ ବିଲ୍‌କୁ ଦୀର୍ଘଦିନ ପକାଇ ରଖିପାରିବେ ନାହିଁ, ଏହାର ଅର୍ଥ ନୁହେଁ ସେମାନଙ୍କୁ ଅନୁଚ୍ଛେଦ ୨୦୦ରେ ମିଳିଥିବା ଇଚ୍ଛାଧୀନ କ୍ଷମତା ହରାଇଛନ୍ତି । ମଞ୍ଜୁରୀ ପ୍ରଦାନରେ ସମୟସୀମା ଅନୁସରଣକୁ ବାଧ୍ୟ କରାଯାଇପାରିବ ନାହିଁ । ସୂଚନାଯୋଗ୍ୟ, ତାମିଲନାଡୁ ବିଧାନସଭା ଦ୍ୱାରା ଗୃହୀତ କେତେକ ବିଲ୍‌କୁ ରାଜ୍ୟପାଳ ଏନ୍. ରବି ମଞ୍ଜୁରୀ ପ୍ରଦାନ ନ କରି ସେଗୁଡ଼ିକୁ ଦୀର୍ଘଦିନ ପକାଇ ରଖିଥିବାରୁ ରାଜ୍ୟର ଡିଏମ୍‌କେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସର୍ବୋଚ୍ଚ ଅଦାଲତ ରାଜ୍ୟପାଳଙ୍କ ନିମନ୍ତେ ୩ ମାସ ଏବଂ ରାଷ୍ଟ୍ରପତିଙ୍କ ପାଇଁ ୧ ମାସ ସମୟସୀମା ଧାର୍ଯ୍ୟ କରିଥିଲେ । ଏହାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା ।

## ସୁରକ୍ଷା କର୍ମୀଙ୍କ ଗୁଳିରେ...

କ୍ୟାଡରଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି କୁହାଯାଉଛି । ସେହିପରି ପରତାପୁର ଥାନା ଅନ୍ତର୍ଗତ ଆଲନାର ଜଙ୍ଗଲରେ ଗୁରୁବାର ସକାଳେ ଡିଆର୍‌ଜି, ବିଏସ୍‌ଏଫ୍ ବାହିନୀର କୋମ୍ବିଂ ଅପରେଶନ ସମୟରେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ । ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଗୁଳିର ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ । ପରେ ଯବାନମାନେ ଜଣେ ମାଓବାଦୀଙ୍କ ମୃତଦେହ ଜବତ କରିଛନ୍ତି । ତାଙ୍କ ନାମ ମାସା ବୋଲି ଜଣାପଡ଼ିଛି । ଘଟଣାସ୍ଥଳରୁ ୩୦୩ ରାଇଫଲ, ୱାକିଟକି ସେଟ୍, ମାଓବାଦୀ ସାମଗ୍ରୀ ଜବତ କରାଯାଇଛି ।




# ମହାନଦୀ ନଦୀତଟ ଯୋଜନାକୁ ମଞ୍ଜୁର ଦେଲେ ମୁଖ୍ୟମନ୍ତ୍ରୀ

- ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ ହେବ କାର୍ଯ୍ୟକାରୀ
- ୩ ବର୍ଷରେ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ

ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)

ବହୁ ଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ (ମହାନଦୀ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ) ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ମଞ୍ଜୁର ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ। ଏଥିପାଇଁ ୩ ବର୍ଷରେ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜଳ ସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ।

ଯୋଜନାକୁ ମଞ୍ଜୁର ଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟଗୁଡିକ ହେଉଛି, ନଦୀକୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା, ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡ଼ା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତ୍ତନକରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ


ମୋହନ ଚରଣ ମାଝୀ

ନିକଟସ୍ଥ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହିତ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବା। ଏହି ଯୋଜନାରେ ୨ଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି ସମ୍ବଲପୁରର ମନ୍ଦଲିଆରୁ ଚଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଂ ପାର୍କ, ସେଲ୍ଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତୀକରଣ, ସ୍ନାନଘାଟ ନିର୍ମାଣ, ଆରତି ଘାଟ, ଥିମ୍ ପ୍ଲାଜା, ଶପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ। ଦ୍ୱିତୀୟଟି ହେଉଛି ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ। ଏଥିରେ ସୁରକ୍ଷା କାର୍ଯ୍ୟ ସହ ନଦୀକୂଳ ଘାଟର ବିକାଶ, ରିଂରୋଡ୍ ସହ ଦୃଶ୍ୟ ପଏଣ୍ଟ ବିକାଶ, ଭାସମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

# ଦେଶର ସବୁ ବୟସବର୍ଗରେ ବଢ଼ୁଛି ମେଦବହୁଳତା

**ୟୁନିସେଫ୍ ରିପୋର୍ଟ**

ନୂଆଦିଲ୍ଲୀ,୧୧।୯(ପି.ଟି.)

ବୟସ ନିର୍ବିଶେଷରେ ଭାରତର ସବୁ ଆୟୁ ବର୍ଗର ଲୋକଙ୍କଠାରେ ମେଦବହୁଳତା ବଢ଼ିବାରେ ଲାଗିଛି। ବିଶୃଙ୍ଖଳିତ ଜୀବନଶୈଳୀ ସାଙ୍ଗକୁ ଅଲ୍‌ଟ୍ରା-ପ୍ରୋସେସ୍‌ଡ (ଅତିପ୍ରକ୍ରିୟାକୃତ) ଖାଦ୍ୟକୁ ଏଥିପାଇଁ ଦାୟୀ କରିଛି ୟୁନିସେଫ୍ ଇଣ୍ଡିଆ।

ୟୁନିସେଫ୍ ପକ୍ଷରୁ ଗୁରୁବାର ପ୍ରକାଶିତ ଚାଇଲ୍ଡ ନ୍ୟୁଟ୍ରିଶନ ଗ୍ଲୋବାଲ ରିପୋର୍ଟ ୨୦୨୫ରେ ଦେଶରେ ବଢ଼ୁଥିବା ମେଦବହୁଳତାକୁ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ସ୍କୁଲ୍ ପିଲା ଓ କିଶୋରୀକିଶୋରଙ୍କ ଓଜନ ବୈଶ୍ୱିକ ହାରଠାରୁ ଦେଶରେ କମ୍ ରହିଥିବା ଜଣାପଡ଼ିଛି। ନୂଆଦିଲ୍ଲୀରେ ୟୁନିସେଫ୍ ପକ୍ଷରୁ ଆୟୋଜିତ ଏକ ଜାତୀୟ ମିଡିଆ ରାଉଣ୍ଡଟେବୁଲ୍‌ରେ ସ୍ୱାସ୍ଥ୍ୟକର ଖାଦ୍ୟ ସମ୍ପର୍କିତ ଆଲୋଚନା ହୋଇଥିଲା। ଏଥିରେ ଯୋଗଦେଇଥିବା ବିଶେଷଜ୍ଞମାନେ ପିଲାଙ୍କ ମୋବାଇଲ୍ ଓ ଟିଭିଦେଖା ସାଙ୍ଗକୁ ଶାରୀରିକ କାର୍ଯ୍ୟକଳାପ ହ୍ରାସ ଓ ଜଙ୍କ୍‌ଫୁଡ୍, ଶର୍କରାଜାତୀୟ ପାନୀୟ ବ୍ୟବହାର ବୃଦ୍ଧି ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଏସବୁର ଆହରଣ ପିଲାଙ୍କ ପାଇଁ ଏକ ଅସ୍ୱାସ୍ଥ୍ୟକର ଖାଦ୍ୟ ପରିବେଶ ସୃଷ୍ଟି କରିଛି। ପିଲାଙ୍କଠୁ ନେଇ ବୃଦ୍ଧଙ୍କ ପର୍ଯ୍ୟନ୍ତ ମେଦବହୁଳତା ବୃଦ୍ଧି ନେଇ ମଧ୍ୟ ଉକ୍ତ ରିପୋର୍ଟରେ ଚିନ୍ତାବ୍ୟକ୍ତ କରାଯାଇଛି।

ବିଶ୍ୱବ୍ୟାପୀ ପ୍ରତି ୧୦ ପିଲାଙ୍କ ମଧ୍ୟରୁ ଜଣେ ଅର୍ଥାତ୍ ମୋଟ ୧୮୮ ନିୟୁତ ଝିଅପୁଅ ମେଦବହୁଳତାର ଶିକାର ହୋଇଛନ୍ତି। ଏକଦା ମେଦବହୁଳତାକୁ ଆଭିଜାତ୍ୟର ପ୍ରତୀକ ମନେକରାଯାଉଥିବା ବେଳେ ସମ୍ପ୍ରତି ଏହା ଭାରତ ସମେତ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ବ୍ୟାପକ ହୋଇଛି। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକରେ ୨୦୦୦ ମସିହାରେ ଓଜନ ବୃଦ୍ଧି ସର୍ବନିମ୍ନ ରହିଥିଲା। କିନ୍ତୁ ୨୦୨୨ ବେଳକୁ ୫ରୁ ୧୯ ବର୍ଷ ବୟସର ପିଲାଙ୍କଠାରେ



ମେଦବହୁଳତା ୫ ଗୁଣ ବଢ଼ିଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ଭାରତରେ ୫ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ଓଜନ ବୃଦ୍ଧି ଓ ମେଦବହୁଳ ସମସ୍ୟା ହଠାତ୍ ବଢ଼ିଯାଇଥିବା ପରିଲକ୍ଷିତ ହୋଇଛି। ୨୦୦୫-୦୬ରେ ଦେଶରେ ପିଲାଙ୍କଠାରେ ମେଦବହୁଳତା ୧.୫ ପ୍ରତିଶତ ଥିବାବେଳେ ୨୦୧୯-୨୧ ମଧ୍ୟରେ ଏହା ୩.୪ ପ୍ରତିଶତକୁ ବୃଦ୍ଧି ପାଇଥିଲା। କିନ୍ତୁ ବର୍ତ୍ତମାନ ଏଥିରେ ଆଶାତୀତ ବୃଦ୍ଧି ଦେଖିବାକୁ ମିଳିଛି। ୨୦୩୦ ସୁଦ୍ଧା ଭାରତ ୨୭ ନିୟୁତ ୫ରୁ ୧୯ ବର୍ଷ ବୟସ୍କ ପିଲାଙ୍କୁ ମେଦବହୁଳତା ଗ୍ରାସ କରିପାରେ ବୋଲି ଅନୁମାନ କରାଯାଉଛି, ଯାହାକି ବୈଶ୍ୱିକ ମେଦବହୁଳତା ବୋଝର ୧୧ ପ୍ରତିଶତ ହେବ। ୨୦୨୪-୨୫ର ଅର୍ଥନୈତିକ ସର୍ଭେ ରିପୋର୍ଟରେ ଅତିପ୍ରକ୍ରିୟାକୃତ ଖାଦ୍ୟକୁ ମେଦବହୁଳତାର ମୁଖ୍ୟ କାରଣ ଭାବେ ଦାୟୀ କରାଯାଇଛି। ୨୦୦୬ରେ ୯୦୦ ନିୟୁତ ଡଲାର ମୂଲ୍ୟର ପ୍ୟାକେଟ ଖାଦ୍ୟ ଓ ଜଙ୍କ୍ ଫୁଡ୍ ବ୍ୟବହାର ହୋଇଥିବାବେଳେ ଏଥିରେ ବାର୍ଷିକ ୩୩ ପ୍ରତିଶତ ବୃଦ୍ଧି ସହ ୨୦୧୯ରେ ୩୭.୯ ବିଲିୟନ ଡଲାରକୁ ବଢ଼ିଥିବା ଜଣାପଡ଼ିଛି। ୨୦୧୧ରୁ ୨୦୨୧ ମଧ୍ୟରେ ଏହି ଧରଣର ଖାଦ୍ୟ ବାର୍ଷିକ ୧୩.୭ ପ୍ରତିଶତ ବଢ଼ିଥିଲା। ସ୍ନେହସାର, ଶର୍କରା, ଲବଣର ପରିମାଣ ଅଧିକ ରହିଥିବା ଏଭଳି ଖାଦ୍ୟ ଫଳ, ପନିପରିବା ଓ ପାରମ୍ପରିକ ବ୍ୟଞ୍ଜନର ସ୍ଥାନ ନେଇଯାଇଛି।

# ରାଜ୍ୟ ସରକାରଙ୍କୁ ୨ ସପ୍ତାହରେ ଜବାବ ଦାଖଲ ନିର୍ଦ୍ଦେଶ

**ହାଇକୋର୍ଟରେ ଲୋକାୟୁକ୍ତ ଚେୟାରପର୍ସନ, ସଦସ୍ୟ ନିଯୁକ୍ତି ମାମଲା**

କଟକ,୧୧।୯(କାର୍ତ୍ତିକ ସାହୁ)

ଲୋକାୟୁକ୍ତ ଓଡ଼ିଶାରେ ଚେୟାରପର୍ସନ ଓ ସଦସ୍ୟ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଜବାବ ଦାଖଲ ପରେ ୧ ସପ୍ତାହ ମଧ୍ୟରେ ଆବେଦନକାରୀ ପ୍ରତିଜବାବ ଦାଖଲ କରିବାକୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଅକ୍ଟୋବର ୧୬କୁ ଧାର୍ଯ୍ୟ ହୋଇଛି। ସୂଚନାନୁସାରେ, ରାଜ୍ୟ ସରକାର ୨୦୧୯ ଫେବୃଆରୀ ୨୮ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ। ଲୋକାୟୁକ୍ତରେ ଜଣେ ଚେୟାରପର୍ସନ ଓ ୫ଜଣ ସଦସ୍ୟ ରହିବାର ନିୟମ ରହିଛି। ସଦସ୍ୟ ୫ ଜଣଙ୍କ ମଧ୍ୟରୁ ୨ଜଣ ବିଚାର ବିଭାଗୀୟ ସଦସ୍ୟ ରହିବାର ନିୟମ ମଧ୍ୟ ରହିଛି। ତଦନୁସାରେ



୨୦୧୯ରେ ଚେୟାରପର୍ସନଙ୍କ ସମେତ ସଦସ୍ୟମାନଙ୍କୁ ପର୍ଯ୍ୟାୟ କ୍ରମେ ନିଯୁକ୍ତ କରାଯାଇଥିଲା। ମାତ୍ର ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ହୋଇଥିବାରୁ ସେହି ଅବଧି ଶେଷ ହେବା ପରେ ୨୦୨୪ ମାର୍ଚ୍ଚ ୧୯ରୁ ଚେୟାରପର୍ସନ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ କ୍ରମାନ୍ୱୟରେ ଶେଷ ହୋଇଥିଲା। ଶେଷରେ ୨୦୨୪ ଅଗଷ୍ଟ ୮ରୁ ଲୋକାୟୁକ୍ତଙ୍କ ଚେୟାରପର୍ସନ ଓ ସଦସ୍ୟ ପଦ ଖାଲି ପଡ଼ିଛି। ଏହାକୁ ନେଇ ଆବେଦନକାରୀ ଆଇନଜୀବୀ ପ୍ରବୀର କୁମାର ଦାସ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର କିଛି ଫଳ ନ ହେବାରୁ ସେ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।

# ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଉପରାଷ୍ଟ୍ରପତିଙ୍କ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବେ**

ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସନ୍ଧ୍ୟାରେ ୨ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶୁକ୍ରବାର ଦେଶର ନୂଆ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କ ଶପଥ ଗ୍ରହଣ ଉତ୍ସବ କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଓଡ଼ିଶା ଫେରିବା କାର୍ଯ୍ୟକ୍ରମ ରହିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଏହି ଅବସରରେ ସେ ଅନ୍ୟ କୌଣସି ପ୍ରସଙ୍ଗରେ କିଛି କାର୍ଯ୍ୟକ୍ରମ ରଖି ନ ଥିବା ଜଣାପଡିଛି। ତେବେ ଗତ କିଛିଦିନ ମଧ୍ୟରେ ଏହା ମୁଖ୍ୟମନ୍ତ୍ରୀଙ୍କ ୩ୟ ଦିଲ୍ଲୀ ଗସ୍ତ ବୋଲି ଜଣାପଡ଼ିଛି।

# ୪୦ ଦେଶର ଡିପ୍ଲୋମାଟ୍‌ଙ୍କ ଓଡ଼ିଶା ଗସ୍ତ ଆଜି

ଭୁବନେଶ୍ୱର,୧୧।୯ (ରବିନାରାୟଣ ଜେନା)

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ସୁଷମା ସ୍ୱରାଜ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେନ୍ ସର୍ଭିସର ଏକ ୪୦ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ଗସ୍ତ କିଭଳି ଶୃଙ୍ଖଳିତ ହେବ ସେ ନେଇ ଗୃହ ବିଭାଗ ପକ୍ଷରୁ ୧୦ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ତଦନୁଯାୟୀ, ଶୁକ୍ରବାର ସନ୍ଧ୍ୟା ୬ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଉକ୍ତ ପ୍ରତିନିଧି ଦଳ ପହଞ୍ଚିବେ। ତିନିଦିନ ଧରି ଉକ୍ତ ପ୍ରତିନିଧି ଦଳ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରିବେ। ସେଥିମଧ୍ୟରେ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିର, କୋଣାର୍କ, ଧଉଳି ପ୍ରଭୃତି ପର୍ଯ୍ୟଟନସ୍ଥଳ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।




# ବିଜେଡି ଛାଡ଼ିଲେ ହରିଶଙ୍କର

କଟକ,୧୧।୯ (ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡିରୁ ଇସ୍ତଫା ଦେଲେ ଛାତ୍ରନେତା ହରିଶଙ୍କର ରାଉତ। ଗୁରୁବାର କଟକ ମହାବୀର ଗ୍ୟାଲେକ୍ସି ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇସ୍ତଫା ସମ୍ପର୍କରେ ସୂଚନା ଦେଇ କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ୨୦ବର୍ଷ ଦଳ ପାଇଁ କାମ କରିଛି, ହେଲେ କିଛି ମିଳିଲାନି। କେବଳ ପ୍ରତାରଣା ମିଳିଛି। ମୁଁ କେବେ ଅଣଓଡ଼ିଆର ଚାଟୁକାରୀ କରିପାରିବି ନାହିଁ। ବିଜେଡିରେ ସବୁ ନିଷ୍ପତ୍ତି ପାଣ୍ଡିଆନ ନେଉଛନ୍ତି। ଜଣେ ଅଣଓଡିଆ ହୋଇ ଦଳକୁ ଶାସନ କରୁଛନ୍ତି। ପାଣ୍ଡିଆନ ଓଡ଼ିଶାକୁ ଲୁଟିବାକୁ ଆସିଛନ୍ତି। ଏପରିକି ଦଳ ନିର୍ବାଚନରେ ତାଙ୍କ ପାଇଁ ପରାଜିତ ହେଲା। ବିଜେଡିରେ ଯେଉଁମାନେ ପାଣ୍ଡିଆନ୍‌ଙ୍କ ଗୁଣଗାନ କରିବେ, କେବଳ ତାଙ୍କୁ ହିଁ ପଦବୀ ମିଳିବ। ବିଜେଡି ଛାତ୍ର ଓ ଯୁବ ସଭାପତି ଚୟନ ନିଷ୍ପତ୍ତି କେବଳ ପାଣ୍ଡିଆନ୍‌ଙ୍କର ରହିଛି। ଦଳ ଏବେ ମୁରବୀ ବିହୀନ ରହିଛି। ଏହିସବୁରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାଏଙ୍କର ମଧ୍ୟ ଭାଗୀଦାରି ରହିଛି। ବ୍ୟୋମକେଶ ପାଣ୍ଡିଆନ୍‌ଙ୍କର ପଟ୍ଟଶିଷ୍ୟ ପାଲଟିଛନ୍ତି। ବ୍ୟୋମକେଶ ଯୁବଛାତ୍ର ଦାୟିତ୍ୱରେ ଥିବା ସମୟରେ ତିନି ତିନିଥର ମୋତେ ପ୍ରତିଶ୍ରୁତି ଦେଇଛନ୍ତି, ହେଲେ ତାହା କେବେ କାର୍ଯ୍ୟକାରୀ କରିନାହାନ୍ତି। ଦଳ ଯେଉଁଭଳି ପ୍ରତାରଣା ଦେଉଛି ଏବେ ଗୋଟେ ପରେ ଗୋଟେ କର୍ମୀ ଦଳ ଛାଡିବେ। ବିଜେଡିର ଭବିଷ୍ୟତ ସମ୍ପୂର୍ଣ୍ଣ ଭାବେ ଅନ୍ଧାର ହୋଇଯାଇଛି ବୋଲି ରାଉତ କହିଛନ୍ତି।



ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସଚ୍ଛତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। -ଶ୍ରୀଅରବିନ୍ଦ

# ୟୁରୋପ ଏତେ ଦୁର୍ବଳ କାହିଁକି



ଆଣ୍ଡ୍ରେସ ଭେଲାସ୍କୋ

ଆମେରିକାର ଅସ୍ଥିରତା, ଚାଇନାର ଏକଚ୍ଛତ୍ରବାଦ ଓ ରୁଷିଆର ଆକ୍ରମଣାତ୍ମକ ତଥା ବିଦ୍ୱେଷ ଭାବନାକୁ ବିଶ୍ୱ ଏବେ ସାମ୍ନା କରୁଛି। ବିଶ୍ୱରେ ଏଭଳି ସ୍ଥିତିରେ ପରିବର୍ତ୍ତନ ପାଇଁ ଜଣେ ବିଶ୍ୱାସଯୋଗ୍ୟ ବ୍ୟକ୍ତି ବା ଗୋଷ୍ଠୀର ଆବଶ୍ୟକତା ଅନିର୍ବାର୍ଯ୍ୟ। ଯଦି ଦେଖାଯାଏ ତେବେ କେବଳ ୟୁରୋପ ଅର୍ଥାତ୍ ଏହାର ନେତାମାନେ ପରିବର୍ତ୍ତନ ଆଣିପାରିବେ। ବିଶ୍ୱ ସମ୍ମୁଖରେ ଏକ ଉଦାହରଣ ସୃଷ୍ଟି କରିବା ପାଇଁ ଅନ୍ୟ କୌଣସି ଦେଶ କିମ୍ବା ଅଞ୍ଚଳ ୟୁରୋପ ଭଳି ଏତେ ବୃହତ୍, ସ୍ୱାଧୀନ, ସମୃଦ୍ଧ, ମୂଲ୍ୟବୋଧ ସମ୍ପନ୍ନ ନୁହେଁ। କିନ୍ତୁ ଭଲ ବ୍ୟକ୍ତିମାନେ କେବଳ ଭଲ ହେଲେ ଯଥେଷ୍ଟ ହେବ ନାହିଁ। ସେମାନେ ଦୃଢ଼ ବଦ୍ଧପରିକର ହେବା ଦରକାର। କିନ୍ତୁ ମୋ ମନରେ ଆଶଙ୍କା ସୃଷ୍ଟି ହେଉଛି ଯେ, ଏଥିରେ ୟୁରୋପର ଅଭାବ ରହୁଛି । ଏବେ ୟୁରୋପ ସବୁଥିରେ ଦୃଢ଼ ମନେହେଉଥିଲେ ମଧ ଏହା ପୂରା ଦୁର୍ବଳ। ପ୍ରଥମେ ଆମେରିକା ସହ ତଥାକଥିତ ବାଣିଜ୍ୟ ଚୁକ୍ତିକୁ ଦେଖିବା। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସର ସହକର୍ମୀ ଲୁଇସ୍ ଗାରିକାନୋ ଲେଖିଥିଲେ ଯେ, ଏହା ଏକ ଚୁକ୍ତି ନୁହେଁ, ବରଂ ଏକ ପ୍ରକାର ଆତ୍ମ ସମର୍ପଣ। କୌଣସି ବିନିମୟରେ ପ୍ରମୁଖ ରପ୍ତାନି ସାମଗ୍ରୀଗୁଡ଼ିକ ଉପରେ ୧୫% ଟାରିଫ୍‌କୁ ଗ୍ରହଣ କରିବା ସହ ଏହା ଅନେକ ଘଟଣାରେ ସହମତ ହୋଇଛି। ହ୍ୱାଇଟ୍ ହାଉସରେ ଅଗଷ୍ଟ ୧୮ ବୈଠକରେ ୟୁରୋପୀୟ ନେତାମାନେ ଏକାଠି ହୋଇଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯଦି କିଛି କଳା ରହିଛି ତାହା ହେଉଛି ସେ ସବୁବେଳେ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବା ପାଇଁ ସେଭଳି ପରିବେଶ ସୃଷ୍ଟି କରିଥାନ୍ତି। ଏଠାରେ ମଧ ସମାନ ସ୍ଥିତି ଦେଖାଯାଇଥିଲା। ଏହି ବୈଠକରେ ସେ ତାଙ୍କ ଡେସ୍କ ପଛରେ ଏକ ଚେୟାରରେ ବସିଥିବାବେଳେ ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ଫିନଲାଣ୍ଡ, ୟୁକ୍ରେନ୍ ଏବଂ ବ୍ରିଟେନର ନେତାମାନଙ୍କ ସହ ୟୁରୋପୀୟ କମିଶନର ଅଧ୍ୟକ୍ଷ ଏବଂ ନାଟୋର ମହାସଚିବ ଡେସ୍କର ଅନ୍ୟ ପାଖରେ ବିନୀତ ବ୍ୟକ୍ତି ଭାବେ ବସିଥିଲେ। ସେମାନଙ୍କ ସାହସ ଓ ପ୍ରକୃତ ଶକ୍ତିରେ ବିଷମତା ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୋଇଥିଲା।

ଆମେରିକାର ଜଣେ କ୍ଷତିକାରକ ରାଷ୍ଟ୍ରପତି ସାମ୍ନାରେ ୟୁରୋପ ଦୋଷୀ ଭଳି ନତମସ୍ତକ ହେବାରେ କୌଣସି କାରଣ ନାହିଁ। ଦେଖିବାକୁ ଗଲେ, ଆମେରିକା ତୁଳନାରେ ୟୁରୋପର ଜନସଂଖ୍ୟା ଯଥେଷ୍ଟ ଅଧିକ। ଏହାସହ ୟୁରୋପୀୟ ସଂଘ, ବ୍ରିଟେନ ଏବଂ ନରୱେ, ସୁଇଜରଲାଣ୍ଡ ଭଳି ଅନ୍ୟ ଧନୀ ୟୁରୋପୀୟ ଦେଶଗୁଡ଼ିକର ମୋଟ ଜିଡିପି ଆମେରିକା ଜିଡିପି ପାଖାପାଖି । ପ୍ରକୃତ କଥା, ୟୁରୋପର ତ୍ରୁଟିଗୁଡ଼ିକରେ ତାହାର ଦୁର୍ବଳତା ପ୍ରତିଫଳିତ ହେଉଛି। ସବୁଠୁ ବଡ଼ ତ୍ରୁଟି ରହିଛି ସୁରକ୍ଷାରେ ଏବଂ ତା' ଉପରେ ଆଲୋଚନା କରିବା। ସ୍ପେନର ଅର୍ଥନୀତିଜ୍ଞ ରାଜନେତା ତଥା ୟୁରୋପୀୟ ସଂସଦର ପୂର୍ବତନ ସଦସ୍ୟ



ଗାରିକାନୋ ଏହାକୁ ଭଲ ଭାବେ ଉପସ୍ଥାପନ କରିଛନ୍ତି। ସେ କହନ୍ତି, ତୁମକୁ ସୁରକ୍ଷା ଦେଉଥିବା ସେନା ବିରୋଧରେ ତୁମେ କେବେ ବି ବାଣିଜ୍ୟ ଯୁଦ୍ଧ ଜିତିପାରିବ ନାହିଁ। ଏହା ସହ ଆଜକୁ ୬୦ ବର୍ଷ ପୂର୍ବେ ସ୍ୱାଧୀନ ଭାବେ ୟୁରୋପୀୟ ପ୍ରତିରକ୍ଷା ଦକ୍ଷତା ବୃଦ୍ଧି ସପକ୍ଷରେ ଫ୍ରାନ୍ସର ରାଷ୍ଟ୍ରପତି ଚାର୍ଲସ୍ ଦେ ଗାଉଲେ ଯେଉଁ ମତ ଦେଇଥିଲେ ସେଥିରେ ଫ୍ରାନ୍ସର କୌଣସି ପରିବର୍ତ୍ତନ ଆସି ନ ଥିବା ଦେଖାଯାଏ। ହେଲେ ସାମ୍ପ୍ରତିକ ସମୟରେ ଏହା ଏକ ଦୂରଦର୍ଶୀ ମତ ବୋଲି ଜଣାପଡୁଛି। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ସ୍ପଷ୍ଟ କରିଛି ଯେ, ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ବିନା ୟୁରୋପ ନିଷ୍ପ୍ରଭ। ହେଲେ ଯେ ପର୍ଯ୍ୟନ୍ତ ଟ୍ରମ୍ପ୍ ରାଷ୍ଟ୍ରପତି ଥିବେ ସେଯାଏ ଏହା ଉପରେ ଭରସା କରାଯାଇପାରିବ ନାହିଁ।

ୟୁରୋପ ତାହାର ସୁରକ୍ଷା ଅଭାବକୁ ପୂରଣ କରିବା ପାଇଁ ଅଧିକ କିଛି କରୁନାହିଁ। ୟୁରୋପୀୟ ନାଟୋ ସଦସ୍ୟ ମଧ୍ୟରୁ ୨୮ଟି ଦେଶ ୨୦୨୪ରେ ପ୍ରତିରକ୍ଷା ବାବଦରେ ସେମାନଙ୍କ ଜିଡିପିର ୨%ରୁ ଅଧିକ ବ୍ୟୟ କରିଛନ୍ତି ଏବଂ ଦୁଇ ବର୍ଷ ମଧରେ ଏଥିରେ ମାତ୍ର ୦.୬% ବୃଦ୍ଧି ଘଟିଛି। କିନ୍ତୁ ଏହା ଆମେରିକାର ପ୍ରତିରକ୍ଷା ବ୍ୟୟ (ଜିଡିପିର ୩.୪%) ତୁଳନାରେ ବହୁ ପଛରେ ରହିଛି। ପୋଲାଣ୍ଡ ୨୦୨୫ ପାଇଁ ପ୍ରତିରକ୍ଷା କ୍ଷେତ୍ରରେ ଜିଡିପିର ୪.୭% ବ୍ୟୟ କରିବାକୁ ଆକଳନ କରିଛି। ୟୁରୋପୀୟ ଦେଶଗୁଡ଼ିକ ପୃଥକ୍ ଭାବେ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରୁଛନ୍ତି। ଫଳସ୍ୱରୂପ, ପ୍ରତିରକ୍ଷା ଅଭାବ ପୂରଣ କରିବାରେ ବିଳମ୍ବ ଘଟିବା ସହ ସେମାନଙ୍କ ଅକ୍ଷମତା ପ୍ରକାଶ ପାଇଛି। ତେବେ ପ୍ରସ୍ତାବିତ ୟୁରୋପୀୟ ପ୍ରତିରକ୍ଷା ବ୍ୟବସ୍ଥା, ଯେଉଁଥିରେ ବ୍ରିଟେନ୍ ସାମିଲ, ତାହା ଏକ ମିଳିତ କ୍ରୟ ସଂସ୍ଥା ଭାବେ କାମ କରିବ। ଆଗାମୀ ସମୟରେ ୟୁକ୍ରେନ ଓ ପୂର୍ବ ୟୁରୋପକୁ ସୁରକ୍ଷିତ ରଖିବା ପାଇଁ ଆମେରିକାଠାରୁ ଅସ୍ତ୍ର କିଣିବା (ଅତି କମ୍‌ରେ ସ୍ୱଳ୍ପ ସମୟ ପାଇଁ)ର ବିଚାର ଏକ ସବୁଠୁ ଭଲ ଉପାୟ ବୋଲି କୁହାଯାଇପାରେ।

ନୂଆ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ୟୁରୋପ କିଭଳି ଦେୟ ଦେବ ତାହାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି। ୟୁରୋପୀୟ ସଂଘ(ଇୟୁ) ଏକକ ପୁଞ୍ଜି ବଜାର ସଂଘ କିମ୍ବା ଏକକ ବ୍ୟାଙ୍କିଙ୍ଗ ସଂଘ ଗଢ଼ିପାରିନାହିଁ। ୟୁରୋପୀୟ ସଂଘର ସବୁସଦସ୍ୟଙ୍କ ତରଫରୁ ମିଳିତ ଭାବେ ଜାରି ଏକକ ବର୍ଗର ବଣ୍ଡ୍ ସ୍ଥାୟୀ ଭାବେ ସୃଷ୍ଟି କରାଯାଇନାହିଁ। କୋଭିଡ୍ ମହାମାରୀ ସମୟରେ ପ୍ରଦାନ କରାଯାଇଥିବା ଅତ୍ୟଧିକ ଇୟୁ ଋଣର ଯେତେବେଳେ ଅବଧି ପୂରଣ ହେବ ସେତେବେଳେ ଏହା ନବୀକରଣ ହେବ କି ନାହିଁ ସ୍ପଷ୍ଟ ହୋଇନାହିଁ। ଏଣୁ ଏକ ଅଧିକ ସ୍ଥାୟୀ ଓ ବଡ଼ ଭିତ୍ତିଭୂମି ପ୍ରତିଷ୍ଠା ହେବାର ସମ୍ଭାବନା କମ୍ ରହିଛି, ଯାହା ଅତ୍ୟନ୍ତ ଦୁଃଖଦାୟକ। ୟୁରୋପ ପାଇଁ ଏକ ମିଳିତ ୟୁରୋବଣ୍ଡ୍ ଅଧିକ ଲାଭଦାୟକ ହେବ। ଆର୍ଥିକ ଦୃଷ୍ଟିକୋଣରୁ ୟୁରୋବଣ୍ଡ୍ ନ୍ୟାୟିକ ଭାବେ ମିଳିତ ଋଣ ପ୍ରଦାନ କରି ମହାଦେଶରେ ମିଳିତ ପ୍ରତିରକ୍ଷାକୁ ପାଣ୍ଠି ଯୋଗାଇବ। ଏହା ୟୁରୋକୁ ଏକ ବୈଶ୍ୱିକ ସୁରକ୍ଷିତ ଆସେଟ୍ ହେବାରେ ସାହାଯ୍ୟ କରିବ ଏବଂ ତାହା ପାଇଁ ଏହା ହେଉଛି ପ୍ରକୃଷ୍ଟ ସମୟ। ତେବେ ଟ୍ରମ୍ପଙ୍କ ଅଦ୍ଭୁତ ପଦକ୍ଷେପ ଯୋଗୁ ଏବେ ଡଲାର ବର୍ଦ୍ଧିତ ବଜାର ମୁଦ୍ରା ଭାବେ ସାମ୍ନାକୁ ଆସିବା ଲକ୍ଷ୍ୟ କରାଯାଉଛି। ଏବଂ ନିବେଶକମାନେ ସବୁଠି ବିକଳ୍ପ ସନ୍ଧାନରେ ରହୁଛନ୍ତି। ନିବେଶକଙ୍କ ଦୃଷ୍ଟିକୋଣରୁ, ଇୟୁ ସମର୍ଥିତ ବଣ୍ଡଗୁଡ଼ିକ ସୁରକ୍ଷିତ ହେବ। ସେଗୁଡ଼ିକର ସୁଧ ହାର କମ୍ ରହିବ ଓ ୟୁରୋପକୁ ପ୍ରଚୁର ଅର୍ଥ ସଞ୍ଚୟ କରିବାକୁ ସୁଯୋଗ ଦେବ। ୟୁରୋ ବିଶ୍ୱ ସ୍ତରରେ ମଜଭୁତ ହେବା ସମ୍ଭାବନା ରହିଛି। ଜର୍ମାନୀ ଓ ନେଦରଲାଣ୍ଡ ଭଳି ରପ୍ତାନି କୈନ୍ଦ୍ରିକ ଅର୍ଥ ବ୍ୟବସ୍ଥାଗୁଡ଼ିକର ରାଜନେତାଙ୍କୁ ଏହା ଦ୍ୱନ୍ଦ୍ୱରେ ପକାଇଛି। ସେଥିପାଇଁ ଏକ ମଜଭୁତ ୟୁରୋ ଅଧୁରା ରହିଥିବା ବିଶାଳ ଏକକ ବଜାର ଗଠନ କରିବା ଏକ ବାହାନା ହୋଇପାରେ।

ସବୁ ସାମଗ୍ରୀ ଓ ସେବାର ବାଣିଜ୍ୟ ପାଇଁ ଇୟୁ ଏକ ସମ୍ପୂର୍ଣ୍ଣ ଏକୀକୃତ ବଜାର ହେବା ଦରକାର, କିନ୍ତୁ ଏଥିରେ ବାସ୍ତବରେ ବହୁ ବାଧା ରହିଛି। ୟୁରୋପର ବାହ୍ୟ ଦୁର୍ବଳତା ହେଉଛି ତାହାର ଆଭ୍ୟନ୍ତରୀଣ ଦୁର୍ବଳତାର ପରିଣାମ। ମହାଦେଶର ରାଜନେତାମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ଏବଂ ସେମାନଙ୍କର ଦୂରଦୃଷ୍ଟିର ଅଭାବ ରହିଛି । ୨୦୧୨ରେ ଜର୍ମାନୀର ପୂର୍ବତନ ଚାନ୍ସେଲର ଆଞ୍ଜେଲା ମର୍କେଲ ଯେତେବେଳେ ପ୍ରତିଜ୍ଞା କରିଥିଲେ ଯେ, ସେ ବଞ୍ଚିଥିବା ଯାଏ ୟୁରୋବଣ୍ଡ୍ ହୋଇପାରିବ ନାହିଁ, ସେତେବେଳେ ତାଙ୍କର ଦୂରଦର୍ଶୀ ନେତୃତ୍ୱର ଅଭାବ ଦେଖାଯାଇଥିଲା। ଏବଂ ନିକଟରେ ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋଁ ଇୟୁ ମର୍କେସୋର ବାଣିଜ୍ୟ ଚୁକ୍ତି ବନ୍ଦ କରିବାକୁ ସବୁକିଛି କରି ସେ ଦେଶର କୃଷକମାନଙ୍କୁ ଖୁସି କରିବାକୁ ପ୍ରୟାସ କରିଥିଲେ। ଏମିତିକା ପ୍ରମୁଖ ନେତାମାନଙ୍କଠାରୁ ୟୁରୋପ ଯଦି ଏଭଳି କିଛି ପାଏ, ତେବେ ୟୁରୋପୀୟମାନେ ମହାଦେଶର ଅନ୍ୟ ସବୁ ନେତାଙ୍କଠାରୁ କ'ଣ ବା ଆଶା କରିପାରିବେ? ଗୋଟିଏ ପଟେ ଟ୍ରମ୍ପ୍ ଓ ଅନ୍ୟ ପଟେ ପୁଟିନଙ୍କ ଧମକ ରହିଥିବାବେଳେ ୟୁରୋପୀୟମାନେ ସେମାନଙ୍କ ନେତାଙ୍କଠାରୁ ସକ୍ରିୟ ପ୍ରତିକ୍ରିୟା ପାଇବାର ଆଶା କ୍ଷୀଣ। କେବଳ ବିଶ୍ୱର ଅବଶିଷ୍ଟ ଭଲ ନେତା ବା ବ୍ୟକ୍ତି ଆଗକୁ ଆସିବା ଦରକାର। ଏହାକୁ ସବୁଠି ଗଣତନ୍ତ୍ର ସପକ୍ଷବାଦୀମାନେ ଅପେକ୍ଷା କରି ରହିଛନ୍ତି।

**ପୂର୍ବତନ ଅର୍ଥମନ୍ତ୍ରୀ, ଚିଲି**

# ଦାୟିତ୍ୱ ନିର୍ବାହର ଦାୟବଦ୍ଧତା



ଯଦୁମଣି ପାଣିଗ୍ରାହୀ

ଆମମାନଙ୍କର ବ୍ୟକ୍ତିଗତ, ପାରିବାରିକ ଜୀବନ ହେଉ କି ସାମାଜିକ ଜୀବନ ହେଉ ଆମର କିଛି ନା କିଛି ଦାୟିତ୍ୱ ନିଶ୍ଚିତ ରହିଛି। ସେହିସବୁ ଦାୟିତ୍ୱଗୁଡ଼ିକୁ ଠିକ୍ ଭାବେ ନିର୍ବାହ କରିବା ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ। ତେବେ ଆମେ ଯେତେବେଳେ ଏହା ନିର୍ବାହ କରିବାରେ ବିଫଳ ହୁଅନ୍ତି ସେତେବେଳେ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ କ୍ଷେତ୍ର ପ୍ରଭାବିତ ହେବା ସହିତ ନାନାଦି ବିଭ୍ରାଟ ସୃଷ୍ଟି ହେବା ସ୍ୱାଭାବିକ କଥା। ବ୍ୟକ୍ତିଗତ ଜୀବନରେ ଆମେ ଆମ ପରିବେଶକୁ ସଫାସୁତରା ରଖିବା, ରାସ୍ତାର ନିୟମକୁ ମାନି ଚଳିବା, ରୋଗବ୍ୟାଧି, ମହାମାରୀ ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବେଳେ ସରକାରୀ ନିର୍ଦ୍ଦେଶକୁ ପାଳନ କରିବା ସର୍ବୋପରି ସମାଜରେ ଅକ୍ଷମ, ଅସମର୍ଥ ଓ ଅବହେଳିତଙ୍କ ପ୍ରତି ସହଯୋଗର ହାତ ବଢ଼ାଇବା ଆଦି ନେଇ ରହିଥିବା ଆମ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହ ନିର୍ବାହ କରିବାର ଆବଶ୍ୟକତା ରହିଛି। ପାରିବାରିକ ଜୀବନରେ ଆମେ ମାତାପିତା ଓ ଅଭିଭାବକ ଭାବରେ ଆମ ପିଲାମାନଙ୍କର ଲାଳନପାଳନ କରିବା ସହିତ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ପ୍ରଦାନ କରି ସ୍ୱାବଲମ୍ବୀ ଓ ସମାଜ ଉପଯୋଗୀ କରି ଗଢ଼ିବାର ଦାୟିତ୍ୱ ଆମ ଉପରେ। ଆଗାମୀ ଭବିଷ୍ୟତରେ ପିଲାମାନେ ଯେପରି ଏକ ନୀତିନିଷ୍ଠ ଓ ମୂଲ୍ୟବୋଧଭିତ୍ତିକ ପାରିବାରିକ ଓ ସାମାଜିକ ଜୀବନ ନିର୍ବାହ କରିବେ ସେଥିପ୍ରତି ମଧ ଆମେ ପୂର୍ଣ୍ଣ ସଚେତନ ରହିବା ଆବଶ୍ୟକ। ପରିବାର ଭିତରେ ସମସ୍ତେ ଯେପରି ସମ୍ମାନ ଓ ସ୍ୱାଭିମାନର ସହିତ ବଞ୍ଚିପାରିବେ ସର୍ବୋପରି ସୁସ୍ଥ ଓ ଶୃଙ୍ଖଳିତ ଜୀବନଯାପନ କରିବେ ସେଥିପ୍ରତି ଆମେ ସମସ୍ତେ ସଚେତନ ଓ ଯତ୍ନବାନ୍ ହେବା ଉଚିତ। ଆମେ ଯେତେବେଳେ ଆମ ଦାୟିତ୍ୱ ପାଳନ କରିବାରେ ତ୍ରୁଟି କରିବା ସେତେବେଳେ ପାରିବାରିକ ଜୀବନରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହେବା ନିଶ୍ଚିତ। ଆଜି ଅନେକ ମାତାପିତା ଓ ଅଭିଭାବକ ସେମାନଙ୍କ ଦାୟିତ୍ୱ ପାଳନରେ ଅବହେଳା କରିବା କାରଣରୁ ସେମାନଙ୍କ ପିଲାମାନେ ମଣିଷରୁ ଅମଣିଷ ପାଲଟି ଯାଉଛନ୍ତି। ସେମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ନିଜ ପ୍ରତି ଓ ପରିବାର ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ନିନ୍ଦା ଓ ଅପବାଦ ବି ଅର୍ଜନ କରୁଛନ୍ତି। ସେହିପରି ପରିବାରର ମାତାପିତା, ବରିଷ୍ଠ ଓ ଗୁରୁଜନଙ୍କ ଦାୟିତ୍ୱ ବହନ କରିବାକୁ ଆଜି ଅଧିକାଂଶ ପିଲା ଆଗ୍ରହ ପ୍ରକାଶ କରୁ ନ ଥିବାରୁ ସେମାନେ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି ଅଥବା କେଉଁ ବୃଦ୍ଧାଶ୍ରମରେ ଯାଇ ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ ବାଧ୍ୟ ହେଉଛନ୍ତି।

ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ସାମାଜିକ ଜୀବନରେ ଆମେ ଯିଏ ଯେଉଁଠି ଓ ଯେଉଁ କ୍ଷେତ୍ରରେ ନିୟୋଜିତ ଅଛନ୍ତି ସେ ଦାୟିତ୍ୱକୁ ଆମେମାନେ ଠିକ୍ ଭାବେ ନିର୍ବାହ କରୁଛନ୍ତି କି ନାହିଁ ସେ ପ୍ରଶ୍ନ ପ୍ରଥମେ ନିଜେ ନିଜକୁ ପଚାରିବାର ଆବଶ୍ୟକତା ରହିଛି। ଶିକ୍ଷାଦାନରେ ନିୟୋଜିତ ଶିକ୍ଷକଟିଏ ହୁଅନ୍ତୁ ଅଥବା ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଟିଏ ହୁଅନ୍ତୁ ସେମାନଙ୍କ ଉପରେ ଯେଉଁ ଗୁରୁଦାୟିତ୍ୱ ରହିଛି ତାହାକୁ ସେମାନେ ଅତ୍ୟନ୍ତ ନିଷ୍ଠା ଓ ଦକ୍ଷତାର ସହ ଅନୁପାଳନ କରିବା ଉଚିତ। ଉତ୍ତମ ଶିକ୍ଷାଦାନ କରି ଉନ୍ନତ ମାନବ ସମ୍ବଳ ସୃଷ୍ଟି କରିବା ଯେମିତି ଜଣେ ଶିକ୍ଷକଙ୍କ ଦାୟିତ୍ୱ ଠିକ୍ ସେମିତି ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଉତ୍ତମ ସେବା ପ୍ରଦାନ କରିବା ହେଉଛି ଜଣେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ । ସମାଜରେ ସମସ୍ତେ ସୁସ୍ଥ ଓ ସୁରକ୍ଷିତ ରହିବା ଅତ୍ୟନ୍ତ ଜରୁରୀ ବିଷୟ । ସେହି କାରଣରୁ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିବା ଡାକ୍ତର, ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ପୋଲିସ ବାବୁମାନେ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ଅନୁପାଳନ କରିବା ଅତ୍ୟନ୍ତ ଆବଶ୍ୟକ। ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାକୁ ଏବଂ ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଇବାକୁ ନିୟୋଜିତ ଅଧିକାରୀ/କର୍ମଚାରୀମାନେ ସେମାନଙ୍କ ଦାୟିତ୍ୱକୁ ଠିକ୍ ଭାବେ ପାଳନ କରୁ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଥାଏ । ଦୁର୍ଘଟଣା ହ୍ରାସ ଓ ବୃକ୍ଷରୋପଣ ଆଦି ନେଇ ଲୋକଙ୍କୁ ସଚେତନ କରାଇବା ଦିଗରେ ସରକାରୀବାବୁମାନେ ଯେଭଳି ତତ୍ପର ଓ ଦାୟିତ୍ୱବାନ୍ ହେବା କଥା ତାହା ହୋଇ ନ ଥାନ୍ତି । ସାଧାରଣ ଲୋକେ ଏହାର କୁପରିଣାମ ହିଁ ଭୋଗ କରିଥାନ୍ତି। ଏକଥା ସତ ଯେ, ଦାୟିତ୍ୱ ନିର୍ବାହର ଦାୟବଦ୍ଧତା ଆମ ଭିତରେ ରହିପାରିଲେ ପଛକୁ ଆମକୁ ଦୋଷ ଦେବାକୁ କେହି ନ ଥିବେ।

**ଶଂଖିଡ଼ା, ତିହିଡ଼ି, ଭଦ୍ରକ,**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

ଝାଡ଼ଖଣ୍ଡର ବରକୁଲି ଗାଁର ମହିଳା ଜ୍ଞାନଲତା ହେମ୍ବ୍ରମ୍ ଜୈବିକ ପଦ୍ଧତିରେ ଚାଷ କରିବା ସହ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ ଚଳାଇବାକୁ ସକ୍ଷମ ହୋଇଛନ୍ତି। ୨୦୨୧ରେ ସେ ପ୍ରଫେଶନାଲ ଆସିଟେନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ( ପ୍ରଦାନ) ନାମକ ସଂସ୍ଥା ସହଯୋଗରେ ଜୈବିକ ଚାଷ ଆରମ୍ଭ କରିଥିଲେ। ପ୍ରଦାନ ବିଶେଷକରି ମହିଳାଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ପାଇଁ କାମ କରୁଛି। ଏହା ସହଯୋଗ ପାଇବା ପରେ ଜ୍ଞାନଲତା ୬ ଏକର ଜମିରେ ଟମାଟୋ, ବାଇଗଣ, ଲଙ୍କା, କୋବି, କ୍ୟାପ୍‌ସିକମ୍ ଆଦି ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ପ୍ରଦାନ ଦ୍ୱାରା ପ୍ରତିଷ୍ଠା କରାଯାଉଥିବା ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ସ୍ଥାନୀୟ ମହିଳା ଚାଷୀଙ୍କୁ ସହଯୋଗ କରୁଛି। ତେବେ ଜ୍ଞାନଲତା ନିଜ ଅଞ୍ଚଳରେ ଏହାର ଦାୟିତ୍ୱ ନେବା ପରେ ତାଙ୍କ ଗାଁ ଓ ଆଖପାଖ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଏହା ସହ ଯୋଡ଼ି ଜୈବିକ ଚାଷ ପାଇଁ ପ୍ରେରିତ କରୁଛନ୍ତି। ଏହା ମାଧ୍ୟମରେ ମହିଳାଙ୍କ କୃଷି ଉତ୍ପାଦ ବିନା ମଧ୍ୟସ୍ଥରେ ବିକ୍ରି କରାଯିବା ସହ ଜିଆଖତ ପ୍ରସ୍ତୁତ କରାଯାଉଛି। ପ୍ରଥମ ବର୍ଷ ଜ୍ଞାନଲତା ବିଆର୍‌ସି ମାଧ୍ୟମରେ ୬୦,୦୦୦ ଟଙ୍କାର ବିଜ୍‌ନେସ କରିଥିବାବେଳେ ଏବେ ଏହା ୧୦ ଲକ୍ଷ ଟଙ୍କାରେ ପହଞ୍ଚିଗଲାଣି। ଜ୍ଞାନଲତା ଚାଷୀଙ୍କୁ ବିଭିନ୍ନ ପନିପରିବାର ଚାରାଗଛ ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ଚାଷୀମାନେ କିଭଳି କମ୍ ଖର୍ଚ୍ଚରେ ଚାରାଗଛ ଉତାରିପାରିବେ, ସେଥିରେ ମଧ ସେମାନଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୭୬

- ଆଦିବାସୀ ଅଞ୍ଚଳରେ ମହୁଚାଷ ପାଇଁ ୪୦.୬୯ ଲକ୍ଷ ଟଙ୍କା ବ୍ୟୟ କରାଯିବା ନେଇ ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସ୍ଥିର କରିଛି।
- ଇସ୍ପାତ କାରଖାନାର ଯନ୍ତ୍ରପାତି ଉତ୍ପାଦନ ନିମନ୍ତେ ଭାରତ ଗୁରୁଯନ୍ତ୍ରପାତି କର୍ପୋରେଶନ ଓ ସୋଭିଏତ ଭାରି ଇଞ୍ଜିନିୟରିଂ ମଧରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଦେଶରେ ଗୋଦାମଘରର ଅଭାବ ଦୂର କରିବା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୧୩୦ କୋଟି ଟଙ୍କାର ସାହାଯ୍ୟ ପ୍ରତିଶ୍ରୁତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 5 | |
| | 5 | 6 | | | | 8 | | |
| | | 2 | | 6 | | 7 | | |
| | 4 | | 8 | | 3 | | | |
| 1 | | | 2 | | | | | 7 |
| 3 | | 8 | 9 | 5 | | | | |
| 9 | | | | | | | | |
| 2 | | 3 | 7 | | 4 | | | 5 |
| | | | | | 9 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 5 | 2 | 1 | 6 | 3 | 4 |
| 6 | 2 | 5 | 3 | 4 | 7 | 8 | 9 | 1 |
| 1 | 4 | 3 | 9 | 8 | 6 | 7 | 5 | 2 |
| 4 | 6 | 1 | 7 | 5 | 8 | 3 | 2 | 9 |
| 2 | 3 | 8 | 4 | 6 | 9 | 1 | 7 | 5 |
| 9 | 5 | 7 | 2 | 1 | 3 | 4 | 6 | 8 |
| 7 | 9 | 2 | 8 | 3 | 4 | 5 | 1 | 6 |
| 5 | 1 | 4 | 6 | 7 | 2 | 9 | 8 | 3 |
| 3 | 8 | 6 | 1 | 9 | 5 | 2 | 4 | 7 |

ଗତକାଲିର ଉତ୍ତର

# ସନ୍ଦେହରେ ଗଣତନ୍ତ୍ରର ମୂଳଦୁଆ



ବିଚିତ୍ର ବିଶାଳ

ଆମ ଦେଶର ଗଣତନ୍ତ୍ରର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ପ୍ରଶ୍ନ ଉଠିଛି ଆମ ନିର୍ବାଚନୀ ବ୍ୟବସ୍ଥା ଉପରେ। ନିର୍ବାଚନ କମିଶନ ପ୍ରସ୍ତୁତ କରୁଥିବା ଭୋଟର ତାଲିକା ଉପରେ, ଯାହାର ଆଧାରରେ ଦେଶର ପ୍ରତ୍ୟେକ ନାଗରିକ ଭୋଟଦେବା ପାଇଁ ଯୋଗ୍ୟ ବା ଅଯୋଗ୍ୟ ବିବେଚିତ ହୁଅନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରଶ୍ନ ଦେଶର ବିରୋଧୀ ଦଳ ନେତା ତଥ୍ୟ ପ୍ରମାଣ ସହ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଉଠାଇଛନ୍ତି। ଭୋଟ ଚୋରି ପ୍ରଶ୍ନ ଉତ୍ଥାପନର ଗୋଟେ ସପ୍ତାହ ପରେ ନିର୍ବାଚନ କମିଶନ ସାମ୍ବାଦିକ ସମ୍ମିଳନୀକରି ତା'ର ଉତ୍ତର ରଖିଛନ୍ତି। କିନ୍ତୁ ତାଙ୍କ ଉତ୍ତର ଅନେକଙ୍କୁ ସନ୍ତୁଷ୍ଟ କରିପାରିନାହିଁ ଓ ନିର୍ବାଚନ କମିଶନଙ୍କ ସ୍ୱଚ୍ଛତା ଏବଂ ନିରପେକ୍ଷତାକୁ ସନ୍ଦେହ ଘେରକୁ ଟାଣିନେଉଛି। ଏପରିକି ନିର୍ବାଚନ କମିଶନ ଅନେକ ପ୍ରଶ୍ନର ଉତ୍ତର ନ ଦେଇ ଏଡ଼ାଇଯାଇଛନ୍ତି ଓ ଅଭିଯୋଗ କରିଥିବା ଅଭିଯୋଗକାରୀଙ୍କୁ ସତ୍ୟପାଠ ଦେବା ପାଇଁ ଆହ୍ୱାନ ଦେଇଛନ୍ତି। ଏତିକି ହିଁ ଯଥେଷ୍ଟ ମନେହୁଏ, ନିର୍ବାଚନ କମିଶନ ପରି ଗୋଟେ ସ୍ୱତନ୍ତ୍ର ଅନୁଷ୍ଠାନର ନୈତିକ ଦୁର୍ବଳତାକୁ ବୁଝିବା ପାଇଁ। ପୂରା ପ୍ରକରଣରେ ନିର୍ବାଚନ କମିଶନଙ୍କ ପୂର୍ବରୁ ଶାସକ ଦଳ ନେତାମାନେ କୁଦିପଡ଼ି ସାମ୍ନାକୁ ଆସି ନିର୍ବାଚନ କମିଶନଙ୍କ ଢାଲ ସାଜିଛନ୍ତି।





ଏବେ ବିହାରରେ ଏସ୍‌ଆଇଆର୍(ସ୍ପେଶିଆଲ ଇଣ୍ଟେନ୍‌ସିଭ ରିଭିଜନ)ଚାଲିଛି। ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଭୋଟର ତାଲିକାକୁ ତନ୍ନତନ୍ନକରି ସମୀକ୍ଷା କରିବା ଏହାର ଲକ୍ଷ୍ୟ ହୋଇଥିବା ବେଳେ ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟ ପରେ ବିରୋଧୀ ଦଳ ଓ ବୁଦ୍ଧିଜୀବୀମାନେ ଏହାକୁ ସୁପ୍ରିମକୋର୍ଟଙ୍କ ଦୁଆରକୁଟାଣି ନେଇଛନ୍ତି। ଏସ୍‌ଆଇଆର୍‌ରେ ୬୫ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟାଯାଇଛି। ଏହାକୁ ଚ୍ୟାଲେଞ୍ଜକରି ଜଣେ ଅଭିଯୋଗକାରୀ ଯୋଗେନ୍ଦ୍ର ଯାଦବ, ମୃତ ଘୋଷଣା କରି ନାମ କଟାଯାଇଥିବା ୩ ଜଣ ଭୋଟରଙ୍କୁ ଆଣି ସୁପ୍ରିମକୋର୍ଟରେ ବିଚାରପତିଙ୍କ ଆଗରେ ଠିଆ କରିଥିଲେ। ଏସବୁ ଘଟଣା ପୁନଶ୍ଚ ନିର୍ବାଚନ କମିଶନଙ୍କ ସ୍ୱଚ୍ଛ ଭୂମିକାକୁ ଧୂଆଁଳିଆ କରୁଛି।

ରାଜନୈତିକ ଦଳ ପ୍ରେମରୁ ଊର୍ଦ୍ଧ୍ୱକୁ ଉଠି ନିରପେକ୍ଷ ଭାବେ ଆମ ଗଣତନ୍ତ୍ରର ସ୍ୱଚ୍ଛତା କଥା ଚିନ୍ତାକଲେ, ଏପରି ଅଭିଯୋଗ ଓ ପ୍ରତ୍ୟାଭିଯୋଗ ଦେଶର ନାଗରିକ ଭାବେ ଆମ ପାଇଁ ଏକ ନିରାଶାର ବାତାବରଣ ସୃଷ୍ଟିକରୁଛି। ଗଣତନ୍ତ୍ରର ମୂଳଦୁଆ ଦୁର୍ବଳ ହେଲେ ଏହା ସମଗ୍ର ଦେଶକୁ ବିପତ୍ତି ଦିଗରେ ବୋହିନେବ। ଯଦି ସତରେ ଭୋଟର ତାଲିକାକୁ ଉଦ୍ଦେଶ୍ୟମୂଳକ ଭାବେ ଯୋଡ଼େଇ ବା ଛଟେଇ କରାଯାଉଛି (ପ୍ରମାଣ ସହ ଯେପରି ଅଭିଯୋଗମାନ ଆସୁଛି) ତେବେ ଏହା ଦେଶ ସହ ଧୋକାବାଜି। ଏପରି କ୍ଷେତ୍ରରେ ଶାସକ ଓ ବିରୋଧୀ ଦଳର ନେତାମାନେ ଯାହା ବି କରନ୍ତୁ, କିନ୍ତୁ ନିର୍ବାଚନ କମିଶନ ନିଜ ସ୍ୱଚ୍ଛତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି।

ଆମ ଚାରିପଟେ ଏକାଧିକ ଦେଶରେ ମୃତ ଗଣତନ୍ତ୍ର ଓ ସ୍ୱେଚ୍ଛାଚାରୀ ଶାସନକୁ ଆମେ ଦେଖୁଛନ୍ତି ଏବଂ ସେଠାରେ ସାଧାରଣ ଲୋକଙ୍କର ଦୈନ୍ୟ ପରିସ୍ଥିତିକୁ ଅଳ୍ପେ ବହୁତେ ବୁଝୁଛନ୍ତି। ଟିକେ ଚିନ୍ତା କରନ୍ତୁ – ଯଦି ଏବେର ସରକାର ସମ୍ବିଧାନ ପରିବର୍ତ୍ତନକରି ନିୟମ କରିଦେବେ, ଆସନ୍ତା ସବୁ ସମୟ ପାଇଁ ଦେଶରେ ବର୍ତ୍ତମାନର ଶାସକ ଦଳ ହିଁ ଶାସନ କରିବେ, ତେବେ କ'ଣ ହେବ! ଆମେମାନେ କ'ଣ ଏଥିରେ ରାଜିହୋଇ ଏପରି ହେବାକୁ ଛାଡ଼ି ଦେଇପାରିବା! ନିଶ୍ଚିତ ଭାବେ ଏହାର ଉତ୍ତର ହେବ 'ନା'। କିନ୍ତୁ ଏବେ ସମୟ ବଦଳିଛି। ଚିରକାଳ କ୍ଷମତାରେ ରହିବା ପାଇଁ ଆଉ ଖଣ୍ଡା, ଭୁଜାଲି, ଗୁଳି, ବନ୍ଧୁକ ଲୋଡ଼ା ନାହିଁ। ଏପରି ରଣକୌଶଳ ବି ପୁରୁଣା ହୋଇଗଲାଣି। ଏହା ପ୍ରଯୁକ୍ତି ଓ ଡାଟାର ଯୁଗ। କମ୍ପ୍ୟୁଟର ସାମ୍ନାରେ ବସି ଆମ ମୁଣ୍ଡକୁ ନିୟନ୍ତ୍ରଣ କରିବା ପାଇଁ ଘମାଘୋଟ ପ୍ରୟାସ ଚାଲୁଛି। ଏବେ ଗୁରୁତ୍ୱପୂର୍ଣ୍ଣ ସ୍ୱାଧୀନ ଅନୁଷ୍ଠାନଗୁଡ଼ିକୁ ବ୍ୟବହାରକରି କ୍ଷମତାକୁ ନିରଙ୍କୁଶ କରିବା ପାଇଁ ଯେପରି ଭାବେ ବିରୋଧୀ ସ୍ୱରକୁ ଦବେଇବାକୁ ଚେଷ୍ଟା କରାଯାଉଛି, ଏହା ସ୍ୱେଚ୍ଛାଚାରିତାର ମୃଦୁ ପଦପାତ ଓ ଗଣତନ୍ତ୍ରର ଦୁର୍ବଳୀକରଣ ପ୍ରକ୍ରିୟା ବୋଲି ବୁଝିବାକୁ ହେବ। ଏହି ଧାରାରେ କେହି ଯଦି ନିର୍ବାଚନ କମିଶନଙ୍କୁ ନିୟନ୍ତ୍ରଣକୁ ନେଇ ନିର୍ବାଚନମଣ୍ଡଳୀ ଅନୁଯାୟୀ ହିସାବ ନିକାଶକରି କେବଳ ସମର୍ଥିତ ଭୋଟରମାନଙ୍କୁ ଲିଷ୍ଟରେ ଯୋଡ଼ିବ ଓ ବିରୋଧୀମାନଙ୍କୁ ଲିଷ୍ଟରୁ କାଟିବାରେ ସଫଳ ହେବ, ତେବେ ସେହି ଦଳ ନିରଙ୍କୁଶ ଭାବେ ନିଜ ପାଖରେ କ୍ଷମତା ରଖିବାରେ ସଫଳ ହେବ। ତେଣୁ ଏପରି ପରିସ୍ଥିତିରେ ରାଜନୀତି ଓ ନିଜ ପସନ୍ଦ ନାପସନ୍ଦରୁ ଊର୍ଦ୍ଧ୍ୱକୁ ଉଠି ନିର୍ବାଚନ କମିଶନଙ୍କୁ ଅନେକ ଦୃଢ଼ ପଦକ୍ଷେପ ନେଇ ନିର୍ବାଚନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ହେବ। ତା'ହେଲେ ହିଁ ନିର୍ବାଚନ କମିଶନ ନିଜ ଗାରିମାର ପ୍ରତିଷ୍ଠା କରିପାରିବେ ଓ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ।

ପ୍ରଥମେ ତ ନିର୍ବାଚନ କମିଶନ କମ୍ପ୍ୟୁଟରୀକୃତ ମେଶିନ ପଠନୀୟ ଫର୍ମାଟରେ(ମେଶିନ ରିଡେବୁଲ) ଭୋଟର ଲିଷ୍ଟକୁ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରିବା ଆବଶ୍ୟକ। ଏହା ଦ୍ୱାରା କିଛି ବି କାହାକୁ ଅଛପା ରହିବ ନାହିଁ। ମୁକ୍ତ ତଥ୍ୟ ଓ ସୂଚନା ଗଣତନ୍ତ୍ରର ବିଭବ। ଯାହାର ନାମ ଭୋଟର ଲିଷ୍ଟରୁ କଟାଯାଉଛି, ତା'ର ସ୍ପଷ୍ଟ କାରଣ ଉଲ୍ଲେଖ ହେଉ ଓ ଏହା ସର୍ବସାଧାରଣରେ ଉପଲବ୍ଧ ହେଉ। ଏଥିସହ ଭୋଟ କେନ୍ଦ୍ର ବାହାରର ସିସି ଟିଭି ରେକର୍ଡିଂ ସଂରକ୍ଷିତକରି ରଖାଯାଉ ଓ ଅନୁରୋଧକାରୀଙ୍କୁ ଦେବା ପାଇଁ ନିର୍ବାଚନ କମିଶନ ପଛଘୁଞ୍ଚା ଦିଅନ୍ତୁ ନାହିଁ। ଫର୍ମ ୧୭– ସି'କୁ ଅନ୍ତତଃ ପକ୍ଷେ ବୁଥ୍ ସ୍ତରରେ ସାର୍ବଜନୀନ କରାଯାଉ। ଫଳରେ ଲୋକମାନେ ଜାଣିପାରିବେ ସେମାନଙ୍କ ବୁଥ୍‌ରେ ସମୁଦାୟ କେତେ ଭୋଟ ପଡ଼ିଲା। ଏମିତି ହେଲେ ପରବର୍ତ୍ତୀ ସମୟରେ ସମୁଦାୟ ଭୋଟ ସଂଖ୍ୟାରେ ନକଲି ଭୋଟ ଯୋଡ଼ିହେବ ନାହିଁ କି ବୈଧ ଭୋଟ କାଟିହେବ ନାହିଁ। ଫର୍ମ – ୬ ମାଧ୍ୟମରେ ଯେଉଁ ନୂଆ ଭୋଟର ଯୋଡ଼ିହେଲେ ତାହାର ସୂଚନା ବୁଥ୍ ସ୍ତରରେ ଲୋକଙ୍କ ପାଇଁ ଉପଲବ୍ଧ ହେଉ। ସମସ୍ତେ ଜାଣିବେ କେଉଁ ନୂଆ ଭୋଟର ଲିଷ୍ଟରେ ଯୋଡ଼ି ହେଲେ ଓ ଏହା ବୈଧ କି ଅବୈଧ। ପ୍ରକ୍ରିୟା ଯେତେ ଯେତେ ମୁକ୍ତ, ସ୍ପଷ୍ଟ ଓ ଲୋକଙ୍କ ପାଇଁ ଉପଲବ୍ଧ ହେବ, ସନ୍ଦେହ ସେତେ କମ୍ ହେବ। ଏହା ଗଣତନ୍ତ୍ରର ଭାବନାକୁ ଦୃଢ଼କରିବ ଓ ଦେଶ ଶକ୍ତିଶାଳୀ ହେବ। ସମସ୍ତ ତଥ୍ୟ ସାର୍ବଜନୀନ ହେଲେ ଓ ମେଶିନ ପଠନୀୟ ଫର୍ମାଟ୍‌ରେ ଉପଲବ୍ଧ ହେଲେ ସାଧାରଣ ନାଗରିକମାନେ ତା'ର ସମୀକ୍ଷା କରିପାରିବେ ଓ କୌଣସି ତ୍ରୁଟିକୁ ଉଜାଗରକରି ସଂଶୋଧନ ପାଇଁ ଦାବି କରିପାରିବେ। ଆମ ଗଣତନ୍ତ୍ରକୁ ସ୍ୱଚ୍ଛ ତଥା ସମୃଦ୍ଧ କରିବା ଓ ସେଥିରେ ଜନଭାଗୀଦାରିକୁ ନିଶ୍ଚିତ କରିବା ହିଁ ଅସଲ ସ୍ୱାଧୀନତା। ଏହାକୁ କେବଳ ରାଜନୈତିକ ଦଳଙ୍କ ହାତରେ କି କୌଣସି ଅନୁଷ୍ଠାନ ହାତରେ ଏକପାଖିଆ ଭାବେ ଛାଡ଼ିଦେଲେ ଚଳିବ ନାହିଁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ଆପତ୍ତିଜନକ ଟିପ୍ପଣୀ ନିନ୍ଦନୀୟ

ମହାଶୟ,

ପ୍ରଧାନମନ୍ତ୍ରୀ ମୋଦିଙ୍କ ମା'ଙ୍କ ପ୍ରତି ବିରୋଧୀ ଦଳମାନେ ଆପତ୍ତିଜନକ ଟିପ୍ପଣୀ ଦେଇ ସମାଲୋଚନା କରିବା ସାମ୍ବିଧାନିକ ଧାରା ଅନୁସାରେ ବାକ୍‌ସ୍ୱାଧୀନତାର ମୌଳିକ ଅଧିକାର ନୁହେଁ। ଆଇନତଃ, ଏହା ଏକ ନିନ୍ଦନୀୟ ଓ ଅକ୍ଷମଣୀୟ ରାଜନୈତିକ ଅପରାଧ ବୋଲି ବିବେଚନା କରାଯିବା ଦରକାର। ବିରୋଧୀମାନେ ନିର୍ବାଚନ ପ୍ରଚାର କଲାବେଳେ କାହାର ସମ୍ମାନ ହାନି କରିବା ଭଳି ମନ୍ତବ୍ୟ ଦେବାରୁ ଦୂରେଇ ରହିବା ଆବଶ୍ୟକ। ଶାସକ ଦଳର ପ୍ରଶାସନିକ କ୍ଷମତାର ଅପବ୍ୟବହାର, ଦୁର୍ନୀତି ଏବଂ ଶାସନ ପଦ୍ଧତିକୁ ସମାଲୋଚନା କରିବା ଯଦିଓ ବିରୋଧୀ ଦଳର କର୍ତ୍ତବ୍ୟ, ତଥାପି ସମାଲୋଚନା ସବୁ ଯୁକ୍ତି ସଙ୍ଗତ ଓ ଗଠନମୂଳକ ହେବା ଆବଶ୍ୟକ। ପ୍ରତ୍ୟେକ ବିରୋଧୀ ଦଳ ସଦସ୍ୟମାନେ ହିଁ ନିର୍ବାଚିତ ଜନ ପ୍ରତିନିଧି ଓ ଶାସନର ଜାଗ୍ରତ ପ୍ରହରୀ ରୂପେ ଦେଶର ବିକାଶ ଓ ସମ୍ମାନ ବୃଦ୍ଧି ପ୍ରତି ଧ୍ୟାନଶୀଳ ହେବା ଉଚିତ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ବସି ତହିଁ
ଉଦାସ ବେଦନା ବହି
ଚକ୍ରବାକ ନିର୍ବାକ ଦମ୍ପତି
ଭାଳେ ହରାଇବ ଅବା କି ସ୍ୱର୍ଗ-ସମ୍ପତ୍ତି ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମିଜୋରାମକୁ ରେଳ ସଂଯୋଗ



ଅଶ୍ୱିନୀ ବୈଷ୍ଣବ

ଦୀର୍ଘଦିନ ଧରି ଉତ୍ତର-ପୂର୍ବାଞ୍ଚଳକୁ ଏକ ଦୂର ସୀମାନ୍ତ ଭାବେ ବିବେଚନା କରାଯାଉଥିଲା, କାରଣ ସେହି ଅଞ୍ଚଳ ବିକାଶ ପାଇଁ ଅପେକ୍ଷାରତ ଥିଲା। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ରହୁଥିବା ଆମର ଭାଇଭଉଣୀମାନେ ପ୍ରଗତି ପାଇଁ ଆକାଂକ୍ଷା ବହନ କରୁଥିଲେ, କିନ୍ତୁ ଆବଶ୍ୟକ ଭିତ୍ତିଭୂମି ଓ ସୁଯୋଗ ସେମାନଙ୍କ ନିକଟକୁ ପହଞ୍ଚି ପାରି ନ ଥିଲା।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ପୂର୍ବାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କଲେ ସେତେବେଳେ ପରିବର୍ତ୍ତନ ଘଟିବା ଆରମ୍ଭ ହେଲା। ଦୂର ସୀମାନ୍ତରୁ ଉତ୍ତର-ପୂର୍ବାଞ୍ଚଳ ଏବେ ଏକ ଅଗ୍ରଣୀ କ୍ଷେତ୍ର ଭାବରେ ସ୍ୱୀକୃତି ପାଇଛି।

## ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି

ଏହି ପରିବର୍ତ୍ତନ ରେଳବାଇ, ବିମାନ ବନ୍ଦର ଏବଂ ଡିଜିଟାଲ ସଂଯୋଗୀକରଣ କ୍ଷେତ୍ରରେ ରେକର୍ଡ ପରିମାଣର ପୁଞ୍ଜି ନିବେଶ ମାଧ୍ୟମରେ ସମ୍ଭବ ହୋଇପାରିଛି। ସ୍ୱାକ୍ଷରିତ ଶାନ୍ତି ଚୁକ୍ତି ସେଠାରେ ସ୍ଥିରତା ଆଣୁଛି। ଲୋକମାନେ ସରକାରୀ ଯୋଜନାରୁ ଆଶାନୁରୂପ ଭାବରେ ଉପକୃତ ହୋଇପାରୁଛନ୍ତି।

ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଉତ୍ତର-ପୂର୍ବ ଅଞ୍ଚଳକୁ ଭାରତର ବିକାଶ କାହାଣୀର କେନ୍ଦ୍ର ଭାବରେ ଦେଖାଯାଉଛି। ଉଦାହରଣ ସ୍ୱରୂପ, ରେଳବାଇରେ ପୁଞ୍ଜିନିବେଶ ଉଦାହରଣକୁ ବିଚାର କରନ୍ତୁ। ୨୦୦୯-୧୪ ତୁଳନାରେ ଏହି କ୍ଷେତ୍ର ପାଇଁ ରେଳବଜେଟ ଆବଣ୍ଟନ ପାଞ୍ଚଗୁଣ ବୃଦ୍ଧିପାଇଛି। କେବଳ ଚଳିତ ଆର୍ଥିକ ବର୍ଷରେ ୧୦,୪୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ୨୦୧୪ରୁ ୨୦୨୫ ପର୍ଯ୍ୟନ୍ତ ମୋଟ ବଜେଟ ଆବଣ୍ଟନ ୬୨,୪୭୭ କୋଟି ଟଙ୍କା ଛୁଇଁଛି। ଆଜି ୭୭,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ସେଠାରେ କାର୍ଯ୍ୟକାରୀ ହେଉଛି। ପୂର୍ବରୁ ଉତ୍ତର-ପୂର୍ବରେ ଏତେ ରେକର୍ଡ ପରିମାଣର ନିବେଶ କେବେ ସୁଦ୍ଧା ହୋଇ ନ ଥିଲା।

## ମିଜୋରାମରେ ପ୍ରଥମ

ମିଜୋରାମ ଏହି ଅଭିବୃଦ୍ଧି କାହାଣୀର ଏକ ବିଶେଷ ଅଂଶ। ରାଜ୍ୟ ଏହାର ସମୃଦ୍ଧ ସଂସ୍କୃତି, କ୍ରୀଡ଼ା ପ୍ରତି ଶ୍ରଦ୍ଧା ଏବଂ ମନଲୋଭା ସୁନ୍ଦର ପାହାଡ଼ ପାଇଁ ଜଣାଶୁଣା। ତଥାପି ଦଶନ୍ଧି ଦଶନ୍ଧି ଧରି ଏହା ସଂଯୋଗୀକରଣର ମୁଖ୍ୟଧାରାଠାରୁ ଦୂରରେ ରହିଆସିଥିଲା। ସଡ଼କ ଏବଂ ବିମାନ ସଂଯୋଗ ସୀମିତ ଥିଲା। ରେଳପଥ ମଧ୍ୟ ରାଜଧାନୀ ପର୍ଯ୍ୟନ୍ତ ପହଞ୍ଚିପାରି ନ ଥିଲା। ଲୋକମାନଙ୍କର ଆଶା ଓ ଆକାଂକ୍ଷା ଜୀବନ୍ତ ଥିଲା, କିନ୍ତୁ ବିକାଶର ଚିହ୍ନ ସତେଯେପରି କେଉଁଆଡ଼େ ହଜି ଯାଇଥିଲା। ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ବର୍ତ୍ତମାନ ଆଉ ସେହି ବ୍ୟବସ୍ଥା ରହିନାହିଁ।

ଆସନ୍ତାକାଲି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ବୈରାବୀ-ସାଇରାଙ୍ଗ ରେଳଲାଇନର ଉଦ୍‌ଘାଟନ ମିଜୋରାମ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ। ୮,୦୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ୫୧ କିଲୋମିଟର ପ୍ରକଳ୍ପ ପ୍ରଥମ ଥର ପାଇଁ ଆଇଜଲକୁ ଜାତୀୟ ରେଳ ନେଟ୍‌ୱର୍କ ସହିତ ସଂଯୋଗ କରିବ।

ଏହା ସହିତ ପ୍ରଧାନମନ୍ତ୍ରୀ ସାଇରାଙ୍ଗରୁ ଦିଲ୍ଲୀ (ରାଜଧାନୀ ଏକ୍ସପ୍ରେସ୍), କୋଲକାତା (ମିଜୋରାମ ଏକ୍ସପ୍ରେସ୍) ଏବଂ ଗୁଆହାଟୀ(ଆଇଜଲ ଇଣ୍ଟରସିଟି) ପର୍ଯ୍ୟନ୍ତ ତିନୋଟି ନୂତନ ରେଳ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ।

ଏହି ନୂତନ ରେଳଲାଇନ ଦୁର୍ଗମ ପାହାଡ଼ିଆ ଭୂମି ଦେଇ ଗତି କରୁଛି। ମିଜୋରାମକୁ ରେଳ ସଂଯୋଗ କରିବା ପାଇଁ ରେଳ ଇଞ୍ଜିନିୟରମାନେ ୧୪୩ଟି ସେତୁ ଏବଂ ୪୫ଟି ସୁଡ଼ଙ୍ଗ ନିର୍ମାଣ କରିଛନ୍ତି। ଏହି ସେତୁମାନଙ୍କ ମଧ୍ୟରୁ ଗୋଟିଏର ଉଚ୍ଚତା ଦିଲ୍ଲୀର କୁତୁବମିନାରଠାରୁ ମଧ୍ୟ ଅଧିକ। ବାସ୍ତବରେ ଏହି ରେଳପଥଟିର ନିର୍ମାଣ ଅନ୍ୟ ହିମାଳୟ ଅଞ୍ଚଳରେ ଥିବା ରେଳଲାଇନମାନଙ୍କ ପରି 'ସେତୁ-ସୁଡ଼ଙ୍ଗ-ସେତୁ'ର ପୁନରାବୃତ୍ତିଶୀଳ ପ୍ରକାରେ ହୋଇଛି।

## ହିମାଳୟ ଟନେଲିଂ ପଦ୍ଧତି

ଉତ୍ତର-ପୂର୍ବାଞ୍ଚଳର ହିମାଳୟ ଅପେକ୍ଷାକୃତ ଯୁବ ପର୍ବତ, ଯେଉଁଠାରେ ନରମ ମାଟି ଏବଂ ଜୈବିକ ପଦାର୍ଥର ବିପୁଳ ଭାଗ ରହିଛି। ଏହି ପରିସ୍ଥିତିରେ ସୁଡ଼ଙ୍ଗ ଏବଂ ସେତୁ ନିର୍ମାଣ କରିବା ସାଧାରଣତଃ ଆହ୍ୱାନ ସୃଷ୍ଟି କରେ। ପାରମ୍ପରିକ ନିର୍ମାଣ ପଦ୍ଧତି ଏଠାରେ ବିଫଳ ହୁଏ, କାରଣ ଫମ୍ପା ମାଟି ନିର୍ମାଣକୁ ଆବଶ୍ୟକ ସ୍ଥିରତା ଯୋଗାଇପାରେ ନାହିଁ।

ଏହାକୁ ଦୂର କରିବା ପାଇଁ ଆମର ଇଞ୍ଜିନିୟରମାନେ ଏକ ନୂତନ ଏବଂ ଚତୁର ପଦ୍ଧତି ବିକଶିତ କରିଥିଲେ, ଯାହା ବର୍ତ୍ତମାନ ହିମାଳୟ ଟନେଲିଂ ପଦ୍ଧତି ଭାବରେ ସର୍ବତ୍ର ଜଣାଶୁଣା। ଏହି ପ୍ରଣାଳୀରେ ମାଟିକୁ ପ୍ରଥମେ ସ୍ଥିର କରାଯାଏ ଏବଂ ତା'ପରେ ସୁନିର୍ମାଣ କରିବା ପାଇଁ ଏହାକୁ ଶକ୍ତିଶାଳୀ କରାଯାଏ। ଏହା ଆମକୁ ଏହି ଅଞ୍ଚଳର ସବୁଠାରୁ କଠିନ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଗୋଟିଏକୁ ସମାପ୍ତ କରିବାରେ ସକ୍ଷମ କରିଛି।

ଭୂକମ୍ପପ୍ରବଣ ଅଞ୍ଚଳରେ ଉଚ୍ଚ ସେତୁମାନଙ୍କ ସ୍ଥିରତା ମଧ୍ୟ ଏକ ବଡ଼ ଆହ୍ୱାନ ଥିଲା। ଏଠାରେ ବିଶେଷ ଡିଜାଇନ ଏବଂ ଉନ୍ନତ କୌଶଳ ନିୟୋଜନ କରାଯାଇଥିଲା, ଯାହା ସେତୁମାନଙ୍କୁ ସ୍ଥିର ଏବଂ ସୁରକ୍ଷିତ କରିଥିଲା।

ଏହି ଘରୋଇ ଉଦ୍ଭାବନ ବିଶ୍ୱବ୍ୟାପୀ ସମାନ ଭୂଖଣ୍ଡ ପାଇଁ ଏକ ମଡେଲ। ହଜାର ହଜାର ଇଞ୍ଜିନିୟର, ଶ୍ରମିକ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଲୋକମାନେ ଏହାକୁ ସମ୍ଭବ କରିବା ପାଇଁ ସହଯୋଗର ହାତ ବଢ଼ାଇଥିଲେ। ଯେତେବେଳେ ଭାରତ ନିର୍ମାଣ କରିବାକୁ ଦୃଢ଼ ନିଷ୍ପତ୍ତି ନିଏ, ସ୍ମାର୍ଟ ନିର୍ମାଣ ମାଧ୍ୟମରେ ସେହି ସଂକଳ୍ପକୁ କାର୍ଯ୍ୟରେ ପରିଣତ କରେ !

## ଏହି କ୍ଷେତ୍ରକୁ ଲାଭ

ରେଳପଥକୁ ସାଧାରଣତଃ ରାଷ୍ଟ୍ରୀୟ ଅଭିବୃଦ୍ଧିର ଇଞ୍ଜିନ ଭାବରେ ବିବେଚନା କରାଯାଇଥାଏ। ଏହା ନୂଆ ବଜାରଗୁଡ଼ିକୁ ନିକଟତର କରେ, ବାଣିଜ୍ୟ ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ନୂଆ ଗତି ଦେଇଥାଏ। ମିଜୋରାମର ଲୋକଙ୍କ ପାଇଁ ଏହି ନୂତନ ରେଳଲାଇନ ସେମାନଙ୍କ ଜୀବନ ଧାରଣର ସ୍ଥିତିକୁ ନିଶ୍ଚିତ ଭାବରେ ଉନ୍ନତ କରିବ।

ମିଜୋରାମରେ ରାଜଧାନୀ ଏକ୍ସପ୍ରେସ୍ ପ୍ରଚଳନ ସହିତ ଆଇଜଲ ଏବଂ ଦିଲ୍ଲୀ ଆଦି କ୍ଷେତ୍ର ମଧ୍ୟରେ ଯାତ୍ରା ସମୟ ୮ ଘଣ୍ଟା ହ୍ରାସ ପାଇବ। ନୂତନ ଏକ୍ସପ୍ରେସ୍ ଟ୍ରେନଗୁଡ଼ିକ ଆଇଜଲ, କୋଲକାତା ଏବଂ ଗୁଆହାଟୀ ମଧ୍ୟରେ ଯାତ୍ରାକୁ ଦ୍ରୁତ ଏବଂ ସହଜ କରିବ।

କୃଷକମାନେ ବିଶେଷକରି ବାଉଁଶ ଚାଷ ଏବଂ ଉଦ୍ୟାନ କୃଷିରେ ନିୟୋଜିତ ଥିବା ଚାଷୀମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଦ୍ରୁତ ଏବଂ କମ୍ ମୂଲ୍ୟରେ ବ୍ୟାପକ ବଜାରକୁ ପରିବହନ କରିପାରିବେ। ଖାଦ୍ୟଶସ୍ୟ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ମଧ୍ୟ ଏହା ଦ୍ୱାରା ସହଜସାଧ୍ୟ ହେବ। ମିଜୋରାମର ପ୍ରାକୃତିକ ସୌନ୍ଦର୍ଯ୍ୟ ଅଧିକ ସୁଗମ ହେବା ସହିତ ପର୍ଯ୍ୟଟକମାନଙ୍କୁ ମଧ୍ୟ ପ୍ରୋତ୍ସାହନ ମିଳିବ। ଏହା ସ୍ଥାନୀୟ ବ୍ୟବସାୟ ଏବଂ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏହି ପ୍ରକଳ୍ପ ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ନିଯୁକ୍ତି ପାଇଁ ଉତ୍ତମ ପରିବେଶ ଓ ମାର୍ଗ ମଧ୍ୟ ଆଣିବ। ମିଜୋରାମ ପାଇଁ ଏହି ସଂଯୋଗୀକରଣ ଏହିଭଳି ଅନେକ ପ୍ରତିଶ୍ରୁତି ଦିଏ। ଏବେଠାରୁ ଆଇଜଲକୁ ଆଉ ଦୂର ଭାବରେ ଦେଖାଯିବ ନାହିଁ।

## ସାରା ଦେଶର ବିକାଶ

ସାରା ଦେଶରେ ରେଳପଥରେ ରେକର୍ଡ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ସମ୍ପ୍ରତି ୧୦୦ରୁ ଅଧିକ ଅମୃତ ଭାରତ ଷ୍ଟେଶନ ଉଦ୍‌ଘାଟନ କରାଯାଇଛି ଏବଂ ଆଉ ୧,୨୦୦ଟି ପାଇପ୍‌ଲାଇନରେ ଅଛି। ଏହି ଷ୍ଟେଶନଗୁଡ଼ିକ ଯାତ୍ରୀମାନଙ୍କୁ ଆଧୁନିକ ସୁବିଧା ଏବଂ ସହରଗୁଡ଼ିକୁ ଅଭିବୃଦ୍ଧିର ନୂତନ ପେଣ୍ଠସ୍ଥଳ ପ୍ରଦାନ କରିବ।

୧୫୦ରୁ ଅଧିକ ହାଇ-ସ୍ପିଡ୍ ବନ୍ଦେ ଭାରତ ଟ୍ରେନ ଯାତ୍ରୀ ସୁବିଧାରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି। ସେହି ସମୟରେ ପ୍ରାୟ ସମଗ୍ର ନେଟ୍‌ୱର୍କର ବିଦ୍ୟୁତୀକରଣ ଏହାକୁ ସବୁଜ କରୁଛି।

୨୦୧୪ ମସିହା ପରଠାରୁ ସାରା ଦେଶରେ ୩୫,୦୦୦ କିଲୋମିଟର ରେଳ ଟ୍ରାକ୍ ବିଛାଯାଇଛି। ଏହା ପୂର୍ବ ଛଅ ଦଶନ୍ଧିରେ ସାମଗ୍ରିକ ଭାବରେ ହାସଲ କରାଯାଇଥିବା ସଫଳତାଠାରୁ ମଧ୍ୟ ଅଧିକ। କେବଳ ଗତବର୍ଷ ଦେଶରେ ୩,୨୦୦ କିଲୋମିଟର ଦୈର୍ଘ୍ୟ ନୂତନ ରେଳଲାଇନ ଯୋଡ଼ା ଯାଇଥିଲା। ପରିଣାମତଃ ବିକାଶ ଏବଂ ପରିବର୍ତ୍ତନର ଏହି ଗତି ଉତ୍ତର-ପୂର୍ବାଞ୍ଚଳରେ ମଧ୍ୟ ଦୃଶ୍ୟମାନ।

## ଉତ୍ତର-ପୂର୍ବ ପାଇଁ ଦୃଷ୍ଟିକୋଣ

ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆମ ପାଇଁ ଇଷ୍ଟର ଅର୍ଥ-ସଶକ୍ତୀକରଣ, କାର୍ଯ୍ୟାନ୍ୱୟନ, ସୁଦୃଢ଼ୀକରଣ ଏବଂ ରୂପାନ୍ତରଣ।' ଏହି ଶବ୍ଦଗୁଡ଼ିକ ଉତ୍ତର-ପୂର୍ବ ପ୍ରତି ତାଙ୍କ ଆଭିମୁଖ୍ୟର ସାରାଂଶକୁ ଧରି ରଖିଛି।

ବହୁବିଧ ସାମ୍ମୁଖ୍ୟରେ ନିର୍ଣ୍ଣାୟକ କାର୍ଯ୍ୟପନ୍ଥା ଗ୍ରହଣ ଏହି କ୍ଷେତ୍ରର ପରିବର୍ତ୍ତନକୁ ସୁନିଶ୍ଚିତ କରିଛି। ଆସାମରେ ଟାଟାର ସେମିକଣ୍ଡକ୍ଟର ପ୍ଲାଣ୍ଟ, ଅରୁଣାଚଳ ପ୍ରଦେଶରେ ଟାଟା ପରି ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ବୋଗିବିଲ ରେଳ-ତଥା-ସଡ଼କ ସେତୁ ଭଳି ବଡ଼ ପ୍ରକଳ୍ପ ଏହି ଅଞ୍ଚଳକୁ ପୁନଃ ସ୍ୱରୂପ ପ୍ରଦାନ କରିଛି। ଏଥିସହିତ ଗୁଆହାଟୀରେ ଏମ୍ସ ପ୍ରତିଷ୍ଠା ଏବଂ ୧୦ଟି ନୂତନ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ସ୍ୱାସ୍ଥ୍ୟସେବା ଏବଂ ସଂଯୋଗୀକରଣକୁ ସୁଦୃଢ଼ କରିଛି।

## ଫ୍ରଣ୍ଟିୟର ଟୁ ଫ୍ରଣ୍ଟରନର

ଦଶନ୍ଧି ଦଶନ୍ଧି ଧରି ମିଜୋରାମର ଲୋକମାନଙ୍କୁ ସଡ଼କ, ବିଦ୍ୟାଳୟ ଏବଂ ରେଳ ପାଇଁ ଅପେକ୍ଷା କରିବାକୁ କୁହାଯାଉଥିଲା। ସେହି ଅପେକ୍ଷାର ଏବେ ଅନ୍ତ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଉତ୍ତର-ପୂର୍ବ, ଯାହାକୁ ଏକଦା 'ଶେଷ ସୀମାନ୍ତ' ଭାବରେ ଦେଖାଯାଉଥିଲା, ସେହି କ୍ଷେତ୍ରକୁ ଭାରତର ଅଭିବୃଦ୍ଧିର ଅଗ୍ରଣୀ ଅଞ୍ଚଳରେ ପରିଣତ କରିଛି। ଏହା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣର ସାକ୍ଷାତ ପ୍ରମାଣ।

**(ଲେଖକ କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ )**

# ଅନ୍‌ଲାଇନରେ ନୋଟାରି, ଆଇନଜୀବୀଙ୍କ ପ୍ରସ୍ତୁତ ହେବ ଡାଟାବେସ୍

ଭୁବନେଶ୍ୱର,୧୧।୯(ସୁନିତ୍ ମିଶ୍ର)

ରାଜ୍ୟରେ ଆଇନ ପ୍ରକ୍ରିୟାକୁ ସହଜ ଓ ସରଳ କରିବା ଦିଗରେ ନୋଟାରି ଓ ଆଇନଜୀବୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ରମରେ ନୂତନ ନୋଟାରି ନିଯୁକ୍ତି ଏବଂ ଅନ୍‌ଲାଇନ ଯୋଗେ ନୋଟାରି ଓ ଆଇନଜୀବୀଙ୍କ ଡାଟାବେସ୍ ପ୍ରସ୍ତୁତ ନେଇ ଗୁରୁବାର ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୋଟାରି ଓ ଆଇନଜୀବୀଙ୍କ ଲାଗି ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ବିଷୟରେ ଆଲୋଚନା ହୋଇଛି। ଏହି ୱେବ୍ ପୋର୍ଟାଲ ଜରିଆରେ ସବୁ ନୋଟାରି ଓ ଆଇନଜୀବୀଙ୍କୁ ପଞ୍ଜୀକୃତ କରାଯିବ। ନୂଆ ନିଯୁକ୍ତି ଲାଗି ମଧ୍ୟ ନୋଟାରିମାନେ ଏହି ପୋର୍ଟାଲ ଜରିଆରେ ଦରଖାସ୍ତ କରିପାରିବେ। ପରବର୍ତ୍ତୀ ସମୟରେ ନୋଟାରିମାନେ ନିୟମିତ ନିଜ କାର୍ଯ୍ୟର ବିବରଣୀ ଏହି ପୋର୍ଟାଲ ଜରିଆରେ ଦାଖଲ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ଏଥିସହ ସହଜ ବ୍ୟବହାର ଲାଗି ଏକ ମୋବାଇଲ ଆପ୍ ପ୍ରସ୍ତୁତ ପାଇଁ ମନ୍ତ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି। ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର, ଅରୁଣ କୁମାର ସାହୁ ଏବଂ ଯୁଗ୍ମ ଶାସନ ସଚିବ ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଠିକ୍ ଢଙ୍ଗରେ ନ ଚାଲିଲେ ଦଳଠାରୁ ଦୂରେଇଯିବି: ପ୍ରଫୁଲ୍ଲ ମଲ୍ଲିକ

## ଯେପର୍ଯ୍ୟନ୍ତ ସୁବିଧା ମିଳୁଥିଲା ସେପର୍ଯ୍ୟନ୍ତ ସବୁ ଠିକ୍ ଥିଲା: ପ୍ରତାପ

ଭୁବନେଶ୍ୱର,୧୧।୯ (ସୁନିତ୍ ମିଶ୍ର)

ଠିକ୍ ଢଙ୍ଗରେ ନ ଚାଲିଲେ ଦଳଠାରୁ ଦୂରେଇଯିବେ ବୋଲି କହି ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ବିଜେଡିକୁ ଚେତାବନୀ ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଫୁଲ୍ଲ କହିଛନ୍ତି, ସେ ଏବେ ବିଜେଡିରେ ଅଛନ୍ତି। କିନ୍ତୁ କୌଣସି ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗଦେଉନାହାନ୍ତି। ଆଗକୁ ଯଦି ଦଳ ଠିକ୍ ଭାବରେ ନ ଚାଲେ ତେବେ ବିଜେଡିଠାରୁ ସେ ଦୂରେଇଯିବେ। ବିଜେଡି ଠିକ୍ ଢଙ୍ଗରେ ବିରୋଧୀ ଦଳର ଭୂମିକା ନିର୍ବାହ କରୁନାହିଁ। ଦଳ ଏବେ ଆଉ ପୂର୍ବ ବିଚାର ଧାରାରେ ନାହିଁ। ଦଳକୁ ସଙ୍ଗଠିତ କରିବାକୁ ସେ କିଛି ପରାମର୍ଶ ଦେଇଥିଲେ। ପିଏସି, ଶୃଙ୍ଖଳା କମିଟି ଭଳି ୨ଟି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରାଯାଇନାହିଁ। ତାଙ୍କ ସହ କେହି ଆଲୋଚନା କରିନାହାନ୍ତି, ସେ ମଧ୍ୟ କାହାକୁ ଭେଟିନାହାନ୍ତି। ବର୍ତ୍ତମାନ ନୂଆ ବିଜେଡି ଗଠନର ସମୟ ନୁହେଁ। ପୁରୁଣା ବିଜେଡିକୁ ଠିକ୍ ଭାବେ ଚଳାଇବାକୁ ପଡ଼ିବ ବୋଲି ପ୍ରଫୁଲ୍ଲ କହିଛନ୍ତି।

ଅନ୍ୟପଟେ ପ୍ରଫୁଲ୍ଲଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା କହିଛନ୍ତି, ପ୍ରଫୁଲ୍ଲ ମଲ୍ଲିକ ବିଜେଡି ଟିକେଟରେ ୪ ଥର ବିଧାୟକ ହୋଇଛନ୍ତି। ଏହି ସମୟ ମଧ୍ୟରେ ତାଙ୍କୁ ଦଳର ସଭାପତି ପୂର୍ତ୍ତ, ଖଣି ଏବଂ ଇସ୍ପାତ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ଦେଇଥିଲେ। ଯେତେବେଳେ ପର୍ଯ୍ୟନ୍ତ ଦଳ ସରକାରରେ ଥିଲା ସେ ପର୍ଯ୍ୟନ୍ତ ସବୁ ଠିକ୍ ଥିଲା। ଦଳ ଯେତେବେଳେ ସରକାରରୁ ପଳେଇଲା ଏ ଦଳର ସବୁ ଖରାପ ଲାଗିଲା। ଯେପର୍ଯ୍ୟନ୍ତ ସୁବିଧା ମିଳୁଥିଲା ସେତେବେଳ ଯାଏଁ କିଛି ଅସୁବିଧା ନ ଥିଲା ବୋଲି ପ୍ରତାପ କହିଛନ୍ତି।

# ଡ୍ରେନ୍‌ରେ ପଡ଼ିଥିବା ହାତୀଛୁଆ ଉଦ୍ଧାର



ଆଠମଲ୍ଲିକ,୧୧।୯ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ପତାକା ବିଟ୍ ଅଞ୍ଚଳର କୁସୁମ କୁହୁରି ଗ୍ରାମରେ ଜଳସେଚନ ବିଭାଗ ଦ୍ୱାରା ନିର୍ମିତ ଡ୍ରେନ୍‌ରେ ଗୁରୁବାର ଖସି ପଡ଼ିଥିବା ଏକ ହାତୀ ଛୁଆକୁ ଉଦ୍ଧାର କରାଯାଇଛି। ପ୍ରାୟ ୫୦ ମିନିଟ ଧରି ହାତୀ ଛୁଆଟି ଡ୍ରେନ୍ ଭିତରେ ରହିଥିବା ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲେ। ହାତୀଛୁଆଟିର ବୟସ ମାତ୍ର ୩୦ ଦିନ ହୋଇଥିବା ବନବିଭାଗ ଆକଳନ କରିଛି। ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ, ରେଞ୍ଜ ଅଧିକାରୀ ସୁନୀଲ କୁମାର ସାହୁ, ଫରେଷ୍ଟର ପୁଷ୍ପମିତ୍ରା ସିଂହ, ଫରେଷ୍ଟର ସୁବ୍ରତ ଶତପଥୀ, ବନ କର୍ମଚାରୀ ପ୍ରବୀଣ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀ ଛୁଆଟିକୁ ଉଦ୍ଧାର କରିଥିଲେ। ଏହାପରେ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ହାତୀ ଛୁଆଟିକୁ ଜଗି ରହିଛନ୍ତି।


**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.32-KUR-TRD-OT-2025-26

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନରେ କୋଲକାତା-ଚେନ୍ନାଇ ମେନ୍ ଲାଇନରେ ହରିଦାସପୁର (HDS)-ଧାନମଣ୍ଡଳ (DNM) ଷ୍ଟେସନ୍ ମଧ୍ୟରେ NH-53 (ନୂଆ NH-200)ର କି.ମି. 370/25-27 ଠାରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ।

**ବିଜ୍ଞାପିତ ମୂଲ୍ୟ :** ₹ 15,29,188.76, EMD : ₹ 30,600/-, ଶେଷ ହେବା ଅବଧି : 180 ଦିନ।

(2) ଟେଣ୍ଡର ସଂ.33-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ RDSO ରକ୍ଷଣାବେକ୍ଷଣ ନିର୍ଦ୍ଦେଶ ସଂ. TI/MI/0059 REV-3 ଅନୁଯାୟୀ ପକ୍ଷୀ ପ୍ରବଣ (Bird Prone) ଅଞ୍ଚଳରେ ଆଣ୍ଟି-ବାର୍ଡ (Anti-Bird) ଡିସ୍କର ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ :** ₹ 3,72,20,682.88, EMD: ₹ 3,36,100/-, ଶେଷ ହେବା ଅବଧି : 365 ଦିନ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.12.09.2025ରିଖ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2025ରିଖ 1300 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-582/Q/25-26



**ଚକ୍ରଧରପୁର ମଣ୍ଡଳରେ ବିଭିନ୍ନ ପରିସମ୍ପତ୍ତି ପାଇଁ ଇ-ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ନିମ୍ନଲିଖିତ ପରିସମ୍ପତ୍ତି ବର୍ଗ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https:/www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତି ସମୟ |
|---|---|---|---|---|---|
| ୧. | ୱାଟର ଭେଣ୍ଡିଂ ମେଶିନ | ଏମ୍‌ଏସ୍‌ଏସ୍-ଡବ୍ଲ୍ୟୁଭିଏମ୍-ଏସ୍‌ଇପି-୨୫ | ୨୨।୦୯।୨୦୨୫ | ୧୨.୦୦ ଘ. | ୧୩.୦୦ ଘ. |
| ୨. | ବିଜ୍ଞାପନ | ଏଡିଭିଟି-ଏସ୍‌ଇପି-ସିକେପି-୨୫ | ୨୨।୦୯।୨୦୨୫ | ୧୧.୩୦ ଘ. | ୧୨.୩୦ ଘ. |
| ୩. | ପେ' ଆଣ୍ଡ ୟୁଜ୍ ଟଏଲେଟ | ପିଏନ୍‌ୟୁ-ସିକେପି-ଡିଆଇଭି-ଏସ୍‌ଇପି | ୨୪।୦୯।୨୦୨୫ | ୧୨.୦୦ ଘ. | ୧୩.୦୦ ଘ. |

ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ବିଷୟରେ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଯେକୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-617) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**ୟୁନାଇଟେଡ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କୋ. ଲିଃ**
**UNITED INDIA INSURANCE CO. LTD.**

କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର, ଓସିଏଚ୍‌ସି ବିଲ୍ଡିଂ, ୫ମ ମହଲା, ଖାରବେଳ ନଗର ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧, ଫୋନ: ୦୬୭୪-୨୩୯୧୧୮୩

ବିଜ୍ଞାପନ ନଂ.: ୨୬୦୦୦୦/ଇଏସ୍‌ଟି/୦୦୧/୨୦୨୫

**କଟକ, ଓଡ଼ିଶାରେ ଆଭ୍ୟନ୍ତରୀଣ ନବୀକରଣ କାର୍ଯ୍ୟ**

ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ କୋ. ଲିଃ, ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କଟକରେ ଥିବା ବ୍ୟାବସାୟିକ କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଫର୍ଣ୍ଣିଶିଙ୍ଗ୍ କାର୍ଯ୍ୟ ନିମନ୍ତେ କଟକ/ଭୁବନେଶ୍ୱର ଭିତ୍ତିକ ଆଭ୍ୟନ୍ତରୀଣ ସାଜସଜ୍ଜା ଉପରେ ଉତ୍ତମ ଜ୍ଞାନ ଏବଂ ଅଭିଜ୍ଞତା ଥିବା କଣ୍ଟ୍ରାକ୍ଟରମାନଙ୍କ ଠାରୁ ଟେଣ୍ଡର ଆହ୍ୱାନ କରୁଅଛି। ଟେଣ୍ଡରର ସବିଶେଷ ବିବରଣୀ ଏବଂ କାଗଜାତ୍ ଡାଉନଲୋଡ ନିମନ୍ତେ ଆମ୍ଭର ୱେବ୍‌ସାଇଟ୍: www.uiic.co.in/tender ଦେଖନ୍ତୁ। ସମ୍ପୂର୍ଣ୍ଣ ବିଡ୍ ଆମ୍ଭର କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ରେ ତା୧୦.୧୦.୨୦୨୫ରିଖ, ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।

ଭୁବନେଶ୍ୱର
ତା: ୧୨.୦୯.୨୦୨୫

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ



FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, C.D.A, CUTTACK, ODISHA.**
**O.A NO. 394 of 2024**

**UCO Bank, Rourkela Main Branch, Rourkela** ....Applicant
Versus
**M/s. Multi Enterprises & another** ...Defendant(s)

To,
1) **M/s. Multi Enterprises, Properietor: Surya Narayan Mohanty,** At: Shop No.: 27, Sanjay Market Complex, Area No. 7 & 8 Civil Township, Rourkela, Odisha-769004.
2) **Surya Narayan Mohanty,** aged about 50 years, S/o: Kalu Charan Mohanty, At: B/8 Type 1, ESIE Medical Campus, Near Jail Road, Area 7 & 8, P.S.: Raghunathpalli, Rourkela, Odisha-769004.

**SUMMONS BY PAPER PUBLICATION FOR SHOWING SHOW CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the applicant has instituted an **O.A. No.: 394 of 2024** in the Court of Debts Recovery Tribunal, Cuttack for recovery of **Rs.20,93,305.36 paise** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on **13.10.2025 at 10:30 a.m.** as to why reliefs prayed for should not be granted.

Take notice in case of default, the application will be heard and determined in their absence.

Given under my hand seal of this Tribunal on this **20th** day of **August 2025.**

**Sd/- (NIKHILA RANJAN PATI)**
**REGISTRAR**



GOVERNMENT OF ODISHA No.B-477
OFFICE OF THE CHIEF CONSTRUCTION ENGINEER,
CENTRAL (R&B) CIRCLE, BHUBANESWAR
Mail i.dseccbbsr@gmail.com

**E-procurement Tender Call Notice No. 12 of 2025-26**

No.5228 (Estg.) Bhubaneswar the 1st September 2025

The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for two number road works and three numbers building works to be received in online bidding, double cover system for improvement works as detailed in: https://tendersodisha.gov.in. The details of bid documents will be available in the above website from 5.00 P.M. of 15.09.2025 to 5.00 P.M. of 25.09.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 26.09.2025 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal www.tendersodisha.gov.in.

Addendum / corrigendum, if required, will be available only in the website.

Sd./- Er. M.K. Mahananda
Chief Construction Engineer, Central (R&B) Circle, Bhubaneswar
OIPR-34156/11/0044/2526



GOVERNMENT OF ODISHA No.O-739
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR
AT-CHANDIKHOL, P.O.- SUNGUDA, JAJPUR- 754296, Email- serw_kpd@yahoo.com
No.Tender Online RCK-15/25 Letter No.2869 Date: 8.9.25

**e-Procurement NOTICE**

1 Name of the work : Tender for the Bridge Works under (SBY) / Road works under (Impvt. to Existing) in the Dist. of Kendrapara & Jajpur.
2 Class of contractor : As specified in the Column-6 of the Annexure
3 Time of complement : As specified in the Column-7 of the Annexure
4 Detail projects : As per Annexure attached
5 Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-15/25 | 16.09.2025 at 11.00 A.M. | 06.10.2025 to 05.00 P.M. | 04.10.2025 upto 02.00 P.M. | 08.10.2025 at11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0063/2526



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL RURAL WORKS CIRCLE, BHUBANESWAR
No.3985/Date. 06.09.2025

No.O-735

**"e" Procurement Notice For Road Works**

| | | | |
|---|---|---|---|
| 1. | Name of the Work | : | Road works under MMSY-TRIP |
| 2. | Total No. of works | : | 04 Nos. of Road Works under MMSY-TRIP for the year 2023-24 and 2024-25 |
| 3. | Estimated Cost of the work | : | Varies from Rs.529.19 lakhs to Rs.2007.02 lakhs |
| 4. | Class of Contractor | : | |
| | a) Estimated cost more than Rs.1.00 Crore up to Rs.20.00 Crores | | A Class (of Odisha PWD) or relevant class of other licensing authorities |
| | b) Estimated cost more than Rs.6.00 Crores up to Rs.50.00 Crores | | Special Class (of Odisha PWD) or relevant class of other licensing authorities |
| | c) Estimated cost more than Rs.20.00 Crores | | Super Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.17 of 2025 | 15.09.2025 at 11.00 A.M. | 06.10.2025 up to 5.00 P.M. | 08.10.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

OIPR-25194/11/0045/2526

Sd./- Chief Construction Engineer
Central Rural Works Circle, Bhubaneswar



Govt. of Jharkhand
**Urban Development & Housing Department**
**State Urban Development Agency**

Ref. No. 1066 **Recruitment Notice** Date:- 09.09.2025

Urban Development and Housing Department (UD&HD), Government of Jharkhand invites application from interested professionals for the posts mentioned below on purely contractual basis under Swachh Bharat Mission-Urban 2.0 (SBM-U 2.0) in Jharkhand.

| Sl. No. | Name of the Post | Total No. of Post | Unreserved (UR) | Monthly Remuneration (Rs.) | Place of Posting |
|---|---|---|---|---|---|
| 1 | Solid Waste Management Specialist | 1 | 1 | Rs. 70,000 to 90,000/- p.m. | State Urban Development Agency, UD&HD, Ranchi, Jharkhand. |
| 2 | Waste Water Specialist | 1 | 1 | Rs. 70,000 to 90,000/- p.m. | |
| 3 | Procurement Specialist | 1 | 1 | Rs. 70,000 to 90,000/- p.m. | |
| 4 | Accountant-cum-Computer Operator | 1 | 1 | Rs. 15,000 to 20,000/- p.m. | |

1. **Terms of Engagement:** The appointment of professionals will be purely on contract basis for a period of (1) One Year, which may be extended after the annual review of performance, output and desired impacts. However, the contract may be terminated in the case of unsatisfactory service.
2. The successful candidate will have to sign a contractual agreement in the prescribed format.
3. The contract shall not confer any rights or claim of extension/absorption in the department. The candidate will have to produce and affidavit in this case.
4. Candidate should be below 50 years of age as on the last date fixed for submission of the application.
5. **Last date for submission of Application:** 10.10.2025 till 5:00 PM.
6. The qualification and experience for different category of post is described in **Appendix-A.**
7. The selection of the candidate will be completely on the basis of Essential Qualification, Additional Qualification, Experience and Interview.
8. **How to apply :**Duly filled application form as enclosed in **Appendix-B** along with attested copy of the proof of age, qualification and experience should be sent through the registered post/speed post/courier to the **State Urban Development Agency, Room No. 402, 4th Floor, Project Bhawan, Dhurwa, Ranchi-834004.**
9. The list of shortlisted candidate will be uploaded in the Notice section of the website :- *udhd.jharkhand.gov.in* and the candidate will be intimidated about the date of interview.
10. The department reserves the right to cancel/postpone the recruitment wholly or partially if so required. No claim will be admissible in case of such cancellation/postponement.

Sd/-
( Suraj Kumar )
Director, SUDA
Urban Development & Housing Department

PR 361658 Urban Development(25-26)#D

## ସଂକ୍ଷେପରେ

### ସାଉଦି ଆରବରୁ ଅଣାଗଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ବାଣପୁର,୧୧।୯(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ଗ୍ରାମର ମନୋଜ କୁମାର ବାରିକ(୩୯) ସାଉଦିଆରବର ଏକ କମ୍ପାନୀରେ ସହକାରୀ ରାଜମିସ୍ତ୍ରି ଭାବେ କାର୍ଯ୍ୟରତ ଥିବା ବେଳେ ଗତ ଅଗଷ୍ଟ ୨୧ରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁର ୨୨ଦିନ ପରେ ଅର୍ଥାତ୍ ଗୁରୁବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଛି। ଏହା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ୨୦୧୯ ଜୁନରେ ସାଉଦି ଆରବର ଏବିଆର୍ କଣ୍ଟ୍ରାକ୍ଟିଂ କମ୍ପାନୀରେ ସହକାରୀ ରାଜମିସ୍ତ୍ରି ଭାବେ ମନୋଜ ନିଯୁକ୍ତି ପାଇଥିଲେ। ତାଙ୍କ ରୋଜଗାରରେ ପରିବାର ପ୍ରତିପୋଷଣ ହେଉଥିଲା। ଗତ ଅଗଷ୍ଟ ୨୧ତାରିଖ ରାତି ସାଢ଼େ ୯ଟାରେ ସାଉଦି ଆରବର ଜିଦାନ ସହରରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସାଉଦିରୁ ତାଙ୍କ ମୃତଦେହ ଫେରାଇ ଆଣିବା ପରିବାର ପକ୍ଷେ ଅସମ୍ଭବ ହୋଇପଡ଼ିଥିଲା। ଏହା ପରେ ପୁରୀ ଜୀବନବୀମା କାର୍ଯ୍ୟାଳୟରେ କାର୍ଯ୍ୟରତ ସ୍ଥାନୀୟ ଚମ୍ପାଦେଇପୁର ଗ୍ରାମର ବାବୁଲି ସାହୁ ଜେଦାସ୍ଥିତ ଭାରତୀୟ ଦୂତାବାସର ଅଧିକାରୀ ଦେବବଂଶ ରାଓ ବଚନ ଏବଂ କମ୍ପାନୀର ମହମ୍ମଦ ହାସନ ଅଲ୍ଲୀଙ୍କ ସହ ଯୋଗାଯୋଗ କରିଥିଲେ। ବୁଧବାର ଜେଦାରୁ ମନୋଜଙ୍କ ମୃତଦେହ ବିମାନରେ ଆସି ଦିଲ୍ଲୀରେ ପହଞ୍ଚିଥିଲା। ଗୁରୁବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ପରିବାର ପକ୍ଷରୁ ମୃତଦେହକୁ ଆମ୍ବୁଲାନ୍ସରେ ଗ୍ରାମକୁ ଅଣାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ଶ୍ରୀମନ୍ଦିରରେ ହେଲା ମହାପ୍ରଭୁଙ୍କ ବନକଲାଗି

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପନ୍ନ ହୋଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତିକୁ ସମ୍ପାଦନ କରିଥିଲେ। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରି ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା। ବନକଲାଗିରେ ମୁଖ୍ୟତଃ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା।

# ଜାତୀୟ ସ୍ୱଚ୍ଛ ବାୟୁ ସହର: ଚତୁର୍ଥ ସ୍ଥାନରେ ଭୁବନେଶ୍ୱର

ଭୁବନେଶ୍ୱର,୧୧।୯(ଅନୁରାଧା ମହାରଣା)



ସର୍ବଭାରତୀୟ ସ୍ତରରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ଆଉଏକ ସଫଳତା ମିଳିଛି। ସ୍ୱଚ୍ଛ ବାୟୁ ସହର ଭାବେ ଭୁବନେଶ୍ୱର ସାରା ଦେଶରେ ନୂଆ ପରିଚୟ ପାଇଛି। 'ଜାତୀୟ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୪'ର ଦ୍ୱିତୀୟ ବର୍ଗ ଅର୍ଥାତ୍ ୩ରୁ ୧୦ ଲକ୍ଷ ଜନସଂଖ୍ୟା ସହର ବର୍ଗରେ ଭୁବନେଶ୍ୱର ଚତୁର୍ଥ ସ୍ଥାନ ହାସଲ କରିଛି। ଦେଶର ମୋଟ ୧୩୦ଟି ସହର ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ସହରାଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରଥମ ବର୍ଗ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା, ଦ୍ୱିତୀୟ ବର୍ଗ ୩ରୁ ୧୦ଲକ୍ଷ ଜନସଂଖ୍ୟା ଏବଂ ତୃତୀୟ ବର୍ଗରେ ୩ ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ସହରକୁ ନିଆଯାଇଥିଲା। ୨୦୧୧ ଜନ ଗଣନା ଆଧାରରେ ଏହି ବର୍ଗୀକରଣ କରାଯାଇଥିଲା। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ସହରଗୁଡ଼ିକୁ 'ଜାତୀୟ ସ୍ୱଚ୍ଛ ବାୟୁ ସହର' ମାନ୍ୟତା ପ୍ରଦାନ କରିଛନ୍ତି। ରାଙ୍କିଙ୍ଗ୍ କରିବା ପୂର୍ବରୁ ମନ୍ତ୍ରଣାଳୟ ବିଭିନ୍ନ ଦିଗ ଯଥା ରାସ୍ତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପକ୍କା କରିବା, ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହିତ କରିବା, ପୁରୁଣା ବର୍ଜ୍ୟବସ୍ତୁଗୁଡ଼ିକର ଜୈବ ପ୍ରତିକାର କରିବା, ସି ଆଣ୍ଡ୍ ଡି ଏବଂ କଠିନ ବର୍ଜ୍ୟ ପରିଚାଳନା, ଡମ୍ପ ସାଇଟର ପୁନରୁଦ୍ଧାର ହୋଇଥିବା ଭୂମିରୁ ନଗର ବାଟିକା, ଗ୍ରୀନ୍‌ବେଲ୍ଟ ବିକାଶ, ବୌଦ୍ଧିକ ଟ୍ରାଫିକ ପରିଚାଳନା ବ୍ୟବସ୍ଥା, ମିଆୱାକି ଜଙ୍ଗଲ, ଶିଳ୍ପରେ ସ୍ୱଚ୍ଛ ଇନ୍ଧନ ପରିବର୍ତ୍ତନ ଆଦିକୁ ତର୍ଜମା କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ୱଚ୍ଛ ବାୟୁ ପାଇଁ ଜାତୀୟ ମିଶନର ଏକ ଅଂଶ ସ୍ୱରୂପ ପ୍ରତିବର୍ଷ ସେପ୍ଟେମ୍ବର ୭ରେ ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଏ। ୟୁଏଲ୍‌ବି ଦ୍ୱାରା ଦାଖଲ ହୋଇଥିବା ସହାୟକ ଡକ୍ୟୁମେଣ୍ଟ ସହିତ ସ୍ୱମୂଲ୍ୟାଙ୍କନ ରିପୋର୍ଟ ଦାଖଲ କରିବା ଆଧାରରେ ମୂଲ୍ୟାଙ୍କନ କରାଯାଏ। ରିପୋର୍ଟ ଏବଂ ଡକ୍ୟୁମେଣ୍ଟଗୁଡ଼ିକ ପରିବେଶ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବାୟୁର ଗୁଣବତ୍ତା ମନିଟରିଂ କମିଟି ଦ୍ୱାରା ଯାଞ୍ଚ କରାଯାଇଥାଏ। ପରିବେଶ ଓ ପରିବେଶ ମନ୍ତ୍ରଣାଳୟ ଏବଂ ସିପି ନିର୍ଦ୍ଦେଶାବଳୀରେ ଦିଆଯାଇଥିବା ମୂଲ୍ୟାଙ୍କନ ଢାଞ୍ଚା ଆଧାରରେ ସିପିସିବି ଦ୍ୱାରା ରାଙ୍କିଙ୍ଗ ପାଇଁ ଅଧିକ ଯାଞ୍ଚ ଏବଂ ମୂଲ୍ୟାଙ୍କନ କରାଯାଇଥାଏ। ପ୍ରତିବର୍ଷ ଗ୍ରହଣ କରାଯାଉଥିବା ଏବଂ ପୂର୍ବ ଆର୍ଥିକ ବର୍ଷର ଅବଧି ଅର୍ଥାତ ୧ ଏପ୍ରିଲରୁ ୩୧ ମାର୍ଚ୍ଚ ପାଇଁ ଦାଖଲ ହୋଇଥିବା ମୂଲ୍ୟାଙ୍କନକୁ ଆଧାର କରି ସହରଗୁଡ଼ିକ ରାଙ୍କିଙ୍ଗ କରାଯାଏ। ଏହି ପ୍ରକ୍ରିୟାରେ ଭୁବନେଶ୍ୱର ମହାନଗର ନିଗମ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ଅମରାବତୀ ପ୍ରଥମ, ମୋରଦାବାଦ ଓ ଝାନ୍‌ସି ଦ୍ୱିତୀୟ ଏବଂ ଅଲଓ୍ୱାର ତୃତୀୟ ସ୍ଥାନ ହାସଲ କରିଛି।

# ଚାନ୍ଦା ପାଇଁ କାଫେ ଭଙ୍ଗାରୁଜା, ମାଲିକଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୧।୯(ସତ୍ୟଜିତ୍ ରାଉତ)

**ଇନ୍‌ଫୋସିଟି ଥାନାରେ ମାମଲା**

ଚାନ୍ଦା ଓ ବଟି ପାଇଁ ରାଜଧାନୀରେ ଏକ କାଫେରେ ଅପରାଧୀମାନେ ଆତଙ୍କରାଜ ଘଟାଇଛନ୍ତି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଥରଗାଡ଼ିଆ ଅଞ୍ଚଳରେ ଥିବା ଇଲେଭେନ୍ ୧୧ କାଫେ ଆଣ୍ଡ୍ ରେଷ୍ଟୋରାରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିବା ସହ ମାଲିକଙ୍କୁ ଆକ୍ରମଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବୁଧବାର ରାତିରେ ଏହି ଘଟଣା ଘଟାଇଛନ୍ତି। ଆକ୍ରମଣରେ କାଫେ ମାଲିକ ଚିଣ୍ଟୁ ଆହତ ହୋଇଛନ୍ତି। ସେ ପ୍ରାଥମିକ ଚିକିତ୍ସିତ ହେବା ପରେ ଏନେଇ ଇନ୍‌ଫୋସିଟି ଥାନାରେ ଗୁରୁବାର ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ କମିଶନରେଟ୍ ପୋଲିସ ଚାନ୍ଦା ମଗା ଘଟଣାରେ ଅଧିକ ତତ୍ପରତା ଦେଖାଉଥିବା କହୁଥିବା ବେଳେ ଏଭଳି ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ଚିଣ୍ଟୁ କାଫେରେ ଥିବାବେଳେ କେତେଜଣ ଯୁବକ ସେଠାକୁ ଆସି ୪ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ତେବେ ଚିଣ୍ଟୁ ହଜାରେ ଟଙ୍କା ଦେଇଥିଲେ। ଏହାପରେ ସେମାନେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏହାକୁ ନେଇ ଚିଣ୍ଟୁ ପୋଲିସକୁ ଡାକିବୁ ବୋଲି କହିବାରୁ ସେମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ୧୦ରୁ ୧୨ଜଣ ଯୁବକ ବାଉଁଶ ଠେଙ୍ଗା ଓ ଛୁରି ଆଦି ଧରି କାଫେରେ ଆତଙ୍କରାଜ ଘଟାଇଥିଲେ। ଚେୟାର ଟେବୁଲ ଆଦି ଫିଙ୍ଗି ଭଙ୍ଗାରୁଜା କରିବା ସହ ଚିଣ୍ଟୁଙ୍କୁ ଆକ୍ରମଣ କରି ଚାଲିଯାଇଥିଲେ।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିନେଟ ସଦସ୍ୟ ହେଲେ ରଶ୍ମୀ ସାହୁ



ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିନେଟ୍ ସଦସ୍ୟ ରଶ୍ମି ସାହୁଙ୍କୁ ସମ୍ମାନିତ କରାଯାଉଛି।

କଟକ,୧୧।୯(କାର୍ତ୍ତିକ ସାହୁ)

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ସିନେଟ ସଦସ୍ୟ ଭାବେ ରୁଚି ଶିଳ୍ପୋଦ୍ୟୋଗର ନିର୍ଦ୍ଦେଶିକା ରଶ୍ମୀ ସାହୁଙ୍କୁ ମନୋନୟନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ବିଦେଶରୁ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ରଶ୍ମୀ ମଧ ରୁଚି ଫ୍ରୋଜିଟ୍ ଓ ଫାର୍ମ ବି'ର ପ୍ରତିଷ୍ଠାତା। ସେ ବିଭିନ୍ନ ଆନ୍ତର୍ଜାତିକ ଶିଳ୍ପ ଓ ଉଦ୍ୟୋଗ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ସହିତ ଓଡ଼ିଶାରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ହେଉଛନ୍ତି ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ କନ୍ୟା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳଜିତ ସିଂହ ଓ କୁଳସଚିବ ନିରୁପମା ସ୍ୱାଇଁ ପ୍ରମୁଖ ନୂତନ ସିନେଟ ସଦସ୍ୟ ରଶ୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ବର୍ଷ ଶେଷସୁଦ୍ଧା କଳିଙ୍ଗ ଷ୍ଟୁଡିଓ କାମ ସରିବ



ଭୁବନେଶ୍ୱର, ୧୧।୯(ସୌମ୍ୟରଞ୍ଜନ ରାଉତ)

**ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲା ବିଧାନସଭା ଷ୍ଟାଣ୍ଡିଂ କମିଟି**

ବିଧାନସଭା ଷ୍ଟାଣ୍ଡିଂ କମିଟି ଗୁରୁବାର କଳିଙ୍ଗ ଷ୍ଟୁଡିଓ ପରିଦର୍ଶନରେ ଯାଇ ପୁନରୁଦ୍ଧାର ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛି। ଏହି ଅବସରରେ ଷ୍ଟୁଡିଓର କନ୍‌ଫରେନ୍ସ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଷ୍ଟାଣ୍ଡିଂ କମିଟି ମୁଖ୍ୟ ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ନେତୃତ୍ୱରେ କମିଟି ସଭ୍ୟ ତଥା ବିଧାୟକ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ସତ୍ୟଜିତ ଗମାଙ୍ଗ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଓଏଫ୍‌ଡିସି ଅଧ୍ୟକ୍ଷ ସମର୍ଥ ବର୍ମା ଓ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ କଳିଙ୍ଗ ଷ୍ଟୁଡିଓର ନବୀକରଣ, ପୁନରୁଦ୍ଧାର ଓ ଆଧୁନିକୀକରଣ ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। କମିଟି ମୁଖ୍ୟ ସ୍ୱାଇଁ ଷ୍ଟୁଡିଓ କାର୍ଯ୍ୟ କେବେ ସରିବ ଓ ହସ୍ତାନ୍ତର ପାଇଁ ଆବଶ୍ୟକ ସମୟ ବିଷୟରେ ପଚାରିଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କହିଲେ, ବର୍ଷ ଶେଷ ବେଳକୁ ଷ୍ଟୁଡିଓର ସମସ୍ତ କାର୍ଯ୍ୟ ଶେଷ କରି ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି)କୁ ହସ୍ତାନ୍ତର କରାଯିବ। ଓଏଫ୍‌ଡିସି ଟେଣ୍ଡର ମାଧ୍ୟମରେ ଷ୍ଟୁଡ଼ିଓ ସଫେଇ ଏବଂ ସୁରକ୍ଷା ଦାୟିତ୍ୱ ସହ ଏଡିଟିଂ, ଗ୍ରାଫିକ ଓ ଷ୍ଟୁଡିଓ ପରିଚାଳନା ଆଦି ଘରୋଇ ସଂସ୍ଥା ଦ୍ୱାରା କରିବ ବୋଲି ସେ କହିଥିଲେ। ସେହିପରି ଓଏଫ୍‌ଡିସିର ଅଂଶୀଦାରମାନେ ଯଥା ପ୍ରଯୋଜକ ସଂଘ, ବିତରକ ସଂଘ, କାର୍ଯ୍ୟନିର୍ବାହୀ ସଂଘ, ନିର୍ଦ୍ଦେଶକ, କଳାକାର ପ୍ରମୁଖଙ୍କ ସହିତ ବୈଠକ କରି ଷ୍ଟୁଡିଓ ପରିଚାଳନାଠାରୁ ଆରମ୍ଭ କରି ସମସ୍ତ ବିଷୟରେ ଆଲୋଚନା କରାଯିବ। କିପରି ଅନ୍ୟ ରାଜ୍ୟର ପ୍ରଯୋଜକମାନେ ଏହି ଷ୍ଟୁଡ଼ିଓରେ ଶୁଟିଂ କରିପାରିବେ, ସେନେଇ ନୂଆ ଯୋଜନା କରାଯିବ। ଏହାବ୍ୟତୀତ ଷ୍ଟୁଡ଼ିଓର ୨ ବର୍ଗ ଗୋଟିଏ ଶୁଟିଂ ଓ ଅନ୍ୟଟି ମନୋରଞ୍ଜନ ପାର୍କ ରହିଛି। ମନୋରଞ୍ଜନ ପାର୍କ ପାଇଁ ଟିକେଟ ବ୍ୟବସ୍ଥା ହେବ ଓ ଦର୍ଶକମାନେ ଏଠାରେ ମନୋରଞ୍ଜନ କରିବା ସହ ଶୁଟିଂ କରିବାର ବ୍ୟବସ୍ଥା ହେବ। ଏହା ରାଜସ୍ୱ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ କହିଛନ୍ତି। ସେହିପରି ଅଭିନେତା ଶ୍ରୀତମ ଦାସଙ୍କ ପ୍ରଶ୍ନର ଉତ୍ତର ରଖି ଇଡ୍‌କୋ ଅଧ୍ୟକ୍ଷ ପ୍ରଶାନ୍ତ କହିଲେ, ଆମ୍ୟୁଜମେଣ୍ଟ ପାର୍କକୁ ଆସୁଥିବା ଦର୍ଶକମାନଙ୍କୁ ଶୁଟିଂ ସ୍ପଟ୍‌କୁ ବାରଣ କରାଯିବ। ଶୁଟିଂ ସମୟରେ ବିଶୃଙ୍ଖଳା ଏଡାଇବା ପାଇଁ ଆମେ ବିଭିନ୍ନ ରାସ୍ତା ତିଆରି କରିବୁ, ଯାହାଦ୍ୱାରା ଦର୍ଶକମାନେ ଗୋଟିଏ ପାର୍ଶ୍ୱରେ ପଶିପାରିବେ ଏବଂ ଅନ୍ୟ ପାର୍ଶ୍ୱରେ ଶୁଟିଂ ଚାଲିପାରିବ ବୋଲି କହିଥିଲେ।

### କାର୍‌କୁ ଧକ୍କା ଦେଲା ଆମ ବସ୍: ୨ ଗୁରୁତର

ପିପିଲି,୧୧।୯(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପୁରୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ନାୟାରା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ କାରକୁ ଡବଲ ଡେକର 'ଆମ ବସ୍' ଧକ୍କା ଦେଇଛି। ଫଳରେ ୨ଜଣ କାର୍ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା କାର୍ (ନଂ. ଓଡି ୩୩ ଏକେ ୮୮୧୩) ପଛପଟୁ ଡବଲ ଡେକର ବସ୍‌ଟି (ଓଡି ୩୩ ଏଆର୍ ୧୫୪୨) ଧକ୍କା ଦେଇଥିଲା। ଫଳରେ କାରରେ ଥିବା ୨ଜଣ ମହିଳା ଗୁରୁତର ଓ ଡ୍ରାଇଭର ସାମାନ୍ୟ ଆହତ ହୋଇଥିଲେ। ମହିଳା ଦ୍ୱୟଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ବସ ଡ୍ରାଇଭରଙ୍କୁ ପିପିଲି ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଗୁରୁତର ମହିଳାଙ୍କ ପରିବାର ପକ୍ଷରୁ ପିପିଲି ଥାନାରେ ଏତଲା ଦିଆଯାଇଛି।

### ବିଦ୍ୟୁତ୍ ସେବା ବ୍ୟାହତକୁ ନେଇ ଜନ ଅସନ୍ତୋଷ

ବାଲିଅନ୍ତା,୧୧।୯(ନୀଳମାଧବ ସାହୁ)

ବାଲିଅନ୍ତାର ଅଣ୍ଡିଲୋ ଗ୍ରାମରେ ବାରମ୍ବାର କେବୁଲ ତାର ପୋଡ଼ିଯାଉଥିବା ଯୋଗୁ ବିଦ୍ୟୁତ୍ ସେବା ବ୍ୟାହତକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ବୁଧବାର ବିଳମ୍ବିତ ରାତିରେ ଅଣ୍ଡିଲୋ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ଟଣାଯାଇଥିବା କେବୁଲ ତାର ହଠାତ୍ ଜଳିଯାଇଥିଲା। ଫଳରେ ଲାଇନ୍ କଟିଯାଇଥଲା। ସାରା ରାତି ଗ୍ରାମବାସୀ ଅନ୍ଧାରରେ ଅସହ୍ୟ ଗୁଳିଗୁଳିରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗୁରୁବାର ସକାଳ ୯ ଟାରେ ବିଦ୍ୟୁତ୍ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ପୋଡ଼ି ଯାଇଥିବା କେବୁଲକୁ ବଦଳାଇବା ସହ ଆବଶ୍ୟକ ମରାମତି କରି ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିଥିଲେ। କିନ୍ତୁ ସ୍ଥାନୀୟ ଯୁବକମାନେ ପୋଡ଼ି ଯାଇଥିବା କେବୁଲ ତାରକୁ ସମ୍ପୂର୍ଣ୍ଣ ବଦଳାଇ ନୂଆ କେବୁଲ ତାର ଲଗାଇବା ପାଇଁ ଅଡି ବସିଥିଲେ। ପୋଡ଼ି ଯାଇଥିବା ବିଦ୍ୟୁତ୍ ତାର ମରାମତି ପାଇଁ ଆସିଥିବା କର୍ମଚାରୀଙ୍କୁ ସେଠାରୁ ଛାଡ଼ି ନ ଥିଲେ। ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବିଦ୍ୟୁତ୍ କର୍ମଚାରୀଙ୍କ ସହିତ ହଂସପାଳସ୍ଥିତ ଷ୍ଟ୍ରକ୍‌ଚରକୁ ଯାଇ ନୂଆ କେବୁଲ ତାର ଆଣିଥିଲେ। ପୋଡ଼ିଯାଇଥିବା ସ୍ଥାନରେ ଲାଗିଥିବା ପୁରୁଣା କେବୁଲ ତାର କଢାଯାଇ ନୂଆ କେବୁଲ ତାର ଲାଗିଥିଲା। ପରେ ଗ୍ରାମରେ ବିଦ୍ୟୁତ୍ ଯୋଗାଣ ହେବା ପରେ ସ୍ଥାନୀୟ ଯୁବକଙ୍କ ମଧ୍ୟରେ ଦେଖାଦେଇଥିବା ଅସନ୍ତୋଷ ପ୍ରଶମିତ ହୋଇଥିଲା।

# ୩ ବର୍ଷରେ ହେଲ୍‌ମେଟ ବଞ୍ଚାଇଦେଲା ୫,୫୨୭ ଜୀବନ

କଟକ,୧୧।୯(କାର୍ତ୍ତିକ ସାହୁ)

ମୁଣ୍ଡରେ ହେଲ୍‌ମେଟ ଥିଲା ବୋଲି ଜୀବନ ରକ୍ଷା ପାଇଗଲା। ନୂଆ ଜୀବନ ମିଳିଲା। ୟେ ହେଉଛି ସଡ଼କ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଏକମାତ୍ର ରାସ୍ତା। ତେବେ ହେଲ୍‌ମେଟ ପିନ୍ଧି ନ ଥିବାରୁ ଗତ ୩ ବର୍ଷରେ ରାଜ୍ୟରେ ୫,୧୬୦ ଜୀବନ ଯାଇଥିବାର ଏକ ତଥ୍ୟ ସାମ୍ନାକୁ ଆସିଥିଲା। ଏବେ ଦୁର୍ଘଟଣା ସମୀକ୍ଷାରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ତାହା ହେଉଛି ହେଲ୍‌ମେଟ ପିନ୍ଧିଥିବାରୁ ଦୁର୍ଘଟଣା ସତ୍ତ୍ୱେ ଗତ ୩ ବର୍ଷରେ ୫,୫୨୭ ଜୀବନ ରକ୍ଷା ପାଇଯାଇଛି। ସଡ଼କ ସୁରକ୍ଷା ନିୟମ ପାଳନ ଯୋଗୁ ଜୀବନ ରକ୍ଷା ହୋଇପାରିବାର ଏହା ଏକ ଜ୍ୱଳନ୍ତ ଉଦାହରଣ। କେବଳ ୨୦୨୪ରେ ୨,୩୧୭ ଜଣ ଏମିତି ଦୁଇଚକିଆ ବ୍ୟବହାରକାରୀଙ୍କ ତଥ୍ୟ ସାମ୍ନାକୁ ଆସିଛି, ଯେଉଁମାନେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେଲେ, ଆହତ ବି ହେଲେ କିନ୍ତୁ ହେଲ୍‌ମେଟ ପିନ୍ଧିଥିବାରୁ ମୁଣ୍ଡ ବଞ୍ଚିଗଲା। ସେମାନଙ୍କ ଜୀବନ ବି ରକ୍ଷା ପାଇଗଲା। ୨୦୨୩ରେ ଏହି ସଂଖ୍ୟା ହେଉଛି ୨୩୧୭ ଓ ୨୦୨୨ରେ ଏହି ସଂଖ୍ୟା ହେଉଛି ୧୬୮୮। ଜୀବନ ରକ୍ଷାର ଏହି ସଂଖ୍ୟା ଆହୁରି ଅଧିକ ହେବାର ମଧ୍ୟ ସମ୍ଭାବନା ରହିଛି। ଦୁର୍ଘଟଣା କାହାକୁ କହିକି ଆସେନି। ଅଚାନକ ଆସେ, ସବୁ ଉଜାଡ଼ିଦିଏ। କିନ୍ତୁ ଅନେକେ ନିଜର ସାବଧାନତା ଓ ସଚେତନତା ପାଇଁ ନିଜ ଜୀବନ ରକ୍ଷା କରିବାରେ ସକ୍ଷମ ହେଉଛନ୍ତି। ନିଜ ପରିବାରକୁ ଉଜାଡ଼ି ଦେବାରୁ ରକ୍ଷା କରିପାରୁଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପ୍ରେସ୍ ଇସ୍ତାହାର ଜରିଆରେ ଏହି ତଥ୍ୟ ଗୁରୁବାର ପ୍ରଦାନ କରାଯାଇଛି।

# ଅଧ୍ୟାପିକାଙ୍କ ପରଲୋକ

ଭୁବନେଶ୍ୱର, ୧୧।୯(ସୌମ୍ୟରଞ୍ଜନ ରାଉତ)

ଅଧ୍ୟାପିକା ଓ ସାମାଜିକ କର୍ମୀ ପଟିଆ ନିବାସୀ ଏଲୋରା ପଣ୍ଡାଙ୍କର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୫୫ ବର୍ଷ ହୋଇଥିଲା। ସେ ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ, ସି.ଭି. ରମଣ ବିଶ୍ୱବିଦ୍ୟାଳୟ, କିଟ୍ ବିଜ୍‌ନେସ୍ ସ୍କୁଲ, ଆଇଏସ୍ଏଫ୍ଆଇ ବିଜ୍‌ନେସ୍ ସ୍କୁଲରେ ଅଧ୍ୟାପନା କରିଥିଲେ। କର୍ପୋରେଟ ଜଗତରେ ମଧ ସେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର କନ୍ୟା ଆଦ୍ୟାଶା ପଣ୍ଡା ମୁଖାଗ୍ନି ଦେଇଥିଲେ। ଯାଜପୁର ଏମ୍‌ପି ଡ. ରବିନାରାୟଣ ବେହେରା, କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ପୂର୍ବତନ ମୁଖ୍ୟ ଶାସନ ସଚିବ୍ ସହଦେବ ସାହୁ , ଅଜିତ ତ୍ରିପାଠୀ, ବରିଷ୍ଠ ପ୍ରଶାସକ ଅଶୋକ ତ୍ରିପାଠୀ, ସୁରେଶ ପଣ୍ଡା, ଅତିରିକ୍ତ ସଚିବ୍ ରେଣୁପ୍ରଭା ନାୟକ ପ୍ରମୁଖ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଜବରଦଖଲମୁକ୍ତ ହେଲା ୫୮ କ୍ୱାର୍ଟର୍ସ





ଭୁବନେଶ୍ୱର,୧୧।୯(ସୁଚିସ୍ମିତା ସାହୁ)

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଅପରେଶନ ଅଲ୍‌ଆଉଟ୍

ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସରୁ ଅଣଛାତ୍ରଙ୍କୁ ବାହାର କରିବା ପରେ କ୍ୱାର୍ଟର୍ସଗୁଡ଼ିକୁ ଜବରଦଖଲମୁକ୍ତ କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆରମ୍ଭ କରିଥିବା ଅପରେଶନ ଅଲ୍‌ଆଉଟ୍‌ରେ ଏହି ପଦକ୍ଷେପ ନିଆଯାଇଛି। କ୍ୟାମ୍ପସରେ ଥିବା କ୍ୱାର୍ଟର୍ସକୁ କବ୍‌ଜା କରି ବାହାର ଲୋକ ରହୁଥିବାବେଳେ ଜମିକୁ ଜବରଦଖଲ କରି ଏକପ୍ରକାର ବସ୍ତି ଗଢ଼ି ଉଠିଥିଲା। ପୁଣି ବହୁ କର୍ମଚାରୀ ଅବସର ପରେ କ୍ୱାର୍ଟର୍ସ ନ ଛାଡ଼ି ଭଡ଼ାରେ ଲଗାଇଥିଲେ। ଫଳରେ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ ବିଶୃଙ୍ଖଳା ସୃଷ୍ଟି ହେଉଥିଲା। ସେମାନଙ୍କୁ ବାହାର କରିବା ପାଇଁ ଛାତ୍ରମାନେ ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଶେଷରେ ଗୁରୁବାର ପୋଲିସ ସହାୟତାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରାୟ ୫୮ଟି କ୍ୱାର୍ଟର୍ସକୁ ଜବରଦଖଲ ମୁକ୍ତ କରିଛନ୍ତି। ସେଠାରେ ରହୁଥିବା ଲୋକଙ୍କ ସହ ଜିନିଷପତ୍ର ବାହାର କରିବା ପରେ କ୍ୱାର୍ଟର୍ସଗୁଡ଼ିକୁ ସିଲ୍ କରାଯାଇଛି। ଏଥିସହ ଯେପରି ପୁଣି କେହି ଜବରଦଖଲ ନ କରିପାରିବେ ସେଥିପାଇଁ ବିଦ୍ୟୁତ୍ ଓ ପାଣି ସଂଯୋଗ କାଟି ଦିଆଯିବା ସହ କଡ଼ା ନଜର ରଖିଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ବହୁ କ୍ୱାର୍ଟର୍ସ ଫାଙ୍କା ରହିଥିବାବେଳେ ଅଧିକାଂଶ ଅସୁରକ୍ଷିତ ଭାବେ ରହିଛି। ଅସୁରକ୍ଷିତ ଘୋଷିତ କ୍ୱାର୍ଟର୍ସଗୁଡ଼ିକୁ କାହାକୁ ଆଲଟ୍ କରାଯାଇ ନ ଥିଲା। ଏହାର ସୁଯୋଗ ନେଇ କିଛି ଲୋକ ଉକ୍ତ ଘରର ତାଲା ଭାଙ୍ଗି ଜବରଦଖଲ କରି ରହୁଥିଲେ। ସେମାନଙ୍କ ଭିତରୁ କିଏ ଗୁପଚୁପ ତ କିଏ ଦହିବରା ବିକ୍ରି କରୁଥିବା ଜଣାପଡିଛି। ସେହିପରି ବହୁ କ୍ୱାର୍ଟର୍ସକୁ ପୂର୍ବତନ କର୍ମଚାରୀମାନେ କବ୍‌ଜା କରି ରଖିଥିଲେ। ବିଶ୍ୱବିଦ୍ୟାଳର କେତେଜଣ କର୍ମଚାରୀ କହିଛନ୍ତି, ବିଶ୍ୱବିଦ୍ୟାଳୟର କିଛି କର୍ମଚାରୀଙ୍କୁ କ୍ୱାର୍ଟସ ଦିଆଯାଇଥିଲା। ସେମାନେ ଅବସର ନେବାପରେ ମଧ କ୍ୱାର୍ଟର୍ସ ଖାଲି କରୁ ନ ଥିଲେ। ସେମାନଙ୍କ ସମ୍ପର୍କୀୟଙ୍କୁ ସେଠାରେ ହିଁ ଥଇଥାନ କରିବା ସହିତ ଆଉ କେତେଜଣ ଭଡାରେ ଲଗାଇଥିଲେ। ସେଠାରେ ପାଣି ଓ ବିଦ୍ୟୁତ ମାଗଣାରେ ମିଳୁଥିଲା। କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି କଟକଣା ନ ଥିବାରୁ ଆସାମାଜିକ ଓ ଜବରଦଖଲକାରୀ ମନଇଚ୍ଛା ରହୁଥିଲେ। ଆଉକିଛି କ୍ୱାର୍ଟର୍ସକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଭଡାରେ ଲଗାଇଥିଲେ। ଉଚ୍ଛେଦବେଳେ ଭଡା ଲଗାଇଥିବା କୌଣସି ବ୍ୟକ୍ତି ସାମ୍ନାକୁ ଆସି ନ ଥିଲେ। ଉଚ୍ଛେଦ ହେବ ଜାଣି କେତେଜଣ କ୍ୱାର୍ଟର୍ସ ଖାଲି କରିଦେଇଥିବା ବେଳେ ଆଉ କେତେଜଣ ଘରେ ତାଲା ପକାଇ ପଳାଇଥିଲେ। କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ପ୍ରାୟ ୫୮ଟି କ୍ୱାର୍ଟର୍ସରୁ ଜବରଦଖଲ ହଟାଯାଇଛି। ପୂର୍ବରୁ ଏଭଳି ଉଚ୍ଛେଦ ହୋଇଥିଲେ ସୁଦ୍ଧା ଲୋକମାନେ ପୁଣି ଫେରିଥିଲେ। ଏହାକୁ ଦୃଷ୍ଟିରେ ରଖି ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। କ୍ୱାର୍ଟର୍ସଗୁଡ଼ିକ ଉପରେ ନଜର ରଖିବା ସହିତ ଯାଞ୍ଚ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଚାରାରୋପଣ କାର୍ଯ୍ୟକ୍ରମ

ବାଙ୍କୀ,୧୧।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ କୁଅମଡା ଗ୍ରାମରେ କଟକ ୱାଇଜମ୍ୟାନ୍ କ୍ଲବ ତରଫରୁ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ୱାଇଜମ୍ୟାନ୍ ଇଣ୍ଟରନ୍ୟାଶନାଲ ଜିଲା ଗଭର୍ନର ସତ୍ୟଗୋପାଳ ପରିଜା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଜ୍ୟୋତିରଞ୍ଜନ ସିଂହ, ବାଣୀ ନିର୍ମାଲ୍ୟ ଦାସ, ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ସହିତ ପରିବେଶ ସମ୍ପର୍କରେ ସଚେତନ କରିଥିଲେ। ବିଶ୍ୱନାଥ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ସୋମନାଥ ମଣ୍ଡଳ ପକ୍ଷରୁ ସେବାପକ୍ଷ କର୍ମଶାଳା

ତ୍ରିଶୂଳିଆ,୧୧।୯ (ତୁଷାରକାନ୍ତ ବେହେରା): କେନ୍ଦୁପାଟଣାସ୍ଥିତ ଡ୍ରିମଭିଲ୍ଲା ସ୍ଥାୟୀ ସଭାଗୃହରେ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ସୋମନାଥ ମଣ୍ଡଳ ପକ୍ଷରୁ ମଣ୍ଡଳସ୍ତରୀୟ ସେବାପକ୍ଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସଞ୍ଜୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ଜିଲା ପରିଷଦ ତଥା ଭାଜପା ଯୁବନେତା କୁନାଲ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ସେବାପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସଦସ୍ୟଙ୍କୁ ଅବଗତ କରାଇଥିଲେ। ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ହେବାକୁ ଥିବା ସେବା ପକ୍ଷରେ ବିଭିନ୍ନ ସାମାଜିକ କାର୍ଯ୍ୟ ନେଇ ସଂକଳ୍ପ ନିଆଯାଇଛି। ଆୟୋଜିତ କର୍ମଶାଳାରେ ଟାଙ୍ଗିବନ୍ତ ଗ୍ରାମର ଯୁବନେତା ଅଭିଷେକ ଜେନା ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଛନ୍ତି। ଏହି ଅବସରରେ ଅତିଥିମାନେ ଜେନାଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ଲକ୍ଷ୍ମୀ ପଡିଆରୀ, ମିତାଲି ମାଝୀ, ନିର୍ମଳା ବେହେରା, ବେବିଶ୍ରୀ ରାଉତ, ତନୁଜାଳ ପ୍ରିୟଦର୍ଶିନୀଙ୍କ ସମେତ ଶତାଧିକ ମହିଳା ଓ ପୁରୁଷକର୍ମୀ ଯୋଗଦେଇଥିଲେ। ମଣ୍ଡଳର ସାଧାରଣ ସମ୍ପାଦକ ଜଗନ୍ନାଥ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ କର୍ମକର୍ତ୍ତା ନିର୍ବାଚିତ

ବାଙ୍କୀ,୧୧।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଡ୍ରଗିଷ୍ଟ ଆଣ୍ଡ କେମେଷ୍ଟ ଆସୋସିଏଶନ ପକ୍ଷରୁ ଗୁରୁବାର ଚଳିତ ବର୍ଷର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ସାରଙ୍ଗଧର ମିଶ୍ର, କୋଷାଧ୍ୟକ୍ଷ ବିକଳାନନ୍ଦ ସାହୁ, ବରିଷ୍ଠ ଉପଦେଷ୍ଟା ସମରେନ୍ଦ୍ର ମହାପାତ୍ର ନିର୍ବାଚିତ ହେବା ସହ ପରିଚାଳନା କମିଟିର ସଭ୍ୟଭାବେ ମହେନ୍ଦ୍ର କୁମାର ସ୍ୱାଇଁ, ନାରାୟଣ ପାତ୍ର, ସମ୍ବିତ୍ କୁମାର ସାହୁ, ପ୍ରଶାନ୍ତ କୁମାର ମିଶ୍ର, ଭରତ ଚନ୍ଦ୍ର ଅତିବୁଦ୍ଧି, ମନ୍ମଥ କୁମାର ସାହୁ ଓ ସରୋଜ କୁମାର ମିଶ୍ର ମନୋନୀତ ହୋଇଛନ୍ତି। ସେହିପରି ନୂତନ ଭାବେ ଆସୋସିଏଶନର ସମ୍ପାଦକ ଭବତୋଷ ମିଶ୍ର ନିର୍ବାଚିତ ହୋଇଛନ୍ତି ।

# ଔଷଧ ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଅପେକ୍ଷା

## ଶିଶୁଭବନରେ ଯନ୍ତ୍ରଣା ଦେଉଛି ନିରାମୟ କେନ୍ଦ୍ର ବ୍ୟବସ୍ଥା

କଟକ,୧୧।୯(ଶିଳ୍ପା ପ୍ରିୟଦର୍ଶିନୀ)



ଶିଶୁଭବନର ନିରାମୟ କେନ୍ଦ୍ରରେ ଔଷଧ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି ରୋଗୀଙ୍କ ସମ୍ପର୍କୀୟମାନେ।

ସର୍ଦ୍ଦାରବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ର ନିରାମୟ କେନ୍ଦ୍ର ଶିଶୁ ରୋଗୀଙ୍କ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ଡାକ୍ତର ଦେଖାଇବା ପରେ ଔଷଧ ଆଣିବା ପାଇଁ ଶିଶୁରୋଗୀଙ୍କ ଅଭିଭାବକ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହିଥିବା ବୁଧବାର ନଜରକୁ ଆସିଛି। ଏପରିକି ନମ୍ବର ଆସିବା ବେଳକୁ କେଉଁ ଔଷଧ ମିଳୁଛି ତ କେଉଁଠି ମିଳୁ ନ ଥିବା ଜାଣି ଅଭିଭାବକମାନେ ନିରାଶ ହୋଇ ଫେରୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶିଶୁଭବନର ନୂତନ ଜିପ୍ଲସ-୬ କୋଠା କାର୍ଯ୍ୟକାରୀ କରାଯାଇଛି। ଏହି କୋଠାର ତଳପାର୍ଶ୍ୱରେ ଗୋଟିଏ ନିରାମୟ କେନ୍ଦ୍ର ରହିଛି। ଏପରିକି ଏହି କୋଠାରେ ଦୁଇଟି ନିରାମୟ କେନ୍ଦ୍ରର ବ୍ୟବସ୍ଥା ରହିଥିବାବେଳେ ଗୋଟିଏ ମାତ୍ର କାର୍ଯ୍ୟକାରୀ କରାଯାଇଛି। ପ୍ରତ୍ୟେକ ଦିନ ଶିଶୁଭବନକୁ ପାଖାପାଖି ୧୦୦୦ ଶିଶୁରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଏଠାରେ ଗୋଟିଏ ଭେଷଜ ଓ ଗୋଟିଏ ସର୍ଜରି ବହିର୍ବିଭାଗ ରହିଛି। ଶିଶୁରୋଗୀ ଏଠାରେ ଡାକ୍ତରଙ୍କୁ ଦେଖାଇବା ପରେ ଅଭିଭାବକ ନିରାମୟରୁ ଔଷଧ ନେବାକୁ ଘଣ୍ଟା ଘଣ୍ଟା ଧାଡି ଛିଡା ହେଉଥିବା ବୁଧବାର ନଜରକୁ ଆସିଛି। ଅନ୍ୟପଟେ ନିରାମୟ କେନ୍ଦ୍ରରେ କାଁ ଭାଁ ଔଷଧ ମଧ୍ୟ ମିଳୁ ନ ଥିବାରୁ ଶିଶୁରୋଗୀଙ୍କ ଅଭିଭାବକ ନିରାଶ ହୋଇ ଫେରିଛନ୍ତି। ମେଡିକାଲର ଏହି ନୂତନ କୋଠା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବା ବେଳେ କେବେ ଦ୍ୱିତୀୟ ନିରାମୟ କେନ୍ଦ୍ର କାର୍ଯ୍ୟକାରୀ ହେବ ତାହା ଦେଖିବାକୁ ବାକି ରହିଛି। ଏ ସମ୍ପର୍କରେ ମେଡିକାଲର ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଜାତୀୟ ସ୍ୱଚ୍ଛ ବାୟୁ ସହର: ୪ର୍ଥ ସ୍ଥାନରେ ଭୁବନେଶ୍ୱର

ଭୁବନେଶ୍ୱର,୧୧।୯(ଅନୁରାଧା ମହାରଣା):

ସର୍ବଭାରତୀୟ ସ୍ତରରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ଆଉଏକ ସଫଳତା ମିଳିଛି। ସ୍ୱଚ୍ଛ ବାୟୁ ସହର ଭାବେ ଭୁବନେଶ୍ୱର ସାରା ଦେଶରେ ନୂଆ ପରିଚୟ ପାଇଛି। 'ଜାତୀୟ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୪'ର ଦ୍ୱିତୀୟ ବର୍ଗ ଅର୍ଥାତ୍ ୩ରୁ ୧୦ ଲକ୍ଷ ଜନସଂଖ୍ୟା ସହର ବର୍ଗରେ ଭୁବନେଶ୍ୱର ଚତୁର୍ଥ ସ୍ଥାନ ହାସଲ କରିଛି। ଦେଶର ମୋଟ ୧୩୦ଟି ସହର ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ସହରାଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରଥମ ବର୍ଗ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା, ଦ୍ୱିତୀୟ ବର୍ଗ ୩ରୁ ୧୦ଲକ୍ଷ ଜନସଂଖ୍ୟା ଏବଂ ତୃତୀୟ ବର୍ଗରେ ୩ ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ସହରକୁ ନିଆଯାଇଥିଲା। ୨୦୧୧ ଜନ ଗଣନା ଆଧାରରେ ଏହି ବର୍ଗୀକରଣ କରାଯାଇଥିଲା। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ସହରଗୁଡିକୁ 'ଜାତୀୟ ସ୍ୱଚ୍ଛ ବାୟୁ ସହର' ମାନ୍ୟତା ପ୍ରଦାନ କରିଛନ୍ତି। ରାଙ୍କିଙ୍ଗ୍ କରିବା ପୂର୍ବରୁ ମନ୍ତ୍ରଣାଳୟ ବିଭିନ୍ନ ଦିଗ ଯଥା ରାସ୍ତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପକ୍କା କରିବା, ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହିତ କରିବା, ପୁରୁଣା ବର୍ଜ୍ୟବସ୍ତୁଗୁଡିକର ଜୈବ ପ୍ରତିକାର କରିବା, ସି ଆଣ୍ଡ ଡି ଏବଂ କଠିନ ବର୍ଜ୍ୟ ପରିଚାଳନା, ଡମ୍ପ ସାଇଟର ପୁନରୁଦ୍ଧାର ହୋଇଥିବା ଭୂମିରୁ ନଗର ବାଟିକା, ଗ୍ରୀନ୍‌ବେଲ୍ଟ ବିକାଶ, ବୌଦ୍ଧିକ ଟ୍ରାଫିକ ପରିଚାଳନା ବ୍ୟବସ୍ଥା, ମିଆୱାକି ଜଙ୍ଗଲ, ଶିଳ୍ପରେ ସ୍ୱଚ୍ଛ ଇନ୍ଧନ ପରିବର୍ତ୍ତନ ଆଦିକୁ ତର୍ଜମା କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ୱଚ୍ଛ ବାୟୁ ପାଇଁ ଜାତୀୟ ମିଶନର ଏକ ଅଂଶ ସ୍ୱରୂପ ପ୍ରତିବର୍ଷ ସେପ୍ଟେମ୍ବର ୭ରେ ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଏ। ୟୁଏଲ୍‌ବି ଦ୍ୱାରା ଦାଖଲ ହୋଇଥିବା ସହାୟକ ଡକ୍ୟୁମେଣ୍ଟ ସହିତ ସ୍ୱମୂଲ୍ୟାଙ୍କନ ରିପୋର୍ଟ ଦାଖଲ କରିବା ଆଧାରରେ ମୂଲ୍ୟାଙ୍କନ କରାଯାଏ। ରିପୋର୍ଟ ଏବଂ ଡକ୍ୟୁମେଣ୍ଟଗୁଡିକ ପରିବେଶ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବାୟୁର ଗୁଣବତ୍ତା ମନିଟରିଂ କମିଟି ଦ୍ୱାରା ଯାଞ୍ଚ କରାଯାଇଥାଏ। ପରିବେଶ ଓ ପରିବେଶ ମନ୍ତ୍ରଣାଳୟ ଏବଂ ସିସି ନିର୍ଦ୍ଦେଶାବଳୀରେ ଦିଆଯାଇଥିବା ମୂଲ୍ୟାଙ୍କନ ଢାଞ୍ଚା ଆଧାରରେ ସିପିସିବି ଦ୍ୱାରା ରାଙ୍କିଙ୍ଗ ପାଇଁ ଅଧିକ ଯାଞ୍ଚ ଏବଂ ମୂଲ୍ୟାଙ୍କନ କରାଯାଇଥାଏ। ପ୍ରତିବର୍ଷ ଗ୍ରହଣ କରାଯାଉଥିବା ଏବଂ ପୂର୍ବ ଆର୍ଥିକ ବର୍ଷର ଅବଧି ଅର୍ଥାତ ୧ ଏପ୍ରିଲରୁ ୩୧ ମାର୍ଚ୍ଚ ପାଇଁ ଦାଖଲ ହୋଇଥିବା ମୂଲ୍ୟାଙ୍କନକୁ ଆଧାର କରି ସହରଗୁଡିକ ରାଙ୍କିଙ୍ଗ କରାଯାଏ। ଏହି ପ୍ରକ୍ରିୟାରେ ଭୁବନେଶ୍ୱର ମହାନଗର ନିଗମ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ଅମରାବତୀ ପ୍ରଥମ, ମୋରଦାବାଦ ଓ ଝାନ୍‌ସି ଦ୍ୱିତୀୟ ଏବଂ ଅଲଓ୍ୱାର ତୃତୀୟ ସ୍ଥାନ ହାସଲ କରିଛି।

# ଡ୍ରିମ୍‌ସ ସ୍କୁଲ ଅଫ୍ ଫ୍ୟାଶନ ଡିଜାଇନିଂରେ ସ୍ୱାଗତ ଉତ୍ସବ


ଡ୍ରିମ୍‌ସ ସ୍କୁଲ ଅଫ୍ ଫ୍ୟାଶନ ଡିଜାଇନିଂର ସ୍ୱାଗତ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୧।୯(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ସ୍କୁଲ ଅଫ ଫ୍ୟାଶନ୍ ଡିଜାଇନିଂରେ ସ୍ୱାଗତ ଉତ୍ସବ ରାଣୀଦେବୀ ଅଡିଟୋରିୟମ୍‌ରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉତ୍ସବ ଉଦ୍‌ଘାଟନ କରିବା ସହ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ. ରଥ ନବାଗତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ସୃଜନଶୀଳତାର ପରିପ୍ରକାଶ ନିମନ୍ତେ ଫ୍ୟାଶନ ଡିଜାଇନିଂ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଫ୍ୟାଶନ ଡିଜାଇନିଂରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ପ୍ରାଧ୍ୟାପକ ଲୋକନାଥ ବେହେରା, ଶିଳ୍ପୋଦ୍ୟୋଗୀ ପ୍ରେମେନ୍ଦ୍ର କୁମାର ସାହୁ, ଆଇନଜୀବୀ ଝାନ୍‌ସୀ ରାଣୀ ଦାସ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଡିନ୍ ସୋନାଲି ପଣ୍ଡା ସ୍ୱାଗତ ଭାଷଣ ଓ ପ୍ରାଧ୍ୟାପକ ନୀତେଶ ରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଙ୍ଗୀତା ମହାନ୍ତି ପ୍ରାରମ୍ଭିକ ସୂଚନା ଏବଂ ସ୍ୱାତୀସନ୍ଧ୍ୟା ଦୀପ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ଦାସଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଭାରତ ଫେରିଲେ ନେପାଳରେ ଫସିଥିବା ୨୩ ଓଡ଼ିଆ ତୀର୍ଥଯାତ୍ରୀ

ଭୁବନେଶ୍ୱର, ୧୧।୯ (ସୌମ୍ୟରଞ୍ଜନ ରାଉତ):

ନେପାଳରେ ଉପୁଜିଥିବା ହିଂସା ଯୋଗୁ ରାଜଧାନୀ କାଠମାଣ୍ଡୁରେ ଫସିଥିବା ୨୩ଜଣ ଓଡ଼ିଆ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ପରେ ଭାରତକୁ ଫେରାଇ ଅଣାଯାଇଛି। ଯାଜପୁରର ଏହି ତୀର୍ଥଯାତ୍ରୀ ନେପାଳ ଭ୍ରମଣରେ ଯାଇଥିଲେ। ସେଠାରେ ହିଂସା ଓ ରାଜନୈତିକ ଅସ୍ଥିରତା ଦେଖାଦେବାରୁ ଫେରିପାରି ନ ଥିଲେ। ଓଡ଼ିଶା ସରକାର ଜାଣିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନେପାଳ କାଠମାଣ୍ଡୁସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ଥିବା ଭାରତର ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ରଙ୍କ ସହଯୋଗରେ ୨୩ ଯାତ୍ରୀଙ୍କୁ ଉଦ୍ଧାର କରାଯିବା ପରେ ନେପାଳରୁ ଭାରତକୁ ଫେରାଇ ଅଣାଯାଇଛି।

## ପାଣି ମୋଟର ଚୋରି ଘଟଣାରେ ଜଣଙ୍କୁ କୋର୍ଟ ଚାଲାଣ

ବାଙ୍କୀ,୧୧।୯ (ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ଉପଖଣ୍ଡ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ କାଳିପୋଇ ଓ ପୁଇଞ୍ଜା ପଞ୍ଚାୟତରୁ ଗୋଟିଏ ରାତିରେ ୨ଟି ପାଣି ମୋଟର କେହି ଦୁର୍ବୃତ୍ତ ବୁଧବାର ରାତିରେ ଚୋରି କରି ନେଇଥିବା ପୃଥକ୍ ଭାବେ ଅଭିଯୋଗ କରାଯାଇଛି। ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

କାଳିପୋଇ ପଞ୍ଚାୟତସ୍ଥିତ କରଡ଼ାପଲ୍ଲୀ ଓ ପୁଇଞ୍ଜା ପଞ୍ଚାୟତସ୍ଥିତ ପଣ୍ଡାଳମ ଗ୍ରାମରୁ କେହି ଦୁର୍ବୃତ୍ତ ପାଣି ମୋଟର ଚୋରି କରିନେଇଥିଲେ। ଫଳରେ ଗ୍ରାମବାସୀ ଓ ମୋଟର ଚାଳକମାନେ ସରପଞ୍ଚଙ୍କୁ ଜଣାଇବା ପରେ କାଳିପୋଇ ସରପଞ୍ଚ ସୁବ୍ରତ କୁମାର ବେହେରା ଓ ଠିକାଦାର ବିଜୟ କୁମାର ମଉଗଜସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଆଇଆଇସି ସଞ୍ଜୟ କୁମାର ଜେନା ତଦନ୍ତ ଜାରି ରଖିଥିଲେ। ବୁଧବାର ଚୋରି କରିଥିବା ନୂଆଗାଁ ପଞ୍ଚାୟତସ୍ଥିତ ଖଜୁରିପଦା ଗ୍ରାମର ବିଶ୍ୱରଞ୍ଜନ ସେଠୀ (୧୮)ଙ୍କୁ ପୋଲିସ ଧରି ଅଟକ ରଖି ପଚରା ଉଚୁରା କରିଥିଲା। ପରେ ଚୋରି କରିଥିବା ନେଇ ସେ ସ୍ୱୀକାର କରିଥିଲେ। ଥାନାରେ ନଂ. ୧୬୨/୨୫ରେ ମାମଲା ରୁଜୁ କରି ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ୫ ହଜାର ଚାରାରୋପଣ ପାଇଁ ସଂକଳ୍ପ

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୧୧।୯(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା କଣ୍ଡରେଇ ପଞ୍ଚାୟତର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜୀବନ ଚକ୍ର ମାଧ୍ୟମରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଦ୍ରୁତଗତିରେ ଆଗେଇ ଚାଲିଛି। କଣ୍ଡରେଇ ପୂର୍ବତନ ସରପଞ୍ଚ ସୁଦାମ ଚରଣ ବେଉରା (ବଙ୍କିମ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୀବନ ଚକ୍ର ଦ୍ୱାରା ସ୍ୱାଧୀନତା ଦିବସରୁ କଣ୍ଡରେଇ ପଞ୍ଚାୟତର ସାବିତ୍ରିପୁରଠାରୁ ମହାଲକ୍ଷ୍ମୀପୁର ରାସ୍ତାର ଉଭୟ ପାର୍ଶ୍ୱରେ ଆଜିଯାଏ ୪ ହଜାର ଫଳଗଛ ଲଗାଯାଇଥିବା ସୁଦାମ କହିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଶେଷ ହେବ ଓ ଆମେ ୫ ହଜାର ଫଳବୃକ୍ଷ ଲଗାଇବୁ ବୋଲି ସଂକଳ୍ପ ନେଇଥିବା ସେ କହିଛନ୍ତି। ୨୦୦୯ରୁ ସରପଞ୍ଚ ଥିବା ବେଳେ ସୁଦାମ ଆରମ୍ଭ କରିଥିଲେ ବୃକ୍ଷ ରୋପଣ। ଏଥିରେ ସ୍ଥାନୀୟ ଯୁବକମାନଙ୍କ ସହିତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଇନଜୀବୀ ଓ କଟକ ରୋଟାରୀ କ୍ଲବ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ତାଙ୍କୁ ସହଯୋଗ କରୁଛନ୍ତି। ଏହି ସମୟ ମଧ୍ୟରେ ସେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଆମ୍ବ, ପଣସ, ସେପଟା, ଲେମ୍ବୁ, କାଜୁ, ଜାମୁ, ପିଜୁଳି, ଅଁଳା ଆଦି ବିଭିନ୍ନ ଗଛ ଲଗାଇ ସମସ୍ତଙ୍କ ପାଖରେ ପ୍ରିୟଭାଜନ ହୋଇ ପାରିଛନ୍ତି। ଆଗାମୀ ଦିନରେ ସେ ଓ ତାଙ୍କ ସଙ୍ଗଠନ କଣ୍ଡରେଇ ପଞ୍ଚାୟତ କଂସର ଗ୍ରାମ ମହାଦେବ ମୁଣ୍ଡିଆଠାରୁ ଧବଳେଶ୍ୱର ନୂଆପାଟଣା ପର୍ଯ୍ୟନ୍ତ ଦୀର୍ଘ ୨୦ କି.ମି. ରାସ୍ତା କଡ଼ରେ ଗଛ ଲଗାଇବାର ଯୋଜନା ଥିବା ସୁଦାମ କହିଛନ୍ତି। ବୃକ୍ଷରୋପଣ ଦ୍ୱାରା ପରିବେଶ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ବନ୍ୟପ୍ରାଣୀମାନବ ସମାଜ ଏହି ଫଳ ଗଛରୁ ଫଳ ଖାଇବେ ଓ ସେହି ଅଞ୍ଚଳରେ ବର୍ଷା ପରିମାଣ ବୃଦ୍ଧି ପାଇବା ସହ ଚାଷୀମାନେ ଉପକୃତ ହେବେ ବୋଲି ସୁଦାମ କହିଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟର ୫୮ କ୍ୱାର୍ଟର୍ସ ଜବରଦଖଲମୁକ୍ତ

ଭୁବନେଶ୍ୱର,୧୧।୯ (ସୁଚିସ୍ମିତା ସାହୁ):

ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସରୁ ଅଣଛାତ୍ରଙ୍କୁ ବାହାର ପରେ କ୍ୱାର୍ଟର୍ସଗୁଡିକୁ ଜବରଦଖଲମୁକ୍ତ ଗୁରୁବାର କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆରମ୍ଭ କରିଥିବା ଅପରେଶନ ଅଲ୍‌ଆଉଟ୍‌ରେ ଏହି ପଦକ୍ଷେପ ନିଆଯାଇଛି। କ୍ୟାମ୍ପସରେ ଥିବା କ୍ୱାର୍ଟର୍ସକୁ କବ୍‌ଜା କରି ବାହାର ଲୋକ ରହୁଥିଲେ। ଜମିକୁ ଜବରଦଖଲ କରି ଏକ ବସ୍ତି ଗଢ଼ି ଉଠିଥିଲା। ପୁଣି ବହୁ କର୍ମଚାରୀ ଅବସର ପରେ କ୍ୱାର୍ଟର୍ସ ନ ଛାଡ଼ି ଭଡ଼ାରେ ଲଗାଇଥିଲେ। ଫଳରେ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିଲା। ସେମାନଙ୍କୁ ବାହାର କରିବାକୁ ଛାତ୍ରମାନେ ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଶେଷରେ ଗୁରୁବାର ପୋଲିସ ସହାୟତାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୫୮ଟି କ୍ୱାର୍ଟର୍ସକୁ ଜବରଦଖଲ ମୁକ୍ତ କରିଛନ୍ତି। ସେଠାରେ ରହୁଥିବା ଲୋକଙ୍କ ସହ ଜିନିଷପତ୍ର ବାହାର କରିବା ପରେ କ୍ୱାର୍ଟର୍ସଗୁଡିକୁ ସିଲ୍ କରାଯାଇଛି। ଏଥିସହ ବିଦ୍ୟୁତ୍ ଓ ପାଣି ସଂଯୋଗ କାଟି ଦିଆଯାଇଛି।

# ବରପୁତ୍ର ଐତିହ୍ୟ ଗ୍ରାମରେ ବାଙ୍କୀକୁ ସାମିଲ ଦାବି

ବାଙ୍କୀ,୧୧।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବରପୁତ୍ରମାନଙ୍କ ଜନ୍ମସ୍ଥଳୀକୁ ବରପୁତ୍ର ଐତିହ୍ୟ ଗ୍ରାମରେ ଏବେ ଓଡ଼ିଶା ସରକାର ପରିଣତ କରିବାକୁ ଯାଉଛନ୍ତି। ସେହି ଗ୍ରାମଗୁଡ଼ିକର ବିକାଶ ପାଇଁ ସରକାର ସ୍ଥିର କରିଛନ୍ତି। ଓଡ଼ିଶାର ସାମାଜିକ, ସାଂସ୍କୃତିକ, ସ୍ୱାଧୀନତା ସଂଗ୍ରାମ, ସମାଜ ସଂସ୍କାରକ, ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଅବଦାନକୁ ସମ୍ମାନ ମିଳିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୨୩ଜଣ ବରପୁତ୍ରଙ୍କ ଗ୍ରାମକୁ ବିକଶିତ କରିବାକୁ ସ୍ଥିର କରାଯାଇଛି। କିନ୍ତୁ ଏହି ତାଲିକାରୁ ବାଙ୍କୀ ବାଦ୍ ପଡ଼ିଛି।

ବିଶେଷକରି ବାଙ୍କୀ ପାଟପୁର ପଦ୍ମନାଭପୁର ଶାସନର ପଣ୍ଡିତ ଗୋବିନ୍ଦ ରଥ ପ୍ରଥମେ ବର୍ଣ୍ଣବୋଧକ ପୁସ୍ତକ ରଚନା କରିବା ସହିତ ୨୬୨ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଇଂରେଜମାନଙ୍କ ବିରୋଧରେ ସାହସର ସହିତ ସ୍ୱର ଉତ୍ତୋଳନ କରିଥିଲେ। ସେହିପରି ବାଙ୍କୀ ବୈଦ୍ୟେଶ୍ୱର ବ୍ରଜବିହାରପୁର ଶାସନ ଗ୍ରାମର ପଣ୍ଡିତ ନୀଳମଣି ବିଦ୍ୟାରତ୍ନ। ସେ ଉତ୍କଳ ସମ୍ମିଳନୀର ଆଦ୍ୟ ପ୍ରବକ୍ତା, ଖବରଦାତା, ୫୦ଖଣ୍ଡ ପୁସ୍ତକର ରଚୟିତା ଓ ଜଣେ ସମାଜ ସଂସ୍କାରକ ଥିଲେ। ସେହିପରି ଖମାରଙ୍ଗ ଗ୍ରାମର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ। ସେ ୧୨୦ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକର ରଚୟିତା। ସେହିପରି ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ଶିଶୁଆ ଗ୍ରାମର ଅନ୍ୟତମ ବରପୁତ୍ର ପୂର୍ବତନ ମନ୍ତ୍ରୀ ଡା. ଯୋଗେଶ ଚନ୍ଦ୍ର ରାଉତ। ସାରା ଭାରତ ବର୍ଷରେ ପ୍ରଥମେ ତାଙ୍କ ଉଦ୍ୟମରେ କୃଷକମାନଙ୍କ ପାଇଁ ଫସଲ ବୀମା ପ୍ରଚଳନ କରିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ୟତମ ବରପୁତ୍ର ଗୋଳାଗଣ୍ଡ ଗ୍ରାମର ବାଙ୍କୀର ପ୍ରଥମ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ପ୍ରହରାଜ ଜଣେ ସମାଜବାଦ ଆନ୍ଦୋଳନର ପ୍ରବକ୍ତା, ଚାଷୀ ମୂଲିଆଙ୍କ ନେତା ଓ ଶାଶ୍ୱତ କବି ଭାବେ ବହୁ ପୁସ୍ତକର ରଚୟିତା ଏବଂ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବ୍ୟକ୍ତି ଅଟନ୍ତି। ଏହି ପରିପ୍ରେକ୍ଷୀରେ ବାଙ୍କୀର ଉପରୋକ୍ତ ୫ଜଣ ବରପୁତ୍ର ଓ ସେମାନଙ୍କ ଗ୍ରାମକୁ ଐତିହ୍ୟ ଗ୍ରାମ ରୂପେ ଘୋଷଣା କରିବାକୁ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ର, ପଣ୍ଡିତ ନୀଳମଣି ସ୍ମୃତି ସଂସଦର ସମ୍ପାଦକ କବି ରବିନାରାୟଣ ମଙ୍ଗରାଜ, କବି କୌଶିକ ନାୟକ ପ୍ରମୁଖ ଦାବି କରିଛନ୍ତି।

## ଫଟୋରେ ଖବର


**ଆଗକୁ ଆସୁଛି ଦଶହରା:** କଟକ ରାଣୀହାଟ ପୂଜା ମଣ୍ଡପରେ ଜଣେ ଶିଳ୍ପୀ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କରୁଛନ୍ତି।


ଖାନ୍‌ନଗର ପୂଜା ମଣ୍ଡପରେ ମେଢ଼ରେ ଖଚିତ ହେଉଥିବା ଚାନ୍ଦି ଅଳଙ୍କାରକୁ କାରିଗରମାନେ ସଫା କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ହେଲା ମହାପ୍ରଭୁଙ୍କ ବନକଲାଗି

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପନ୍ନ ହୋଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତିକୁ ସମ୍ପାଦନ କରିଥିଲେ। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରି ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା। ବନକଲାଗିରେ ମୁଖ୍ୟତଃ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା।

### ପୁରୀରୁ ନିଖୋଜ ନାବାଳିକା ଆନ୍ଧ୍ରରୁ ଉଦ୍ଧାର

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମମନ୍ଦିର ନିକଟରୁ ନିଖୋଜ ଥିବା ଜଣେ ନାବାଳିକାଙ୍କୁ ପୋଲିସ ଗୁରୁବାର ଆନ୍ଧ୍ରପ୍ରଦେଶରୁ ଉଦ୍ଧାର କରିଛି। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ସମ୍ପୃକ୍ତ ନାବାଳିକା ନିଖୋଜ ଥିବା ନେଇ ସମୁଦ୍ରକୂଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ କେସ୍ (ନଂ. ୨୩୩/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସମ୍ପୃକ୍ତ ନାବାଳିକାଙ୍କୁ ଚିଲ୍ଡ୍ରେନ୍ ୱେଲଫେୟାର କମିଟି ସମ୍ମୁଖରେ ହାଜର କରାଯିବା ପରେ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇଛି। ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ପରିବାରକୁ ଫେରାଇ ନେବାଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ଅଟକ ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଏବଂ ଅନ୍ୟାନ୍ୟ ସମ୍ପର୍କିତ ଧାରାରେ ମାମଲା ରୁଜୁ ହୋଇଛି। ପୁରୀ ପୋଲିସ ସଦା ମହିଳା ଓ ଶିଶୁ ସୁରକ୍ଷା ପ୍ରତି ସଚେତନ ଓ ସତର୍କ ରହିଛି। କୌଣସି ପ୍ରକାରର ଟ୍ରାଫିକିଙ୍ଗ୍, ଶୋଷଣ ବା ଆପରାଧିକ କାର୍ଯ୍ୟକଳାପ ସହିତ ଜଡ଼ିତ ବ୍ୟକ୍ତିଙ୍କୁ କେବେ ଛଡ଼ାଯିବ ନାହିଁ ବୋଲି ପୁରୀ ପୋଲିସ ପକ୍ଷରୁ କୁହାଯାଇଛି।

### କେଭିରେ ପ୍ରବେଶ ଉତ୍ସବ

ଖୋର୍ଦ୍ଧା,୧୧।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ତରତୁଆସ୍ଥିତ ଆଇଟିବିପି କ୍ୟାମ୍ପସ୍‌ରେ ନୂତନ ଭାବେ ଆରମ୍ଭ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ (କେ.ଭି)ର ପ୍ରଥମ ବ୍ୟାଚ୍‌ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାମାନଙ୍କୁ ଫୁଲ ଚନ୍ଦନ ଲଗାଇ ସ୍ୱାଗତ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଝାଙ୍କର ବିଦ୍ୟାଳୟର ନୀତିନିୟମ ବିଷୟରେ ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଖୋର୍ଦ୍ଧାରୋଡ୍‌ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ହାସ୍ୟବ୍ୟଙ୍ଗ କଳାକାର ଶଶିକାନ୍ତ ଅତିଥିଭାବେ ଯୋଗଦେଇ ହାସ୍ୟ କଥା କହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପରମେଶ୍ୱର, ତପନ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ଏହି ଉତ୍ସବରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଆଇଟିବିପିର ଅନେକ ଅଧିକାରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

### 'ବିନୋବା ଥିଲେ ଭୂମିହୀନଙ୍କ ବନ୍ଧୁ'

ପୁରୀ, ୧୧।୯(ଅଜିତ୍ କୁମାର ମହାନ୍ତି)

ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟନଗରଠାରେ ଗୁରୁବାର ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଯୋଗଦେଇ କହିଲେ, ବିନୋବା ଭୂଦାନ ଆନ୍ଦୋଳନ ମାଧ୍ୟମରେ ଭାରତ ସାରା ପଦଯାତ୍ରା କରିବା ସହ ଭୂମି ମାଲିକମାନଙ୍କଠାରୁ ଅବ୍ୟବହୃତ ଜମି ସଂଗ୍ରହ କରି ସେହି ଅଞ୍ଚଳର ଭୂମିହୀନଙ୍କୁ ଦାନ କରୁଥିଲେ ବୋଲି ମହାପାତ୍ର ମତବ୍ୟକ୍ତ କରିଥିଲେ। ସ୍ମୃତି ପରିଷଦ ପକ୍ଷରୁ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଡ. କାର୍ତ୍ତିକ ଦାସ, ଅଶୋକ ମିଶ୍ର, କୃପାସିନ୍ଧୁ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

# ୨୦୨୯ ବେଳକୁ ଓଡ଼ିଶାରେ କେହି ଭୂମିହୀନ ରହିବେନି: ପୂଜାରୀ

ଭୁବନେଶ୍ୱର, ୧୧।୯
(ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତା ସଂଗ୍ରାମୀ ଭାରତ ରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ସମାରୋହ ଗୁରୁବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟି ସଭାପତି ଜୟନ୍ତ ଦାସଙ୍କ ସଭାପତିତ୍ୱରେ 'ଭୂମି ଅଧିକାର ଓ ଭୂଦାନ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଲେ, ୨୦୨୯ ବେଳକୁ ଓଡ଼ିଶାରେ କେହି ଭୂମିହୀନ ବୋଲି କହିବାକୁ ରହିବେ ନାହିଁ। ଏହା ଆମ ସରକାରର ଆହ୍ୱାନ। ଭୂମିହୀନଙ୍କୁ ଚିହ୍ନଟ କରି ଜମି ଯୋଗାଇ ଦିଆଯିବ। ୭୫୦୦ କିସମକୁ ୨୨ଟି କିସମରେ ୩୫୦୦ ସ୍ୱତ୍ୱ ଥିବା ପଟ୍ଟାକୁ ୪ଟି ସ୍ୱତ୍ୱରେ ସୀମିତ କରିଛୁ। ଅନୁସୂଚିତ ଜାତି ଓ ଜନଜାତି ଲୋକ ଅସୁବିଧାରେ ପଡି ଜମି ବିକିଲେ ତାହାକୁ ସରକାର କିଣି ଲ୍ୟାଣ୍ଡ୍ ବ୍ୟାଙ୍କରେ ରଖିବେ। ଉକ୍ତ ଜମିକୁ ଭୂମିହୀନଙ୍କୁ ଦିଆଯିବ। ଏଥିସହ କାହାକୁ ଦିଆଯାଇ ନ ଥିବା ଜମି ପୁଣି ସେ ସରକାରୀ ଦରରେ କିଣିପାରିବେ। ଭୂଦାନ ଆନ୍ଦୋଳନରେ ପାଇଥିବା ଜମି ଯଦି କିଏ ହଡ଼ପ କରିଥିବେ କିମ୍ବା ମାଡ଼ ବସିଥିବେ, ତେବେ ତାକୁ ପୁନରୁଦ୍ଧାର କରାଯିବ। ଜମି ଦାନ ପାଇଁ ଭୂଦାନ ଆନ୍ଦୋଳନରେ ରାଜସ୍ୱ ବିଭାଗ ଅଂଶୀଦାର ହେବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।



ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଅନ୍ୟ ଅତିଥିମାନେ ଦମୟନ୍ତୀ ଦେବୀଙ୍କୁ 'ଗାନ୍ଧୀ ବିନୋବା ଶାନ୍ତି ସମ୍ମାନ' ପ୍ରଦାନ କରୁଛନ୍ତି।

- ଭାରତ ରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ସମାରୋହ
- ଦମୟନ୍ତୀ, ଗୌରାଙ୍ଗଙ୍କୁ 'ଗାନ୍ଧୀ ବିନୋବା ଶାନ୍ତି ସମ୍ମାନ', ୭ ପାଇଲେ 'ସର୍ବୋଦୟ ସେବା ସମ୍ମାନ'

ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ଭୂମି, ଜମି ପାଇଁ ନ୍ୟାୟ ଆଜିର ଦିନରେ ସବୁଠୁ ବଡ଼ ଆହ୍ୱାନ । ଆଦିବାସୀମାନେ ଜଙ୍ଗଲ ଜମିର ଅଧିକାର ପାଇଁ ଆଉ କେତେଦିନ ସଂଘର୍ଷ କରିବେ। ଶିଳ୍ପପତିଙ୍କ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ୍, କିନ୍ତୁ ଭୂମିହୀନଙ୍କ ପାଇଁ କେବେ ଜମି ଦିଆଯିବ ବୋଲି ସେ ପ୍ରଶ୍ନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଅରୁଣ କୁମାର ସାହୁ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଲବ୍ୟ, ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ଅଧ୍ୟକ୍ଷା ଦମୟନ୍ତୀ ଦେବୀ, ବିନୋବା ସେବା ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ଭାରତ ନିର୍ବାଚନ ଆୟୋଗର ପୂର୍ବତନ ଉପଦେଷ୍ଟା ଡ. ଭଗବାନ୍ ପ୍ରକାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିନୋବାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟ ଅଧ୍ୟକ୍ଷା ଦମୟନ୍ତୀ ଦେବୀ ଓ ଲେଖକ ଗୌରାଙ୍ଗ ଚରଣ ପରିଡ଼ାଙ୍କୁ 'ଗାନ୍ଧୀ ବିନୋବା ଶାନ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ସେବା ସମାଜ ଗୁଣପୁରର ସୁଶ୍ରୀ ରାଜଶ୍ରୀ ଦଳାଇ, ଜୟକିରଣ ଟ୍ରଷ୍ଟର ସମ୍ପାଦିକା ସୁମିତ୍ରା ଜେନା, ଆସାମ କସ୍ତୁରବା ଟ୍ରଷ୍ଟର ଅନିମା ଦତ୍ତ, ଗୀତିକା ଦେବୀ, ଓଡ଼ିଶା ଉଦ୍ୟୋଗୀ ପରିବାର ଅଧ୍ୟକ୍ଷ ଶିବନାରାୟଣ ମିଶ୍ର, ଶହୀଦ ସ୍ମୃତି ପରିଷଦ ସମ୍ପାଦକ ପ୍ରମେଶ ମହାନ୍ତି ଏବଂ ଓଡ଼ିଶା ଫଲୋଅପ୍‌ର ଡ. ବି.ବି. ହୃଦୟଙ୍କୁ 'ସର୍ବୋଦୟ ସେବା ସମ୍ମାନ' ଦିଆଯାଇଥିଲା। ମହିଳା ଆତ୍ମନିର୍ଭର ଅଭିଯାନ ଅଧ୍ୟକ୍ଷା ଡ. ରୀନା ରାଉତରାୟ ଅତିଥି ପରିଚୟ, ସାମାଜିକ କର୍ମୀ ପ୍ରସନ୍ନ ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନା ଏବଂ ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ଫେରିଲେ ନେପାଳରେ ଫସିଥିବା ୨୩ ଓଡ଼ିଆ ତୀର୍ଥଯାତ୍ରୀ

ଭୁବନେଶ୍ୱର, ୧୧।୯(ସୌମ୍ୟରଞ୍ଜନ ରାଉତ)

ନେପାଳରେ ଉପୁଜିଥିବା ହିଂସା ଯୋଗୁ ରାଜଧାନୀ କାଠମାଣ୍ଡୁରେ ଫସି ରହିଥିବା ୨୩ଜଣ ଓଡ଼ିଆ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ପରେ ଭାରତକୁ ଫେରାଇ ଅଣାଯାଇଛି। ଯାଜପୁରର ଏହି ତୀର୍ଥଯାତ୍ରୀମାନେ ନେପାଳ ଭ୍ରମଣରେ ଯାଇଥିବାବେଳେ ସେଠାରେ ହିଂସା ଓ ରାଜନୈତିକ ଅସ୍ଥିରତା ଦେଖାଦେବାରୁ ଆଉ ଫେରିପାରି ନ ଥିଲେ। ଏ ସମ୍ପର୍କରେ ଓଡ଼ିଶା ସରକାର ଜାଣିବା ପରେ ମାତ୍ର ୫ ଘଣ୍ଟା ମଧ୍ୟରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନେପାଳ କାଠମାଣ୍ଡୁସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ରହିଥିବା ଭାରତର ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ୨୩ଜଣ ଓଡ଼ିଆ ଯାତ୍ରୀମାନଙ୍କୁ ଉଦ୍ଧାର କରାଯିବା ପରେ ନେପାଳରୁ ଭାରତକୁ ଫେରାଇ ଅଣାଯାଇଛି। ଏହି ଓଡ଼ିଆ ଯାତ୍ରୀ ହେଲେ ଅଜୟ କୁମାର ପଣ୍ଡା, ମାମିନା ପଣ୍ଡା, ପଙ୍କଜ କୁମାର ଧଳ, ଭରତ କୁମାର ସ୍ୱାଇଁ, କାମିନୀ ସ୍ୱାଇଁ, ଶାରଦା ପ୍ରସନ୍ନ କର, ରିମା କର, ମନୋଜ କୁମାର ମିଶ୍ର, ସୁରେନ ଦଳାଇ, ବୀରେନ ଦଳାଇ, ପର୍ଶୁରାମ ଦଳାଇ, ପୂର୍ଣ୍ଣଚନ୍ଦ୍ର ଦଳାଇ, ପ୍ରସନ୍ନଜିତ ଦଳାଇ, ବ୍ରଜକିଶୋର ମିଶ୍ର, ଲୋପାମୁଦ୍ରା ମିଶ୍ର, ଶ୍ରେୟାନ ସୌରଭ ମିଶ୍ର, ସନ୍ତୋଷ କୁମାର ପାଣି, ସସ୍ମିତା ପାଣି, ବାଗ୍ମୀପ୍ରିୟା ପାଣି, ପ୍ରମୋଦ କୁମାର ମିଶ୍ର, ରାଜଶ୍ରୀ ମିଶ୍ର, ବୈଷ୍ଣବ ସାହୁ ଓ ସୁରେଶ ଚନ୍ଦ୍ର ସାହୁ। ନେପାଳରୁ ଫେରିଥିବା ସମସ୍ତ ଓଡ଼ିଆ ଯାତ୍ରୀ ସୁରକ୍ଷିତ ଥିବା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।


ନେପାଳରୁ ଫେରିଥିବା ଓଡ଼ିଆ ତୀର୍ଥଯାତ୍ରୀମାନେ।

# ବର୍ଷ ଶେଷସୁଦ୍ଧା କଳିଙ୍ଗ ଷ୍ଟୁଡିଓ କାମ ସରିବ

## ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷାକଲା ବିଧାନସଭା ଷ୍ଟାଣ୍ଡିଂ କମିଟି

ଭୁବନେଶ୍ୱର, ୧୧।୯
(ସୌମ୍ୟରଞ୍ଜନ ରାଉତ)



ବିଧାନସଭା ଷ୍ଟାଣ୍ଡିଂ କମିଟି ଗୁରୁବାର କଳିଙ୍ଗ ଷ୍ଟୁଡିଓ ପରିଦର୍ଶନରେ ଯାଇ ପୁନରୁଦ୍ଧାର ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛି। ଏହି ଅବସରରେ ଷ୍ଟୁଡିଓର କନ୍‌ଫରେନ୍ସ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଷ୍ଟାଣ୍ଡିଂ କମିଟି ମୁଖ୍ୟ ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ନେତୃତ୍ୱରେ କମିଟି ସଭ୍ୟ ତଥା ବିଧାୟକ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ସତ୍ୟଜିତ ଗମାଙ୍ଗ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଓଏଫ୍‌ଡିସି ଅଧ୍ୟକ୍ଷ ସମର୍ଥ ବର୍ମା ଓ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ କଳିଙ୍ଗ ଷ୍ଟୁଡିଓର ନବୀକରଣ, ପୁନରୁଦ୍ଧାର ଓ ଆଧୁନିକୀକରଣ ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। କମିଟି ମୁଖ୍ୟ ସ୍ୱାଇଁ ଷ୍ଟୁଡିଓ କାର୍ଯ୍ୟ କେବେ ସରିବ ଓ ହସ୍ତାନ୍ତର ପାଇଁ ଆବଶ୍ୟକ ସମୟ ବିଷୟରେ ପଚାରିଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କହିଲେ, ବର୍ଷ ଶେଷ ବେଳକୁ ଷ୍ଟୁଡିଓର ସମସ୍ତ କାର୍ଯ୍ୟ ଶେଷ କରି ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି)କୁ ହସ୍ତାନ୍ତର କରାଯିବ। ଓଏଫ୍‌ଡିସି ଟେଣ୍ଡର ମାଧ୍ୟମରେ ଷ୍ଟୁଡ଼ିଓ ସଫେଇ ଏବଂ ସୁରକ୍ଷା ଦାୟିତ୍ୱ ସହ ଏଡିଟିଂ, ଗ୍ରାଫିକ ଓ ଷ୍ଟୁଡିଓ ପରିଚାଳନା ଆଦି ଘରୋଇ ସଂସ୍ଥା ଦ୍ୱାରା କରିବ ବୋଲି ସେ କହିଥିଲେ। ସେହିପରି ଓଏଫ୍‌ଡିସିର ଅଂଶୀଦାରମାନେ ଯଥା ପ୍ରଯୋଜକ ସଂଘ, ବିତରକ ସଂଘ, କାର୍ଯ୍ୟନିର୍ବାହୀ ସଂଘ, ନିର୍ଦ୍ଦେଶକ, କଳାକାର ପ୍ରମୁଖଙ୍କ ସହିତ ବୈଠକ କରି ଷ୍ଟୁଡିଓ ପରିଚାଳନାଠାରୁ ଆରମ୍ଭ କରି ସମସ୍ତ ବିଷୟରେ ଆଲୋଚନା କରାଯିବ। କିପରି ଅନ୍ୟ ରାଜ୍ୟର ପ୍ରଯୋଜକମାନେ ଏହି ଷ୍ଟୁଡ଼ିଓରେ ଶୁଟିଂ କରିପାରିବେ, ସେନେଇ ନୂଆ ଯୋଜନା କରାଯିବ। ଏହାବ୍ୟତୀତ ଷ୍ଟୁଡ଼ିଓର ୨ ବର୍ଗ ଗୋଟିଏ ଶୁଟିଂ ଓ ଅନ୍ୟଟି ମନୋରଞ୍ଜନ ପାର୍କ ରହିଛି। ମନୋରଞ୍ଜନ ପାର୍କ ପାଇଁ ଟିକେଟ ବ୍ୟବସ୍ଥା ହେବ ଓ ଦର୍ଶକମାନେ ଏଠାରେ ମନୋରଞ୍ଜନ କରିବା ସହ ଶୁଟିଂ କରିବାର ବ୍ୟବସ୍ଥା ହେବ। ଏହା ରାଜସ୍ୱ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ କହିଛନ୍ତି। ସେହିପରି ଅଭିନେତା ଶ୍ରୀତମ ଦାସଙ୍କ ପ୍ରଶ୍ନର ଉତ୍ତର ରଖି ଇଡ୍‌କୋ ଅଧ୍ୟକ୍ଷ ପ୍ରଶାନ୍ତ କହିଲେ, ଆମ୍ୟୁଜମେଣ୍ଟ ପାର୍କକୁ ଆସୁଥିବା ଦର୍ଶକମାନଙ୍କୁ ଶୁଟିଂ ସ୍ପଟ୍‌କୁ ବାରଣ କରାଯିବ। ଶୁଟିଂ ସମୟରେ ବିଶୃଙ୍ଖଳା ଏଡାଇବା ପାଇଁ ଆମେ ବିଭିନ୍ନ ରାସ୍ତା ତିଆରି କରିବୁ, ଯାହାଦ୍ୱାରା ଦର୍ଶକମାନେ ଗୋଟିଏ ପାର୍ଶ୍ୱରେ ପଶିପାରିବେ ଏବଂ ଅନ୍ୟ ପାର୍ଶ୍ୱରେ ଶୁଟିଂ ଚାଲିପାରିବ ବୋଲି କହିଥିଲେ।

# ମୋରମ, ମାଙ୍କଡ଼ାପଥର ଚୋରାଚାଲାଣ: ୧୦ ଗାଡ଼ି ଜବତ

ପିପିଲି,୧୧।୯(ଦୁର୍ଗାମାଧବ ମିଶ୍ର)

ପିପିଲି-ଜଟଣୀ ରାସ୍ତାରେ ବେଆଇନ ମୋରମ ଓ ମାଙ୍କଡ଼ାପଥର ଚୋରାଚାଲାଣ ହେଉଥିବାବେଳେ ଗୁରୁବାର ଭୋର ସମୟରେ ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୦ଟି ଗାଡ଼ି ଜବତ କରାଯାଇଛି। ତନ୍ମଧ୍ୟରେ ୯ଟି ମୋରମ ବୋଝେଇ ହାଇୱା ଏବଂ ଗୋଟିଏ ମାଙ୍କଡ଼ା ପଥର ବୋଝେଇ ଟ୍ରକ ରହିଥିବାବେଳେ ସେଗୁଡ଼ିକୁ ପିପିଲି ପୋଲିସ ଜିମା ଦିଆଯାଇଛି। ସୂଚନା ମୁତାବକ, ପିପିଲି ଓ ଡେଲାଙ୍ଗ ଥାନା ଅଞ୍ଚଳରେ ଦୈନିକ ଶହ ଶହ ଟ୍ରିପ୍ ମାଙ୍କଡ଼ା ପଥର ଓ ମୋରମ ଚୋରା ଚାଲାଣ ହେଉଛି। ଜିଲା ଖଣି ବିଭାଗ ଅଧିକାରୀ ସମୀର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ ବେହେରା, ପୁରୀ ଏପିଆର୍ ପୋଲିସ ଫୋର୍ସ ସମେତ ପିପିଲି ପୋଲିସ ଏହି ଚଢାଉରେ ସାମିଲ ହୋଇଥିଲେ। ଜବତ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ ପରେ ସମ୍ପୃକ୍ତ ମାଲିକମାନଙ୍କୁ ନୋଟିସ କରାଯାଇ ଜରିମାନା ଆଦାୟ କରାଯିବ ବୋଲି ଜିଲା ଖଣି ବିଭାଗ ଅଧିକାରୀ ମିଶ୍ର କହିଛନ୍ତି।

# ଜାତୀୟ ସ୍ୱଚ୍ଛ ବାୟୁ ସହର: ଚତୁର୍ଥ ସ୍ଥାନରେ ଭୁବନେଶ୍ୱର

ଭୁବନେଶ୍ୱର,୧୧।୯(ଅନୁରାଧା ମହାରଣା)

ସର୍ବଭାରତୀୟ ସ୍ତରରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ଆଉଏକ ସଫଳତା ମିଳିଛି। ସ୍ୱଚ୍ଛ ବାୟୁ ସହର ଭାବେ ଭୁବନେଶ୍ୱର ସାରା ଦେଶରେ ନୂଆ ପରିଚୟ ପାଇଛି। 'ଜାତୀୟ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୪'ର ଦ୍ୱିତୀୟ ବର୍ଗ ଅର୍ଥାତ୍ ୩ରୁ ୧୦ ଲକ୍ଷ ଜନସଂଖ୍ୟା ସହର ବର୍ଗରେ ଭୁବନେଶ୍ୱର ଚତୁର୍ଥ ସ୍ଥାନ ହାସଲ କରିଛି। ଦେଶର ମୋଟ ୧୩୦ଟି ସହର ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ସହରାଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରଥମ ବର୍ଗ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା, ଦ୍ୱିତୀୟ ବର୍ଗ ୩ରୁ ୧୦ଲକ୍ଷ ଜନସଂଖ୍ୟା ଏବଂ ତୃତୀୟ ବର୍ଗରେ ୩ ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ସହରକୁ ନିଆଯାଇଥିଲା। ୨୦୧୧ ଜନ ଗଣନା ଆଧାରରେ ଏହି ବର୍ଗୀକରଣ କରାଯାଇଥିଲା। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ସହରଗୁଡ଼ିକୁ 'ଜାତୀୟ ସ୍ୱଚ୍ଛ ବାୟୁ ସହର' ମାନ୍ୟତା ପ୍ରଦାନ କରିଛନ୍ତି। ରାଙ୍କିଙ୍ଗ୍ କରିବା ପୂର୍ବରୁ ମନ୍ତ୍ରଣାଳୟ ବିଭିନ୍ନ ଦିଗ ଯଥା ରାସ୍ତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପକ୍କା କରିବା, ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହିତ କରିବା, ପୁରୁଣା ବର୍ଜ୍ୟବସ୍ତୁଗୁଡ଼ିକର ଜୈବ ପ୍ରତିକାର କରିବା, ସି ଆଣ୍ଡ୍ ଡି ଏବଂ କଠିନ ବର୍ଜ୍ୟ ପରିଚାଳନା, ଡମ୍ପ ସାଇଟର ପୁନରୁଦ୍ଧାର ହୋଇଥିବା ଭୂମିରୁ ନଗର ବାଟିକା, ଗ୍ରୀନ୍‌ବେଲ୍ଟ ବିକାଶ, ବୌଦ୍ଧିକ ଟ୍ରାଫିକ ପରିଚାଳନା ବ୍ୟବସ୍ଥା, ମିଆୱାକି ଜଙ୍ଗଲ, ଶିଳ୍ପରେ ସ୍ୱଚ୍ଛ ଇନ୍ଧନ ପରିବର୍ତ୍ତନ ଆଦିକୁ ତର୍ଜମା କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱଚ୍ଛ ବାୟୁ ପାଇଁ ଜାତୀୟ ମିଶନର ଏକ ଅଂଶ ସ୍ୱରୂପ ପ୍ରତିବର୍ଷ ସେପ୍ଟେମ୍ବର ୭ରେ ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଏ। ରିପୋର୍ଟ ଏବଂ ଡକ୍ୟୁମେଣ୍ଟଗୁଡ଼ିକ ପରିବେଶ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବାୟୁର ଗୁଣବତ୍ତା ମନିଟରିଂ କମିଟି ଦ୍ୱାରା ଯାଞ୍ଚ କରାଯାଇଥାଏ। ପରିବେଶ ଓ ପରିବେଶ ମନ୍ତ୍ରଣାଳୟ ଏବଂ ସିସି ନିର୍ଦ୍ଦେଶାବଳୀରେ ଦିଆଯାଇଥିବା ମୂଲ୍ୟାଙ୍କନ ଆଧାରରେ ସିପିସିବି ଦ୍ୱାରା ରାଙ୍କିଙ୍ଗ ପାଇଁ ଅଧିକ ଯାଞ୍ଚ ଏବଂ ମୂଲ୍ୟାଙ୍କନ କରାଯାଇଥାଏ। ପ୍ରତିବର୍ଷ ଗ୍ରହଣ କରାଯାଉଥିବା ଏବଂ ପୂର୍ବ ଆର୍ଥିକ ବର୍ଷର ଅବଧି ଅର୍ଥାତ ୧ ଏପ୍ରିଲରୁ ୩୧ ମାର୍ଚ୍ଚ ପାଇଁ ଦାଖଲ ହୋଇଥିବା ମୂଲ୍ୟାଙ୍କନକୁ ଆଧାର କରି ସହରଗୁଡ଼ିକ ରାଙ୍କିଙ୍ଗ କରାଯାଏ। ଏହି ପ୍ରକ୍ରିୟାରେ ଭୁବନେଶ୍ୱର ମହାନଗର ନିଗମ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ଅମରାବତୀ ପ୍ରଥମ ସ୍ଥାନ ହାସଲ କରିଛି।

# ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ

ବାଣପୁର,୧୧।୯ (ଦିଲୀପ କୁମାର ସ୍ୱାଇଁ)

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଶାଖା ପକ୍ଷରୁ ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁର୍ ପ୍ରତାପ ନରେନ୍ଦ୍ରସିଂହ ବର୍ମା, ମୁଖ୍ୟବକ୍ତା ଡ. କୈଳାସ ଚନ୍ଦ୍ର ମହାରଣା ଯୋଗଦେଇ ଉକ୍ତ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନର ଯୁବପିଢ଼ି ସ୍ୱାମିଜୀଙ୍କ ବାଣୀରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ। କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଥିବା ସ୍ୱାମିଜୀଙ୍କ ଜୀବନୀ ଉପରେ ଆଧାରିତ ସ୍ୱାଧ୍ୟାୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟକ୍ତିତ୍ୱ ବିକାଶ ଶିବିରରେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ନଗର ସଞ୍ଚାଳକ ସତ୍ୟ ନାରାୟଣ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ନଗର ପ୍ରମୁଖ କୁମାର ଦାସ, ବ୍ୟବସ୍ଥା ପ୍ରମୁଖ ସୁକାନ୍ତ କୁମାର ଜେନା, ଅଧ୍ୟାପିକା ମିକି ମନସ୍ୱିନୀ ଏବଂ ଡ. ଅରବିନ୍ଦ ନାୟକ କାର୍ଯ୍ୟକ୍ରମ ପରିଚଳାନା କରିଥିଲେ। ନଗର ସମ୍ପର୍କ ପ୍ରମୁଖ ବୈରାଗୀ ଚରଣ ବଳ ଧନ୍ୟବାଦ ଦେଇଥିଲେ।

# କାର୍‌କୁ ଧକ୍କାଦେଲା ଆମ ବସ୍: ୨ ଗୁରୁତର

ପିପିଲି,୧୧।୯(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପୁରୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ନାୟାରା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ କାରକୁ ଡବଲ ଡେକର 'ଆମ ବସ୍' ଧକ୍କା ଦେଇଛି। ଫଳରେ ୨ଜଣ କାର୍ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା କାର୍ (ନଂ. ଓଡି ୩୩ ଏକେ ୮୮୧୩) ପଛପଟୁ ଏକ ଡବଲ ଡେକର ବସ୍ (ଓଡି ୩୩ ଏଆର୍ ୧୫୪୨) ଧକ୍କା ଦେଇଥିଲା। ଫଳରେ କାରରେ ଥିବା ୨ଜଣ ମହିଳା ଗୁରୁତର ଓ ଡ୍ରାଇଭର ସାମାନ୍ୟ ଆହତ ହୋଇଥିଲେ। ମହିଳା ଦ୍ୱୟଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ବସ ଡ୍ରାଇଭରଙ୍କୁ ପିପିଲି ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଗୁରୁତର ମହିଳାଙ୍କ ପରିବାର ପକ୍ଷରୁ ପିପିଲି ଥାନାରେ ଏତଲା ଦିଆଯାଇଥିବା ବେଳେ ବେପରୁଆ ଗାଡ଼ି ଚାଳନା ପାଇଁ ବାରମ୍ବାର ସରକାରୀ ବସ୍ ଏଭଳି ଦୁର୍ଘଟଣା ଘଟାଉ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି, ଗତ ରଥଯାତ୍ରା ସମୟରେ ଭୁବନେଶ୍ୱରରୁ ପୁରୀ ଯାଉଥିବା 'ଆମ ବସ୍' ଦୁର୍ଘଟଣାରେ ୩ ଯୁବତୀଙ୍କ ମୃତ୍ୟୁ ଘଟିଥିଲା।




# ସ୍ତ୍ରୀଙ୍କୁ ନିର୍ଯାତନା ସହ ଦ୍ୱିତୀୟ ବିବାହ: ସ୍ୱାମୀ ଗିରଫ

ବଲାଙ୍ଗୀ,୧୧।୯(କେଦାରେଶ୍ୱର ନନ୍ଦ)

ଯୌତୁକ ଦାବିରେ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିବା ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ବିଜୟ ବେହେରା। ସୂଚନା ଅନୁଯାୟୀ, ୨୦୨୩ରେ ବିଜୟ ଗୋପ ଥାନା ଅଧୀନ ଚଢ଼େଇ ଗାଁ ଗ୍ରାମର ରଘୁ ମାଣ୍ଡୋଇଙ୍କ ଝିଅ ବିନ୍ଦୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ନଗଦ ୬୦ ହଜାର ଟଙ୍କା ସହ ସମସ୍ତ ଆସବାବପତ୍ର କନ୍ୟାଘର ପକ୍ଷରୁ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ବାକି ୪୦ ହଜାର ଟଙ୍କା ପାଇଁ ସ୍ୱାମୀ, ଶାଶୁ ଓ ନଣନ୍ଦମାନେ ବିନ୍ଦୁଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ପରେ ବିଜୟ ତାଙ୍କ କର୍ମକ୍ଷେତ୍ର କେରଳକୁ ବିନ୍ଦୁଙ୍କୁ ସାଙ୍ଗରେ ନେଇଯାଇଥିଲେ। ସେଠାରେ କିଛିଦିନ ରଖିବା ପରେ ଘରକୁ ଫେରିବାକୁ କହି ଟ୍ରେନରେ ବିନ୍ଦୁଙ୍କୁ ଛାଡ଼ି କୁଆଡେ ପଳାଇଥିଲେ। ବିନ୍ଦୁ ବହୁ କଷ୍ଟରେ ଶାଶୁଘରେ ପହଞ୍ଚିଥିଲେ ମଧ୍ୟ ଶାଶୁ ଓ ନଣନ୍ଦମାନେ ତାଙ୍କୁ ଘରୁ ତଡ଼ି ଦେଇଥିଲେ। ବିନ୍ଦୁ ବାପଘରେ ଆସି ରହିଥିବାବେଳେ ସ୍ୱାମୀ ବିଜୟ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରି କେରଳରେ ରହୁଥିବା ଖବର ପାଇଥିଲେ। ଏ ନେଇ ବିନ୍ଦୁ ବଲାଙ୍ଗୀ ଥାନାରେ ଗତବର୍ଷ ଜୁନରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବିଜୟ ବୁଧବାର ଗ୍ରାମକୁ ଆସିଥିବା ଖବର ପାଇ ଏସ୍‌ଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିଦ୍ୟାଧରପୁର ଗ୍ରାମରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ସମୟର ଉପଯୁକ୍ତ ପରିଚାଳନା, ପ୍ରଚେଷ୍ଟା ଦ୍ୱାରା ସଫଳତା ମିଳେ

## ଏସ୍‌ସିଏସ୍ କଲେଜରେ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନାମ ଲେଖାଇଥିବା ଏମ୍‌ବିଏ ଏବଂ ଏମ୍.କମ୍-ଫାଇନାନ୍ସ ଓ କଣ୍ଟ୍ରୋଲ (ଏମ୍‌ଏଫ୍‌ସି) ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ 'ସାମନ୍ତ ଚନ୍ଦ୍ରଶେଖର ସମ୍ମିଳନୀ କକ୍ଷ'ରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଫଳତା ହାସଲ ନିମନ୍ତେ ଏକ ଶୃଙ୍ଖଳିତ ଜୀବନଯାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ବିଏ ଏବଂ ଏମ୍‌ଏଫ୍‌ସି ବିଭାଗ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ବରିଷ୍ଠ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ ଏମ୍‌ବିଏ ଏବଂ ଏମ୍‌ଏଫ୍‌ସି ପାଠ୍ୟକ୍ରମରେ ପଢାଯାଉଥିବା ବିଷୟ ସହିତ ଇଣ୍ଟର୍ନଶିପ୍, ଶିଳ୍ପାଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ ଓ କ୍ୟାମ୍ପସ ପ୍ଲେସମେଣ୍ଟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ୟବସାୟ ପରିଚାଳନା ବିଭାଗର ପ୍ରଫେସର ଡ. ଦାଶରଥି ସାହୁ ଯୋଗଦେଇ ସମୟ ଓ ସମ୍ବଳର ଉପଯୁକ୍ତ ପରିଚାଳନା ଏବଂ ନିରବଚ୍ଛିନ୍ନ ପ୍ରଚେଷ୍ଟା ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚିହୁଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବାଣୀବିହାର ଡିଡିସିଇର ଆସୋସିଏଟ୍ ପ୍ରଫେସର ଡ. ସୁଜିତ କୁମାର ଆଚାର୍ଯ୍ୟ ଯୋଗଦେଇ ବ୍ୟକ୍ତିଗତ ଜୀବନ ଓ ବୃତ୍ତିଗତ ଜୀବନରେ ମ୍ୟାନେଜମେଣ୍ଟ ଶିକ୍ଷା କିଭଳି ପ୍ରତ୍ୟେକ ସମୟରେ କାର୍ଯ୍ୟକାରୀ ହେଉଛି, ତାହା ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ ଯୋଗଦେଇ ଯେ କୌଣସି କ୍ଷେତ୍ରରେ ସଫଳ ହେବା ପାଇଁ ଆର୍ଥିକ ଓ ମାନବ ସମ୍ବଳର ସୁପରିଚାଳନା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଭାଗୀୟ ଅଧ୍ୟାପିକା ସୌମ୍ୟା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା, ବିଷ୍ଣୁ ପ୍ରସାଦ ସାମନ୍ତରାୟ ଏବଂ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ଦାସ ଧନ୍ୟବାଦ ଦେଇଥିଲେ।



ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

## ସଂକ୍ଷେପରେ

### ୧୪ରୁ ମା' ମଙ୍ଗଳାଙ୍କ ପୀଠରେ ଷୋଡ଼ଶ ପୂଜା

କାକଟପୁର/ଅସ୍ତରଙ୍ଗ,୧୧।୯ (ଶୁଭଦର୍ଶନମିଶ୍ର/ପ୍ରଦୀପ୍ତକୁମାରଦୀକ୍ଷିତ)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଆସନ୍ତା ୧୪ ତାରିଖରୁ ଷୋଡ଼ଶ ପୂଜା ଆରମ୍ଭ ହେବ। ଏହି ପ୍ରସିଦ୍ଧ ଶକ୍ତିପୀଠରେ ବାର୍ଷିକ ଶାରଦୀୟ ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜା ଶାସ୍ତ୍ର ରୀତିନୀତି ଅନୁସାରେ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀରୁ ମହାଷ୍ଟମୀ ସହିତ ବିଜୟାଦଶମୀ ପର୍ଯ୍ୟନ୍ତ ୧୬ଦିନ ଧରି ଚାଲିବ। ଏହି ଦିନଗୁଡ଼ିକରେ ମା'ଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେବ। ମନ୍ଦିର ଶାସ୍ତ୍ର ନିୟମ ଅନୁସାରେ ୧୪ତାରିଖରେ ମୂଳାଷ୍ଟମୀ, ଦେବୀ ଉତ୍ଥାନ, ସହସ୍ର କୁମ୍ଭାଭିଷେକ, ଷୋଡ଼ଶ ଦିନାତ୍ମକ ପୂଜାରମ୍ଭ, ପ୍ରତ୍ୟେକ ରାତ୍ରରେ ମହାସ୍ନାନ ସହ ସେପ୍ଟେମ୍ବର ୨୨ରୁ ନବଦିନାତ୍ମକ ପୂଜା ଆରମ୍ଭ ହେବ। ଚଳିତ ବର୍ଷ ଷୋଳପୂଜାକୁ ଧୁମ୍‌ଧାମ୍‌ରେ ପାଳନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି।

### ରୋଗୀ କଲ୍ୟାଣ ସମିତି ବୈଠକ ବାତିଲ

ଅସ୍ତରଙ୍ଗ, ୧୧।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ହେବାକୁ ଥିବାବେଳେ ତାହାକୁ ବାତିଲ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନଙ୍କ କହିବା ମୁତାବକ, ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ବିଧାୟକ ଦୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିଲା। କାର୍ଯ୍ୟସୂଚୀ ଅନୁଧ୍ୟାନ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହିତ ଆଲୋଚନା କରି ବିଧାୟକ ଫେରିଯାଇଥିଲେ। ତେବେ ଏହାର କିଛି ସମୟ ପରେ ବ୍ଲକ ଅଧକ୍ଷା ପହଞ୍ଚିଥିଲେ। ବିଶେଷ ଆଲୋଚନା ହୋଇପାରି ନ ଥିବାରୁ ବୈଠକ ବାତିଲ କରାଯାଇଛି।

### ୨ ମୋଷ୍ଟୱାଣ୍ଟେଡ୍ ଗିରଫ

କଣାସ,୧୧।୯ (ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ କଣାସ ଥାନା ଆଇଆଇସି ପ୍ରସନ୍ନ ନାୟକ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୨ବର୍ଷ ତଳେ ଅପରାଧ ଘଟାଇ ଫେରାର ଥିବା ନନ୍ଦିଗୋଦା ଗ୍ରାମର ରଜନୀକାନ୍ତ ସ୍ୱାଇଁଙ୍କୁ ପୋଲିସ୍ ୱାରେଣ୍ଟ ବଳରେ ଗିରଫ କରିଛନ୍ତି। ସେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଅପରାଧରେ ସଂପୃକ୍ତ ଥାଇ ଗତ ୧୯୯୩ ମସିହାରୁ ଫେରାର ଥିଲେ। ପୁରୀ ସେସନ୍ସ କୋର୍ଟଙ୍କ ଗିରଫ ପରୱାନା ନଂ–ଜି.ଆର୪୭୭/୯୩ ବଳରେ ତାଙ୍କୁ ପୋଲିସ୍ ଗିରଫ କରିଛି। ସେହିପରି କଣାସ ଥାନା ଗାଣ୍ଡପଡ଼ା ଗ୍ରାମର ରୋହିତ ପ୍ରଧାନଙ୍କୁ ଗିରଫ ପରୱାନା ନଂ–ଜି.ଆର୫୪୦/୨୦୧୯ ବଳରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନାୟକ କହିଛନ୍ତି।

### ପୋଷ୍ଟମାଷ୍ଟରଙ୍କୁ ମାଡ଼ ମାରି ଯୁବକ ଗିରଫ

କଣାସ,୧୧।୯ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଡା ଥାନା ଗଡ଼ବଡ଼ପଦା ଗ୍ରାମର ବାବୁଲା ବଲିୟାରସିଂହ ଜଣେ ପୋଷ୍ଟ ମାଷ୍ଟରଙ୍କୁ ଗାଳିକରିବା, ମାଡ ମାରିବା ଓ ପୋଷ୍ଟ ଅଫିସ୍ ବନ୍ଦ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ବାବୁଲାଙ୍କୁ ଗୁରୁବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବକୁ ପୋଷ୍ଟମାଷ୍ଟର ଚିନ୍ମୟ କୁମାର ମାଝୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଗାଁକୁ ନାହିଁ ପକ୍କା ରାସ୍ତା: କାଦୁଅରେ ଯାତାୟାତ କରୁଛନ୍ତି ଲୋକେ

ଅସ୍ତରଙ୍ଗ,୧୧।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ସ୍ୱାଧୀନତାକୁ ଦୀର୍ଘ ୭୮ବର୍ଷ ବିତିଗଲାଣି, ଅଥଚ ଗାଁକୁ ପକ୍କା ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ଫଳରେ କାଦୁଅ ପଚପଚ ରାସ୍ତାରେ ଯିବାଆସିବା କରିବାକୁ ପଡୁଛି। ବର୍ଷା ହେଲେ ଯନ୍ତ୍ରଣା ଆହୁରି ବଢ଼ିଯାଉଛି। ଗାଡ଼ିମୋଟର ତ ଦୂରର କଥା, ଖାଲି ପାଦରେ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି। ରାସ୍ତା ଅବସ୍ଥା ଏମିତି ହୋଇଛି ଯେ, ବାଡ଼ି ଅବା କାହାର ସାହାରା ନ ହେଲେ ରାସ୍ତା ସହଜରେ ଅତିକ୍ରମ କରିହେବ ନାହିଁ। ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ଗ୍ରାମର ବାସିନ୍ଦାଙ୍କୁ ଏ ଦୁର୍ଦ୍ଦଶା ଚିତ୍ର ଦେଖିବାକୁ ମିଳୁଛି। ଗାଁକୁ ଏବେ ମଧ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରିଲା ନାହିଁ।

ପ୍ରକାଶ ଯେ, ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ଗ୍ରାମର ଛୋଟରୁ ବଡ଼ ପର୍ଯ୍ୟନ୍ତ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ଆଣ୍ଠୁଏ କାଦୁଅ ପାଣିରେ ପଶି ଯିବାଆସିବା କରୁଛନ୍ତି। ସ୍କୁଲ୍, କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ବଜାର, ହାଟକୁ ଯିବା ସହିତ ଗାଈ, ଛେଳି, ମେଣ୍ଢା ନେଇ ପ୍ରତିଦିନ ଲୋକେ ଯାତାୟାତ କରିଥାନ୍ତି। ଯଦି ଦୈବାତ ରାତିରେ କାହାର ଦେହ ଖରାପ ହେଲା, ଡାକ୍ତରଖାନା ଯିବା ତ ଦୂରର କଥା, ଗାଁ ବାହାରକୁ ମଧ ରୋଗୀଟିଏ ବାହାରିପାରେ ନାହିଁ। ପ୍ରସୂତି ଅବା ଅନ୍ୟ ଗୁରୁତର ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ କାଦୁଅ ରାସ୍ତା ଯୋଗୁ ଗାଁରେ ପହଞ୍ଚିପାରେ ନାହିଁ। ପୁଣି ଅଗ୍ନିଶମ ଭଳି ଜରୁରିକାଳୀନ ସେବା ମଧ ପ୍ରଭାବିତ ହୋଇଛି। ଖାଲି ସେତିକି ନୁହେଁ, ବିଭିନ୍ନ ମୌଳିକ ସୁବିଧାରୁ ଏହି ଲୋକମାନେ ବଞ୍ଚିତ। ପାନୀୟ ଜଳ ପାଇଁ ୨ କି.ମି.ରୁ ଊର୍ଦ୍ଧ୍ୱ ବାଟ ଅତିକ୍ରମ କରି ଯିବାକୁ ପଡ଼ିଥାଏ। ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ବହୁଦୂରରେ ଅବସ୍ଥିତ। ଏହି ଘଟଣା ସମ୍ପର୍କରେ ମାଣ୍ଡୁକି ସରପଞ୍ଚ ରୋଜିନା ଜେନା ଅସ୍ତରଙ୍ଗ ବିଡିଓଙ୍କୁ ଅବଗତ କରାଇଥିଲେ। ପରେ ଜନଶୁଣାଣି ଶିବିରରେ ଜଣାଇବା ପରେ ଉକ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ସହ ଲୋକଙ୍କ ସମସ୍ୟା ଖୁବ୍‌ଶୀଘ୍ର ଦୂର କରିବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅସ୍ତରଙ୍ଗ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅସ୍ତରଙ୍ଗ ବିଡିଓ ସମ୍ପୂର୍ଣ୍ଣ ଫୁ' କରି ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକୁ ୮ ଦିନ ବିତି ଯାଇଥିଲେ ସୁଦ୍ଧା ବିଡିଓ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିନାହାନ୍ତି। ରାଜ୍ୟ ସରକାର ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ ମୌଳିକ ସୁବିଧା ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



କାଦୁଅ ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି ।

**ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ**



ପ୍ରବଳ ଖରା ସମୟରେ ଶ୍ରଦ୍ଧାଳୁଙ୍କ ସହଜ ଦର୍ଶନ ପାଇଁ ଶ୍ରୀମନ୍ଦିର ସମ୍ମୁଖରେ କାର୍ପେଟ ବିଛାଯାଇଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ଚାନ୍ଦପଡ଼ା ଗ୍ରାମରେ ଗଣେଶ ଭସାଣି ଉତ୍ସବ



ଭସାଣି ପାଇଁ ଗଣେଶ ମେଢ ଶୋଭାଯାତ୍ରାରେ ନିଆଯାଉଛି ।

କଣାସ,୧୧।୯ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଗ୍ରାମପଞ୍ଚାୟତର ଚାନ୍ଦପଡା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଜାକଜମକରେ ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଙ୍ଗବେରଙ୍ଗର ଆଲୋକମାଳା ଓ ବିଭିନ୍ନ ବାଦ୍ୟ ବଜାଯାଇ ଚାନ୍ଦପଡା ଗ୍ରାମରୁ ଦୀର୍ଘ ୧କିମି ବାଲିଘାଇ ଛକ ପର୍ଯ୍ୟନ୍ତ ଗଣେଶ ମେଢକୁ ଆଣି ପୁନଶ୍ଚ ଫେରାଇନେଇ ଗାଁ ପୋଖରୀରେ ବିସର୍ଜନ କରାଯାଇଥିଲା।

# ନଦୀ ପାଣି ପିଉଛନ୍ତି ଗ୍ରାମବାସୀ

ଗୋପ,୧୧।୯ (ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘଦିନ ଧରି ଗୋପ ବ୍ଲକ ଅନ୍ତର୍ଗତ ତରକୋର ପଞ୍ଚାୟତରେ ପିଇବା ପାଣି ସମସ୍ୟା ଲାଗିରହିଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ପଦକ୍ଷେପ ନେଉନାହିଁ। ଗୁରୁବାର ମିଥୁନ ମହାରୀଙ୍କ ନେତୃତ୍ୱରେ ପଞ୍ଚାୟତର ଯୁବକମାନେ ବିଡିଓ ଛବିରାଣୀ ସାହୁଙ୍କୁ ଭେଟି ଅଭିଯୋଗ ଜଣାଇବା ସହ ଦାବିପତ୍ର ଦେଇଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ରଞ୍ଜନ କୁମାର ପରିଡା, ମିଟୁ ମହାରୀ, ସୁଶାନ୍ତ କୁମାର ବେହେରା, ପିଣ୍ଟୁ ମହାରୀ, ରଞ୍ଜିତ ମହାରୀ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ତରଫରୁ ପାନୀୟ ଜଳ ଯୋଗାଣ କରାଯାଉଥିଲେ ମଧ ମାସକୁ ମାତ୍ର ଦୁଇରୁ ତିନି ଥର ଜଳ ଯୋଗାଣ ହେଉଛି। ଗ୍ରାମରେ ଟ୍ୟାଙ୍କର ଠିକ ଭାବେ ଜଳ ଯୋଗାଣ କରୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଟ୍ୟାଙ୍କର ଓ ପାଇପ ସଫା କରାଯାଉ ନ ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହି ପଞ୍ଚାୟତରେ ବର୍ଷ ବର୍ଷ ଧରି ସମସ୍ୟା ଲାଗିରହିଛି। ପଞ୍ଚାୟତ ଉନ୍ନୟନ ପାଣ୍ଠି ଜଳଯୋଗାଣରେ ଖର୍ଚ୍ଚ ହେଉଛି। ଏବେ ପଞ୍ଚାୟତ ପାଣ୍ଠି ଶେଷ ହୋଇଛି। ଫଳରେ ୭ ମାସ ଧରି ଜଳ ଯୋଗାଣ କରୁଥିବା ଟ୍ୟାଙ୍କରକୁ ପ୍ରାପ୍ୟ ଦିଆଯାଇ ନାହିଁ। ଅନ୍ୟପକ୍ଷରେ ଏହି ପଞ୍ଚାୟତକୁ ଜଳ ଯୋଗାଣ ଲାଗି ପାଣ୍ଠି ଯୋଗାଇବାକୁ ଉଚ୍ଚ ପଦାଧିକାରୀଙ୍କୁ ପତ୍ର ଲେଖାଯାଇଛି ଏବଂ ଖୁବଶିଘ୍ର ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପରେ ସାମିଲ କରାଯିବ ବୋଲି ବୋଲି ବିଡିଓ ସାହୁ କହିଛନ୍ତି।

**ବିଡିଓଙ୍କ ନିକଟରେ ଅଭିଯୋଗ**

# ୧୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୧୧।୯ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଛକ ନିକଟରେ ଗୁରୁବାର ନିମାପଡ଼ା ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ ପାଟପୁର ଗ୍ରାମର ଶ୍ରେଷ୍ଠ ନାୟକ (୩୦)। ତାଙ୍କଠାରୁ ୧ଶହ ୨୮ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି। ଏ ନେଇ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ କେସ୍ ନଂ ୫୨/୨୫–୨୬ ରୁଜୁ ହୋଇଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ପି ପ୍ରତୀକ ସିଂ ଏବଂ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ, ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସିଦ୍ଧେଶ୍ୱର ମଲ୍ଲିକ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ଏସ୍. କେ. ୱାରିସ, ତପନ ପ୍ରଧାନ, ସବିତା ସାହୁ, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏସ୍‌ଆଇ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ୩ ଘଣ୍ଟା ପରେ ଉଦ୍ଧାର ହେଲେ ଯୁବକ

ଗୋପ,୧୧।୯ (ଭାରତୀ ଭୂଷଣ ଉପାଧ୍ୟାୟ)

ପାରିବାରିକ ସମସ୍ୟାକୁ ନେଇ ଜଣେ ଯୁବକ ବୁଧବାର ବିଳମ୍ବିତ ରାତ୍ରରେ ଗୋପ ବ୍ଲକ ଅନ୍ତର୍ଗତ ଶଙ୍ଖୁଆ ଗ୍ରାମ ନିକଟରେ ଥିବା ପାଣି ଟାଙ୍କି ଉପରେ ଚଢି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଦୀର୍ଘ ୩ ଘଣ୍ଟା ପରେ ଗୋପ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବହୁ କଷ୍ଟରେ ଉଦ୍ଧାର କରିଛନ୍ତି। ଉଦ୍ଧାର ଯୁବକ ହେଉଛନ୍ତି ଶଙ୍ଖୁଆ ଗ୍ରାମର ମଣ୍ଟୁ କାଣ୍ଡି(୩୪)। ତାଙ୍କୁ ଅଗ୍ନିଶମ ବିଭାଗର ହାବିଲଦାର ନାରାୟଣ ପାତ୍ର, ଆଗ୍ନିକ ନିରଞ୍ଜନ ବେହେରା ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ବୋଲି ବୋଲି ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ର ଗୁରୁବାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, କୈଣସି କାରଣକୁ ନେଇ ଏହି ଯୁବକ ଜଣଙ୍କ ରାତ୍ର ୧୦ଟାରେ ଗାଁ ନିକଟସ୍ଥ ପାଣିଟାଙ୍କି ଉପରେ ଚଢି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସଙ୍ଗେ ସଙ୍ଗେ ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଚତୁରତାର ସହିତ ୭୦/୮୦ ଫୁଟ ଉଚ୍ଚତା ପାଣି ଟାଙ୍କି ଉପରେ ଚଢି ଯୁବକଙ୍କୁ କାବୁ କରି ତଳକୁ ଆଣିଥିଲେ।

**ପାଣି ଟାଙ୍କି ଉପରେ ଚଢି ଆତ୍ମହତ୍ୟା ଉଦ୍ୟମ କରିଥିଲେ**



ପୁରୀରେ ଗୁରୁବାର ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ଉଦ୍‌ଘାଟନ ଅବସରରେ ପରିବେଷିତ ସମ୍ବଲପୁରୀ ନୃତ୍ୟ ।

# ବ୍ରାଉନ ସୁଗାର ଜବତ: ଜଣେ ଗିରଫ

ପୁରୀ, ୧୧।୯ (ଅଜିତ୍ କୁମାର ମହାନ୍ତି)

ବ୍ରାଉନ ସୁଗାର କାରବାର ଅଭିଯୋଗରେ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମାର୍କେଣ୍ଡେଶ୍ୱର ସାହି ନୂଆପାଟଣା ଲେନର ଆଶୁତୋଷ ଦାସ ଓରଫ ରାଜା। ପୋଲିସ ତାଙ୍କ ନିକଟରୁ ୧୧.୨୫ ଗ୍ରାମର ବ୍ରାଉନ ସୁଗାର ସହ ୬୫ଟି ରୋଲ ପେପର ଚିଟ୍ ଜବତ କରିଛି। ଏନେଇ ଏକ କେସ୍ (ନଂ ୪୪୨/୨୫) ରୁଜୁ କରାଯାଇଛି। ଜଗନ୍ନାଥ ବଲ୍ଲଭ ଗୁମ୍ଫା ମହାବୀର ନିକଟରେ ଆଶୁତୋଷ ବ୍ରାଉନସୁଗାର ବିକ୍ରି କରିବାକୁ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଜବତ ବ୍ରାଉନ ସୁଗାର ମୂଲ୍ୟ ୧.୫୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

# ଗୋଟିଏ କୋଠରିରେ ୫ ଶ୍ରେଣୀ

ଅସ୍ତରଙ୍ଗ, ୧୧।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଣ୍ଡୁକି ପଞ୍ଚାୟତର ସିଲାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୯୭୨ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ ନାହିଁ। ଫଳରେ

ଗୋଟିଏ କୋଠରିରେ ୫ଟି ଶ୍ରେଣୀ ଚାଲୁଛି। ଶ୍ରେଣୀଗୃହରେ ଗୋଟିଏ କଳାପଟା ରହିଛି। ଗୋଟିଏ ପାର୍ଶ୍ୱରେ ଜଣେ ଏବଂ ଅନ୍ୟପଟେ ଆଉ ଜଣେ ଶିକ୍ଷୟିତ୍ରୀ ପାଠ ପଢାଉଥିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟ ଉନ୍ନତ ଶିକ୍ଷାବ୍ୟବସ୍ଥାକୁ ଉପହାସ କରୁଛି। ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅନେକ ସମୟରେ ଶ୍ରେଣୀଗୃହ କାନ୍ଥରୁ ପ୍ଲାଷ୍ଟର ଖସିପଡୁଥିବାବେଳେ ବର୍ଷାଦିନେ ପାଣି ଗଳୁଛି। ବିଦ୍ୟାଳୟର ଅବଶିଷ୍ଟ ଦୁଇଟି ଗୃହ ମଧ୍ୟରୁ ଗୋଟିଏ ଅଫିସ ହୋଇଥିବାବେଳେ ଗୋଟିଏ କକ୍ଷରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗୋଟିଏ କୋଠରିରେ ଶିକ୍ଷାଦାନ କିଭଳି ହେଉଥିବ, ତାହା ସହଜେ ଅନୁମେୟ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ରାୟ କହିଛନ୍ତି ଯେ, ଶ୍ରେଣୀଗୃହଗୁଡ଼ିକ ବିପଦସଂକୁଳ ଅବସ୍ଥାରେ ରହିଛି। ସମସ୍ୟା ସତ୍ତ୍ୱେ ଗୋଟିଏ କକ୍ଷରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବାକୁ ବାଧ ହେଉଛୁ। ଅନ୍ୟପକ୍ଷରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି, ଖୁବ୍‌ଶୀଘ୍ର ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ଦୂର ପାଇଁ ପଦକ୍ଷେପ ନେବି।

**ବାଧାପ୍ରାପ୍ତ ହେଉଛି ପାଠପଢ଼ା**

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

କୃଷ୍ଣପ୍ରସାଦ,୧୧।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ଏଥିସହ ରହିଥିବା ସମସ୍ୟାର ସମାଧାନ ପାଇଁ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ନୂଆପଡ଼ା, ବଡ଼ଖାଡ଼, ଗୋମୁଣ୍ଡିଆ, ଅଲଣ୍ଡା, ପିରିଜିପୁର ଆଦି ପଞ୍ଚାୟତ ପରିଦର୍ଶନ କରିଥିଲେ। ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ଭଡା, ରାଶନ, ଆବାସ ହିତାଧିକାରୀଙ୍କ ସହିତ ଆଲୋଚନା କରି ତୃଣମୂଳସ୍ତରରୁ ତଥ୍ୟ ସଂଗ୍ରହ କରିଥିଲେ। ସେଠାରୁ ମେଗା ଜଳଯୋଗାଣ ବସୁଧା ପ୍ରକଳ୍ପ, ୩୫ ମୌଜାର ଆରାଧ କମଳେଶର ପୀଠ, ତିଛିଣିଠାରେ ନୂତନ ଭାବେ ନିର୍ମିତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। କିଆନାସିଠାରେ ଥିବା ମାଣ୍ଡିଆ ଚାଷୀମାନଙ୍କ ସହିତ ଆଲୋଚନା କରିବା ସହ ଚାଷଜମିକୁ କିଭଳି ଜଳଯୋଗଣ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ଗୁଣାତ୍ମକମାନ ସମ୍ପର୍କରେ ପଚାରି ବୁଝିବା ସହିତ ମଧାହ୍ନ ଭୋଜନରେ ଦିଆଯାଉଥିବା ପୋଷଣ ଲଡୁ ଏବଂ ଖାଦ୍ୟର ମାନ ମଧ ଯାଞ୍ଚ କରିଥିଲେ। ଚିଲିକାରେ ଥିବା ମହିଁସା ଏବଂ ବ୍ରହ୍ମପୁର ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଗୃହ ଉପକରଣ ସାମଗ୍ରୀ କିଭଳି କମ୍ ଖର୍ଚ୍ଚରେ ପହଞ୍ଚି ପାରିବ ଏବଂ ହିତାଧିକାରୀ କିଭଳି ଗୃହଟି ପୂର୍ଣ୍ଣାଙ୍ଗ କରିପାରିବେ ସେ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ ଗସ୍ତ ସମୟରେ ମୁଖ୍ୟ ଉନ୍ନୟନ ଜିଲା ପରିଷଦ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କନିଷ୍ଠ ଯନ୍ତ୍ରୀ ଅମିୟ କୁମାର ପଣ୍ଡା, ଜିତେନ୍ଦ୍ର ଦାସ, କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ କୃଷ୍ଣପ୍ରସାଦ ଗସ୍ତ**

# ବିପଦସଙ୍କୁଳ ଅବସ୍ଥାରେ ଷଣ୍ଢମରା ସେତୁ

ଯୋଗେଶ୍ୱରପୁର,୧୧।୯ (ରଶ୍ମିରଞ୍ଜନ ସାହୁ)

ଓଟରରୁ ମନାପଡ଼ା ରାସ୍ତାର କାଦୁଆ ନଦୀ ଉପରେ ଷଣ୍ଢମରା ସେତୁ ଦୀର୍ଘ ୩୦ ବର୍ଷ ତଳେ ନିର୍ମାଣ ହୋଇଥିବା ବେଳେ ତାହାର ରକ୍ଷଣାବେକ୍ଷଣ ଅଭାବରୁ ସେତୁଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେତୁଟିର ବାଡ଼ା ଭାଙ୍ଗି ଭାଙ୍ଗିଯାଇଥିବା ବେଳେ ସେତୁର ତଳଭାଗ ସିମେଣ୍ଟ ଛାଡ଼ି ରଡ୍ ଦେଖାଯାଉଛି ଓ ଫାଟ ସୃଷ୍ଟି ହୋଇଛି। ଉକ୍ତ ବିପଦସଙ୍କୁଳ ସେତୁ ଉପରେ ମାଲ୍ ବୋଝେଇ ଗାଡ଼ି ଚଳାଚଳ କରିବା ପାଇଁ ନିରାପଦ ମଣୁନାହାନ୍ତି। ବିପଜ୍ଜନିତ ପୋଲ ଉପରେ ସ୍କୁଲ, କଲେଜ ପିଲାମାନେ ସାଇକେଲ ନେଇ ଯାତାୟାତ କରୁଥିବା ବେଳେ ପୋଲର ଦୁଇପାର୍ଶ୍ୱ ଦବିଯାଇଥିବା ଦେଖିବାକୁ ମିଳିଛି। ଏହି ସେତୁ କେଉଁ ସମୟରେ ଭାଙ୍ଗିଯିବ ତାହା କହିହେବ ନାହିଁ। ଏହାରି ଉପରେ ପ୍ରତ୍ୟେକ ଦେସ୍ଥଳୀ, ଜଙ୍ଗଲବୋରୀ, ବୀରତୁଙ୍ଗ, ଧୂମାଳ ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ପୋଲର ଅବସ୍ଥା ଜରାଜୀର୍ଣ୍ଣ ଥିବାବେଳେ ତାହାର ମରାମତି ପାଇଁ ବୀରତୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିବିର ପରିଡ଼ା ଦାବି କରିଛନ୍ତି।



ଶୋଚନୀୟ ଅବସ୍ଥାରେ ଥିବା ଷଣ୍ଢମରା ସେତୁ ।

# ପ୍ରାଣୀ ଚିକିତ୍ସାଳୟରେ ଡାକ୍ତର, କର୍ମଚାରୀ ଅଭାବ

**ଟାଙ୍ଗୀ,୧୧।୯(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ସଦର ମହକୁମାରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଡାକ୍ତର ଏବଂ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ସେହିପରି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଜଟଣୀକୁ ଡେପୁଟେଶନରେ ପଠାଯିବା ଫଳରେ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍ ଚାଲିଥିବା ଜଣାପଡ଼ିଛି। ତେଣୁ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଅଭିଜ୍ଞତା ଦୃଷ୍ଟିରୁ ଚତୁର୍ଥ ଶ୍ରେଣୀ

**ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ଚାଲିଛି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା**



କର୍ମଚାରୀମାନେ କେବଳ ଭାକ୍ସିନେଶନ କରୁଥିବା ବେଳେ ପ୍ରାଣୀଙ୍କ ଚିକିତ୍ସା ପାଇଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଙ୍ଗୀ ବ୍ଲକର ନିରାକାରପୁର ଓ ଟାଙ୍ଗୀରେ ପ୍ରାଣୀ ଚିକିତ୍ସାଳୟ ଥିବା ବେଳେ ଛଣଗିରି, କମାଗୁରୁ, ବଡ଼ପୋଖରିଆ, କୁହୁଡି, ଭୂଷଣ୍ଡପୁରରେ ଏଲ୍ଆଇ କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡ଼ିକରେ ଜଣେ ଲେଖାଏ ଏଲ୍ଆଇଙ୍କ ଦ୍ୱାରା ଚିକିତ୍ସା ଚାଲିଛି। କେତେକ କେନ୍ଦ୍ରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ନାହାନ୍ତି। ଲେଣ୍ଟୁ, ଅଚ୍ୟୁତପୁର ଏବଂ ବଡ଼ପାରୀରେ ପ୍ରାଣୀ ଚିକିତ୍ସା ପାଇଁ ଗୃହ ନିର୍ମାଣ କରାଯାଇଥିବା ବେଳେ ସେଠାରେ କୌଣସି କର୍ମଚାରୀ ନିଯୁକ୍ତ ହୋଇ ନ ଥିବା ଜଣାପଡ଼ିଛି। ସରକାରଙ୍କ ବିଭିନ୍ନ ଯୋଜନାରେ ଚାଷୀମାନଙ୍କୁ ଗାଈ, ଛେଳି, ମଇଁଷି, କୁକୁଡ଼ା, ବତକ, ଘୁଷୁରି ଆଦି ପାଳନ କରିବା ପାଇଁ ପ୍ରୋତ୍ସାହନ କରାଯାଉଛି। ସରକାରଙ୍କ ପକ୍ଷରୁ ପ୍ରାଣୀ ଚିକିତ୍ସାଳୟ ଅଧିକାରୀଙ୍କୁ ମଧ୍ୟ ଟାର୍ଗେଟ ଦିଆଯାଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଡାକ୍ତର, କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉନାହିଁ। ତେଣୁ ବର୍ଷକୁ ଦୁଇ ଥର ଟିକାକରଣ ସହ ବିଭିନ୍ନ ସଂକ୍ରାମକ ରୋଗର ଚିକିତ୍ସା ପାଇଁ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ବାଉଁଶ ନଈରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଟାଙ୍ଗୀ,୧୧।୯(ରଘୁନାଥ ସାହୁ)**

ବାଉଁଶ ନଈରେ ବୁଡ଼ିଯିବାରୁ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗ୍ରାମର ସୁଧୀର ମଲିକ। ସୂଚନା ମୁତାବକ, ଗ୍ରାମ ନିକଟ ବାଉଁଶ ନଈକୁ ସୁଧୀର ଶୌଚ ହେବା ପାଇଁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ଗଭୀର ଜଳ ଭିତରକୁ ଚାଲିଯାଇଥିଲେ। ଚିତ୍କାର ଶୁଣି ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ପହଞ୍ଚି ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ନଈ ଭିତରେ ଖୋଜାଖୋଜି କରିଥିଲେ ମଧ୍ୟ ସୁଧୀରଙ୍କ ସନ୍ଧାନ ପାଇ ନ ଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଦୁଇ ଘଣ୍ଟା ଖୋଜାଖୋଜି କରିବା ପରେ ସୁଧୀରଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

### ପାଣି ମୋଟର ଚୋରି ଘଟଣାରେ ଯୁବକ ଗିରଫ

**କଳାପଥର,୧୧।୯(ଗଙ୍ଗାଧର ସାହୁ)**

ପାଣି ମୋଟର ଚୋରି ଘଟଣାରେ ବୈଦ୍ୟେଶ୍ୱର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିପଡ଼ା ଗ୍ରାମର ବିଶ୍ୱରଞ୍ଜନ ସେଠୀ(୧୮)। ଏନେଇ ଥାନାରେ ଏକ ମାମଲା (ନଂ.୧୭୨/୨୫) ରୁଜୁ ହୋଇଛି ବୋଲି ଆଇଆଇସି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଏହି ଥାନା ଅଧୀନ କଳିପୋଇ ପଞ୍ଚାୟତର କରଡ଼ାପାଲୀ ଓ ପୁର୍ଙ୍ଗୋ ପଞ୍ଚାୟତର ପଣ୍ଡଲମ ଗ୍ରାମରୁ କେହି ଦୁର୍ବୃତ୍ତ ପାଣି ମୋଟର ଚୋରି କରିନେଇଥିଲେ। ଏନେଇ ସରପଞ୍ଚଙ୍କୁ ଜଣାଇବା ପରେ କଳିପୋଇ ସରପଞ୍ଚ ସୁବ୍ରତ କୁମାର ବେହେରା ଏବଂ ଠିକାଦାର ବିଜୟ କୁମାର ମଙ୍ଗରାଜ ବୈଦ୍ୟେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିଲା।

### ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକୋତ୍ସବ

**ନିରାକାରପୁର,୧୧।୯ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତ ଅଧୀନ ପାଣ୍ଡବପାଟଣା ଗ୍ରାମଠାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉର୍ମିଳାଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି ଏବଂ ବ୍ୟବସାୟୀ ରଜନୀକାନ୍ତ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସାମାଜିକକର୍ମୀ ଶଙ୍କର୍ଷଣ ପ୍ରଧାନ ପରିଚୟ ପ୍ରଦାନ କରିଥିଲେ। ବି. କେ. ପ୍ରତିଭା ଭଉଣୀ, ବି. କେ. ଶାନ୍ତି ଭଉଣୀ, ବିକେ ବାଇଧର ଭାଇ, ବି. କେ. ବିହାରୀ ଭାଇ, ବି. କେ. ରମାକାନ୍ତ ଭାଇ, ବି. କେ. ପ୍ରତାପ ଭାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବି. କେ. ଭାଗ୍ୟଧର ଭାଇ ଧନ୍ୟବାଦ ଦେଇଥିଲେ।

### ପ୍ରବନ୍ଧ ପ୍ରତିଯୋଗିତା

**ଟାଙ୍ଗୀ,୧୧।୯(ରଘୁନାଥ ସାହୁ)**

ଚାନ୍ଦପୁରସ୍ଥିତ ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିର ପରିସରରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଭାଗରେ 'ଆଧ୍ୟାତ୍ମିକତା–ଏକ ଜୀବନଶୈଳୀ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ବିଷ୍ଣୁପ୍ରିୟା ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଇ ଦିବ୍ୟଦର୍ଶୀ ନାୟକ ଦ୍ୱିତୀୟ ଏବଂ ଶ୍ରେୟାଂସୁ କୁମାର ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି କନିଷ୍ଠ ବିଭାଗରେ 'ପିତାମାତା–ମୋର ପ୍ରେମମୟ ଭଗବାନ୍' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ସତ୍ୟମ୍ ଚୌଧୁରୀ ପ୍ରଥମ, ବୀଣାପାଣି ସାହୁ ଦ୍ୱିତୀୟ ଏବଂ ଅମ୍ରିତା ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ମଙ୍ଗରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁମା' ନୀଳିମା ମହାନ୍ତି, କ୍ରିଷ୍ଣା ପରିଡ଼ା ପରୀକ୍ଷା ମୂଲ୍ୟାୟନ କରିଥିଲେ। ଗୁରୁମା' ଭାରତୀ ବିଶ୍ୱାଳ, ସୁମିତ୍ରା ମହାରଣା, ଅନୁରାଧା ଜେନା, କଳ୍ପନା ପ୍ରଧାନ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପଦେଷ୍ଟା ବିଜୟ ରାଉତ, ସଂପାଦକ ରବୀନ୍ଦ୍ର ନାୟକ, ଟାଙ୍ଗୀ ସତ୍ୟସାଇ ସେବା ସମିତିର ଆବାହକ ବିଜୟ କୁମାର ପ୍ରମୁଖ ପର୍ଯ୍ୟବେକ୍ଷକଭାବେ ଯୋଗଦେଇଥିଲେ।

# 'ପରିବେଶ ସୁରକ୍ଷାରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିଛି'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୧୧।୯(ପ୍ରଭାତ ପାଣିଗ୍ରାହୀ)**

ବିଶ୍ୱସ୍ତରରୁ ସ୍ଥାନୀୟ ଅଞ୍ଚଳ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ଏକ ଆହ୍ୱାନ ପାଲଟିଛି। ପରିବେଶଜନିତ ସମସ୍ୟାର ସମାଧାନ ଦିଗରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିଛି। ସାମ୍ପ୍ରତିକ ସମୟରେ ଚାରାରୋପଣ ହିଁ ଏକମାତ୍ର ମାଧ୍ୟମ। ସବୁଜିମା ପ୍ରସାରଣ ଘଟାଇବା ହେଉଛି ମାନବସମାଜ ନିମନ୍ତେ ଶ୍ରେଷ୍ଠ ପ୍ରଚୁର କାର୍ଯ୍ୟପନ୍ଥା। ଯୁବପିଢ଼ି ମଧ୍ୟରେ ଏହାର ରୂପାନ୍ତରିତ ହେଲେ ଏକ ସକାରାତ୍ମକ ପରିବର୍ତ୍ତନ ସମ୍ଭବପର ହେବ। ଏ ଦିଗରେ ବ୍ୟାପକ ପ୍ରଚାର ଉଦ୍ଦେଶ୍ୟରେ ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର ଯୁଗ୍ମ ପୃଷ୍ଠପୋଷକତାରେ ଜଟଣୀ ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏକ ପରିବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିଆନ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର ଡିଜିଏମ୍ ରଣଜୟ ସିଂହ ମୁଖ୍ୟ ଅତିଥି ଏବଂ ଏଜିଏମ୍ ମନୋରଞ୍ଜନ ସେଠୀ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଲୋପାମୁଦ୍ରା ପ୍ରିୟଦର୍ଶିନୀ ସଭାପତିତ୍ୱ କରିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, ଉପସଭାପତି ଡ. ଲାଲା ଏକେ ସିଂହ, ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର, ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ସଦସ୍ୟ ପ୍ର. ନିମାଇଁ ଚରଣ ମିଶ୍ର ଏବଂ ବିଶ୍ୱନାଥ ପୁହାଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ବିଭିନ୍ନ ପରିବେଶ ସମସ୍ୟା ଏବଂ ସେସବୁର ସମାଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପିଜିଟି ହରେକୃଷ୍ଣ ମହାପାତ୍ର ଏବଂ ମିନତି ମହାପାତ୍ର ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ପରିବେଶ ପ୍ରସଙ୍ଗ ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ଅତିଥି, ଓଇଏସ୍ ସଦସ୍ୟ, ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ମିଳିତ ପ୍ରୟାସରେ ୧୨୦ରୁ ଊର୍ଦ୍ଧ୍ୱ ନଡ଼ିଆ, ଆମ୍ବ, ପଣସ, ପିଜୁଳି, ଅଁଳା ଆଦି ଗଛର ଚାରାରୋପଣ କରାଯାଇଥିଲା।

**ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ କୃଷ୍ଣପ୍ରସାଦ ଗସ୍ତ**

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା


ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ବୁଲି ଦେଖୁଛନ୍ତି।

**କୃଷ୍ଣପ୍ରସାଦ,୧୧।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ଏଥିସହ ରହିଥିବା ସମସ୍ୟାର ସମାଧାନ ପାଇଁ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ନୂଆପଡ଼ା, ବଡ଼ଖାଡ଼, ଗୋମୁଣ୍ଡିଆ, ଅଲଣ୍ଡା, ପିରିଜିପୁର ଆଦି ପଞ୍ଚାୟତ ପରିଦର୍ଶନ କରିଥିଲେ। ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ଭତ୍ତା, ରାଶନ, ଆବାସ ହିତାଧିକାରୀଙ୍କ ସହିତ ଆଲୋଚନା କରି ତୃଣମୂଳସ୍ତରରୁ ତଥ୍ୟ ସଂଗ୍ରହ କରିଥିଲେ। ସେଠାରୁ ମେଗା ଜଳଯୋଗାଣ ବସୁଧା ପ୍ରକଳ୍ପ, ୩୫ ମୌଜାର ଆରାଧ କମଳେଶର ପୀଠ, ଟିଛିଣିଠାରେ ନୂତନ ଭାବେ ନିର୍ମିତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। କିଆନାସିଠାରେ ଥିବା ମାଣ୍ଡିଆ ଚାଷୀମାନଙ୍କ ସହିତ ଆଲୋଚନା କରିବା ସହ ଚାଷଜମିକୁ କିଭଳି ଜଳଯୋଗଣ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ଗୁଣାତ୍ମକମାନ ସମ୍ପର୍କରେ ପଚାରି ବୁଝିବା ସହିତ ମଧ୍ୟାହ୍ନ ଭୋଜନରେ ଦିଆଯାଉଥିବା ପୋଷଣ ଲଡ୍ଡୁ ଏବଂ ଖାଦ୍ୟର ମାନ ମଧ୍ୟ ଯାଞ୍ଚ କରିଥିଲେ। ଚିଲିକାରେ ଥିବା ମହିଁସା ଏବଂ ବ୍ରହ୍ମପୁର ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଗୃହ ଉପକରଣ ସାମଗ୍ରୀ କିଭଳି କମ୍ ଖର୍ଚ୍ଚରେ ପହଞ୍ଚି ପାରିବ ଏବଂ ହିତାଧିକାରୀ କିଭଳି ଗୃହଟି ପୂର୍ଣ୍ଣାଙ୍ଗ କରିପାରିବେ ସେ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ ଗସ୍ତ ସମୟରେ ମୁଖ୍ୟ ଉନ୍ନୟନ ଜିଲା ପରିଷଦ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ, କନିଷ୍ଠ ଯନ୍ତ୍ରୀ ଅମିୟ କୁମାର ପଣ୍ଡା, ଜିତେନ୍ଦ୍ର ଦାସ, କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ବିପିସି ମନୋରଞ୍ଜନ ସାହୁ, ବିଆର୍ସି ଅମିତ ତାଡ଼, ଜଳଯୋଗାଣ ବିଭାଗ ଯନ୍ତ୍ରୀ ପୁର୍ନେନ୍ଦୁ ଶେଖର ମିଶ୍ର, ବିପିନ ବିହାରୀ ମଙ୍ଗରାଜ, ପିଇଓ ବିକାଶ ମାଝୀ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ମାନସିଂହ ସାହିତ୍ୟ ସଂସଦର କବିତା ଆସର

**କୃଷ୍ଣପ୍ରସାଦ,୧୧।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ମାନସିଂହ ସାହିତ୍ୟ ସଂସଦର ୫୭ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଗୁଗୁଲ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ମାୟାଧର ମାନସିଂହଙ୍କ ବଡ଼ ପୁଅ ବୈଜ୍ଞାନିକ ଲାଲୁ ମାନସିଂହ ଏହାକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ କବି ତଥା ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ ଯୋଗଦେଇ ଆଧୁନିକ କବିତା ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଉପସ୍ଥିତ କବିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଫେସର ସରୋଜିନୀ ବରାଇ, ଚନ୍ଦ୍ରା ମିଶ୍ର, ବୁଲୁ ବିଶୋୟୀ ପ୍ରମୁଖ କବିତା ପାଠ କରିଥଲେ। ସଂସଦର ମୁଖ୍ୟ ଉପଦେଷ୍ଟା ଡ. ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। କବି ସୁଶ୍ରୀ ରିନା ପରିଡ଼ାଙ୍କ ସଂଯୋଜନାରେ କବି ସମୀର ନାୟକ, ଐଶ୍ୱର୍ଯ୍ୟା ପ୍ରଧାନ, ସୁଶାନ୍ତ କୁମାର ଦଳେଇ, ଧର୍ମ ଶତପଥୀ, ବନ ବିହାରୀ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ଗଗନ ପ୍ରଧାନ, ପ୍ରବୀଣା ଦାସ, ଜ୍ୟୋସ୍ନାରାଣୀ ଦେବୀଙ୍କ ସମେତ ୪୯ରୁ ଅଧିକ ସାହିତ୍ୟ ସାଧିକା ସାଧକ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ। ଆସନ୍ତା କବିତା ଆସର ଅକ୍ଟୋବର ୧୦ରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସ୍ୱାଇଁ ସୂଚନା ଦେଇଛନ୍ତି।

### ପଞ୍ଚାୟତସ୍ତରୀୟ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ବାଣପୁର,୧୧।୯(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଅଧୀନ କୁମାରଙ୍ଗଶାସନ ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀଠାରେ ପଞ୍ଚାୟତସ୍ତରୀୟ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଶ୍ରମ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ରଞ୍ଜନ କର, ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ଟ୍ରେଡ୍ ୟୁନିୟନ ପ୍ରତିନିଧିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବହୁବିଧ ଯୋଜନାଗୁଡିକ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ଆନ୍ତଃରାଜ୍ୟ ଶ୍ରମିକମାନଙ୍କ ପାଇଁ ଆଇନରେ ଥିବା ପ୍ରାବଧାନ ସମ୍ପର୍କରେ ତଥା ଦେଶ ବାହାରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ଥିବା ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ୧୪ ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା। ଏଥିସହ ସଚେତନତା ରଥ ମାଧ୍ୟମରେ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# ୨୨ ଦିନ ପରେ ସାଉଦି ଆରବରୁ ଅଣାଗଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ବାଣପୁର,୧୧।୯(ଦିଲୀପ କୁମାର ସ୍ୱାଇଁ)**


ମନୋଜ କୁମାର ବାରିକ

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ଗ୍ରାମର ମନୋଜ କୁମାର ବାରିକ(୩୯) ସାଉଦିଆରବର ଏକ କମ୍ପାନୀରେ ସହକାରୀ ରାଜମିସ୍ତ୍ରି ଭାବେ କାର୍ଯ୍ୟରତ ଥିବା ବେଳେ ଗତ ଅଗଷ୍ଟ ୨୧ରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁର ୨୨ଦିନ ପରେ ଅର୍ଥାତ୍ ଗୁରୁବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଛି। ଏହା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ୨୦୧୯ ଜୁନରେ ସାଉଦି ଆରବର ଏବିଆର୍ କଣ୍ଷ୍ଟ୍ରାକଟିଂ କମ୍ପାନୀରେ ସହକାରୀ ରାଜମିସ୍ତ୍ରି ଭାବେ ମନୋଜ ନିଯୁକ୍ତି ପାଇଥିଲେ। ତାଙ୍କ ରୋଜଗାରରେ ପରିବାର ପ୍ରତିପୋଷଣ ହେଉଥିଲା। ଗତ ଅଗଷ୍ଟ ୨୧ତାରିଖ ରାତି ସାଢ଼େ ୯ଟାରେ ସାଉଦି ଆରବର ଜିଦାନ ସହରରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସାଉଦିରୁ ତାଙ୍କ ମୃତଦେହ ଫେରାଇ ଆଣିବା ପରିବାର ପକ୍ଷେ ଅସମ୍ଭବ ହୋଇପଡିଥିଲା। ଏହା ପରେ ପୁରୀ ଜୀବନବୀମା କାର୍ଯ୍ୟାଳୟରେ କାର୍ଯ୍ୟରତ ସ୍ଥାନୀୟ ଚମ୍ପାଦେଇପୁର ଗ୍ରାମର ବାବୁଲି ସାହୁ ଜେଦାସ୍ଥିତ ଭାରତୀୟ ଦୂତାବାସର ଅଧିକାରୀ ଦେବବଂଶ ରାଓ ବଚନ ଏବଂ କମ୍ପାନୀର ମହମ୍ମଦ ହାସନ ଅଲ୍ଲୀଙ୍କ ସହ ଯୋଗାଯୋଗ କରିଥିଲେ। ବୁଧବାର ଜେଦାରୁ ମନୋଜଙ୍କ ମୃତଦେହ ବିମାନରେ ଆସି ଦିଲ୍ଲୀରେ ପହଞ୍ଚିଥିଲା। ଗୁରୁବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ପରିବାର ପକ୍ଷରୁ ମୃତଦେହକୁ ଆମ୍ବୁଲାନ୍ସରେ ଗ୍ରାମକୁ ଅଣାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ମରାମତି, ସଫେଇ ହେଉନି ପାଟବନ୍ଧ କେନାଲ


କେନାଲ ଭିତରେ ଅନାବନା ଲଟାମାଡ଼ିଯାଇଛି।

**ବୋଲଗଡ଼,୧୧।୯(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଟବନ୍ଧ ମା' ବୁଢ଼ୀଦେଇ ସିଂହନାଦ ଡ୍ୟାମରୁ ପାଟବନ୍ଧ ମୌଜାର ଚାଷଜମିକୁ ଯାଇଥିବା କେନାଲ ମରାମତି କିମ୍ବା ସଫେଇ ହେଉ ନ ଥିବାରୁ ଶୋଚନୀୟ ହୋଇପଡ଼ିଛି। ଏପରିକି ଅନେକ ସ୍ଥାନରେ କେନାଲ ଭାଙ୍ଗି ରୁଜିଗଲାଣି। ଫଳରେ ଚାଷଜମିକୁ ଠିକ୍‌ରେ ପାଣି ମାଡୁନାହିଁ। କେନାଲରେ ଯାହା ପାଣି ଆସୁଛି ମରାମତି ଅଭାବରୁ ଗର୍ତ୍ତ ସୃଷ୍ଟି ହୋଇ ପାଖରେ ଥିବା ନଈକୁ ପଳାଇଯାଉଛି। କିଛିବର୍ଷ ପୂର୍ବେ କେନାଲର କଂକ୍ରିଟ ଢଳେଇ ହୋଇଥିବା ବେଳେ ଏହା ମରାମତି ଆବଶ୍ୟକ ହୋଇପଡିଛି। ଉଭୟ ପାର୍ଶ୍ୱ ହୁଡ଼ାରେ ଅନାବନା କଣ୍ଟାଗଛ ଓ ଘାସ ସଫେଇ କାର୍ଯ୍ୟ ମଧ୍ୟ ନିୟମିତ ଭାବେ ହେଉ ନ ଥିବାରୁ କେନାଲରେ ଠିକ୍‌ଭାବେ ପାଣି ଆସୁନାହିଁ। ଚାଷୀଙ୍କ କହିବା ଅନୁଯାୟୀ, ଧାନଜମି ଉଚ୍ଚରେ ରହିଥିବା ବେଳେ କେନାଲଟି ଜମିଠାରୁ ବହୁ ଖାଲୁଆ ହୋଇ ଖନନ ହୋଇଛି। ଫଳରେ ଜମିକୁ ପାଣିମାଡ଼ିବା ସମ୍ଭବ ହେଉନାହିଁ। ୪୦ବର୍ଷ ତଳେ ନିର୍ମିତ ଏହି କେନାଲରୁ ଆବଶ୍ୟକ ସମୟରେ ଚାଷ ପାଇଁ ପାଣି ମିଳୁ ନ ଥିବା କହିଛନ୍ତି ଚାଷୀ। ମୌସୁମୀ ଏବଂ ଲଘୁଚାପ ବର୍ଷା ଉପରେ ଚାଷୀମାନେ ନିର୍ଭର କରିବାକୁ ପଡୁଛି। ଏହି କେନାଲର ମରାମତି ସହ ସଫେଇ କାର୍ଯ୍ୟ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଡିଇଓଙ୍କୁ ଶୁଭେଚ୍ଛା ଜଣାଇଲା ଶିକ୍ଷକ ସଂଘ



**ଖୋର୍ଦ୍ଧା,୧୧।୯(ପ୍ରଭାତ ପାଣିଗ୍ରାହୀ)**

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖୋର୍ଦ୍ଧା ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଜିଲା ଶିକ୍ଷାଧିକାରୀ ସୋନମିକା ରାୟ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଓଷ୍ଟା ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ଭୁବନେଶ୍ୱର ଯୁଗ୍ମ ନିର୍ଦ୍ଦେଶିକା ମୌସୁମୀ ସାହୁ ଉପସ୍ଥିତ ଥିଲେ। ଜିଲାରେ ବିଦ୍ୟାଳୟ ପାଠପଢ଼ା ଉନ୍ନତି, ଶୈକ୍ଷିକ ପରିବେଶ, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଷ୍ଟାର ଜିଲା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସମ୍ପାଦକ ସୁଧାକର ମହାପାତ୍ର, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ ଓ ଜିଲା ସଭାପତି ଅଜୟ କୁମାର ରାଉତରାୟ, ଶରତ କୁମାର ରାଉତ, ବିଚିତ୍ରା ନନ୍ଦ ମହାନ୍ତି, ଡ. ପ୍ରବୀର କୁମାର ସାହୁ, ଅଭିରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଟାଙ୍ଗୀ,୧୧।୯(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବଳରାମ ଦେବ ବିଦ୍ୟାପୀଠ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବଳରାମ ଦେବ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱଜିତ ପଲାଇ ଯୋଗଦେଇଥିଲେ। ୨୨ଟି ବିଦ୍ୟାଳୟର ୨୯୫ଜଣ ଖେଳାଳି କବାଡ଼ି, ଖୋଖୋ, ରଗ୍‌ବି ଫୁଟ୍‌ବଲ ଏବଂ ହକି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଖେଳାଳି ମନୋନୀତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଯୋଗଦେଇଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ ଗୀତାଂଶୁ ଶେଖର ମହାନ୍ତି କ୍ରୀଡ଼ା ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ନିରଞ୍ଜନ ସାହୁ, ମନୋଜ କୁମାର ଭଞ୍ଜଦେଓ, ପୁଣ୍ୟବ୍ରତ ମହାପାତ୍ର, ଲକ୍ଷ୍ମୀଧର ପାତ୍ର, କ୍ରୀଡ଼ା ଶିକ୍ଷୟିତ୍ରୀ ତିଳୋତ୍ତମା ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ପାଇକତିଗିରିଆ-ମର୍ନିଂ କ୍ଲବ୍ ସେମିଫାଇନାଲ ଆଜି


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

**ଶରଧାପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟ**

**ଖୋର୍ଦ୍ଧା,୧୧।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍ଏସ୍ଏ) ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ଶରଧାପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସ୍ଥାନୀୟ ଖେଳପଡ଼ିଆରେ ଦୁଇ ଭେଟେରାନ ଦଳ ଆୟୋଜକ ଏସ୍ଏସ୍ଏ ଟିମ୍ ଏବଂ ଡାଇନାମିକ୍ କ୍ଲବ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଟିମ୍ ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷ ଦଶ ମିନିଟରେ ଆୟୋଜକ ଏସ୍ଏସ୍ଏ ଟିମ୍ ଦୁଇଟି ଗୋଲ ଦେଇଥିବା ବେଳେ ଡାଇନାମିକ୍ କ୍ଲବ ଗୋଲ ଦେଇପାରି ନ ଥିଲା। ଫଳରେ ଏସ୍ଏସ୍ଏ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ରେଫରି ସାଗିର ଅହମଦଙ୍କୁ ସହଯୋଗ କରିଥିଲେ ଇଜାଜ ହୁସେନ, ସୈକତ ଅହମ୍ମଦ, ଅମଜାଦ ଖାଁ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ପାଇକତିଗିରିଆ କ୍ଲବ ଏବଂ ମର୍ନିଂ କ୍ଲବ ଖୋର୍ଦ୍ଧା ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ଏସ୍.ଇ. ହୁଦା ସୂଚନା ଦେଇଛନ୍ତି। ଅତିଥିଭାବେ ସଂଘ ସଭାପତି ମହମ୍ମଦ ଜମିଲୁର ରହେମାନ, ଅଲ୍ଲୀ ଅହମ୍ମଦ, ଲକ୍ଷ୍ମୀଧର ବଡ଼ଜେନା, ମୀନକେତନ ବଡ଼ଜେନା, ଜାପାନୀ ନାୟକ, ଲକ୍ଷ୍ମୀଧର ଘଡ଼େଇଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସୋମନାଥ ମଣ୍ଡଳ ପକ୍ଷରୁ ସେବାପକ୍ଷ କର୍ମଶାଳା

ତ୍ରିଶୂଳିଆ,୧୧।୯(ତୁଷାରକାନ୍ତ ବେହେରା)

କେନ୍ଦୁପାଟଣାସ୍ଥିତ ଡ୍ରିମଭିଲ୍ଲା ସ୍ଥାୟୀ ସଭାଗୃହରେ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ସୋମନାଥ ମଣ୍ଡଳ ପକ୍ଷରୁ ବୁଧବାର ମଣ୍ଡଳସ୍ତରୀୟ ସେବାପକ୍ଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସଞ୍ଜୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ଜିଲା ପରିଷଦ ତଥା ଭାଜପା ଯୁବନେତା କୁନାଲ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ସେବାପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସଦସ୍ୟଙ୍କୁ ଅବଗତ କରାଇଥିଲେ। ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ହେବାକୁ ଥିବା ସେବା ପକ୍ଷରେ ବିଭିନ୍ନ ସାମାଜିକ କାର୍ଯ୍ୟ ନେଇ ସଂକଳ୍ପ ନିଆଯାଇଛି। ଆୟୋଜିତ କର୍ମଶାଳାରେ ଟାଙ୍ଗିବନ୍ତ ଗ୍ରାମର ଯୁବନେତା ଅଭିଷେକ ଜେନା ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଛନ୍ତି। ଏହି ଅବସରରେ ଅତିଥିମାନେ ଜେନାଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ଲକ୍ଷ୍ମୀ ପଡିଆରୀ, ମିତାଲି ମାଝୀ, ନିର୍ମଳା ବେହେରା, ବେବିଶ୍ରୀ ରାଉତ, ତନୁଜାଳ ପ୍ରିୟଦର୍ଶିନୀଙ୍କ ସମେତ ଶତାଧିକ ମହିଳା ଓ ପୁରୁଷକର୍ମୀ ଯୋଗଦେଇଥିଲେ। ମଣ୍ଡଳର ସାଧାରଣ ସମ୍ପାଦକ ଜଗନ୍ନାଥ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୨୯ ବେଳକୁ ଓଡ଼ିଶାରେ କେହି ଭୂମିହୀନ ରହିବେନି: ପୂଜାରୀ

ଭୁବନେଶ୍ୱର, ୧୧।୯
(ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତା ସଂଗ୍ରାମୀ ଭାରତ ରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ସମାରୋହ ଗୁରୁବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟି ସଭାପତି ଜୟନ୍ତ ଦାସଙ୍କ ସଭାପତିତ୍ୱରେ 'ଭୂମି ଅଧିକାର ଓ ଭୂଦାନ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଲେ, ୨୦୨୯ ବେଳକୁ ଓଡ଼ିଶାରେ କେହି ଭୂମିହୀନ ବୋଲି କହିବାକୁ ରହିବେ ନାହିଁ। ଏହା ଆମ ସରକାରର ଆହ୍ୱାନ। ଭୂମିହୀନଙ୍କୁ ଚିହ୍ନଟ କରି ଜମି ଯୋଗାଇ ଦିଆଯିବ। ୭୫୦୦ କିସମକୁ ୨୨ଟି କିସମରେ ୩୫୦୦ ସ୍ୱତ୍ୱ ଥିବା ପଟ୍ଟାକୁ ୪ଟି ସ୍ୱତ୍ୱରେ ସୀମିତ କରିଛୁ। ଅନୁସୂଚିତ ଜାତି ଓ ଜନଜାତି ଲୋକ ଅସୁବିଧାରେ ପଡି ଜମି ବିକିଲେ ତାହାକୁ ସରକାର କିଣି ଲ୍ୟାଣ୍ଡ ବ୍ୟାଙ୍କରେ ରଖିବେ। ଉକ୍ତ ଜମିକୁ ଭୂମିହୀନଙ୍କୁ ଦିଆଯିବ। ଏଥିସହ କାହାକୁ ଦିଆଯାଇ ନ ଥିବା ଜମି ପୁଣି ସେ ସରକାରୀ ଦରରେ କିଣିପାରିବେ। ଭୂଦାନ ଆନ୍ଦୋଳନରେ ପାଇଥିବା ଜମି ଯଦି କିଏ ହଡ଼ପ କରିଥିବେ କିମ୍ବା ମାଡ଼ ବସିଥିବେ, ତେବେ ତାକୁ ପୁନରୁଦ୍ଧାର କରାଯିବ। ଜମି ଦାନ ପାଇଁ ଭୂଦାନ ଆନ୍ଦୋଳନରେ ରାଜସ୍ୱ ବିଭାଗ ଅଂଶୀଦାର ହେବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।


ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଅନ୍ୟ ଅତିଥିମାନେ ଦମୟନ୍ତୀ ଦେବୀଙ୍କୁ 'ଗାନ୍ଧୀ ବିନୋବା ଶାନ୍ତି ସମ୍ମାନ' ପ୍ରଦାନ କରୁଛନ୍ତି।

- ଭାରତ ରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ସମାରୋହ
- ଦମୟନ୍ତୀ, ଗୌରାଙ୍ଗଙ୍କୁ 'ଗାନ୍ଧୀ ବିନୋବା ଶାନ୍ତି ସମ୍ମାନ', ୭ ପାଇଲେ 'ସର୍ବୋଦୟ ସେବା ସମ୍ମାନ'

ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ଭୂମି, ଜମି ପାଇଁ ନ୍ୟାୟ ଆଜିର ଦିନରେ ସବୁଠୁ ବଡ଼ ଆହ୍ୱାନ । ଆଦିବାସୀମାନେ ଜଙ୍ଗଲ ଜମିର ଅଧିକାର ପାଇଁ ଆଉ କେତେଦିନ ସଂଘର୍ଷ କରିବେ। ଶିଳ୍ପପତିଙ୍କ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ୍, କିନ୍ତୁ ଭୂମିହୀନଙ୍କ ପାଇଁ କେବେ ଜମି ଦିଆଯିବ ବୋଲି ସେ ପ୍ରଶ୍ନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଅରୁଣ କୁମାର ସାହୁ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଲବ୍ୟ, ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ଅଧ୍ୟକ୍ଷା ଦମୟନ୍ତୀ ଦେବୀ, ବିନୋବା ସେବା ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ଭାରତ ନିର୍ବାଚନ ଆୟୋଗର ପୂର୍ବତନ ଉପଦେଷ୍ଟା ଡ. ଭଗବାନ୍ ପ୍ରକାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିନୋବାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟ ଅଧ୍ୟକ୍ଷା ଦମୟନ୍ତୀ ଦେବୀ ଓ ଲେଖକ ଗୌରାଙ୍ଗ ଚରଣ ପରିଡ଼ାଙ୍କୁ 'ଗାନ୍ଧୀ ବିନୋବା ଶାନ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ସେବା ସମାଜ ଗୁଣପୁରର ସୁଶ୍ରୀ ରାଜଶ୍ରୀ ଦଳାଇ, ଜୟକିରଣ ଟ୍ରଷ୍ଟର ସମ୍ପାଦିକା ସୁମିତ୍ରା ଜେନା, ଆସାମ କସ୍ତୁରବା ଟ୍ରଷ୍ଟର ଅନିମା ଦତ୍ତ, ଗୀତିକା ଦେବୀ, ଓଡ଼ିଶା ଉଦ୍ୟୋଗୀ ପରିବାର ଅଧ୍ୟକ୍ଷ ଶିବନାରାୟଣ ମିଶ୍ର, ଶହୀଦ ସ୍ମୃତି ପରିଷଦ ସମ୍ପାଦକ ପ୍ରମେଶ ମହାନ୍ତି ଏବଂ ଓଡ଼ିଶା ଫଲୋଅପ୍‌ର ଡ. ବି.ବି. ହୃଦୟଙ୍କୁ 'ସର୍ବୋଦୟ ସେବା ସମ୍ମାନ' ଦିଆଯାଇଥିଲା। ମହିଳା ଆତ୍ମନିର୍ଭର ଅଭିଯାନ ଅଧ୍ୟକ୍ଷା ଡ. ରୀନା ରାଉତରାୟ ଅତିଥି ପରିଚୟ, ସାମାଜିକ କର୍ମୀ ପ୍ରସନ୍ନ ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନା ଏବଂ ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ ଫେରିଲେ ନେପାଳରେ ଫସିଥିବା ୨୩ ଓଡ଼ିଆ ତୀର୍ଥଯାତ୍ରୀ

ଭୁବନେଶ୍ୱର, ୧୧।୯(ସୌମ୍ୟରଞ୍ଜନ ରାଉତ)

ନେପାଳରେ ଉପୁଜିଥିବା ହିଂସା ଯୋଗୁ ରାଜଧାନୀ କାଠମାଣ୍ଡୁରେ ଫସି ରହିଥିବା ୨୩ଜଣ ଓଡ଼ିଆ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ପରେ ଭାରତକୁ ଫେରାଇ ଅଣାଯାଇଛି। ଯାଜପୁରର ଏହି ତୀର୍ଥଯାତ୍ରୀମାନେ ନେପାଳ ଭ୍ରମଣରେ ଯାଇଥିବାବେଳେ ସେଠାରେ ହିଂସା ଓ ରାଜନୈତିକ ଅସ୍ଥିରତା ଦେଖାଦେବାରୁ ଆଉ ଫେରିପାରି ନ ଥିଲେ। ଏ ସମ୍ପର୍କରେ ଓଡ଼ିଶା ସରକାର ଜାଣିବା ପରେ ମାତ୍ର ୫ ଘଣ୍ଟା ମଧ୍ୟରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନେପାଳ କାଠମାଣ୍ଡୁସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ରହିଥିବା ଭାରତର ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ୨୩ଜଣ ଓଡ଼ିଆ ଯାତ୍ରୀମାନଙ୍କୁ ଉଦ୍ଧାର କରାଯିବା ପରେ ନେପାଳରୁ ଭାରତକୁ ଫେରାଇ ଅଣାଯାଇଛି। ଏହି ଓଡ଼ିଆ ଯାତ୍ରୀ ହେଲେ ଅଜୟ କୁମାର ପଣ୍ଡା, ମାମିନା ପଣ୍ଡା, ପଙ୍କଜ କୁମାର ଧଳ, ଭରତ କୁମାର ସ୍ୱାଇଁ, କାମିନୀ ସ୍ୱାଇଁ, ଶାରଦା ପ୍ରସନ୍ନ କର, ରିମା କର, ମନୋଜ କୁମାର ମିଶ୍ର, ସୁରେନ ଦଳାଇ, ବୀରେନ ଦଳାଇ, ପର୍ଶୁରାମ ଦଳାଇ, ପୂର୍ଣ୍ଣଚନ୍ଦ୍ର ଦଳାଇ, ପ୍ରସନ୍ନଜିତ ଦଳାଇ, ବ୍ରଜକିଶୋର ମିଶ୍ର, ଲୋପାମୁଦ୍ରା ମିଶ୍ର, ଶ୍ରେୟାନ ସୌରଭ ମିଶ୍ର, ସନ୍ତୋଷ କୁମାର ପାଣି, ସସ୍ମିତା ପାଣି, ବାଗ୍ମୀପ୍ରିୟା ପାଣି, ପ୍ରମୋଦ କୁମାର ମିଶ୍ର, ରାଜଶ୍ରୀ ମିଶ୍ର, ବୈଷ୍ଣବ ସାହୁ ଓ ସୁରେଶ ଚନ୍ଦ୍ର ସାହୁ। ନେପାଳରୁ ଫେରିଥିବା ସମସ୍ତ ଓଡ଼ିଆ ଯାତ୍ରୀ ସୁରକ୍ଷିତ ଥିବା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।


ଓଡ଼ିଆ ତୀର୍ଥଯାତ୍ରୀମାନେ ବସ୍‌ରେ ନେପାଳରୁ ଫେରୁଛନ୍ତି।

## ସବୁଜିମା ସୃଷ୍ଟି ପାଇଁ ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଆବଶ୍ୟକ

ଭୁବନେଶ୍ୱର,୧୧।୯(ସୁଚିସ୍ମିତା ସାହୁ)

**ଓଇଏସ୍, ଇଣ୍ଡିଆନ ବ୍ୟାଙ୍କ୍ ପକ୍ଷରୁ ଚାରାରୋପଣ**

ଓଡ଼ିଶା ପରିବେଶ ସମିତି (ଓଇଏସ) ଏବଂ ଇଣ୍ଡିଆନ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଜଟଣୀ ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଣ୍ଡିଆନ ବ୍ୟାଙ୍କ ଡିଜିଏମ୍ ରଣଞ୍ଜୟ ସିଂହ ଓ ସମ୍ମାନିତ ଅତିଥି ଭାବେ ଏଜିଏମ୍ ମନୋରଞ୍ଜନ ସେଠୀ ଯୋଗଦେଇଥିଲେ। ପରିବେଶଜନିତ ସମସ୍ୟା ବର୍ତ୍ତମାନ ସବୁ ଆଡେ ଦେଖିବାକୁ ମିଳୁଛି। ପରିବେଶ ସୁରକ୍ଷିତ ରଖିବା ପାଇଁ ଯୁବପିଢ଼ିଙ୍କୁ ବୁଝେଇବା ସହିତ ଚାରାରୋପଣ ମାଧ୍ୟମରେ ସବୁଜିମା ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଯୁବପିଢ଼ିଙ୍କ ସହଯୋଗରେ ହିଁ ଏକ ସକାରାତ୍ମକ ପରିବର୍ତ୍ତନ ସମ୍ଭବପର ହେବ ବୋଲି ବକ୍ତାମାନେ ମତ ଦେଇଥିଲେ।

ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷା ଲୋପାମୁଦ୍ରା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪ଶହରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, ଉପସଭାପତି ଡ. ଲାଲା ଏ. କେ. ସିଂହ, ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର, ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ସଦସ୍ୟ ପ୍ରଫେସର ନିମାଇଁ ଚରଣ ମିଶ୍ର ଏବଂ ବିଶ୍ୱନାଥ ପୁହାଣ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପିଜିଟି ହରେକୃଷ୍ଣ ମହାପାତ୍ର ଓ ମିନତି ମହାପାତ୍ର ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ପରିବେଶ ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିସରରେ ୧୨୦ରୁ ଊର୍ଦ୍ଧ୍ୱ ନଡ଼ିଆ, ଆମ୍ବ, ପଣସ, ପିଜୁଳି, ସପେଟା, ଅଁଳା ଆଦି ବିଭିନ୍ନ ଫଳ ଚାରା ରୋପଣ କରାଯାଇଥିଲା।


ଜଟଣୀ ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମ।

## ସଂସ୍କୃତି ବିଚିତ୍ରାରେ ମଞ୍ଚସ୍ଥ ହେଲା ନାଟକ 'ରାଜା ଇଡ଼ିପସ୍'


ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ନାଟକ 'ରାଜା ଇଡ଼ିପସ୍'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୧୧।୯ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା'ରେ ନାଟକ 'ରାଜା ଇଡ଼ିପସ୍' ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ମଞ୍ଚସ୍ଥ ହୋଇଯାଇଛି। ଗ୍ରୀକ୍ ନାଟ୍ୟକାର ସଫୋକ୍ଲିସ୍‌ଙ୍କ ଗ୍ରୀକ୍ କଥାବସ୍ତୁ ଆଧାରିତ ମୂଳରଚନା ତଥା କୁଞ୍ଜ ରାଏଙ୍କ ଓଡ଼ିଆ ଅନୁବାଦିତ ଏହି ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱବିଦ୍ୟାଳୟର ନାଟକ ବିଭାଗ ଅଧ୍ୟାପକ ଦେବବ୍ରତ ପଟ୍ଟନାୟକ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ କୁଳସଚିବ ଅନାମିକା ଅଧିକାରୀଙ୍କ ସମେତ ସାମାଜିକକର୍ମୀ ଗୋଲକ ପ୍ରସାଦ ମହାପାତ୍ର, ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ନାଟ୍ୟ ନିର୍ଦ୍ଦେଶକ ଲାଲ ବିରେନ୍ ପ୍ରସାଦ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ସମ୍ମାନିତ କରିଥିଲେ। ରହସ୍ୟ ଓ ରୋମାଞ୍ଚଭରା ମୂଳ ଗ୍ରୀକ୍ ରଚନାରୁ ଆଦୃତ ତଥା ଚୌଧୁରୀ ଜୟପ୍ରକାଶ ଦାସ ଓ ଗଜେନ୍ଦ୍ର ନାୟକଙ୍କ ଦିଗ୍‌ଦର୍ଶନରେ ମଞ୍ଚସ୍ଥ ଏହି ନାଟକର କଳାକାର ଭାବେ ଚନ୍ଦ୍ରଶେଖର ରଣସିଂହ, ବିଷ୍ଣୁପଦ ପଣ୍ଡା, ରାକେଶ କୁମାର ଚାନ୍ଦ, ସ୍ନିହଲ ମହାରଣା, ସାଇସ୍ୱରୂପ ଦେ, ସିଦ୍ଧାନ୍ତ ବଳିୟାରସିଂ, ରାକେଶ କୁମାର ସାହୁ, ଦେବପ୍ରସାଦ ପଣ୍ଡା, କାଜଲ ରାନୀ, ବିଜୟ ସାହୁ, ବର୍ଷା ପାଣି, ଶୁଭଲକ୍ଷ୍ମୀ ରାଉତରାୟ, ଏଗିନା ମଞ୍ଜରୀ ମଲ୍ଲିକ, ଦିବ୍ୟାଂଶୀ ମହାନ୍ତି, ଲୋହିତାକ୍ଷ ବେହେରା ଓ ଦେବାଂଶୀ ପଟ୍ଟନାୟକଙ୍କ ଅତି ନିଖୁଣ ଭାବେ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ପ୍ରତାପ ରାଉତ ଦେଇଥିବା ବେଳେ ହିମାଂଶୁ ଶେଖର ବେହେରା ଓ ପ୍ରଜ୍ଞାଦତ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସହରାଞ୍ଚଳ ପରିବହନ ସେବା ସମ୍ପ୍ରସାରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୧।୯(ଅନୁରାଧା ମହାରଣା)

**କ୍ରୁଟ୍‌ର ୫୦ତମ ବୋର୍ଡ ବୈଠକ**

କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)ର ୫୦ତମ ବୋର୍ଡ ବୈଠକ ଗୁରୁବାର ରାଜ୍ୟ ଉନ୍ନୟନ କମିଶନର ତଥା କ୍ରୁଟ ଅଧ୍ୟକ୍ଷା ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ସହରାଞ୍ଚଳ ପରିବହନ ସେବାର ସମ୍ପ୍ରସାରଣ ପ୍ରମୁଖ ରଣନୀତି ଉପରେ ବୈଠକରେ ଆଲୋଚନା ହୋଇଛି। ସୁରକ୍ଷା, ସେବା ଗୁଣବତ୍ତା ଏବଂ ଆମ ବସ୍ ସେବାର ବିସ୍ତାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ଦୈନିକ ୩ଲକ୍ଷରୁ ଅଧିକ ଲୋକଙ୍କୁ ଯାତାୟାତ ସେବା ଯୋଗାଇ ଦେଉଥିବା କ୍ରୁଟ୍ ଏହାର ୬୭୦ଟି ଆମ ବସ ସହିତ ଏକ ଅତ୍ୟନ୍ତ ସୁଲଭ ସାର୍ବଜନୀନ ପରିବହନ ଇକୋସିଷ୍ଟମ ସୃଷ୍ଟି କରିଛି। ୧୩୯୯ କିଲୋମିଟର ନେଟ୍‌ୱର୍କ ମଧ୍ୟରେ ୨୯୦ ଇ-ବସ ସହିତ ୧୧୫ ରୁଟ୍‌ରେ ପ୍ରାୟ ୨୦୯୯ଟି ବସ୍ ଷ୍ଟପ୍ ରହିଛି। ଡିଜିଟାଲ ପଦକ୍ଷେପ ଅଧୀନରେ ଓଡ଼ିଶା ପାଇଁ ଜାତୀୟ ସାଧାରଣ ମୋବିଲିଟି କାର୍ଡ (ଏନ୍‌ସିଏମସି), ଆମ ବସ୍ ପାଇଁ ହ୍ୱାଟ୍ସଆପ-ଆଧାରିତ ଟିକେଟିଂ ସେବା, ସ୍ୱତନ୍ତ୍ର ଡିଜିଟାଲ ଟିକେଟିଂ ରିହାତି ଏବଂ ଅନ୍ୟ ସହରଗୁଡ଼ିକୁ ଡିଜିଟାଲ ପାସ୍ ସିଷ୍ଟମ ଲାଗୁ କରାଯାଇଛି। ଫଳରେ ଡିଜିଟାଲ ଟିକେଟ ୩୨%ରୁ ଅଧିକ କାରବାର ହୋଇଛି। କେନ୍ଦୁଝର, ବାରିପଦା, ଅନୁଗୋଳ, ଝାରସୁଗୁଡା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ନୂତନ ଇ-ବସ ଚଳାଚଳ କରିବ। ଯାତ୍ରୀ ସୁରକ୍ଷା ବୃଦ୍ଧି ପାଇଁ ସମସ୍ତ ନୂତନ ବସ୍‌ରେ ଇନବିଲ୍ଟ ଆଡ୍‌ଭାନ୍ସଡ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ (ଆଡାସ୍) କ୍ୟାମେରା ବ୍ୟବହାର ହେବ। ପୁରୀ ଜିଲାରେ ବସ୍‌ଗୁଡିକର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ପୁରୀର ସମଙ୍ଗରେ ଏକ ଅତ୍ୟାଧୁନିକ ଇଲେକ୍ଟ୍ରିକ ଡିପୋ ନିର୍ମାଣ କରାଯାଉଛି। ଯାତ୍ରୀ ସୁରକ୍ଷା ପାଇଁ ମାର୍ଚ୍ଚରୁ ଅଗଷ୍ଟ ମଧ୍ୟରେ ୮୮୨ଜଣ କ୍ୟାପ୍ଟେନଙ୍କୁ ଓଡ଼ିଶାର ଭାରୀ ଯାନ ଡ୍ରାଇଭର୍ ତାଲିମ ପ୍ରତିଷ୍ଠାନରେ ତାଲିମ ଦିଆଯାଇଛି। ୨,୭୩,୬୩୧ ପଞ୍ଜୀକୃତ ଉପଭୋକ୍ତା, ୧୩,୩୬୧ ସକ୍ଷମ ଡ୍ରାଇଭର ଏବଂ ୩,୬୯,୯୨୨ ଯାତ୍ରା କରିଥିବା ସୂଚନା ଦିଆଯାଇଛି। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ତଥା କ୍ରୁଟର ଉପାଧ୍ୟକ୍ଷ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ପୋଲିସ କମିଶନର ଏସ. ଦେବଦତ୍ତ ସିଂହ, କଟକର କେନ୍ଦ୍ରୀୟ ରେଞ୍ଜ ପୋଲିସ ଡିଆଇଜି ଡକ୍ଟର ସତ୍ୟଜିତ ନାଏକ ଏବଂ କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଡ. ଏନ୍ ଥିରୁମାଲା ନାଏକ ଉପସ୍ଥିତ ଥିଲେ।

## ବୈଧମାପ ବିଜ୍ଞାନ ବିଭାଗ ଅଧିକ କ୍ରିୟାଶୀଳ ହେଲେ ଖାଉଟି ଉପକୃତ ହେବେ: ମନ୍ତ୍ରୀ

ଭୁବନେଶ୍ୱର,୧୧।୯(ସୁଚିସ୍ମିତା ସାହୁ)

**ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ବୈଠକ**

ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୪୦ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ଗୁରୁବାର ଖଣ୍ଡଗିରିସ୍ଥିତ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର କହିଲେ, ବିଭାଗକୁ ଅଧିକ କ୍ରିୟାଶୀଳ କରାଯିବ। ଏଥିନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ରାଜ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ବୈଧମାପ ବିଜ୍ଞାନ ବିଭାଗକୁ ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ସହ ବିଭିନ୍ନ ସମୟରେ ନିୟମିତ ଯାଞ୍ଚ କରାଯାଇ ପାରିଲେ ଖାଉଟିମାନେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ବୈଠକରେ ଅତିରିକ୍ତ ନିୟନ୍ତ୍ରକ ତ୍ରିଲୋଚନ ଦାଶ, ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ନିୟନ୍ତ୍ରକ ବିଶିକେଶନ ଦେହୁରୀ ପ୍ରମୁଖ ଉପସ୍ଥିତ ସଂଘର ସଭ୍ୟମାନଙ୍କୁ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ସଂଘର ସାଧାରଣ ସମ୍ପାଦିକା ସାଗରିକା ସାବତ ଏବଂ ସଭାପତି ଅଞ୍ଜନ କୁମାର ଜେନା ମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ମଞ୍ଚ ପରିଚାଳନା କରିଥିଲେ।


ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ବୈଠକ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

# ତୋରଣରେ ୩ ଧର୍ମର ବାର୍ତ୍ତା

**ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ**



**ଧରାବତରଣ କରିବେ ମା'**

ଭୁବନେଶ୍ୱର, ୧୧।୯
(ସୌମ୍ୟରଞ୍ଜନ ରାଉତ)

ପାଖେଇ ଆସୁଛି ଦୁର୍ଗାପୂଜା। ଧରାବତରଣ କରିବେ ମା' ଦଶଭୁଜା। ଜଗଜ୍ଜନନୀ ଦୁର୍ଗାଙ୍କ ଆବାହନ ପାଇଁ ଜୋର୍‌ସୋରରେ ପ୍ରସ୍ତୁତି ଚାଲିଥିବାବେଳେ ପୁରପଲ୍ଲୀଠାରୁ ସହର ଚଳଚଞ୍ଚଳ ହୋଇପଡ଼ିଲାଣି। ତେବେ ରାଜଧାନୀରେ ପାର୍ବଣର ମହକ ଏବେଠୁ ବାରି ହୋଇପଡୁଥିବାବେଳେ ସହରର ବଡ଼ ବଡ଼ ପୂଜା କମିଟିର ନିଆରା ଆୟୋଜନ ସହରବାସୀଙ୍କ ଉତ୍କଣ୍ଠା ବଢ଼ାଇଲାଣି।

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ଦୁର୍ଗାପୂଜା ଚଳିତ ବର୍ଷ ୧୮ ବର୍ଷରେ ପଦାର୍ପଣ କରୁଛି। ଏଠାରେ ଥିବା ମା'ଙ୍କ ସ୍ଥାୟୀ ମଣ୍ଡପରେ ଅଷ୍ଟଭୁଜା ପୀଠ ଦେବୀ ପ୍ରତିଦିନ ପୂଜା ପାଇଥାନ୍ତି। ବିଶେଷ କଥା ହେଉଛି ହିନ୍ଦୁ, ମୁସଲିମ୍ ଓ ଖ୍ରୀଷ୍ଟିଆନ୍ ତିନି ଧର୍ମର ଲୋକେ ମିଳିତ ଭାବେ ଏହି ମଣ୍ଡପରେ ମା'ଙ୍କ ପୂଜା କରିଥାନ୍ତି। ଏହି କ୍ରମରେ ଏସ୍.କେ. ସାହାଜାନ୍‌ଙ୍କ ଘରୁ ପ୍ରଥମେ ଶୁଭ କଳସ ବାହାରି ପୂଜା କାର୍ଯ୍ୟ ଆରମ୍ଭ ହୁଏ ଓ ତାଙ୍କ ଘରେ ନୈଷ୍ଠିକ ବ୍ରାହ୍ମଣମାନେ ଶେଷ ଦିନ ପର୍ଯ୍ୟନ୍ତ ରହି ମା'ଙ୍କ ପୂଜାର୍ଚ୍ଚନା କରିଥାନ୍ତି। ତେଣୁ ତିନି ଧର୍ମର ଧାର୍ମିକ ସଙ୍କେତର ତୋରଣ ଏଠାରେ ବିଶେଷ ଆକର୍ଷଣ ସାଜିବ। ଭୁବନେଶ୍ୱରର କାରିଗର ଗୋଲେଖ ରାଉତ ତୋରଣ କାର୍ଯ୍ୟ ସହ ଆଲୋକସଜ୍ଜାରେ ଲାଗି ପଡ଼ିଛନ୍ତି। ଏଥର ତୋରଣ ଉଚ୍ଚତା ୪୫ ଫୁଟ୍ ଏବଂ ଓସାର ୪୦ ଫୁଟ୍ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମୂର୍ତ୍ତି ଉଚ୍ଚତା ୧୫ ଫୁଟ ହୋଇଥିଲାବେଳେ ମେଢ଼ ୧୮ ଫୁଟ୍ ରହିବ। କେନ୍ଦ୍ରାପଡ଼ାର କାରିଗର ପ୍ରଫୁଲ୍ଲ ବେହେରାଙ୍କ ସମେତ ତାଙ୍କ ସହଯୋଗୀ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି। ଚଳିତବର୍ଷ ସ୍ୱତନ୍ତ୍ରତା ସ୍ୱରୂପ ମା'ଙ୍କ ମୂର୍ତ୍ତିରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରାଯିବ ନାହିଁ। ମା'ଙ୍କ ପାର୍ଶ୍ୱ ଦେବୀଦେବ ଚାନ୍ଦି ମୁକୁଟ ଓ ଅଳଙ୍କାର ପିନ୍ଧି ଦର୍ଶନ ଦେବେ। ଏଥର ପୂଜା କମିଟି ଶୃଙ୍ଖଳିତ ତଥା ସୁରକ୍ଷିତ ଦର୍ଶନକୁ ଅଧିକ ଗୁରୁତ୍ୱ ଦେଇଛି। ଏଥିଲାଗି ପ୍ରବେଶ ଓ ପ୍ରସ୍ଥାନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ହେବ। ୧୦୦ ଜଣ ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀ ସହ ପୋଲିସ୍ ପ୍ରଶାସନ ସୁରକ୍ଷା ଦାୟିତ୍ୱରେ ରହିବେ। ସେହିପରି ସ୍ୱଚ୍ଛ ଓ ପଲିଥିନ୍‌ମୁକ୍ତ ଭାରତ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ମା'ଙ୍କ ପୂଜାବିଧିର ସମସ୍ତ କାର୍ଯ୍ୟ କର୍ତ୍ତା ରମେଶ ଚନ୍ଦ୍ର ବାରିକ ତୁଲାଇବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



### ମଣ୍ଡପକୁ ପ୍ଲାଷ୍ଟିକ ମନା, ଘରେ ଘରେ ବଣ୍ଟାଯିବ ଚାରା



ଚଳିତବର୍ଷ ଧୁମ୍‌ଧାମ୍‌ରେ ଦୁର୍ଗାପୂଜା ପାଳନ ହେବ। ଏଥିପାଇଁ ପାଖାପାଖି ୧୫ଲକ୍ଷ ଟଙ୍କାରୁ ଅଧିକ ବଜେଟ ହୋଇଛି। ସମସ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ଆଖପାଖ ଲୋକଙ୍କ ମଧ୍ୟରେ ପ୍ରସାଦ ବଣ୍ଟାଠାରୁ ମୂର୍ତ୍ତି ଏବଂ ଭସାଣି ଉତ୍ସବ ପାଇଁ ଖର୍ଚ୍ଚର ବିବରଣୀ ପ୍ରସ୍ତୁତ କରାଯାଇଛି। କମିଟି ପକ୍ଷରୁ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଦୈନିକ ପୂଜା ମଣ୍ଡପ ଓ ଚତୁଃପାର୍ଶ୍ୱ ସଫେଇ କରାଯିବ। ପୂଜା ମଣ୍ଡପରେ କୌଣସି ପାଷ୍ଟିକ ଜିନିଷ ବ୍ୟବହାର କରାଯିବ ନାହିଁ। ପାଖ କଲୋନିର ପ୍ରତ୍ୟେକ ଘରେ ଚାରା ବଣ୍ଟନ କରାଯିବ। ଅଷ୍ଟମୀରେ ସ୍ୱତନ୍ତ୍ର ଦହି ପଖାଳ ବଣ୍ଟନ କରାଯିବ। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମଧ୍ୟାହ୍ନ ଓ ରାତିରେ ଭକ୍ତଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

- ଦାମୋଦର ପ୍ରଧାନୀ, ସଭାପତି

### ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଶୃଙ୍ଖଳିତ ପୂଜା ଉପରେ କମିଟି ପକ୍ଷରୁ ଗୁରୁତ୍ୱ ଦିଆଯିବ। ପୂଜାମଣ୍ଡପ ପରିସରରେ ସିସିଟିଭି ଲଗାଯିବ। ପୂଜା ପୂର୍ବରୁ ଆମ ପ୍ରକଳ୍ପ ଅନ୍ତର୍ଗତ ରାସ୍ତା କାର୍ଯ୍ୟ ସହ ଦୁର୍ଗାପୂଜା ମଣ୍ଡପ ନିକଟରେ ବିଜୁଳି ବ୍ୟବସ୍ଥା ଓ ଗଛ ଡାଳ କାଟିବା ବ୍ୟବସ୍ଥା ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ସେହିପରି ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।

- ସରୋଜ କାନ୍ତ ମଲ୍ଲିକ, ସାଧାରଣ ସମ୍ପାଦକ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୯।୨୦୨୫

| | |
|---|---|
| ୪,୮୪,୬୪୮ ଟଙ୍କା | |
| ସୁନା | ୮.୩୦୦ ଗ୍ରାମ୍ |
| ରୁପା | ୧୪.୬୫୦ ଗ୍ରାମ୍ |

# ବସା ଖୋଜୁଛି ବାଇଚଢ଼େଇ

ଅସ୍ତରଙ୍ଗ,୧୧।୯
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦିନ ଥିଲା, ବିଲବନରେ ଥିବା ତାଳ ଓ ଖଜୁରୀ ଗଛରେ ବାଇଚଢ଼େଇଙ୍କ ବସା ଦୋହଲୁଥିଲା। ସେମାନେ ଗଛରେ ସୁନ୍ଦର ଭାବେ ନିଜ ବସା ଗଢୁଥିଲେ। ସଞ୍ଜ, ସକାଳେ ସେମାନଙ୍କ କିଚିରିମିଚିରି ସ୍ୱର ପରିବେଶକୁ ଆମୋଦିତ କରୁଥିଲା। ମାତ୍ର ଏବେ ତାଳ ଓ ଖଜୁରୀ ଗଛ କାଟିଦିଆଯିବା ଦ୍ୱାରା ସେମାନେ ଏଣେତେଣେ ଉଡ଼ିବୁଲି ଆଶ୍ରୟ ଖୋଜିବା ସହ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଆଗପରି ଆଉ ସେମାନଙ୍କୁ ଦେଖିବାକୁ ମିଳୁ ନ ଥିବାବେଳେ କିଚିରିମିଚିରି ମଧ୍ୟ ଶୁଣିବାକୁ ମିଳୁନାହିଁ। ଗଛକଟା ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ ଯୋଗୁ ବାଇଚଢେଇ ବଂଶ ବିଲୁପ୍ତ ହେବାକୁ ବସିଲାଣି। ବାଇଚଢେଇ ଅଣ୍ଡା ଓ ଛୁଆ ରହିବା ପାଇଁ ଉଚ୍ଚ ଖଜୁରୀ ଓ ତାଳଗଛରେ ସ୍ୱତନ୍ତ୍ର ଶୈଳୀରେ ବସା ନିର୍ମାଣ କରିଥାନ୍ତି। ବାତ୍ୟା, ପବନ



ତାଳ ଗଛରେ ବାଇଚଢେଇ ବସା ।

ମାଡ଼ରେ ଏହି ବସାର କୌଣସି କ୍ଷତି ହୋଇ ନ ଥାଏ। ସାଧାରଣତଃ ପୁରୁଣା ବସାରେ ବାଇଚଢ଼େଇ ଦ୍ୱିତୀୟ ଥର ଅଣ୍ଡା ଦେଉ ନ ଥିବାରୁ ପ୍ରତିବର୍ଷ ନୂଆ ବସା ତିଆରି କରିଥାଏ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ଓ ତଣ୍ଡାହାର ଅଞ୍ଚଳର ଅନେକ ଖଜୁରୀ ଓ ତାଳଗଛରେ ବାଇଚଢେଇ ବସା ଦେଖାଯାଏ।

ବାଇଚଢେଇ ଚାଷଜମିରୁ ପୋକଜୋକ ଖୁଣ୍ଟି ଖାଇଥାଏ। ତେବେ

### କାଟିଦିଆଯାଉଛି ତାଳ ଓ ଖଜୁରି ଗଛ

ଅଧିକ ଫସଲ ଅମଳ ଆଶାରେ ଚାଷୀ ଜମିରେ ବହୁଳ ଭାବେ କୀଟନାଶକ ପ୍ରୟୋଗ କରୁଥିବାବେଳେ ସେହି ଜମିରୁ ପୋକଜୋକ ଖାଇ ଏହି ପକ୍ଷୀର ଜୀବନ ଯାଇଥାଏ। ଗ୍ରାମାଞ୍ଚଳରେ ଚାଷଜମିରେ କୋଠାବାଡ଼ି ନିର୍ମାଣ କରାଯାଉଛି। କୋଠା ଓ ଇଟାଭାଟି ପାଇଁ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯାଉଛି। ଫଳରେ ବାଇଚଢେଇ ବଂଶ ବିପଦରେ ପଡୁଛି। ସେହିପରି ମୋବାଇଲ ଟାୱାରଗୁଡ଼ିକରୁ ଉଚ୍ଚକ୍ଷମତାସମ୍ପନ୍ନ ରଶ୍ମି ଏହି ପକ୍ଷୀ ବଂଶର ବିସ୍ତାରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନେକ ପରିବେଶବିତ ମତ ଦିଅନ୍ତି। ବ୍ୟାପକ ତାଳ ଓ ଖଜୁରୀ ଗଛ ଲଗାଇଲେ ଏହି ପକ୍ଷୀର ବଂଶ ବୃଦ୍ଧି ପାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# 'ବିନୋବା ଥିଲେ ଭୂମିହୀନଙ୍କ ବନ୍ଧୁ'



ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ତମ ଜୟନ୍ତୀ ପାଳନ କରାଯାଉଛି ।

ପୁରୀ, ୧୧।୯(ଅଜିତ୍ କୁମାର ମହାନ୍ତି)

ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟନଗରଠାରେ ଗୁରୁବାର ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଯୋଗଦେଇ କହିଲେ, ବିନୋବା ଭୂଦାନ ଆନ୍ଦୋଳନ ମାଧ୍ୟମରେ ଭାରତ ସାରା ପଦଯାତ୍ରା କରିବା ସହ ଭୂମି ମାଲିକମାନଙ୍କଠାରୁ ଅବ୍ୟବହୃତ ଜମି ସଂଗ୍ରହ କରି ସେହି ଅଞ୍ଚଳର ଭୂମିହୀନଙ୍କୁ ଦାନ କରୁଥିଲେ। ସେ ଆର୍ଥିକ ସମତା ଓ ସମାଜବାଦୀ ସମାଜର ଅଗ୍ରଦୂତ ଥିଲେ ବୋଲି ମହାପାତ୍ର ମତବ୍ୟକ୍ତ କରିଥିଲେ। ସ୍ମୃତି ପରିଷଦ ପକ୍ଷରୁ ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଡ. କାର୍ତ୍ତିକ କୁମାର ଦାସ, ଅଶୋକ କୁମାର ମିଶ୍ର, ପ୍ରାକ୍ତନ ପୋଲିସ ଅଧିକାରୀ କୃପାସିନ୍ଧୁ ରାଉତରାୟ, ରାଜକିଶୋର ମହାନ୍ତି, ଶଙ୍କର ବାରିକ, ସୁରେନ୍ଦ୍ର ସାମନ୍ତରାୟ ଏବଂ ସର୍ବୋଦୟ ନଗର ସଭାପତି ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ହେଲା ମହାପ୍ରଭୁଙ୍କ ବନକଲାଗି

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପନ୍ନ ହୋଇଛି। ଦଇତାପତି... ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତିକୁ ସମ୍ପାଦନ କରିଥିଲେ। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରି ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା। ବନକଲାଗିରେ ମୁଖ୍ୟତଃ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା।

### ପୁରୀରୁ ନିଖୋଜ ନାବାଳିକା ଆନ୍ଧ୍ରରୁ ଉଦ୍ଧାର

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମମନ୍ଦିର ନିକଟରୁ ନିଖୋଜ ଥିବା ଜଣେ ନାବାଳିକାଙ୍କୁ ପୋଲିସ ଗୁରୁବାର ଆନ୍ଧ୍ରପ୍ରଦେଶରୁ ଉଦ୍ଧାର କରିଛି। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ସମ୍ପୃକ୍ତ ନାବାଳିକା ନିଖୋଜ ଥିବା ନେଇ ସମୁଦ୍ରକୂଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ କେସ୍ (ନଂ. ୨୩୩/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସମ୍ପୃକ୍ତ ନାବାଳିକାଙ୍କୁ ଚିଲ୍ଡ୍ରେନ୍ ୱେଲଫେୟାର କମିଟି ସମ୍ମୁଖରେ ହାଜର କରାଯିବା ପରେ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇଛି। ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ପରିବାରକୁ ଫେରାଇ ନେବାଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ଅଟକ ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଏବଂ ଅନ୍ୟାନ୍ୟ ସମ୍ପର୍କିତ ଧାରାରେ ମାମଲା ରୁଜୁ ହୋଇଛି। ପୁରୀ ପୋଲିସ ସଦା ମହିଳା ଓ ଶିଶୁ ସୁରକ୍ଷା ପ୍ରତି ସଚେତନ ଓ ସତର୍କ ରହିଛି। କୌଣସି ପ୍ରକାରର ଟ୍ରାଫିକିଙ୍ଗ୍, ଶୋଷଣ ବା ଆପରାଧିକ କାର୍ଯ୍ୟକଳାପ ସହିତ ଜଡିତ ବ୍ୟକ୍ତିଙ୍କୁ କେବେ ଛଡ଼ାଯିବ ନାହିଁ। ଯଦି କୌଣସି ସନ୍ଦେହଜନକ କାର୍ଯ୍ୟ, ବିଶେଷକରି ନାବାଳିକା/ ମହିଳାଙ୍କ ସହିତ ଅପରିଚିତ ବ୍ୟକ୍ତିଙ୍କ ସନ୍ଦିଗ୍ଧ ବୁଲାବୁଲି ଦେଖିବାକୁ ମିଳେ, ତାହାହେଲେ ତୁରନ୍ତ ପୋଲିସଙ୍କୁ ସୂଚନା ଦିଅନ୍ତୁ। ଶିଶୁ ସୁରକ୍ଷା ଆମର ପ୍ରାଥମିକତା ବୋଲି ପୁରୀ ପୋଲିସ ପକ୍ଷରୁ କୁହାଯାଇଛି।



ଶ୍ରୀମଦ୍ ଭାଗବତ କଥା ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ପୁରୀରେ ଶ୍ରୀମଦ୍ ଭାଗବତ କଥା ଆରମ୍ଭ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ରାଜସ୍ଥାନ ଦୌସଉସା ଗିରାଜ ଆଲବେଲି ପରିବାର ଦ୍ୱାରା ପୁରୀସ୍ଥିତ କୋଶାଲ ହୋଟେଲରେ ବୃନ୍ଦାବନର ପୂଜ୍ୟାଶ୍ରୀ ସୁମନ କିଶୋରୀ ଜୀଙ୍କ ଦ୍ୱାରା ସପ୍ତଦିନାତ୍ମକ ଭାଗବତ କଥା ଆରମ୍ଭ ହୋଇଛି। ଏହି ଅବସରରେ ମହାକଳସ ଯାତ୍ରାରେ ସମୁଦ୍ରରୁ ପାଣି ଉଠାଇବା ପରେ ଭଜନ କୀର୍ତ୍ତନ ସହ କଥାସ୍ଥଳରେ ପହଞ୍ଚିଥିଲେ ଏବଂ ସେଠାରେ ଭାଗବତ କଥା ଜ୍ଞାନ ଗଙ୍ଗା ଆରମ୍ଭ ହୋଇଥିଲା। ଏହି ଅବସରରେ ଗୋପାଳ ଖଣ୍ଡେଲୱାଲ, ଓମ୍ପ୍ରକାଶ ଖଣ୍ଡେଲୱାଲ, ସତ୍ୟନାରାୟଣ ଚାନ୍ଦେଲୱାଲ, ମୁରାରିଲାଲ ଖଣ୍ଡେଲୱାଲଙ୍କ ସଂଯୋଜନାରେ ଭୁବନେଶ୍ୱରରୁ ନେତା ତଥା ସାମାଜିକ କର୍ମୀ ଉମେଶ ଖଣ୍ଡେଲୱାଲ ଏବଂ ବରସାନାର ଅଜୟ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଭାଗବତ କଥା କାର୍ଯ୍ୟକ୍ରମ ଚାଲିବ।

## ସାମାଜିକ କର୍ମୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର




ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି ।

ପିପିଲି,୧୧।୯(ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ଅର୍ନ୍ତଗତ ଜଇଶପାଟଣା ଛକ ନିକଟରେ ସାମାଜିକ କର୍ମୀ ତଥା ରକ୍ତଦାତା ଗଜେନ୍ଦ୍ର ବେହେରାଙ୍କ ଜନ୍ମଦିନ ଉପଲକ୍ଷେ ନେକ୍ସସ ଓ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ କଟକ ସେଣ୍ଟ୍ରାଲ ବ୍ଲଡ ବ୍ୟାଙ୍କ ସଦସ୍ୟମାନଙ୍କ ସହାୟତାରେ ୨୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରଶ୍ମିତା ଦାସ, ଶିବଶଙ୍କର ରଥ, ପୂର୍ଣ୍ଣିମା ପ୍ରଧାନ ଓ ଗଣେଶ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନର ସଭାପତି ସୁବ୍ରତ ମଲ୍ଲିକ, ସଦସ୍ୟ ସର୍ବଜିତ ମିଶ୍ର, ଶ୍ରୀକାନ୍ତ ସାହୁ, ଦେବରଞ୍ଜନ ସାହୁ, ସ୍ମୃତିରଞ୍ଜନ ଦାସ, ସେକ୍ ସାହେଲ, ରଶ୍ମିରଞ୍ଜନ ପରିଡା, ସୁଧାଂଶୁ ଶେଖର ପ୍ରଧାନ, ମହମ୍ମଦ ଇବ୍ରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଶିଶୁ ଅନନ୍ତଙ୍କ ଭକ୍ତିଧାରାରେ ଶ୍ରୀଜଗନ୍ନାଥ'

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦର ସେପ୍ଟେମ୍ବର ମାସର ଆଲୋଚନାଚକ୍ର ଜଗନ୍ନାଥବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଉମେଶ ଚନ୍ଦ୍ର ଚିନାରା ସଭାପତିତ୍ୱ ଏବଂ ଡ. ଶ୍ରୀନିବାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। 'ଶିଶୁ ଅନନ୍ତଙ୍କ ଭକ୍ତିଧାରାରେ ଶ୍ରୀଜଗନ୍ନାଥ' ବିଷୟରେ ଆଲୋଚନା ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଏନେଇ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶିଶୁ ଅନନ୍ତ ଖୋର୍ଦ୍ଧା ଜିଲା ବାଲକାଟୀ ନିକଟସ୍ଥ ବାଲିପାଟଣା ଗ୍ରାମରେ ଖ୍ରୀ୧୪୯୩ରେ ଜନ୍ମ ଗ୍ରହଣ କରିଥିଲେ। ସେ ଭୁବନେଶ୍ୱରର ଅନନ୍ତ ବାସୁଦେବଙ୍କ ଆରାଧନା କରି ସିଦ୍ଧିଲାଭ କରିଥିଲେ। କୋଣାର୍କରେ ସେ ସୂର୍ଯ୍ୟନାରାୟଣଙ୍କ ଉପାସନା କରି ସୂର୍ଯ୍ୟତତ୍ତ୍ୱ ପ୍ରାପ୍ତ ହୋଇଥିଲେ। ସେ ଶିଶୁ ପ୍ରଦ୍ୟୁମ୍ନଙ୍କ ରୂପ ନେଇ ମା'ଲକ୍ଷ୍ମୀଙ୍କ କୋଳ ମଣ୍ଡନ କରିଥିଲେ। ଏଣୁ ତାଙ୍କ ନାମରେ ଶିଶୁ ସଂଯୋଗ ହୋଇଥାଏ। ଜଗନ୍ନାଥ ଦାସ ନାରୀ ରୂପ ଧାରଣ କରିଥିବାବେଳେ ଶିଶୁ ଭଳି ତାଙ୍କ ସ୍ତନ୍ୟପାନ କରି ଶିଶୁ ଅନନ୍ତ ନାମରେ ପରିଚିତ ହୋଇଥିଲେ। ସେ ଶିଶୁ ବେଦର ତତ୍ତ୍ୱଜ୍ଞ, ଶିଶୁଚକ୍ର, ଶିଶୁ ମଠ ଓ ଶିଶୁ ସମ୍ପ୍ରଦାୟର ପୁରୋଧା ଥିଲେ। ଶିଶୁ ଅନନ୍ତଙ୍କ ରଚିତ ଗ୍ରନ୍ଥ ମଧ୍ୟରେ ହେତୁ ଉଦୟ ଭାଗବତ, ଠୁଳ ଶୂନ ରାସ, ପଦ୍ମବନରାସ, ପିଣ୍ଡ ବ୍ରହ୍ମାଣ୍ଡ ଗୀତା, ଗୁପ୍ତ ଗୀତା, ଭବିଷ୍ୟ ପୁରାଣ, ମନ୍ତ୍ରଚନ୍ଦ୍ରିକା ଆଦି ଉଲ୍ଲେଖଯୋଗ୍ୟ। ନିରାକାରବାଦୀ ଅନନ୍ତ ଶ୍ରୀଜଗନ୍ନାଥଙ୍କୁ ଅଣାକାର ବ୍ରହ୍ମରୂପେ ବର୍ଣ୍ଣନା କରିଛନ୍ତି ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ଡ. ନରେଶ ଚନ୍ଦ୍ର ଦାସ ଭାଗବତଙ୍କ ଜନ୍ମସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଆଲୋଚନା ଚକ୍ରରେ ଅନାମଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପାତ୍ର, ଅଶୋକ କୁମାର ଆଢ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମୋରମ, ମାଙ୍କଡ଼ା ପଥର ଚୋରାଚାଲାଣ:୧୦ ଗାଡ଼ି ଜବତ

ପିପିଲି,୧୧।୯(ଦୁର୍ଗାମାଧବ ମିଶ୍ର)

ପିପିଲି-ଜଟଣୀ ରାସ୍ତାରେ ବେଆଇନ ମୋରମ ଓ ମାଙ୍କଡ଼ାପଥର ଚୋରାଚାଲାଣ ହେଉଥିବାବେଳେ ଗୁରୁବାର ଭୋର ସମୟରେ ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୦ଟି ଗାଡ଼ି ଜବତ କରାଯାଇଛି। ତନ୍ମଧ୍ୟରେ ୯ଟି ମୋରମ ବୋଝେଇ ହାଇୱା ଏବଂ ଗୋଟିଏ ମାଙ୍କଡ଼ା ପଥର ବୋଝେଇ ଟ୍ରକ ରହିଥିବାବେଳେ ସେଗୁଡ଼ିକୁ ପିପିଲି ପୋଲିସ ଜିମା ଦିଆଯାଇଛି। ସୂଚନା ମୁତାବକ, ପିପିଲି ଓ ଡେଲାଙ୍ଗ ଥାନା ଅଞ୍ଚଳରେ ଦୈନିକ ଶହ ଶହ ଟ୍ରିପ୍ ମାଙ୍କଡ଼ା ପଥର ଓ ମୋରମ ଚୋରା ଚାଲାଣ ହେଉଛି। ଜିଲା ଖଣି ବିଭାଗ ଅଧିକାରୀ ସମୀର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ ବେହେରା, ପୁରୀ ଏପିଆର୍ ପୋଲିସ ଫୋର୍ସ ସମେତ ପିପିଲି ପୋଲିସ ଏହି ଚଢାଉରେ ସାମିଲ ହୋଇଥିଲେ। ଜବତ ଗାଡ଼ିଗୁଡିକର କାଗଜପତ୍ର ଯାଞ୍ଚ ପରେ ସମ୍ପୃକ୍ତ ମାଲିକମାନଙ୍କୁ ନୋଟିସ କରାଯାଇ ଜରିମାନା ଆଦାୟ କରାଯିବ ବୋଲି ଜିଲା ଖଣି ବିଭାଗ ଅଧିକାରୀ ମିଶ୍ର କହିଛନ୍ତି।

## କାର୍‌କୁ ଧକ୍କା ଦେଲା ଆମ ବସ୍: ୨ ଗୁରୁତର

ପିପିଲି,୧୧।୯(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପୁରୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ନାୟାରା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ କାରକୁ ଡବଲ ଡେକର 'ଆମ ବସ୍' ଧକ୍କା ଦେଇଛି। ଫଳରେ ୨ଜଣ କାର୍ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା କାର୍ (ନଂ. ଓଡି ୩୩ ଏକେ ୮୮୧୩) ପଛପଟୁ ଏକ ଡବଲ ଡେକର ବସ୍ (ଓଡି ୩୩ ଏଆର୍ ୧୫୪୨) ଧକ୍କା ଦେଇଥିଲା। ଫଳରେ




କାରରେ ଥିବା ୨ଜଣ ମହିଳା ଗୁରୁତର ଓ ଡ୍ରାଇଭର ସାମାନ୍ୟ ଆହତ ହୋଇଥିଲେ। ମହିଳା ଦ୍ୱୟଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ବସ ଡ୍ରାଇଭରଙ୍କୁ ପିପିଲି ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଗୁରୁତର ମହିଳାଙ୍କ ପରିବାର ପକ୍ଷରୁ ପିପିଲି ଥାନାରେ ଏତଲା ଦିଆଯାଇଥିବା ବେଳେ ବେପରୁଆ ଗାଡ଼ି ଚାଳନା ପାଇଁ ବାରମ୍ବାର ସରକାରୀ ବସ୍ ଏଭଳି ଦୁର୍ଘଟଣା ଘଟାଉ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି, ଗତ ରଥଯାତ୍ରା ସମୟରେ ଭୁବନେଶ୍ୱରରୁ ପୁରୀ ଯାଉଥିବା 'ଆମ ବସ୍' ଦୁର୍ଘଟଣାରେ ୩ ଯୁବତୀଙ୍କ ମୃତ୍ୟୁ ଘଟିଥିଲା।

## ସ୍ତ୍ରୀଙ୍କୁ ନିର୍ଯାତନା ସହ ଦ୍ୱିତୀୟ ବିବାହ: ସ୍ୱାମୀ ଗିରଫ

ବଳଙ୍ଗା,୧୧।୯(କେଦାରେଶ୍ୱର ନନ୍ଦ)

ଯୌତୁକ ଦାବିରେ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିବା ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ବିଜୟ ବେହେରା। ସୂଚନା ଅନୁଯାୟୀ, ୨୦୨୩ରେ ବିଜୟ ଗୋପ ଥାନା ଅଧୀନ ଚଢ଼େଇ ଗାଁର ରଘୁ ମାଣ୍ଡୋଇଙ୍କ ଝିଅ ବିନୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ନଗଦ ୬୦ ହଜାର ଟଙ୍କା ସହ ସମସ୍ତ ଆସବାବପତ୍ର କନ୍ୟାଘର ପକ୍ଷରୁ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ବାକି ୪୦ ହଜାର ଟଙ୍କା ପାଇଁ ସ୍ୱାମୀ, ଶାଶୁ ଓ ନଣନ୍ଦମାନେ ବିନୁଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ପରେ ବିଜୟ ତାଙ୍କ କର୍ମକ୍ଷେତ୍ର କେରଳକୁ ବିନୁଙ୍କୁ ସାଙ୍ଗରେ ନେଇଯାଇଥିଲେ। ସେଠାରେ କିଛିଦିନ ରଖିବା ପରେ ଘରକୁ ଫେରିବାକୁ କହି ଟ୍ରେନରେ ବିନୁଙ୍କୁ ଛାଡ଼ି କୁଆଡେ ପଳାଇଥିଲେ। ବିନୁ ବହୁ କଷ୍ଟରେ ଶାଶୁଘରେ ପହଞ୍ଚିଥିଲେ ମଧ୍ୟ ଶାଶୁ ଓ ନଣନ୍ଦମାନେ ତାଙ୍କୁ ଘରୁ ତଡ଼ି ଦେଇଥିଲେ। ବିନୁ ବାପଘରେ ଆସି ରହିଥିବାବେଳେ ସ୍ୱାମୀ ବିଜୟ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରି କେରଳରେ ରହୁଥିବା ଖବର ପାଇଥିଲେ। ଏ ନେଇ ବିନୁ ବଳଙ୍ଗା ଥାନାରେ ଗତବର୍ଷ ଜୁନରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବିଜୟ ବୁଧବାର ଗ୍ରାମକୁ ଆସିଥିବା ଖବର ପାଇ ଏସ୍ଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିଦ୍ୟାଧରପୁର ଗ୍ରାମରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# କଂଗ୍ରେସ ଜିଲା ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

### ଚଳିତ ମାସରେ ହେବ ନାମ ଘୋଷଣା

ପୁରୀ ଜିଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି କର୍ନାଟକ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଜି. ସି. ଚନ୍ଦ୍ରଶେଖରଙ୍କୁ ପୁରୀ ଜିଲା ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଚନ୍ଦ୍ରଶେଖର ପୁରୀ ଆସି ଗୁରୁବାର ସ୍ୱତନ୍ତ୍ର ସର୍କିଟ ହାଉସରେ ଦଳର ବରିଷ୍ଠ ନେତା, କର୍ମୀ ଏବଂ ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରିଛନ୍ତି। ଜିଲାରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ଲାଗି ଜଣେ ଦକ୍ଷ ସଭାପତି ଓ ଦୁଇଜଣ କାର୍ଯ୍ୟକାରୀ ସଭାପତି ଚୟନ କରାଯିବ। ଏହି ଅବସରରେ କଂଗ୍ରେସକୁ ଜିଲାରେ ସୁଦୃଢ଼ କରିବା ସହ ସମସ୍ତେ ଏକାଠି ହୋଇ ଦଳକୁ ଆଗେଇନେବା ନିମନ୍ତେ ସମୂହ ଶପଥପାଠ କରିଥିଲେ।

ଚନ୍ଦ୍ରଶେଖର କହିଛନ୍ତି, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ କଂଗ୍ରେସକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି। ପୁରୀ ଜିଲା ପର୍ଯ୍ୟବେକ୍ଷକ ଭାବେ ସମସ୍ତ ନିର୍ବାଚନମଣ୍ଡଳୀକୁ ଯାଇ ସମୀକ୍ଷା କରିଛି। ଜିଲାରେ କଂଗ୍ରେସ ସ୍ଥିତି ଭଲ ନାହିଁ। ଗତ ନିର୍ବାଚନରେ ମଧ୍ୟ କଂଗ୍ରେସ ଭଲ କରି ନ ଥିଲା। ତେବେ ଜିଲା ସଭାପତି ଚୟନ ପାଇଁ ୬ଜଣଙ୍କ ନାମ ଏଆଇସିସିକୁ ପଠାଯିବ। ପରେ ଅନ୍ୟାନ୍ୟ ପଦବୀ ଚୟନ କରାଯିବ। ସମସ୍ତଙ୍କ ମତାମତ ନିଆଯାଇ ସଭାପତି ଓ ଦୁଇଜଣ କାର୍ଯ୍ୟକାରୀ ସଭାପତି ଚୟନ କରିବା ପାଇଁ ଏଆସିସିକୁ ପ୍ରସ୍ତାବ ଦିଆଯିବ। ଚଳିତ ମାସରେ ନାମ ପ୍ରକାଶ କରାଯିବ ବୋଲି ଚନ୍ଦ୍ରଶେଖର ସୂଚନା ଦେଇଛନ୍ତି।



ଜିଲା ସଭାପତି ଚୟନ ପ୍ରକ୍ରିୟା ସମ୍ପର୍କରେ କଂଗ୍ରେସ ନେତୃବୃନ୍ଦ ସୂଚନା ଦେଉଛନ୍ତି ।

# ସମୟରେ ଉପଯୁକ୍ତ ପରିଚାଳନା, ପ୍ରଚେଷ୍ଟା ଦ୍ୱାରା ସଫଳତା ମିଳେ

### ଏସ୍‌ସିଏସ୍ କଲେଜରେ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନାମ ଲେଖାଇଥିବା ଏମ୍‌ବିଏ ଏବଂ ଏମ୍.କମ୍- ଫାଇନାନ୍ସ ଓ କଣ୍ଟ୍ରୋଲ (ଏମ୍ଏଫ୍‌ସି) ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ 'ସାମନ୍ତ ଚନ୍ଦ୍ରଶେଖର ସମ୍ମିଳନୀ କକ୍ଷ'ରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଫଳତା ହାସଲ ନିମନ୍ତେ ଏକ ଶୃଙ୍ଖଳିତ ଜୀବନଯାପନ ଉପରେ ଗୁରୁତ୍ୱାରୋପ




ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

କରିଥିଲେ। ଏମ୍‌ବିଏ ଏବଂ ଏମ୍ଏଫ୍‌ସି ବିଭାଗ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ବରିଷ୍ଠ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ ଏମ୍‌ବିଏ ଏବଂ ଏମ୍ଏଫ୍‌ସି ପାଠ୍ୟକ୍ରମରେ ପଢାଯାଉଥିବା ବିଷୟ ସହିତ ଇଣ୍ଟର୍ନଶିପ୍, ଶିଳ୍ପାଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ ଓ କ୍ୟାମ୍ପସ ପ୍ଲେସମେଣ୍ଟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ୟବସାୟ ପରିଚାଳନା ବିଭାଗର ପ୍ରଫେସର ଡ. ଦାଶରଥି ସାହୁ ଯୋଗଦେଇ ସମୟ ଓ ସମ୍ବଳର ଉପଯୁକ୍ତ ପରିଚାଳନା ଏବଂ ନିରବଚ୍ଛିନ୍ନ ପ୍ରଚେଷ୍ଟା ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚହୁଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବାଣୀବିହାର ଡିଡିସିଇର ଆସୋସିଏଟ୍ ପ୍ରଫେସର ଡ. ସୁଜିତ କୁମାର ଆଚାର୍ଯ୍ୟ ଯୋଗଦେଇ ବ୍ୟକ୍ତିଗତ ଜୀବନ ଓ ବୃତ୍ତିଗତ ଜୀବନରେ ମ୍ୟାନେଜମେଣ୍ଟ ଶିକ୍ଷା କିଭଳି ପ୍ରତ୍ୟେକ ସମୟରେ କାର୍ଯ୍ୟକାରୀ ହେଉଛି, ତାହା ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ ଯୋଗଦେଇ ଯେ କୌଣସି କ୍ଷେତ୍ରରେ ସଫଳ ହେବା ପାଇଁ ଆର୍ଥିକ ଓ ମାନବ ସମ୍ବଳର ସୁପରିଚାଳନା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଭାଗୀୟ ଅଧ୍ୟାପିକା ସୌମ୍ୟା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା, ବିଷ୍ଣୁ ପ୍ରସାଦ ସାମନ୍ତରାୟ ଏବଂ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ଦାସ ଧନ୍ୟବାଦ ଦେଇଥିଲେ।

# କିଓସ୍କ ମେଶିନରୁ ମିଳିବ ଆଉଟ୍‌ଡୋର ଟିକେଟ

କଟକ,୧୧।୯(କାର୍ତ୍ତିକ ସାହୁ)



## ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା

ରୋଗୀମାନଙ୍କ ସୁବିଧା ପାଇଁ ଅନ୍‌ଲାଇନ ଟିକେଟ ପଞ୍ଜୀକରଣ ବ୍ୟବସ୍ଥା ସରକାର କରିଛନ୍ତି। ଏହି ସୁବିଧା ଅଧିକାଂଶ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ସମେତ ପ୍ରମୁଖ ମେଡିକାଲ କଲେଜ ଏବଂ ହସ୍ପିଟାଲ ପାଇଁ ଉପଲବ୍ଧ ରହିଛି। ଲୋକେ ଅନ୍‌ଲାଇନ୍ ଟିକେଟ ପ୍ରିଣ୍ଟ କରି ମେଡିକାଲ ଆଉଟ୍‌ଡୋରରେ ଦେଖାଇପାରିବେ। ଏହାଛଡ଼ା ହସ୍ପିଟାଲରେ ସ୍ଥାପନ ହୋଇଥିବା କିଓସ୍କୋ ମେଶିନ୍‌ରୁ ମଧ କ୍ୟୁଆର କୋଡ୍ ସ୍କାନିଂ କରି ଟିକଟ ସଂଗ୍ରହ କରାଯାଇପାରିବ ବୋଲି ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କଟକ ସହର ସମ୍ପର୍କିତ ମାମଲାର ଶୁଣାଣି କରିବା ଅବସରରେ ରୋଗୀମାନଙ୍କ ନିମନ୍ତେ ଅନ୍‌ଲାଇନ ପଞ୍ଜୀକରଣ ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ସଚିବ ଦର୍ଶାଇଛନ୍ତି ଯେ, ମୁଦ୍ରିତ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ସହିତ ହସ୍ପିଟାଲଗୁଡ଼ିକରେ ସୂଚନା ଫଳକ ଲଗାଯାଇ ଲୋକଙ୍କୁ ଅବଗତ କରାଯିବାକୁ ପଦକ୍ଷେପ ନିଆଯାଇଛି।

ହାଇକୋର୍ଟଙ୍କୁ ପ୍ରଦତ୍ତ ତଥ୍ୟ ଅନୁସାରେ, ଏସ୍‌ସିବି ମେଡିକାଲରେ ୨୦୨୫ ଜୁଲାଇରେ ମୋଟ ପଞ୍ଜୀକରଣ ୧,୮୯,୨୨୫ ଜଣଙ୍କ ମଧ୍ୟରୁ କେବଳ ଅନଲାଇନ ପଞ୍ଜୀକରଣ ସଂଖ୍ୟା ୨୫,୩୧୭। ସେହିଭଳି ଅଗଷ୍ଟରେ ମୋଟ ପଞ୍ଜୀକରଣ ୧,୯୪,୩୬୧ ମଧ୍ୟରୁ ଅନ୍‌ଲାଇନ ପଞ୍ଜୀକରଣ ୩୦,୬୪୨ ହୋଇଛି। ଶିଶୁ ଭବନ ବହିର୍ବିଭାଗ ରୋଗୀଙ୍କ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ ହୋଇଛି। ୨୦୨୫ ଅଗଷ୍ଟରେ ମୋଟ ୧୭, ୧୪୦ଜଣ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ କେବଳ ଅନଲାଇନ ପଞ୍ଜୀକରଣ ସଂଖ୍ୟା ହେଉଛି ୫୪୪ ଏବଂ ସେପ୍ଟେମ୍ବର ୧୧ ସୁଦ୍ଧା ମୋଟ ୬୧୦ ପଞ୍ଜୀକରଣ ମଧ୍ୟରୁ ଅନଲାଇନ ପଞ୍ଜୀକରଣ ସଂଖ୍ୟା ହେଉଛି ୧୦୮।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଥିବା ଗାଇଡ ଲାଇନ 'ଆଧୁନିକ ରୋଷେଇ ଘର ଏବଂ ଖାଦ୍ୟ ସେବା ନିର୍ଦ୍ଦେଶାବଳୀ'କୁ ଲାଗୁ କରାଯିବ। ଏହା ଲାଗୁ ହେଲେ ଆଧୁନିକ ରୋଷେଇ ଘରେ ସ୍ୱାସ୍ଥ୍ୟକର ଓ ସନ୍ତୁଳିତ ଖାଦ୍ୟ ଯୋଗାଇ ଦିଆଯାଇପାରିବ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ଏହି ଗାଇଡ ଲାଇନ ଏସ୍‌ସିବି ସମେତ ଅନ୍ୟାନ୍ୟ ସରକାରୀ ଡାକ୍ତରଖାନାଗୁଡ଼ିକରେ ଲାଗୁ କରାଯିବ। ଏଥିପାଇଁ ପରାମର୍ଶ ଦେବା ପାଇଁ ଦଳ ଗଠନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖଣ୍ଡପୀଠଙ୍କୁ ଅବଗତ କରାଯାଇଥିଲା।



**ଆସୁଛି ଦଶହରା:** କଟକ ଫିରିଙ୍ଗି ବଜାର ଅଞ୍ଚଳରେ ଜରି ମୁଖା ପ୍ରସ୍ତୁତରେ ନିମଗ୍ନ କାରିଗର।

## ସଂକ୍ଷେପରେ

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ମାସ ହେବ ମିଳୁନି ଇନ୍‌ସୁଲିନ, ରକ୍ତଚାପ ବଟିକା

କଟକ,୧୧।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଇନସୁଲିନ ଓ ଉଚରକ୍ତ ଚାପ ବଟିକା ଦୀର୍ଘ ୬ ମାସ ହେବ ମିଳୁନାହିଁ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ କଟକ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ରହିଛି। ଦୀର୍ଘ ଦିନ ହେବ ଇନସୁଲିନ ଓ ଉଚରକ୍ତ ଚାପ ବଟିକା ନ ମିଳିବାରୁ ଗରିବ ଜନସାଧାରଣ ବାହାରୁ କିଣିବାକୁ ବାଧ ହେଉଛନ୍ତି। ଏପରି କି ନିରାମୟ ଯୋଜନାରେ ଆସୁଥିବା ଔଷଧ ନ ମିଳିଲେ ଉକ୍ତ ଔଷଧକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଖୋଲା ବଜାରରୁ କ୍ରୟ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇବାର ନିୟମ ଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଶାନ୍ତ କୁମାର ହୋତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ମହାନଗର ଶାନ୍ତି କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ

କଟକ,୧୧।୯(ଶିଳ୍ପା ପ୍ରିୟଦର୍ଶିନୀ)

ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶାନ୍ତିପୂର୍ଣ୍ଣରେ ସମାପନ ହୋଇଥିବାରୁ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ସାଧାରଣ ସମ୍ପାଦକ ଭିକାରୀ ଦାସ ସମସ୍ତ ଗଣେଶ ପୂଜା କମିଟି କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ଉପର ତେଲେଙ୍ଗା ବଜାର ଦୁର୍ଗା ମଣ୍ଡପଠାରେ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମେୟର ସୁବାସ ସିଂ, ମହାନଗର ଶାନ୍ତି କମିଟି ଉପଦେଷ୍ଟା ଆଇନଜୀବୀ ଜ୍ୟୋତିପ୍ରକାଶ ଘୋଷ, ସଭାପତି ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନା ଓ ନୃସିଂହଚରଣ ଚୌଧୁରୀ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଉପସଭାପତି ତାପସ ପ୍ରହରାଜ, ରବୀନ୍ଦ୍ର କୁମାର ବେହେରା ଓ ଧର୍ମେଶ ନାୟକ, ସଂଗଠନ ସମ୍ପାଦକ ଦେବାଶିଷ ରାୟ, କୋଷାଧ୍ୟକ୍ଷ ନରେଶ କୁମାର ସାହୁ ଓ ଉପରତେଲେଙ୍ଗା ବଜାର ପୂଜା କମିଟିର ସଭାପତି ରଞ୍ଜିତ କେଶରୀ ଦାସ ଓ ସମ୍ପାଦକ ନୀର କିଶୋର ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ବିଭିନ୍ନ ମେଢ଼ ଶୋଭା ଯାତ୍ରାକାରୀଙ୍କୁ ସ୍ୱାଗତ ଜଣାଇଥିଲେ।

### ରାଉସାପାଟଣା ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ

କଟକ,୧୧।୯(ଶିଳ୍ପା ପ୍ରିୟଦର୍ଶିନୀ)

ରାଉସାପାଟଣା ଯୁବକ ସଂଘର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଗ୍ରାମର ଅଧିକାରୀ ଅତୁଲ ଚନ୍ଦ୍ର ନନ୍ଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମହନ୍ତ ସୁଦର୍ଶନ ଦାସ, କରୁଆଳ ବିଶ୍ୱନାଥ ଦାସ, ପୂଜା କମିଟି ସାଧାରଣ ସମ୍ପାଦକ ଚନ୍ଦନ କୁମାର ସେନ ଯୋଗଦେଇଥିଲେ। ଯୁବକ ସଂଘ ସଭାପତି ଭାବେ ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ଭାବେ ରଞ୍ଜିତ ବେହେରା, ଉପସଭାପତି ଭାବେ ଆନନ୍ଦ ଦାସ, ସନ୍ତୋଷ କୁମାର ନନ୍ଦୀ, ସହସମ୍ପାଦକ ଭାବେ ସୋନୁ ଦାସ, ସୁମିତ ସେନ, ବିଟୁ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ସ୍ୱଦେଶ ସେନ, ସହକୋଷାଧ୍ୟକ୍ଷ ଭାବେ ଦୀପକ ସିଂ, ହିସାବ ନିରୀକ୍ଷକ ଭାବେ ଗଣେଶ ମହାରଣାଙ୍କୁ ମନୋନୀତ କରାଯାଇଛି। ଶେଷରେ ଯୁବକ ସଂଘର ଉପଦେଷ୍ଟା ଲିଙ୍ଗରାଜ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଖ୍ରୀଷ୍ଟକଲେଜ ମଦର ଟେରେସା ଛାତ୍ରୀନିବାସ ଅନ୍ତେବାସୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଟକ,୧୧।୯(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟକଲେଜ ମଦର ଟେରେସା ଛାତ୍ରୀ ନିବାସର ନୂତନ ଅନ୍ତେବାସୀଙ୍କୁ ଛାତ୍ରୀନିବାସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର, ସଦସ୍ୟ ପ୍ରଦୀପ୍ତ କୁମାର ଚୌଧୁରୀ, ଶିକ୍ଷକ ପ୍ରତିନିଧି ଡ. ଦେବଯାନୀ ଦାଶ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ଛାତ୍ରୀ ନିବାସ କମିଟି ସଂଯୋଜିକା ମଧୁସ୍ମିତା ଯାଚକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଛାତ୍ରୀନିବାସର ଶୃଙ୍ଖଳା ଓ ଅଧ୍ୟୟନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ରୀ ନିବାସ ତତ୍ତ୍ୱାବଧାରକା ଡ. କବିତା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀନିବାସ କମିଟି ସଦସ୍ୟା ଡ. ସ୍ୱାତୀ ମହାନ୍ତି, ଡ. ମୌସୁମୀ ମହାନ୍ତି, ଡ. ଏମ୍.ସନା ଓ ଡ. ସାଦିଆ ଆଲାମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୱାର୍ଡେନ ରଶ୍ମିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିନେଟ ସଦସ୍ୟ ହେଲେ ରଶ୍ମି ସାହୁ



ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ନୂତନ ସିନେଟ୍ ସଦସ୍ୟ ରଶ୍ମି ସାହୁଙ୍କୁ ସମ୍ମାନିତ କରାଯାଉଛି।

କଟକ,୧୧।୯(କାର୍ତ୍ତିକ ସାହୁ)

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ସିନେଟ ସଦସ୍ୟ ଭାବେ ରୁଚି ଶିଳ୍ପୋଦ୍ୟୋଗର ନିର୍ଦ୍ଦେଶିକା ରଶ୍ମି ସାହୁଙ୍କୁ ମନୋନୟନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ବିଦେଶରୁ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ରଶ୍ମୀ ମଧ ରୁଚି ଫ୍ରୋଜିଟ୍ ଓ ଫାର୍ମ ବି'ର ପ୍ରତିଷ୍ଠାତା। ସେ ବିଭିନ୍ନ ଆନ୍ତର୍ଜାତିକ ଶିଳ୍ପ ଓ ଉଦ୍ୟୋଗ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ସହିତ ଓଡ଼ିଶାରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ହେଉଛନ୍ତି ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ କନ୍ୟା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଲଜିତ ସିଂହ ଓ କୁଳସଚିବ ନିରୁପମା ସ୍ୱାଇଁ ପ୍ରମୁଖ ନୂତନ ସିନେଟ ସଦସ୍ୟ ରଶ୍ମି ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ସୁସ୍ଥ ଜୀବନ ପାଇଁ ଆବଶ୍ୟକ ସନ୍ତୁଳିତ ଆହାର

କଟକ,୧୧।୯(କାର୍ତ୍ତିକ ସାହୁ)

ସୁସ୍ଥ ଜୀବନ ପାଇଁ ଆବଶ୍ୟକ ସନ୍ତୁଳିତ ଆହାର। ସନ୍ତୁଳିତ ଆହାରରେ ସୂକ୍ଷ୍ମ ପୋଷକ ତତ୍ତ୍ୱ ଏବଂ ସମସ୍ତ ପ୍ରକାର ଆବଶ୍ୟକ ଭିଟାମିନ ରହିବା ବାଞ୍ଛନୀୟ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ଉପଲକ୍ଷେ ଆୟୋଜିତ ଜାତୀୟ କର୍ମଶାଳାରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଭୁବନେଶ୍ୱର ଏମ୍‌ସର ଡାଏଟିସିଆନ ଅନୁପମା ସାମଲ ସନ୍ତୁଳିତ ଆହାର, ସୂକ୍ଷ୍ମ ପୋଷକତତ୍ତ୍ୱ ଓ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ମନୁଷ୍ୟର ଆବଶ୍ୟକ ହେଉଥିବା ଭିଟାମିନ ପରିପୂରକ ବୋଲି କହିଥିଲେ। ବିଭାଗୀୟ ଡିନ୍ ପ୍ରଫେସର ଏସ୍. କୁମାରସ୍ୱାମୀ ସୁପୋଷଣ ସହ କୃଷି, ଉତ୍ପାଦନ ଓ ସାମାଜିକ ସୁସ୍ଥତା ଜରୁରୀ ବୋଲି କହିଥିଲେ। ଏହି ଅବସରରେ କୃଷି ବିଭାଗ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କଣ୍ଢେଇ ନୃତ୍ୟ, ଲୋକନୃତ୍ୟ ପ୍ରଦର୍ଶନ ସାଙ୍ଗକୁ ଚିତ୍ରାଙ୍କନ ଓ ଝୋଟି ମୁରୁଜ ଅଙ୍କନ ଜରିଆରେ ପୋଷଣ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ସହକାରୀ ପ୍ରାଧ୍ୟାପକ ଚିନ୍ମୟୀ ପଟ୍ଟନାୟକ, ଡା. କୃଷ୍ଣ ମିଶ୍ର, ଡା. ରଞ୍ଜନା ଆଚାର୍ଯ୍ୟ ଓ ଅନ୍ୱେଷା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲୋକକଳା ମାଧ୍ୟମରେ ପୋଷଣ ସଚେତନତାର ସଫଳ ଉପସ୍ଥାପନ ପାଇଁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, ବିଭାଗୀୟ ଡିନ ଏସ. କୁମାରସ୍ୱାମୀ ପ୍ରମୁଖ ପ୍ରଶଂସା କରିଥିଲେ।

# ସ୍ୱଚ୍ଛ ଭାରତ ଅଭିଯାନ ସଫଳତା ପାଇଁ ବିଜୟ ରାଉତରାୟ ସମ୍ମାନିତ




ବିଜୟ କୁମାର ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ ସଦର,୧୧।୯(ସୁଶାନ୍ତ କୁମାର ଜେନା)

କଟକ ଜିଲାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୪୨ ମୌଜା ଅନ୍ତର୍ଗତ କୂଳସରିଚୁଆଁ ଗ୍ରାମର ବିଜୟ କୁମାର ରାଉତରାୟଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଟକ ଜିଲା ଭାଜପା ସଭାପତି ସୁକାନ୍ତ କୁମାର ବିଶ୍ୱାଳ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଗୁରୁଦାୟିତ୍ୱ ରାଉତରାୟଙ୍କୁ ପ୍ରଦାନ କରିଥିଲେ। ସୁଚାରୁ ରୂପେ ସମ୍ପାଦନ କରିଥିବାରୁ ଓଡ଼ିଶା ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବର୍ତ୍ତମାନ ସେ ଅବିଭକ୍ତ କଟକ ଜିଲା ସମବାୟ ପ୍ରକୋଷ୍ଠର ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସୁଛନ୍ତି। କଟକ ସଦର ଅଞ୍ଚଳର ଜଣେ ବ୍ୟକ୍ତି ଏହି ଗୁରୁଦାୟିତ୍ୱ ତୁଲାଇବା ବେଳେ କଟକ ସଦର ବିଧାୟକ ପୂର୍ଣ୍ଣ ସହଯୋଗ କରିଥିବାରୁ ରାଉତରାୟ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୩ ବର୍ଷରେ ହେଲ୍‌ମେଟ ବଞ୍ଚାଇଦେଲା ୫,୫୨୭ ଜୀବନ

କଟକ,୧୧।୯(କାର୍ତ୍ତିକ ସାହୁ)

ମୁଣ୍ଡରେ ହେଲ୍‌ମେଟ ଥିଲା ବୋଲି ଜୀବନ ରକ୍ଷା ପାଇଗଲା। ନୂଆ ଜୀବନ ମିଳିଲା। ଯେ ହେଉଛି ସଡ଼କ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଏକମାତ୍ର ରାସ୍ତା। ତେବେ ହେଲ୍‌ମେଟ ପିନ୍ଧି ନ ଥିବାରୁ ଗତ ୩ ବର୍ଷରେ ରାଜ୍ୟରେ ୫,୧୬୦ ଜୀବନ ଯାଇଥିବାର ଏକ ତଥ୍ୟ ସାମ୍ନାକୁ ଆସିଥିଲା। ଏବେ ଦୁର୍ଘଟଣା ସମୀକ୍ଷାରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ତାହା ହେଉଛି ହେଲ୍‌ମେଟ ପିନ୍ଧିଥିବାରୁ ଦୁର୍ଘଟଣା ସତ୍ତ୍ୱେ ଗତ ୩ ବର୍ଷରେ ୫,୫୨୭ ଜୀବନ ରକ୍ଷା ପାଇଯାଇଛି। ସଡ଼କ ସୁରକ୍ଷା ନିୟମ ପାଳନ ଯୋଗୁ ଜୀବନ ରକ୍ଷା ହୋଇପାରିବାର ଏହା ଏକ ଜ୍ୱଳନ୍ତ ଉଦାହରଣ। କେବଳ ୨୦୨୪ରେ ୨,୩୯୭ ଜଣ ଏମିତି ଦୁଇଚକିଆ ବ୍ୟବହାରକାରୀଙ୍କ ତଥ୍ୟ ସାମ୍ନାକୁ ଆସିଛି, ଯେଉଁମାନେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେଲେ, ଆହତ ବି ହେଲେ କିନ୍ତୁ ହେଲ୍‌ମେଟ ପିନ୍ଧିଥିବାରୁ ମୁଣ୍ଡ ବଞ୍ଚିଗଲା। ସେମାନଙ୍କ ଜୀବନ ବି ରକ୍ଷା ପାଇଗଲା। ୨୦୨୩ରେ ଏହି ସଂଖ୍ୟା ହେଉଛି ୨୩୯୭ ଓ ୨୦୨୨ରେ ଏହି ସଂଖ୍ୟା ହେଉଛି ୧୬୮୮। ଜୀବନ ରକ୍ଷାର ଏହି ସଂଖ୍ୟା ଆହୁରି ଅଧିକ ହେବାର ମଧ ସମ୍ଭାବନା ରହିଛି। ଦୁର୍ଘଟଣା କାହାକୁ କହିକି ଆସେନି। ଅଚାନକ ଆସେ, ସବୁ ଉଜାଡ଼ିଦିଏ। କିନ୍ତୁ ଅନେକେ ନିଜର ସାବଧାନତା ଓ ସଚେତନତା ପାଇଁ ନିଜ ଜୀବନ ରକ୍ଷା କରିବାରେ ସକ୍ଷମ ହେଉଛନ୍ତି। ନିଜ ପରିବାରକୁ ଉଜାଡ଼ି ଦେବାରୁ ରକ୍ଷା କରିପାରୁଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପ୍ରେସ୍ ଇସ୍ତାହାର ଜରିଆରେ ଏହି ତଥ୍ୟ ଗୁରୁବାର ପ୍ରଦାନ କରାଯାଇଛି।

# ବେଆଇନ ମଦ କାରବାର ରୋକିବା ମୂଳ ଲକ୍ଷ୍ୟ

ମଙ୍ଗୁଳି–ଜଗତପୁର,୧୧।୯(ମାନସ ସାମଲ)

## ପ୍ରିନ୍ସିପାଲ ସେକ୍ରେଟାରି ଭାସ୍କର ଜ୍ୟୋତି ଶର୍ମାଙ୍କୁ ଭେଟିଲେ ହିମାଂଶୁ ମହାନ୍ତି

ସରକାରଙ୍କ ଦ୍ୱାରା ପଞ୍ଜୀକୃତ ମଦ ଦୋକାନ ବ୍ୟତୀତ ଟାଙ୍ଗୀ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମଦ କାରବାର ରୋକିବା ପାଇଁ ସ୍ଥାନୀୟ ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତି ଏକସାଇଜ ଡିପାର୍ଟମେଣ୍ଟ ପ୍ରିନ୍ସିପାଲ ସେକ୍ରେଟାରି ଭାସ୍କର ଜ୍ୟୋତି ଶର୍ମାଙ୍କ ଭେଟି ଆଲୋଚନା କରିଛନ୍ତି। ଟାଙ୍ଗୀ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ ବିକ୍ରୟ ବୃଦ୍ଧି ପାଉଥିବାରୁ ମଦ୍ୟପାନ ଯୋଗୁ ଅନେକ ଲୋକଙ୍କ ମୃତ୍ୟୁ ଆଶଙ୍କା ରହୁଛି। ଏଥିପାଇଁ ପାରିବାରରେ ହିଂସାକାଣ୍ଡ ଦେଖାଯାଉଛି। ଅନେକ ପାରିବାରଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ିବା ନଜିର ରହିବା ସହ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏଭଳି ବେଆଇନ ମଦ କାରବାର ରୋକିବା ପାଇଁ ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ତତ୍ପରତା ଦେଖାଇବାକୁ ନିର୍ଦ୍ଦେଶ ଦେବା ପାଇଁ ମହାନ୍ତି ବିଶେଷ କରି ଆଲୋଚନା କରିଥିଲେ ବୋଲି ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ପ୍ରଶାନ୍ତ ସ୍ୱାଇଁ, ମୂରଲୀଧର ମଲିକ, ଶଶିକାନ୍ତ ମହାନ୍ତି, ମନୋଜ ବିଶ୍ୱାଳ, ବଂଶୀଧର ସ୍ୱାଇଁ, ଅମିତ୍ ସିଙ୍କୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରିନ୍ସିପାଲ ସେକ୍ରେଟାରି ଭାସ୍କର ଜ୍ୟୋତି ଶର୍ମାଙ୍କୁ ଭେଟୁଛନ୍ତି ଭାଜପା ନେତା ହିମାଂଶୁ ମହାନ୍ତି।

# ୪୫ ଫୁଟ୍ ଉଚ୍ଚ ଲାଇଟ ଗେଟ୍



## ଧରାବତରଣ କରିବେ ମା'

କଟକ,୧୧।୯(ଶିଳ୍ପା ପ୍ରିୟଦର୍ଶିନୀ)

ମା'ଦୁର୍ଗାଙ୍କ ଆଗମନକୁ ନେଇ ଉତ୍ସବମୁଖର ହୋଇଉଠିଛି କଟକ ସହର। ବିଭିନ୍ନ ପୂଜା କମିଟି ପୂଜା ସହ ଭସାଣି ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ପୂଜା ଦୌଡରେ ସାମିଲ ହୋଇଛି କଲେଜଛକ ପୂଜା ପ୍ରତିଷ୍ଠାନ। କମିଟି ପକ୍ଷରୁ ଚଳିତବର୍ଷ ୭୫ତମ ପୂଜା ଅନୁଷ୍ଠିତ ହେଉଥିବାବେଳେ ଏଥର ପୂଜାପାଇଁ ୪୫ ଲକ୍ଷ ଟଙ୍କା ବଜେଟ ରଖାଯାଇଛି। ପାଞ୍ଚଟି ଲାଇଟ୍ ଗେଟ୍ କରାଯିବ। ସେଥିମଧ୍ୟରୁ ଦୁଇଟି ତୋରଣ ୪୫ ଫୁଟ୍ ଉଚ୍ଚତାର ରହିବ। ଏହି ତୋରଣଗୁଡିକ ଗୋଟିଏ ରାଣୀହାଟ ପଟ, ଗୋଟିଏ ବମ୍ବେ ହୋଟେଲ ପଟ, ଗୋଟିଏ ଏନ୍‌ଏନ୍‌ସିସି ସମ୍ମୁଖ, ଗୋଟିଏ ଷ୍ଟେଶନ ପଟ ଓ ଗୋଟିଏ ଛତ୍ରବଜାର ପଟ ପ୍ରବେଶପଥରେ ଲଗାଯିବ। କଟକର କାରିଗର ସୁରେଶ ମହାରଣା ଓ ସାଥୀମାନେ ମା'ଙ୍କ ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ବଙ୍ଗୀୟ ପରମ୍ପରାରେ ଏଠାରେ ପୂଜାର୍ଚ୍ଚନା କରାଯାଇଥାଏ। ମୂର୍ତ୍ତିର ଉଚ୍ଚତା ୮ଫୁଟ୍ ରହିଛି। ମା'ଙ୍କ ଲାଗି ୨୦୧୭ରେ ୧କେଜି ଓଜନର ସୁନା ମୁକୁଟ ତିଆରି କରାଯାଇଥିଲା। ୨୦୨୧ରେ ଚାନ୍ଦି ମେଢ଼

## ଅଷ୍ଟମୀରେ ମହିଳାଙ୍କ ବ୍ରତପୂଜା, ୫ କୁଇଣ୍ଟାଲ ଲଡୁ ବଣ୍ଟନ

କରାଯାଇଥିଲା। ଏହାସହ ମା'ଙ୍କ ଓ ପାର୍ଶ୍ୱ ଦେବଦେବୀଙ୍କ ସୁନା ଓ ରୁପା ଅଳଙ୍କାର ୨୦୦୪ରୁ କରାଯାଉଛି। ମେଢ଼ ସମେତ ଚାନ୍ଦି ଅଳଙ୍କାର ସମୁଦାୟ ୨.୮ କୁଇଣ୍ଟାଲ ରହିଛି। ଚଳିତଥର ୧ କେଜି ଓଜନର ସୁନା ମୁକୁଟ କରାଯାଇଛି। ମହାଷଷ୍ଠୀରେ ରୀତିନୀତି ଅନୁଯାୟୀ ବିଲ୍ୱବରଣି କରାଯାଇ ମହାସପ୍ତମୀ ପୂଜା କରାଯିବ। ଏହାସହ ମହାଷ୍ଟମୀରେ ମହିଳାଙ୍କ ବ୍ରତପୂଜା କରାଯିବ ଏବଂ ୫ କୁଇଣ୍ଟାଲର ଲଡୁ ଭୋଗ ଲାଗି କରାଯାଇ ବଣ୍ଟନ କରାଯିବ। ସ୍ୱତନ୍ତ୍ର ଭାବେ ଦୁର୍ଗା ପୂଜାର ପାଞ୍ଚଦିନ ପରେ ବା ଲକ୍ଷ୍ମୀ ପୂଜାରେ କମିଟି ପକ୍ଷରୁ ୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ। କମିଟି ପକ୍ଷରୁ ପାଞ୍ଚ ରାତି ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଭସାଣିରେ କଟକର ରାମଲାଲା ମ୍ୟୁଜିକ ବ୍ୟାଣ୍ଡ ପାର୍ଟି, ବ୍ରହ୍ମପୁରର କନକ ଦୁର୍ଗା ବ୍ୟାଣ୍ଡ ପାର୍ଟି, ସମ୍ବଲପୁରର ବଡ ବାଜା, ପୁରୀର ଘଣ୍ଟବାଦ୍ୟ, ଢୋଲ ଓ ଯୋଡି ମହୁରୀ ବାଜା ସମେତ ପାରମ୍ପରିକ ବାଦ୍ୟରେ ଯାତ୍ରା କରାଯିବ। କମିଟିରେ ୪୯ଜଣ କର୍ମକର୍ତ୍ତା ରହିଛନ୍ତି। ସଭାପତି ଭାବେ ଲୋକନାଥ ଲେଙ୍କା, ସମ୍ପାଦକ ଭାବେ ବିଜୟ କୁମାର ବେହେରା ଓ କୋଷାଧ୍ୟକ୍ଷ ଭାବେ ରମେଶ ସାହୁ ରହିଛନ୍ତି।

### କଲେଜଛକ ପୂଜା ପ୍ରତିଷ୍ଠାନ

### ଭକ୍ତଙ୍କ ସୁରୁଖୁରୁ ଦର୍ଶନ ଉପରେ ଗୁରୁତ୍ୱ



"କଲେଜ ଛକ ପୂଜା ପ୍ରତିଷ୍ଠାନ ପକ୍ଷରୁ ମହାଷ୍ଟମୀ ପୂଜା ଧୁମଧାମରେ ପାଳନ କରାଯାଏ। ମହିଳାଙ୍କ ବେଶ ସମାଗମ ହୋଇଥାଏ। ଭିଡ଼କୁ ନଜରରେ ରଖି ଯୁବକ ସଂଘର ସଦସ୍ୟଙ୍କୁ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଯେପରି ମହିଳା ଓ ବୟସ୍କ ବ୍ୟକ୍ତି ସୁରୁଖୁରୁରେ ଦର୍ଶନ କରିବେ ସେ ନେଇ ବେଶ୍ ଗୁରୁତ୍ୱ ଦିଆଯିବ।

**ଲୋକନାଥ ଲେଙ୍କା, ସଭାପତି**

### ପାରମ୍ପରିକ ବାଦ୍ୟରେ ହେବ ଭସାଣି



"ଭସାଣିକୁ ନିଶାମୁକ୍ତ ଓ ଡିଜେମୁକ୍ତ କରାଇବା ମୁଖ୍ୟ ଲକ୍ଷ୍ୟ ରହିଛି। ଏହାକୁ ନଜରରେ ରଖି ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ଢଙ୍ଗରେ ଭସାଣି ଯାତ୍ରା କରାଯିବ। ହାତ ବାଜା ଓ ପାରମ୍ପରିକ ବାଦ୍ୟରେ ଭସାଣି କରାଯିବ। କଲେଜଛକକୁ ମା'ଙ୍କ ଶୋଭାଯାତ୍ରା ବାହାରିବ ଏବଂ ରୁଟ୍ ମୁତାବକ ଯାଇ ଦେବୀଗଡା ଘାଟରେ ବିର୍ସଜନ କରାଯିବ।

**ବିଜୟ କୁମାର ବେହେରା, ସମ୍ପାଦକ**

# ଫିଟ୍ ରହିବା ପାଇଁ ସୁସ୍ଥ ଖାଦ୍ୟ, ମନ ଆବଶ୍ୟକ: ପ୍ରଭାତୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ଅନ୍ୟ ଅତିଥିମାନେ ସାମାଜିକ ବ୍ୟାବହାରିକ ପରିବର୍ତ୍ତନ ସଂକ୍ରାନ୍ତ ଏକ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

## 'ହେଲ୍‌ଦି ଡାଏଟ୍ ଅଭିଯାନ' ଶୁଭାରମ୍ଭ

## ଲୋକଙ୍କୁ ସଚେତନ କରିବେ ଅଙ୍ଗନୱାଡ଼ି କର୍ମୀ

ଭୁବନେଶ୍ୱର,୧୧।୯
(ସୁଚିସ୍ମିତା ସାହୁ)

ସୁସ୍ଥ ରହିବା ପାଇଁ ପୁଷ୍ଟିକର ଖାଦ୍ୟ ନିତାନ୍ତ ଆବଶ୍ୟକ। ନିଜକୁ ଫିଟ୍ ରଖିବା ପାଇଁ ସୁସ୍ଥ ଖାଦ୍ୟ ସହିତ ସୁସ୍ଥ ମନ ଆବଶ୍ୟକ। ବର୍ତ୍ତମାନର ଜୀବନଶୈଳୀରେ ମେଦବହୁଳତା ଭଳି ସମସ୍ୟା ଦେଖାଯାଉଛି। ପ୍ରଧାନମନ୍ତ୍ରୀଙ୍କ 'ଫିଟ୍ ଇଣ୍ଡିଆ' ଆହ୍ୱାନକ୍ରମେ ନିଜେ ସଚେତନ ହେବା ସହ ନିୟମିତ ବ୍ୟାୟାମ କରିବା ପାଇଁସମସ୍ତଙ୍କୁସଚେତନ କରିବାକୁପଡିବ। ପୋଷଣ ମାସ ଅବସରରେ ୭୪ ହଜାର ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଲୋକଙ୍କ ପାଖରେ 'ହେଲ୍‌ଦି ଡାଏଟ୍ ଅଭିଯାନ'ର ବାର୍ତ୍ତା ପହଞ୍ଚିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ଗୁରୁବାର ଏକ ଘରୋଇ ହୋଟେଲରେ 'ହେଲ୍‌ଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ବିଭିନ୍ନ ଖାଦ୍ୟାଭ୍ୟାସ ଉପରେ ଚର୍ଚ୍ଚା କରିଥିଲେ। ଆଦିବାସୀ ମହିଳାମାନେ ମାଣ୍ଡିଆ ଖାଉଥିବାରୁ ତାଙ୍କ ଶରୀର ସୁସ୍ଥ ରହିଥାଏ। ବଜାରର ଜଙ୍କ ଫୁଡ୍‌ଠାରୁ ଦୂରେଇ ରହି ଘର ତିଆରି ଖାଦ୍ୟ ତଥା ମାଣ୍ଡିଆ, ପଖାଳ ଓ ପିଠା ଖାଇବାକୁ ସେ ପରାମର୍ଶ ଦେଇଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ ଅଙ୍ଗନୱାଡ଼ି ଓ ସ୍କୁଲରେ ପାଠ ପଢୁଥିବା ପିଲାଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ପିଲାମାନେ ଚିପ୍ସ ଓ ନୁଡୁଲ୍‌ସ ଖାଇବା ଅଭ୍ୟାସକୁ ନେଇ ସେ ଚିନ୍ତା ପ୍ରକଟ କରିବା ସହ ମହିଳା ଓ ଶିଶୁଙ୍କ ଖାଦ୍ୟାଭ୍ୟାସକୁ ପରିବର୍ତ୍ତନ କରିବା ପାଇଁ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ପୋଷଣ ବିଶେଷଜ୍ଞ ତଥା ୟୁନିସେଫ୍ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ କହିଲେ, ସୁସ୍ଥ ରହିବା ପାଇଁ ଘର ତିଆରି ଖାଦ୍ୟ ସହିତ ପରିବାର ଲୋକଙ୍କ ସହିତ ମିଶି ଖାଦ୍ୟ ଖାଆନ୍ତୁ। ଶିଶୁଙ୍କୁ ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଖାଇବାକୁ ଦେବା ସହ ତେଲଯୁକ୍ତ ଖାଦ୍ୟଠାରୁ ଦୂରରେ ରଖନ୍ତୁ। ଏଥିସହ ଶିଶୁଙ୍କୁମୋବାଇଲଠାରୁ ଦୂରେଇ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଅଭିନେତ୍ରୀ ଅନୁ ଚୌଧୁରୀ ନିଜ ଖାଦ୍ୟାଭ୍ୟାସ ବିଷୟରେ ସୂଚନା ଦେଇଥିବାବେଳେ ଅଭିନେତା ସବ୍ୟସାଚୀ ମିଶ୍ର ସିନେମା ପାଇଁ ଓଜନ ବଢ଼େଇବା ପରେ ଉପୁଜିଥିବା ସମସ୍ୟା ଉପରେ କହିଥିଲେ। ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସ୍ମାର୍ଟ ଖାଦ୍ୟଶୈଳୀ ଉପରେ ଚର୍ଚ୍ଚା କରିଥିଲେ। ଏହି ଅବସରରେ ସାମାଜିକ ବ୍ୟାବହାରିକ ପରିବର୍ତ୍ତନ ବିଷୟରେ ଏକ ପୋଷ୍ଟର ଉନ୍ମୋଚନ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଭାଷଣ ଓ ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜଣ୍ଡିସ୍‌ରେ ୩୫ ଛାତ୍ରୀଛାତ୍ର ଆକ୍ରାନ୍ତ



ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ନିରାକାରପୁର,୧୧।୯(ମାନସ ଚନ୍ଦ୍ର ପଟ୍ଟନାୟକ)

## ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟ

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ଓଲସିଂହ ପଞ୍ଚାୟତର ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟର ୩୫ଜଣ ଛାତ୍ରୀଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ପାଇଁ ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ୩୩୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ କିଛିଦିନ ହେବ ବିଦ୍ୟାଳୟର ମୋଟ ୩୫ଜଣ ଛାତ୍ରୀଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଜଣେ ଲେଖାଏ ରହିଥିବା ବେଳେ ତୃତୀୟ ଶ୍ରେଣୀର ୨ଜଣ ରହିଛନ୍ତି। ସେହିପରି ଚତୁର୍ଥ ଶ୍ରେଣୀର ୬ଜଣ, ପଞ୍ଚମର ୪ଜଣ, ଷଷ୍ଠର ୪ଜଣ, ସପ୍ତମର ୬ଜଣ, ଅଷ୍ଟମର ୬ଜଣ, ନବମର ୩ଜଣ ଏବଂ ଦଶମ ଶ୍ରେଣୀର ୨ଜଣ ରହିଛନ୍ତି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କ ଚିକିତ୍ସା ପାଇଁ ଗତ ୯ତାରିଖରେ ଏକ ଅଭିଯୋଗପତ୍ର ଓଲସିଂହ ସରକାରୀ ମେଡିକାଲ ଅଧିକାରୀଙ୍କ ଜରିଆରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଖବରପାଇ ବୁଧବାର ଭୁବନେଶ୍ୱର ଏମ୍ସ ମେଡିକାଲର ଏକ ଡାକ୍ତରୀ ଟିମ୍ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। ଏଥିସହ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବ୍ୟବହାର କରୁଥିବା ପାଣିର ନମୁନା ସଂଗ୍ରହ କରିଥିଲେ। ତେବେ ଜଣ୍ଡିସ୍ ଭୟରେ କେତେଜଣ ପିଲା ବିଦ୍ୟାଳୟକୁ ଆସୁ ନ ଥିବା ଜଣାପଡ଼ିଛି। ବିଦ୍ୟାଳୟର ପାଣିଟାଙ୍କି ସଫା ହେଉ ନ ଥିବାରୁ ଏହି ପାଣି ପିଇ ପିଲାମାନେ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି ବୋଲି କେତେଜଣ ଅଭିଭାବକ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଆଲୋକ ଚକ୍ରବର୍ତ୍ତୀ କହିଛନ୍ତି ଯେ, ବିଦ୍ୟାଳୟର ପିଇବା ପାଣି ପରୀକ୍ଷା ପରେ ଠିକ୍ ଅଛି ବୋଲି ଡାକ୍ତରୀ ଟିମ୍ କହିଛନ୍ତି। ପିଲାମାନେ ବିଦ୍ୟାଳୟରେ ୬ଘଣ୍ଟା ରହୁଥିବା ବେଳେ ଘରେ ୧୮ଘଣ୍ଟା ରହୁଛନ୍ତି। ସେମାନେ ଘରେ କେଉଁ ପାଣି ପିଉଛନ୍ତି ଯାଞ୍ଚ ହେବା ଆବଶ୍ୟକ। ଗୁପଚୁପ ପାଣି କିମ୍ବା ଗ୍ରାମକୁ ଆସୁଥିବା ପାଇପ୍ ପାଣି ପିଇବା ଦ୍ୱାରା ଛାତ୍ରୀଛାତ୍ରମାନେ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଡାକ୍ତରୀ ଟିମ୍ ସନ୍ଦେହ କରୁଛି।

# ପ୍ରସ୍ତାବିତ ପୁରୀ ବିମାନବନ୍ଦରକୁ ବିରୋଧ: ଏନ୍‌ଜିଟିରେ ମାମଲା

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

## ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ପୁରୀରେ ପ୍ରସ୍ତାବିତ ବିମାନବନ୍ଦର ପ୍ରକଳ୍ପ ସ୍ଥାପନକୁ ବିରୋଧ କରି 'ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ' ପକ୍ଷରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଏକ ମାମଲା ଦାୟର କରାଯାଇଛି। ବର୍ତ୍ତମାନର ନିର୍ମାଣକୁ ବନ୍ଦ ରଖିବା ଇତ୍ୟାଦି ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସମେତ ପୁରୀ ଜିଲାପାଳ, ଡିଏଫ୍‌ଓଙ୍କ ସହ ୭ଜଣଙ୍କୁ ପକ୍ଷଭୁକ୍ତ କରାଯାଇ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଟ୍ରିବ୍ୟୁନାଲଙ୍କ ପକ୍ଷରୁ ନୋଟିସ୍ ଜାରି ହୋଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ପୁରୀ ଭଳି ବାତ୍ୟାପ୍ରବଣ ଅଞ୍ଚଳରେ ବ୍ୟାପକ ବନୀକରଣ ଆବଶ୍ୟକ ଥିବାବେଳେ ସେଠାରେ ଜଙ୍ଗଲ ଓ ବାଲିବନ୍ତଗୁଡ଼ିକୁ ନିଶ୍ଚିହ୍ନ କରି ବିମାନ ବନ୍ଦର ସ୍ଥାପନାର ପରିକଳ୍ପନା କରାଯାଇଛି। ଫଳରେ ଉକ୍ତ ଅଞ୍ଚଳ ଓ ଏହାର ଆଖପାଖ ଗାଁଗୁଡିକ ପ୍ରତି ବିପଦ ସୃଷ୍ଟି ହେବ। ସମୁଦ୍ରଗର୍ଭରୁ ଅଣ୍ଡା ଦେବାକୁ ଆସୁଥିବା ଅଲିଭ୍ ରିଡଲେ କଇଁଛ, ଡଲଫିନ ଓ ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ଆଗମନ ଉପରେ କୁପ୍ରଭାବ ପଡ଼ିବ। ଉକ୍ତ ଜଙ୍ଗଲ ଜମି ଉପରେ ନିର୍ଭର କରୁଥିବା ପ୍ରାୟ ୧ ହଜାର ପରିବାର ଜୀବିକା ହରାଇବେ। ଘନ ଘନ ପ୍ରାକୃତିକ ବିପର୍ଯ୍ୟୟ ନିକଟରେ ବିସ୍ଥାପିତଙ୍କୁ କ୍ଷତପୂରଣ ଦେବା ଏକ ବିପଥଗାମୀ ନିଷ୍ପତ୍ତି। ଆବଶ୍ୟକ ଥିବା ସରକାରୀ ବିଭାଗୀୟ ବିନା ଅନୁମୋଦନରେ ଜଙ୍ଗଲ କଟାଯାଇ ରାସ୍ତା ଓ ପ୍ରାଚୀର କାମ ସହିତ ସରଞ୍ଜାମ ଗୋଦାମ ଘର ନିର୍ମାଣ ନିମନ୍ତେ ବେଆଇନ୍ ନିଷ୍ପତ୍ତି ନେଇଥିବା ସରକାରୀ ଅଧିକାରୀଙ୍କ ପ୍ରତି ଦଣ୍ଡ ବିଧାନ କରାଯାଉ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। 'ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ' ପକ୍ଷରୁ ସୁରେନ୍ଦ୍ର ତପସ୍ୱୀ, ହରିହର ସେନାପତି, ଗୋପାଳ ପ୍ରଧାନ, ଦେବୀପ୍ରସନ୍ନ ରଥ,କୃଷ୍ଣଚନ୍ଦ୍ର ବେହେରା, ନାରାୟଣ ମିଶ୍ର, ସୀତାକାନ୍ତ ମହାନ୍ତି, ସୁମିତ୍ରା ବାରିକ୍, ସୁରେନ୍ଦ୍ର ଦାସ ଏବଂ ପର୍ଶୁରାମ ପ୍ରଧାନ ପ୍ରମୁଖ ଏହି ଆବେଦନ କରିଛନ୍ତି।

# ବଡି କ୍ୟାମେରା ପିନ୍ଧି ଶ୍ରୀମନ୍ଦିର ଚାରିଦ୍ୱାର ଜଗିବେ ପୋଲିସ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ଶ୍ରୀମନ୍ଦିର ଚାରିଦ୍ୱାରରେ ମୁତୟନ ରହୁଥିବା ପୋଲିସ କର୍ମଚାରୀମାନଙ୍କ ନିମନ୍ତେ ଯଥେଷ୍ଟ ସଂରକ୍ଷଣ କ୍ଷମତା ବିଶିଷ୍ଟ ବଡି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ପରିସରରେ ପ୍ରବେଶ କରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ ନଜର ରଖିବାରେ ଏହା ସହାୟକ ଓ ଫଳପ୍ରଦ ହେବ ବୋଲି ପୋଲିସ ପକ୍ଷରୁ ଆଶା କରାଯାଇଛି। ଏନେଇ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିର ଚାରିଦ୍ୱାରରେ ନିୟୋଜିତ ଥିବା ଫୋର୍ସକୁ ବଡି କ୍ୟାମେରା ଦିଆଯାଇଛି। ପ୍ରତ୍ୟେକ ଦ୍ୱାରରେ ଦୁଇଟି ଲେଖାଏ ବଡି କ୍ୟାମେରା ଦିଆଯାଇଛି, ଯାହା ଚେକିଂ ସମୟରେ ସହଯୋଗ କରିବ। ଏଥିସହ କ୍ୟାମେରାଗୁଡ଼ିକ ମନ୍ଦିର ଭିତରକୁ ପ୍ରତିବନ୍ଧିତ ସାମଗ୍ରୀ ଆଣିବାକୁ ନିଷେଧ କରିବାରେ ସହାୟକ ହେବ। ଅଣସେବାୟତମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ମଧ୍ୟ ସହଜ ହେବ। ଯେଉଁମାନେ ଅନଧିକୃତ ପ୍ରବେଶ ପାଇବା ପାଇଁ ସେବାୟତ ଭାବେ ନିଜକୁ ପରିଚୟ ଦେବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ବଡି କ୍ୟାମେରା ଧରିବାରେ ସହଯୋଗ କରିବ। କେଉଁ ବ୍ୟକ୍ତି କେଉଁ ଦ୍ୱାରରୁ ଆସିଛନ୍ତି, ସେ ନେଇ ମଧ୍ୟ ସୁବିଧାରେ ଜଣାପଡ଼ିବ। ପୋଲିସ ସହ ଯୁକ୍ତିତର୍କ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ପୋଲିସ କର୍ମଚାରୀଙ୍କ କାର୍ଯ୍ୟକଳାପ ଜଣାପଡ଼ିବ। କର୍ମଚାରୀମାନଙ୍କୁ କର୍ତ୍ତବ୍ୟ ଅଧିକ ପ୍ରଭାବଶାଳୀ ଭାବେ ସମ୍ପାଦନ କରିବା ଏବଂ ଦର୍ଶନାର୍ଥୀଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ଏହି ବ୍ୟବସ୍ଥା ସହାୟକ ହେବ। ଏହି କ୍ୟାମେରାଗୁଡ଼ିକ ଦ୍ୱାରା ରେକର୍ଡ ହୋଇଥିବା ଫୁଟେଜ୍ ମନ୍ଦିର ଭିତରେ ସାମଗ୍ରିକ ସୁରକ୍ଷା ଏବଂ ସୁରକ୍ଷାକୁ ଉନ୍ନତ କରିବାରେ ସାହାଯ୍ୟ କରିବ। ଅପରପକ୍ଷରେ ମେସିନ ଓ ଫିଜିକାଲ ଭାବେ ଭକ୍ତଙ୍କୁ ଚେକିଂ କରାଯାଇ ଶ୍ରୀମନ୍ଦିରକୁ ଛଡ଼ାଯାଉଛି। ସେହିପରି ଭକ୍ତଙ୍କୁ ସଚେତନ କରାଯାଉଛି ବୋଲି ଏସ୍‌ପି କହିଛନ୍ତି।

# ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି): କିଛିଦିନର ବ୍ୟବଧାନ ପରେ ଗୁରୁବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ପୁଣି ଡ୍ରୋନ ଉଡ଼ିଛି। ଏହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁରୁବାର ରାତିରେ ଏକ ଡ୍ରୋନ ନୀଳଚକ୍ରଠାରୁ ସିଂହଦ୍ୱାର, ପୁଣି ସିଂହଦ୍ୱାରଠାରୁ ଉତ୍ତରଦ୍ୱାର ପର୍ଯ୍ୟନ୍ତ ପରିକ୍ରମା ମାର୍ଗ ଉପରିଭାଗରେ ପ୍ରାୟ ୧୫ ମିନିଟପର୍ଯ୍ୟନ୍ତ ପଇଁତରା ମାରିଥିଲା। ତେବେ ଡ୍ରୋନ କେଉଁଠାରୁ ଅପରେଟ ହେଉଥିଲା, କିଏ ଅପରେଟ୍ କରୁଥିଲେ ସେ ସମ୍ପର୍କରେ ଜଣାପଡ଼ି ନ ଥିବାବେଳେ ପୋଲିସ ପକ୍ଷରୁ ଘଟଣାର ଯାଞ୍ଚ ଆରମ୍ଭ ହୋଇଛି। ପୂର୍ବରୁ ଅନେକ ଥର ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ଘଟଣା ପରେ ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚାରିପାଖରେ ପୋଷ୍ଟର ଲଗାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହାସତ୍ତ୍ୱେ ପୁଣି ଡ୍ରୋନ୍ ଉଡ଼ିଛି। ପ୍ରଶାସନ ପକ୍ଷରୁ ଆଣ୍ଟି ଡ୍ରୋନ୍ ସିଷ୍ଟମ ବ୍ୟବସ୍ଥା କରାଯିବାକୁ ଭକ୍ତଙ୍କ ପକ୍ଷରୁ ଦାବି ହେଉଛି।

# ମାଧ୍ୟମିକ ସଂସ୍କୃତ, ହିନ୍ଦୀ ଶିକ୍ଷକ ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର,୧୧।୯(ସୁଚିସ୍ମିତା ସାହୁ)

ନୂତନ କ୍ୟାଡର ରୁଲ୍ ତୁରନ୍ତ ପ୍ରଚଳନ ସହ ୪ ଦଫା ଦାବି ନେଇ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଥିଲେ ମାଧ୍ୟମିକ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ। ପ୍ରବଳ ଖରାରେ ଛତାଧରି ଶୋଭାଯାତ୍ରା କରିବା ସହ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ମାଧ୍ୟମିକ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ମିଳିତ ମଞ୍ଚର ଆହ୍ୱାନ କ୍ରମେ ୩ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଧାରଣାସ୍ଥଳରେ ଦାବି ପୂରଣ ନେଇ ନାରାବାଜି ଦେଇଥିଲେ। ତେବେ ଧାରଣା ଦେବାର ଏକ ଘଣ୍ଟା ଭିତରେ ଶିକ୍ଷା ସଚିବ ଆଲୋଚନା ପାଇଁ ମଞ୍ଚର ପ୍ରତିନିଧିଙ୍କୁ ଡାକିଥିଲେ। ଶିକ୍ଷା ସଚିବଙ୍କ ସହ ନୂତନ କ୍ୟାଡର୍ ରୁଲ ଓ ଅନ୍ୟାନ୍ୟ ଦାବି ବିଷୟରେ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ଦାବି ନିଶ୍ଚିତ ଭାବେ ପୂରଣ କରାଯିବ ବୋଲି ବିଭାଗୀୟ ସଚିବ ପ୍ରତିଶ୍ରୁତି





ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମାଧ୍ୟମିକ ସଂସ୍କୃତ, ହିନ୍ଦୀ ଶିକ୍ଷକମାନେ ଧାରଣାରେ ବସିବା ସହ ବିକ୍ଷୋଭ କରୁଛନ୍ତି। (ଫଟୋ – ମନୋରଞ୍ଜନ ମିଶ୍ର)

ଦେଇଥିଲେ। ସେହିପରି ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କୁ ନେଇ ଭୋକେଶନାଲ ବିଷୟକୁ ତୃତୀୟ ଭାଷାରୁ ଅଲଗା କରିବା ପାଇଁ ସରକାରୀସ୍ତରରେ ବିଚାର ବିମର୍ଶ ଚାଲିଛି। କ୍ୟାଡର୍ ଫାଇଲକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ସଚିବଙ୍କୁ ନିବେଦନ କରାଯାଇଛି ବୋଲି ଆଲୋଚନାରେ ସାମିଲ ହୋଇଥିବା ମଞ୍ଚ ସଭାପତି ସଭାପତି ବିଜୟ କୁମାର ତ୍ରିପାଠୀ, ହିନ୍ଦୀ ଶିକ୍ଷକ ସଂଘ ସଭାପତି ଏସ୍. କେ. ସୁମନ ଓ ସମ୍ପାଦକ ଈପ୍ସିତା ରାଉଳ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱକଳ୍ପିତା



@ ଛବି



@ ପପୁନି



@ ତାହିର



@ ଆଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୦୪୭ ସୁଦ୍ଧା ପ୍ରତି ବ୍ଲକରେ ଖୋଲିବ ଆଇଟିଆଇ କଲେଜ

ଭୁବନେଶ୍ୱର,୧୧।୯(ସୁଚିସ୍ମିତା ସାହୁ)

## ପ୍ରକ୍ରିୟା ଆରମ୍ଭ ପାଇଁ ଚିଠି

ରାଜ୍ୟରେ ପିଲାଙ୍କ ଦକ୍ଷତା ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ଅଧିକାଂଶ ପିଲାଙ୍କୁ ଅଧିକରୁ ଅଧିକ ଦକ୍ଷତା ବିକାଶ କ୍ଷେତ୍ରରେ ତାଲିମ ଦେବାକୁ ଯୋଜନା ରହିଛି। ଏନେଇ ରାଜ୍ୟରେ ନୂତନ ସରକାରୀ ଆଇଟିଆଇ ପ୍ରତିଷ୍ଠାନ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୪୭ ସୁଦ୍ଧା ପ୍ରତି ବ୍ଲକରେ ଆଇଟିଆଇ କଲେଜ ଖୋଲିବାକୁ ଲକ୍ଷ୍ୟ ରହିଛି। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଅନୁସଚିବ ବନ୍ଦନା ମିଶ୍ର ଗତ ୪ ତାରିଖରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି।

ଉକ୍ତ ପତ୍ରରେ ଉଲ୍ଲେଖ ରହିଛି, ବର୍ତ୍ତମାନ ସୁଦ୍ଧା ଗୋଟିଏ ବ୍ଲକରେ ୦.୨୩ ପ୍ରତିଶତ ଆଇଟିଆଇ କଲେଜ ରହିଛି। ଅର୍ଥାତ ଚାରୋଟି ବ୍ଲକରେ ଗୋଟିଏ କଲେଜ ରହିଛି। ହେଲେ ଓଡ଼ିଶା ଭିଜନ–୨୦୩୬ ଅନୁସାରେ, ପ୍ରତି ବ୍ଲକରେ ୦.୪୫ ପ୍ରତିଶତ ଅର୍ଥାତ ଦୁଇଟି ବ୍ଲକରେ ଗୋଟିଏ ଲେଖାଏ ସରକାରୀ ଆଇଟିଆଇ କଲେଜ ଖୋଲିବାକୁ ଯୋଜନା ରହିଛି। ସେହିପରି ୨୦୪୭ ସୁଦ୍ଧା ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଆଇଟିଆଇ କଲେଜ ଖୋଲିବାକୁ ଲକ୍ଷ୍ୟ ରହିଛି ବୋଲି ପତ୍ରରେ ଦର୍ଶାଯାଇଛି। ଏନେଇ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ବିଭିନ୍ନ ଜିଲାରେ ସରକାରୀ ଆଇଟିଆଇ ପ୍ରତିଷ୍ଠାନ ଖୋଲିବା ଲାଗି ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ମାସକ ମଧ୍ୟରେ ଏହାର ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶକଙ୍କୁ ଅନୁସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ସାର ମାଗିବାରୁ ଚାଷୀଙ୍କୁ ହତ୍ୟା ଧମକ

## ସମବାୟ ସମିତି ସମ୍ପାଦକଙ୍କ ନାଁରେ ମାମଲା ରୁଜୁ

ଧରାକୋଟ,୧୧।୯ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲାରେ ସାର ବଣ୍ଟନରେ ଅବ୍ୟବସ୍ଥାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ପରିସ୍ଥିତି ଏପରି ହୋଇଛି ଯେ ଥାନା ପର୍ଯ୍ୟନ୍ତ କଥାଯାଇଛି। ଜଣେ ଚାଷୀ ସାର ମାଗିବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଛି। ଧରାକୋଟ ବ୍ଲକ ଅନ୍ତର୍ଗତ ରୁଗୁମୁ ସେବା ସମବାୟ ସମିତିର ସମ୍ପାଦକ ବିଜୟ କୁମାର ବିଷୋୟୀ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଆଡିବନ୍ଧ ଗ୍ରାମର ଭଜରାମ ସ୍ୱାଇଁଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୪୫୩/୨୫) ରୁଜୁ କରିଛି। ଅନ୍ୟପକ୍ଷରେ ସମବାୟ ସମିତି ସମ୍ପାଦକ ବିଷୋୟୀ ଗୁରୁବାର ଚାଷୀ ଭଜରାମଙ୍କ ନାଁରେ ବଡ଼ଗଡ଼ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଭଜରାମ ତାଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିବା ସହ ଧମକ ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ରୁଗୁମୁ ସେବା ସମବାୟ ସମିତିରେ ମଙ୍ଗଳବାର ୪୫୦ ବସ୍ତା ସାର ବଣ୍ଟନ ପାଇଁ ଥିବାରୁ ଚାଷୀମାନଙ୍କ ଲମ୍ବା ଲାଇନ ଲାଗିଥିଲା। ପ୍ରାୟ ୮୦୦ ଚାଷୀ ଧାଡିରେ ଥିଲେ। ତେଣୁ ସମସ୍ତଙ୍କୁ ସାର ମିଳି ନ ଥିଲା। ଆଡିବନ୍ଧ ଗ୍ରାମର ଭଜରାମ ସାର ଆଣି ନ ପାରି ନିରାଶରେ ଫେରିଥିଲେ। ସମବାୟ ସମିତି ସମ୍ପାଦକ ବିଜୟଙ୍କ ପାଖକୁ ଯାଇ ସାର ଦେବାକୁ କହିବାରୁ ସେ କିଛି ଟଙ୍କା ମାଗିଥିଲେ। ଭଜରାମ ଟଙ୍କା କାହିଁକି ଦେବି ବୋଲି ପଚାରିବାରୁ ଉପର ଅଫିସରଙ୍କୁ ଦେବାକୁ ପଡୁଛି ବୋଲି କହିଥିଲେ। ସେ ଯୁକ୍ତିତର୍କ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଭଜରାମ ଏତଲାରେ ଦର୍ଶାଇଥିଲେ। ଏ ସମ୍ପର୍କରେ ସମ୍ପାଦକ ବିଜୟଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମଙ୍ଗଳବାର ସନ୍ଧ୍ୟାରେ ଭଜରାମ ଘର ଆଗକୁ ଆସି ମଦ୍ୟପାନ କରି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ତାଙ୍କୁ ବୁଝାଇବାକୁ ଚେଷ୍ଟା କରିବା ବେଳେ ସେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଗୁରୁବାର ଏ ନେଇ ବଡଗଡ ଥାନାରେ ଅଭିଯୋଗ କରିଥିବା ବିଜୟ କହିଛନ୍ତି। ବଡଗଡ ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ସହ ଯୋଗାଯୋଗ କରିବାରୁ ଚାଷୀ ଜଣଙ୍କ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି,କିନ୍ତୁ ଘଟଣାର ସତ୍ୟତା ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ଧରାକୋଟ ବ୍ଲକର ମାଣିକପୁର ସେବା ସମବାୟ ସମିତିରେ ସାର ପାଇଁ ଆସି ଚାଷୀ ହିନସ୍ତା ହୋଇଛନ୍ତି। ଏହି ସମବାୟ ସମିତି ଅଧୀନସ୍ଥ ୩ଟି ପଞ୍ଚାୟତର ପ୍ରାୟ ୧୫୦୦ ଚାଷୀ ସକାଳୁ ସମିତି ଆଗରେ ଲମ୍ବା ଲାଇନ ଲଗାଇ ଆଧାର କାର୍ଡ ଜମା କରିଥିଲେ। ତେବେ ଗୋଦାମରେ ମାତ୍ର ୪୫୦ ବସ୍ତା ସାର ମହଜୁଦ ଥିବାରୁ କିଛି ଅଘଟଣ ଘଟିବା ଆଶଙ୍କା କରି ସମ୍ପାଦକ ଜଣଙ୍କ ସାର ନ ଦେଇ ଚାଲିଯାଇଥିଲେ, ଯାହାକୁ ନେଇ ଚାଷୀ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା।



ମାଣିକପୁର ସେବା ସମବାୟ ସମିତି ଆଗରେ ଚାଷୀମାନେ ସାର ପାଇଁ ଅପେକ୍ଷା କରିଛନ୍ତି।

# ସାଇବର ଠକେଇରେ ହରାଇଲେ ୪୯.୮୬ ଲକ୍ଷ

ନୟାଗଡ଼,୧୧।୯ (ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ବଳଭଦ୍ରପୁର ଗାଁର ସଚ୍ଚୀନ୍ଦ୍ର କୁମାର ସାହୁ ୪୯.୮୬ ଲକ୍ଷ ଅନ୍‌ଲାଇନ୍ ସାଇବର ଠକେଇର ଶିକାର ହୋଇଛନ୍ତି। ଏନେଇ ଟାଉନ୍ ଥାନାରେ ଅଭିଯୋଗ ପରେ ନଂ.୩୬୦/୨୫ରେ ମାମଲା ରୁଜୁକରି ଗତ ୧୦ ତାରିଖରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବଳଭଦ୍ରପୁର ଗାଁର ସଚ୍ଚୀନ୍ଦ୍ରଙ୍କ ଅଭିଯୋଗ ଅନୁସାରେ ଅଗଷ୍ଟ ୧୩ରେ ହ୍ୱାଟସ୍‌ଆପ୍ ମେସେଜରେ ଏକ ଲିଙ୍କ୍ ପାଇଥିଲେ, ଯାହାକି ଅନ୍‌ଲାଇନ୍ ଟ୍ରେଡିଂ ଥିଲା। ଏହି ଲିଙ୍କ୍ ଦ୍ୱାରା ଟ୍ରେଡିଂ ଆକାଉଣ୍ଟ ଖୋଲିବାକୁ ପରାମର୍ଶ ମିଳିଥିଲା। ପରେ ସାଇବର ଠକମାନେ ସମ୍ପୃକ୍ତ ଆପ୍ ମାଧ୍ୟମରେ କିପରି ଅଧିକ ରୋଜଗାର କରିହେବ ସେନେଇ ସଚ୍ଚିନ୍ଦ୍ରଙ୍କର ବିଶ୍ୱାସ ଜନ୍ମାଇଥିଲେ । ସେ ବୁଝିବା ପରେ ପ୍ରଥମେ ୩୦ ଲକ୍ଷ ୮୬ ହଜାର ଟଙ୍କା ବିଭିନ୍ନ ଟ୍ରେଡିଂ ଆକାଉଣ୍ଟକୁ କିସ୍ତିରେ ପଠାଇଥିଲେ। ପରେ ତାହା ବୃଦ୍ଧି ପାଇ ୪ କୋଟି ୨ ଲକ୍ଷ ୩୦ ହଜାର ୫୧୯ ଟଙ୍କା ହୋଇଥିବା ସାଇବର ଠକମାନେ ଜଣାଇଥିଲେ। ସମ୍ପୃକ୍ତ ଟଙ୍କା ଉଠାଇବା ପାଇଁ ସାଇବର ଠକମାନେ କମିଶନ ବାବଦକୁ ଚାର୍ଜ ୩୭ ଲକ୍ଷ ୬୪ ହଜାର ୯୩୭ ଟଙ୍କା ଡିପୋଜିଟ୍ କରିବାକୁ ସଚ୍ଚୀନ୍ଦ୍ରଙ୍କୁ କହିଥିଲେ। କମିଶନ ଚାର୍ଜ ଦେବାକୁ ସେ ମନା କରିବା ପରେ ସାଇବର ଠକମାନେ ୧ କୋଟି ୭୦ ଲକ୍ଷ ଟଙ୍କା ଉଠାଣ ପାଇଁ ୧୯ ଲକ୍ଷ ଟଙ୍କା ଦାବି କରିଥିଲେ, ଯାହାକୁ ସୁଚୀନ୍ଦ୍ର ମାନିନେଇ ୧୯ ଲକ୍ଷ ଟଙ୍କା ସେପ୍ଟେମ୍ବର ୫ରେ ଦେଇଥିଲେ। ପରେ ବାକି କମିଶନ ଟଙ୍କା ୧୮ ଲକ୍ଷ ୬୪ ହଜାର ୯୩୭ ଟଙ୍କା ଦେବାକୁ ସେମାନେ କହିଥିଲେ। ଅବଶିଷ୍ଟ କମିଶନ ଟଙ୍କା ନ ଦେଲେ ସବୁ ଉଠାଣ ହେବ ନାହିଁ ବୋଲି ଉତ୍ତର ମିଳିଥିଲା। ଏଭଳି ସଚ୍ଚୀନ୍ଦ୍ର ଠକେଇର ଶିକାର ହୋଇଥିବା ଜାଣି ସାଇବର କ୍ରାଇମ୍ ପୋଟାଲ ୧୯୩୦ରେ ଅଭିଯୋଗ କରିଥିଲେ।

# ଅପରେଶନ ପ୍ରହାର: ୧୧୦ ମାମଲା, ୧୫୭ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୧।୯ (ସତ୍ୟଜିତ୍ ରାଉତ)

ବିଭିନ୍ନ ପ୍ରକାର ନିଶା କାରବାର ଉପରେ ରୋକ ଲଗାଇବାକୁ ରାଜ୍ୟ ପୋଲିସ ପକ୍ଷରୁ ସେପ୍ଟେମ୍ବର ୧ ତାରିଖରୁ ଅପରେଶନ ପ୍ରହାର ଆରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଅଭିଯାନ ଆରମ୍ଭର ଗୋଟିଏ ସପ୍ତାହରେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନ୍‌ସୁଗାର, କଫ୍ ସିରପ ଭଳି ନିଶାଦ୍ରବ୍ୟ ଆଦି ଜବତ କରାଯାଇଥିବା ରାଜ୍ୟ ପୋଲିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏନେଇ ୧୧୦ଟି ମାମଲା ରୁଜୁ କରାଯାଇଥିବାବେଳେ ୧୫୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗଞ୍ଜେଇ ଚୋରାଚାଲାଣ ଘଟଣାରେ ୭୨ ମାମଲା ରୁଜୁ କରାଯିବା ସହ ୪,୮୦୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏସବୁ ମାମଲାରେ ୯୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ବ୍ରାଉନସୁଗାର କାରବାର ନେଇ ୨୭ଟି ମାମଲା ରୁଜୁ କରାଯାଇଛି। ୨,୩୭୪ ଗ୍ରାମ ବ୍ରାଉନସୁଗାର ଜବତ ସହ ୪୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୩,୦୫୨ ବୋତଲ କଫ୍ ସିରପ ଜବତ ସହ ଚୋରାଚାଲାଣରେ ସମ୍ପୃକ୍ତ ଥିବା ୧୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ଧାରା ୧୨୯ ଅନୁଯାୟୀ ୭୦ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ଛଡ଼ା ଚୋରା ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ସମ୍ପୃକ୍ତି ଥିବା ୩ଟି ଦୋକାନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୨ ଯୁବକଙ୍କୁ ଅପହରଣ ପରେ ଆକ୍ରମଣ, ଗୁଳିମାଡ଼

## ୨ ଛାତ୍ରଗୋଷ୍ଠୀ ମଧ୍ୟରେ ରହିଥିଲା ବିବାଦ

ବୋଲଗଡ଼,୧୧।୯ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ଏକ କଲେଜର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ରହିଥିବା ବିବାଦକୁ ନେଇ ବୁଧବାର ଦୁର୍ବୃତ୍ତମାନେ ଦୁଇଜଣ ଯୁବକଙ୍କୁ ଅପହରଣ କରିନେଇ ଆକ୍ରମଣ ଓ ଗୁଳିମାଡ଼ କରିଛନ୍ତି। ପରେ ଉଭୟଙ୍କୁ ଏକ ଜଙ୍ଗଲିଆ ଅଞ୍ଚଳରେ ଫିଙ୍ଗିଦେଇଥିଲେ। ଗୁରୁତରଦ୍ୱୟ ହେଲେ ଏହି ଫାଣ୍ଡି ଅଞ୍ଚଳର ଟୁଲୁ ପରିଡ଼ା ଏବଂ ମାନସ ଜେନା। ଏନେଇ ଗୁରୁବାର ମାନସଙ୍କ ବଡ଼ଭାଇ ନିହାରଙ୍କ ଅଭିଯୋଗକ୍ରମେ ବୋଲଗଡ଼ ପୋଲିସ ଏକ ମାମଲା (ନଂ.୨୦୭/୨୫) ରୁଜୁକରି ତଦନ୍ତ ଚଳାଇବା ସହ ୨ଜଣଙ୍କୁ ଅଟକ ରଖି ପଚାରଉଚରା ଚଳାଇଛି।

ସୂଚନା ଅନୁଯାୟୀ, ଗତ ୩ ତାରିଖରେ ଉକ୍ତ କଲେଜ ପରିସରରେ କୌଣସି କାରଣକୁ ନେଇ ଯୁକ୍ତ ୨ ଏବଂ ଯୁକ୍ତ ୩ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାର ସମାଧାନ ପାଇଁ କଲେଜ କର୍ତ୍ତୃପକ୍ଷ ଚେଷ୍ଟା କରିଥିଲେ ମଧ୍ୟ ଏଥିରେ ଅଣଛାତ୍ରମାନଙ୍କ ସମ୍ପୃକ୍ତି ରହିଥିବାରୁ ଏହା ଉଗ୍ରରୂପ ଧାରଣ କରିଥିଲା। ବୁଧବାର ରାତି ୮ଟା ୩୦ରେ ହାଟବସ୍ତ ଗ୍ରାମ ନିକଟରୁ ଗୋଟିଏ ଗୋଷ୍ଠୀର ସହଯୋଗୀ ଦୁର୍ବୃତ୍ତମାନେ ଅନ୍ୟ ଗୋଷ୍ଠୀର ଟୁଲୁ ଓ ମାନସଙ୍କୁ ମାରଣାସ୍ତ୍ର ଦେଖାଇ ଉଠାଇନେଇ ଜଙ୍ଗଲରେ ଆକ୍ରମଣ କରିବା ସହ ଗୁଳିମାଡ଼ କରି ଫିଙ୍ଗିଦେଇଥିଲେ। ଖବରପାଇ ବୋଲଗଡ଼ ଥାନା ନୀରିକ୍ଷିକା ସ୍ନିଗ୍ଧାମୟୀ ବରାଳ ସଦଳବଳେ ନୟାଗଡ଼ ଜିଲା ଫତେଗଡ଼ ଥାନା ବାଲିଆପଟା ଜଙ୍ଗଲଠାରେ ପହଞ୍ଚି ଗୁରୁତର ଟୁଲୁ ଏବଂ ମାନସଙ୍କୁ ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ବୃତ୍ତମାନେ ମାନସଙ୍କ ଅଣ୍ଟାତଳକୁ ଗୁଳିମାଡ଼ କରିଥିବା ବେଳେ ଟୁଲୁଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ତେବେ ମାନସଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା, ଏସ୍‌ଡିପିଓ ଅନିଲ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଚୋରିକୁ ବାରଣ କରିବାରୁ ପରିବା ଦୋକାନୀଙ୍କୁ ଆକ୍ରମଣ

## ଧରାପଡ଼ିଲେ ନାବାଳକ, ୨ ଫେରାର

ପୁରୀ,୧୧।୯ (ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ଜଗନ୍ନାଥବଲ୍ଲଭ ମଠ ନିକଟରେ କେତେଜଣ ନାବାଳକଙ୍କୁ ଚୋରି ପାଇଁ ବାରଣ କରିବାରୁ ଜଣେ ପରିବା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ଚୂଡ଼ଙ୍ଗସାହି ମଧୁବନର ସୁକାନ୍ତ କୁମାର ଦାସ। ଏହି ଘଟଣାରେ ଟାଉନ ଥାନା ପୋଲିସ ଜଣେ ନାବାଳକଙ୍କୁ ଧରିଥିବାବେଳେ ଅନ୍ୟ ୨ଜଣ ନାବାଳକ ଫେରାର ହୋଇଯାଇଛନ୍ତି। ଧରାପଡ଼ିଥିବା ନାବାଳକଙ୍କଠାରୁ ପୋଲିସ ଏକ ଜିଆଇ ପାଇପରେ ସଂଯୁକ୍ତ ସାଇକେଲ କ୍ରାଙ୍କ ଜବତ କରିଛି। ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢେ ୧୦ଟାରେ ସୁକାନ୍ତ ତାଙ୍କ ପରିବା ଦୋକାନ ବନ୍ଦ କରି ଜଗନ୍ନାଥ ବଲ୍ଲଭ ମଠ ପଛପାର୍ଶ୍ୱ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ୩ଜଣ ନାବାଳକ ଏକ କ୍ୟାବିନ ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରୁଥିଲେ। ଏହାଦେଖି ସୁକାନ୍ତ ସେମାନଙ୍କୁ ବାରଣ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ସୁକାନ୍ତଙ୍କୁ ଜିଆଇ ପାଇପ୍ ସଂଯୁକ୍ତ ସାଇକେଲ କ୍ରାଙ୍କରେ ଆକ୍ରମଣ କରିଥିଲେ। ତାଙ୍କ ବାମହାତରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସୁକାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୪୩୯/୨୫) ରୁଜୁ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଣେ ନାବାଳକଙ୍କୁ ଧରିବା ପରେ ଗୁରୁବାର ଜୁଭେନାଇଲ କୋର୍ଟରେ ହାଜର କରିଛି। ଅନ୍ୟ ୨ନାବାଳକଙ୍କୁ ଖୁବଶୀଘ୍ର ଧରାଯିବ ଏବଂ ଏହି ଘଟଣାରେ ଅନ୍ୟ କାହାର ହାତ ରହିଛି ସେ ନେଇ ତଦନ୍ତ କରାଯିବ ବୋଲି ପୋଲିସ କହିଛି।

# ଖଣି ଅଧିକାରୀଙ୍କୁ ଭୁଜାଲି ଦେଖାଇ ଛଡ଼ାଇନେଲେ ଟ୍ରାକ୍ଟର

## ଆତଙ୍କ ଖେଳାଇଲେ ୨୫ ବାଲି ଚୋରାଚାଲାଣକାରୀ

ନୀଳଗିରି, ୧୧।୯ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ତହସିଲ୍ ଅଧୀନ ସୋନ ନଦୀର ବିଭିନ୍ନ ଘାଟରୁ ବାଲି ଚୋରାଚାଲାଣ ବଢ଼ିବାରେ ଲାଗିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ଘାଟରେ ଚଢ଼ାଉ କରାଯାଉଥିଲେ ମଧ୍ୟ ଚୋରାଚାଲାଣକାରୀମାନେ ଆଗୁଆ ସୂଚନା ପାଇ ଘାଟରୁ ଗାଡ଼ି ନେଇ ଫେରାର ହୋଇଯାଉଛନ୍ତି। ଫଳରେ ଅଧିକାରୀମାନେ ଖାଲି ହାତରେ ଫେରିବାକୁ ବାଧ ହେଉଛନ୍ତି। ଗୁରୁବାର ସୋନ ନଦୀର କାଂଶ ନିକଟ ତିନିଦେଶ ଘାଟରୁ ବେଆଇନ ଭାବେ ନମ୍ବରବିହୀନ ଟ୍ରାକ୍ଟର ଯୋଗେ ବାଲି ଉଠାଯାଉଥିବା ଖବର ମିଳିବା ପରେ ବାଲେଶ୍ୱରର କନିଷ୍ଠ ଖଣି ଅଧିକାରୀ ସମ୍ବିତ୍ କୁମାର ମଣି ଓ ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏକ ସ୍ୱତନ୍ତ୍ର ଟିମ୍ କରି ନୀଳଗିରି ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଅଯୋଧ୍ୟା ଫାଣ୍ଡିକୁ ଆଣୁଥିଲେ। ଏହି ସମୟରେ ତିନିଦେଶ ଗ୍ରାମର ଟ୍ରାକ୍ଟର ମାଲିକ ରାଜକୁମାର ପ୍ରଧାନଙ୍କ ସମେତ ୨୫ ଚୋରାଚାଲାଣକାରୀ ୧୫ରୁ ଉର୍ଦ୍ଧ୍ୱ ବାଇକ୍‌ରେ ପ୍ରତାପପୁର ଛକ ନିକଟରେ ଏକାଠି ହୋଇ ସ୍ୱତନ୍ତ୍ର ଟିମ୍‌କୁ ଘେରିଯାଇଥିଲେ। ଖଣି ଅଧିକାରୀ ଏବଂ ଏପିଆର୍ କନ୍‌ଷ୍ଟେବଲଙ୍କୁ ଭୁଜାଲି ଲଗାଇ ଜବତ ଟ୍ରାକ୍ଟରକୁ ଛଡ଼ାଇ ନେଇଥିଲେ। ଏନେଇ ନୀଳଗିରି କନିଷ୍ଠ ଖଣି ଅଧିକାରୀ ବାଲି ଚାଲାଣକାରୀଙ୍କ ନାମରେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୩୬୩/୨୦୨୫) ରୁଜୁ କରି ଜଣଙ୍କୁ ଅଟକ ରଖିବା ସହ ଅନ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।



ଜବତ ହୋଇଥିବା ଟ୍ରାକ୍ଟର।

# ଧରାପଡ଼ିଲେ ସିସି କ୍ୟାମେରା ଚୋର, ୨ ଗିରଫ

## ଗୋଟିଏ ରାତିରେ ୧୨ ଦୋକାନରୁ ଚୋରି

ଭଦ୍ରକ,୧୧।୯ (ସନାତନ ରାଉତ)

ଭଦ୍ରକ ସହରର କଲେଜ ରୋଡ୍, ଆରଡ଼ିଛକ ଆଦି ଅଞ୍ଚଳର ବିଭିନ୍ନ ଦୋକାନରୁ ଦୁଇଦିନ ତଳେ ସିସିକ୍ୟାମେରା ଚୋରି ହୋଇଥିଲା। ଏହି ଘଟଣାରେ ବିଭିନ୍ନ ସିସିଟିଭି ଫୁଟେଜକୁ ଆଧାର କରି ଟାଉନ ଥାନାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିବା ବେଳେ ଗୁରୁବାର ୨ଜଣ ଧରାପଡ଼ିଛନ୍ତି। ସେମାନେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଏରେଇଁ ଗ୍ରାମର ବିଶ୍ୱଜିତ ସେଠୀ(୨୫) ଓ ଯାଜପୁର ଟାଉନ ଥାନା ବିନ୍ଧାଣ ପୃଷ୍ଟିସାହିର ମଙ୍ଗଳ ପୃଷ୍ଟି(୨୪)। ଟାଉନ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ ଦୋକାନରୁ ଚୋରି ହୋଇଥିବା ୩୫ଟି ସିସିକ୍ୟାମେରା, ଗୋଟିଏ ଓଲା ସ୍କୁଟର ଓ ୨ଟି ମୋବାଇଲ ଜବତ କରାଯାଇଥିବା ଅପରାହ୍ନରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

ଗତ ୮ ତାରିଖ ରାତିରେ ଦୋକାନଗୁଡ଼ିକରୁ ସିସିକ୍ୟାମେରା ଚୋରି ହୋଇଥିଲା। ପାଖ ଦୋକାନରେ ଲାଗିଥିବା ସିସିକ୍ୟାମେରାରେ ୨ ଯୁବକ କ୍ୟାମେରା ଖୋଲିବାର ଦୃଶ୍ୟ କଏଦ ହୋଇଥିଲା। ଏନେଇ କଲେଜ ରୋଡ୍‌ରେ ଦୋକାନ କରିଥିବା ଭଦ୍ରକ ପୌରାଞ୍ଚଳ ନରିପୁର ଗ୍ରାମର ସଞ୍ଜିତ ରାୟଙ୍କ ସମେତ ଚୋରି ହୋଇଥିବା ଅନ୍ୟ ଦୋକାନୀମାନେ ଟାଉନ ଓ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ସଞ୍ଜିତଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ. ୫୪୬/୨୫) ରୁଜୁ ହୋଇଥିଲା। ପ୍ରଥମେ ଏରେଇଁରୁ ବିଶ୍ୱଜିତଙ୍କୁ ଧରି ପଚରାଉଚରା ପରେ ଚୋରିରେ ମଙ୍ଗଳ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଧରାପଡ଼ିବା ପରେ ସେମାନେ ଗୋଟିଏ ରାତିରେ ୧୨ ଦୋକାନରୁ ସିସିକ୍ୟାମେରାଗୁଡ଼ିକ ଚୋରି କରିଥିବା ସ୍ୱୀକାର କରିଛନ୍ତି ବୋଲି ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।



ଜବତ ହୋଇଥିବା ସିସିକ୍ୟାମେରା।

# ଲଜ୍‌ରେ ସେକ୍ସ ର୍‍ୟାକେଟ, ୪ ଗିରଫ

ବ୍ରହ୍ମପୁର,୧୧।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛକ ନିକଟରେ ଥିବା ଏକ ଲଜ୍‌ରେ ପୋଲିସ ଚଢ଼ାଉ କରି ଏକ ସେକ୍ସ ର୍‍ୟାକେଟକୁ ଠାବ କରିଛି। ସେଠାରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଲଜ୍ ମ୍ୟାନେଜରଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କାଶୀନଗର ୩ୟ ଲାଇନ୍‌ର ଆକାଶ ବିଷୋୟୀ(୨୪), ଅଜୟ ବେହେରା ଓରଫ ମଣ୍ଟୁ(୨୫), ଲାଞ୍ଜିପଲ୍ଲୀ ଗଣେଶ ନଗରର ଚିନ୍ମୟ ପାତ୍ର(୨୨) ଓ ଲଜ୍ ମ୍ୟାନେଜର ଜି. କୃଷ୍ଣ ପାତ୍ର(୩୧)। ଲଜ୍‌ରୁ ପୋଲିସ କଣ୍ଡୋମ ଓ ଔଷଧ ଜବତ କରିଛି। ଏନେଇ ଟାଉନ ଥାନାରେ ନଂ.୩୯୫/୨୫ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଲଜ୍‌ରେ ଅନେକ ଦିନ ହେବ ଦେହ ବ୍ୟବସାୟ ଚାଲୁଥିବା ନେଇ ଖବର ମିଳିବା ପରେ ବୁଧବାର ରାତିରେ ଟାଉନ ଥାନା ଏସ୍‌ଆଇ ସୁଜତା କଅଁର ଓ ତାଙ୍କ ଟିମ୍ ଚଢାଉ କରିଥିଲେ। ଲଜ୍‌ରେ ଜଣେ ଯୁବତୀଙ୍କୁ ରଖାଯାଇଥିଲା। ମ୍ୟାନେଜର ଓ ମଧ୍ୟସ୍ଥିଙ୍କ ଜରିଆରେ ଗ୍ରାହକ ଯୋଗାଡ଼ କରାଯାଇ ଦେହ ବ୍ୟବସାୟ ଚାଲୁଥିଲା ବୋଲି ପୋଲିସ କହିଛି।

# ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲା: ନାବାଳକଙ୍କୁ ୨୦ ବର୍ଷ ଜେଲଦଣ୍ଡ

କେନ୍ଦୁଝର,୧୧।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଏଡିଜେ କମ୍ ଚିଲ୍‌ଡ୍ରେନ କୋର୍ଟରେ ଗୁରୁବାର ଏକ ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ବ୍ରଜମୋହନପୁର ଗାଁର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଏପ୍ରିଲ ୪ରେ ୫ ବର୍ଷୀୟା ଶିଶୁକନ୍ୟା ଅପରାହ୍ନ ୪ଟାରେ ଘରେ ଏକା ଥିବା ବେଳେ ୧୭ ବର୍ଷୀୟ ନାବାଳକ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପାଟିଶୁଣି ତାଙ୍କ ମା' ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ଚାଲିଯାଇଥିଲେ। ଏ ନେଇ ପରିବାର ପକ୍ଷରୁ ହରିଚନ୍ଦନପୁର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ.୧୧୯/୨୪)ରୁଜୁ କରି ଅଭିଯୁକ୍ତଙ୍କୁ ଧରି ରାଉରକେଲା ସୁଧାର ଗୃହକୁ ପଠାଇଥିଲା। କୋର୍ଟ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି।

# ହାତୀ ଆକ୍ରମଣରେ ୨ ବୃଦ୍ଧ ମୃତ

## ସୁନ୍ଦରଗଡ଼, ଦେବଗଡ଼ରେ ହାତୀ ଉପଦ୍ରବ

ଟେନ୍‌ସା/ଦେବଗଡ଼,୧୧।୯ (ସମୀର କୁମାର ପାଢ଼ୀ/ଶଶାଙ୍କ ଶେଖର ଝାଙ୍କର)

ସୁନ୍ଦରଗଡ଼ ଜିଲାର ଗିରୱାଲ ହାଟିଂ ଗ୍ରାମ ଓ ଦେବଗଡ଼ ଜିଲାର କୁରଡପୋଶି ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତି ଓ ଗୁରୁବାର ସକାଳେ ଉଭୟ ସ୍ଥାନରେ ହାତୀ ଆକ୍ରମଣରେ ୨ ଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ହାତୀ ଉପଦ୍ରବକୁ ରକ୍ଷା ପାଇବା ପାଇଁ ବନ ବିଭାଗ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଉଭୟ ଗ୍ରାମର ଜନସାଧାରଣ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ କୋଇଡ଼ା ବନାଞ୍ଚଳ ଅନ୍ତର୍ଗତ ସାନ ଇନ୍ଦୁପୁରଠାରେ ଥିବା ଗିରୱାଲ ହାଟିଂ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୨ଟି ଗୋଠଛଡ଼ା ଦନ୍ତାହାତୀ ପଶିଥିଲେ। ଗ୍ରାମବାସୀ ତାଙ୍କୁ ଘଉଡାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ୨ ଦନ୍ତା ଚାଉଳ ଅନ୍ୱେଷଣରେ ଗ୍ରାମର ଶିବରାମ ବୋଡ଼ଇକ (୬୭)ଙ୍କ ଘର ଭାଙ୍ଗିଥିଲେ। ଏହି ସମୟରେ ଶିବରାମ ଓ ତାଙ୍କ ପରିବାର ଲୋକେ ବାହାରକୁ ପଳାଇ ଆସିଥିଲେ। ହେଲେ ଶିବରାମ ଦନ୍ତା ହାବୁଡରେ ପଡ଼ି ଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଟେକିବା ସହ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କୋଇଡ଼ା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। କୋଇଡା ରେଞ୍ଜ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ମୃତଦେହ ସତ୍କାର ପାଇଁ ତାଙ୍କ ପରିବାର ଲୋକଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଦେଇଛନ୍ତି। ଅବଶିଷ୍ଟ ଅର୍ଥ ସରକାରୀ ନିୟମ ଅନୁଯାୟୀ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ସେକ୍ସନ ଅନ୍ତର୍ଗତ କୁରଡପୋଶି ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁରଡପୋଶି ଗ୍ରାମର କୋହ୍ଲ ନାୟକ। ସକାଳେ ସେ ଶୌଚ ପାଇଁ ନିକଟସ୍ଥ ଖସଡ଼ା ଜଙ୍ଗଲକୁ ଯାଇଥିବାବେଳେ ୨୩ ଟିକିଆ ହାତୀପଲ ହାବୁଡ଼ରେ ପଡିଯାଇଥିଲେ। ଫଳରେ ହାତୀପଲ ତାଙ୍କୁ ଆକ୍ରମଣ କରିବା ସହ ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଦୀର୍ଘ ସମୟ ପରେ ହାତୀପଲ ଶାନ୍ତ ହେବାରୁ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଏନ୍‌ବିଡବ୍ଲ୍ୟୁ ସତ୍ତ୍ୱେ କୋର୍ଟରେ ହାଜର ହେଉନାହାନ୍ତି ୨ ଅଭିଯୁକ୍ତ

## ସୌମ୍ୟ ରଞ୍ଜନ ମୃତ୍ୟୁ ମାମଲା

ପାରଳାଖେମୁଣ୍ଡି,୧୧।୯ (ଗିରିଧାରୀ ପରିଛା)

ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲାର ବିଚାର ପ୍ରକ୍ରିୟା ଜାରି ରହିଛି। ପୂର୍ବରୁ ଧାର୍ଯ୍ୟ ଗତ ଦୁଇଟି ତାରିଖରେ କୋର୍ଟରେ ଉପସ୍ଥିତ ନ ରହିବାରୁ ଦୁଇ ଅଭିଯୁକ୍ତ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଗତ ଅଗଷ୍ଟ ୧୪ରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ)ଜାରି ହୋଇଥିଲା। ଗୁରୁବାର ଉଭୟଙ୍କୁ କୋର୍ଟରେ ହାଜର କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ଥିଲା, ମାତ୍ର ଗୁରୁବାର ମଧ୍ୟ ସେମାନେ ହାଜର ହୋଇନାହାନ୍ତି। ଏକ୍ଷେତ୍ରରେ କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ବୋଲି ଅଭିରାମ ମହାପାତ୍ରଙ୍କ ଓକିଲ ରଜତ କୁମାର ପାତ୍ର କହିଛନ୍ତି।

ପ୍ରକାଶ ଯେ, ପାରଳାଖେମୁଣ୍ଡିରେ କାର୍ଯ୍ୟରତ ଥିବା ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ଶରୀରରେ ସନ୍ଦେହଜନକ ଭାବେ ୨୦୨୧ ଜୁଲାଇ ୧୧ ରାତିରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରଥମେ ବ୍ରହ୍ମପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣାକୁ ନେଇ ପାରଳାଖେମୁଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରି ପାରଳାଖେମୁଣ୍ଡି ଜିଲା ଦୌରାଜଜ୍‌ଙ୍କ ନିକଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ଏଥିରେ ପୂର୍ବତନ ଡିଏଫ୍‌ଓ ସଂଗ୍ରାମ ବେହେରା, ରୋଷେୟା ମନ୍ମଥ କୁମ୍ଭ ଏବଂ ସ୍ତ୍ରୀ ବିଦ୍ୟା ଭାରତୀଙ୍କୁ କ୍ରାଇମବ୍ରାଞ୍ଚ କ୍ଲିନ ଚିଟ୍ ଦେଇଥିଲା। ତଦନ୍ତକୁ ନେଇ ନିରାଶ ଥିବା ସୌମ୍ୟଙ୍କ ପରିବାର ଲୋକେ ଏପ୍ରିଲ ୨୦୨୩ରେ ତଦନ୍ତ ରେକର୍ଡକୁ ଭିତ୍ତିକରି ପୋଲିସ ଓ କ୍ରାଇମବ୍ରାଞ୍ଚର ତଦନ୍ତ ବିରୋଧରେ ଅଭିଯୋଗ ଆଣିଥିଲେ। ଏପରି କି ଏଭଳି ଏକ ସ୍ପର୍ଶକାତର ଘଟଣାକୁ ଅଣଦେଖା କରିଥିବା ନେଇ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ନ୍ୟାୟ ପାଇଁ ପାରଳାଖେମୁଣ୍ଡି ଏସ୍‌ଡିଏଜଏମ୍ କୋର୍ଟର ଆଶ୍ରୟ ନେଇଥିଲେ। ସୌମ୍ୟଙ୍କ ବାପା ନିଜ ଆବେଦନରେ ଯେଉଁସବୁ ଅଭିଯୋଗ କରି ଯୁକ୍ତି ବାଢ଼ି ଯେଉଁ ତଥ୍ୟ ଉପସ୍ଥାପନ କରିଥିଲେ ସମସ୍ତ ତଥ୍ୟକୁ ପାରଳାଖେମୁଣ୍ଡି ଏସ୍‌ଡିଏଜଏମ୍ ବିଚାରକୁ ନେଇ ପୂର୍ବତନ ଡିଏଫଓ ସଂଗ୍ରାମ ବେହେରା, ମନ୍ମଥ କୁମ୍ଭ ଏବଂ ସ୍ତ୍ରୀ ବିଦ୍ୟା ଭାରତୀଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋର୍ଡ ଅନୁସାରେ ହତ୍ୟା ଏବଂ ହତ୍ୟା ପାଇଁ ଷଡଯନ୍ତ୍ର କରିଥିବା ଅଭିଯୋଗ ଆଣି ଦଫା ୩୦୨ ଏବଂ ୧୨୦(ବି)ରେ ମାମଲା ରୁଜୁ ହୋଇଥିଲା। ଏହାକୁ ଅଭିଯୁକ୍ତମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାତ୍ର ଅଭିଯୁକ୍ତଙ୍କ ଉକ୍ତ ଆବେଦନକୁ ୩।୭।୨୦୨୫ରେ ହାଇକୋର୍ଟ ଖାରଜ କରିବା ସହ ମାମଲାର ପରିଚାଳନା ପାଇଁ ପାରଳାଖେମୁଣ୍ଡି ଏସ୍‌ଡିଏଜଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ଭିତ୍ତିକରି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ମାମଲାର ଦୁଇ ଅଭିଯୁକ୍ତ ପୂର୍ବତନ ଡିଏଫ୍‌ଓ ବେହେରା ଏବଂ ରୋଷେୟା କୁମ୍ଭଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ସେମାନେ ନୀରବ ରହିବାରୁ ଏସ୍‌ଡିଏଜଏମ୍ ଗତ ଅଗଷ୍ଟ ୧୪ ତାରିଖରେ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ।

# କରେନ୍ଦ୍ର ମାଝୀ ଜନଜାତି ଭାଷାର ଜଣେ ପ୍ରସିଦ୍ଧ ଗବେଷକ ଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୯(ସୁନିତ୍ ମିଶ୍ର)




ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଯୋଗଦେଇଥିଲେ। ଏହି ଅବସରରେ ସେ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତିମାନଙ୍କ ବିକାଶ ଓ ଜନଜାତି ଭାଷାର ଉନ୍ନତି ପାଇଁ ସ୍ୱର୍ଗତ ମାଝୀ ସଦା ସ୍ମରଣୀୟ ରହିବେ। ଭୁବନେଶ୍ୱର କଳିଙ୍ଗନଗରଠାରେ କଳିଙ୍ଗବିହାର ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ମାଝୀ ସମାଜସେବା ଓ ଜିଲାବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଆଜୀବନ ବ୍ରତୀ ଥିଲେ। ଜନଜାତି ଭାଷାର ସେ ଜଣେ ପ୍ରସିଦ୍ଧ ଗବେଷକ ଥିଲେ। ସ୍ୱର୍ଗତ ମାଝୀ ଓଡ଼ିଆ ଲିପିରେ କୁଇ ଭାଷାରେ 'ପିଲାଙ୍କ ରାମାୟଣ', ଆମ୍ବେଦକରଙ୍କ ଜୀବନୀ ଏବଂ କୁଇ ଭାଷାର ଅଭିଧାନ ରଚନା କରିଛନ୍ତି। କନ୍ଧମାଳ ଜିଲା ବିଶେଷକରି ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସେ ଜିଲାବାସୀଙ୍କ ମନରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟ ବରିଷ୍ଠ ନେତୃମଣ୍ଡଳୀ ଯୋଗଦେଇ ସ୍ୱର୍ଗତ ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ହାତୀ ପାଇଁ ରାତିଅନିଦ୍ରା

କେନ୍ଦୁଝର,୧୧।୯(ନରେଶ ଚନ୍ଦ୍ର ପଟ୍ଟନାୟକ)



ହାତୀକୁ ଜଗି ଲୋକେ ରାସ୍ତାରେ ଶୋଇଛନ୍ତି।

କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଚାଷୀ ଓ ସ୍ଥାନୀୟ ଲୋକେ ସେମାନଙ୍କ ଫସଲ, ସମ୍ପତ୍ତିକୁ ସୁରକ୍ଷା ଦେବା ଓ ହାତୀକୁ ଘଉଡ଼ାଇବା ପାଇଁ ରାତି ଅନିଦ୍ରା ରହୁଛନ୍ତି। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଆଲୋକ, ଶବ୍ଦ ଯନ୍ତ୍ର ଇତ୍ୟାଦି ସହିତ ଗାଁ ସୀମା, ରାସ୍ତାରେ ଶୋଇ ଗାଁଗୁଡ଼ିକୁ ଜଗି ରହୁଥିବା କହିଛନ୍ତି। ଲୋକଙ୍କ କହିବା ଅନୁଯାୟୀ, ଦିନରେ ଚାଷ କାମ କରୁଛନ୍ତି। ରାତିରେ ଫସଲକୁ ସୁରକ୍ଷା ଦେବା ପାଇଁ ସାରା ରାତି ଜାଗ୍ରତ ରହୁଛନ୍ତି। ସେମାନେ ଚାଷ ଉପରେ ନିର୍ଭରଶୀଳ ହୋଇଥିବାରୁ ଫସଲକୁ ରକ୍ଷା କରିବାକୁ ପୁରନ୍ଦର ବେହେରାଙ୍କ ପରି ବହୁ ଚାଷୀ ସରକାରଙ୍କୁ ନିବେଦନ କରିଛନ୍ତି। ଚଳିତ ବର୍ଷ ଭଲ ପାଗ ଯୋଗୁ ଚାଷୀମାନେ ଅଧିକ ଧାନ ଅମଳ ଆଶା କରୁଛନ୍ତି। କିନ୍ତୁ ହାତୀ ଧାନ କ୍ଷେତରେ ପଶି କ୍ଷତି କରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ଡିଏଫ୍ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଚାଷୀଙ୍କୁ ଚିନ୍ତିତ ହେବାର ଆବଶ୍ୟକତା ନାହିଁ। ସରକାର ସମସ୍ତ କ୍ଷତିପୂରଣ ଦେଉଛନ୍ତି। ବନ ବିଭାଗ ଅଧିକାରୀ, ହାତୀ ଡ୍ରାଇଭିଂ ସ୍କ୍ୱାଡ ହାତୀଙ୍କ ଗତିବିଧି ଉପରେ ନଜର ରଖିଛି। ହାତୀ ଆସିବା ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ମଧ୍ୟ ସଚେତନ କରାଯାଉଛି।

# ଦୁର୍ନୀତିର ମୂଳ ଉତ୍ସ ଖୋଜ

## ସମସ୍ତ ବିଭାଗ, ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୯(ରବିନାରାୟଣ ଜେନା)

ଦୁର୍ନୀତିର ମୂଳଉତ୍ସ କେଉଁଠି ଏବଂ ତାହାର ନିରାକରଣ ଦିଗରେ ପଦକ୍ଷେପ ନେବା ପାଇଁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗର ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ଏବଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ଏକ ପତ୍ରରେ ଜଣାଇଛନ୍ତି, ରାଜ୍ୟ ସରକାର ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକକେନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧ। ନିକଟରେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକ ସୂଚାଉଛି, ଏ କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କେବଳ ଦୋଷୀଙ୍କୁ ଦଣ୍ଡ ଦେଲେ ଦୁର୍ନୀତିର ସମାଧାନ ହୋଇପାରିବ ନାହିଁ, ବରଂ ଏହାର ମୂଳ କାରଣକୁ ଖୋଜି ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ପ୍ରତିକାର କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ସନ୍ଥାନମ କମିଟି ସୁପାରିସ ଅନୁସାରେ ବିଭାଗଗୁଡ଼ିକ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ଦୁର୍ନୀତି ମାମଲା ସୃଷ୍ଟି ହେବା ପୂର୍ବରୁ ସେଥିପ୍ରତି ଆଗୁଆ ପଦକ୍ଷେପ ନେବା ବିଶେଷ ଗୁରୁତ୍ୱ ରଖୁଛି। କ୍ରୟ ଏବଂ ଚୁକ୍ତି ପରିଚାଳନା କ୍ଷେତ୍ରରେ ଇ-କ୍ରୟ (ପ୍ରୋକ୍ୟୁରମେଣ୍ଟ), ଇ-ଟେଣ୍ଡରିଂ ଏବଂ ତୃତୀୟ ପକ୍ଷ ସାର୍ଟିଫିକେଶନ୍ ଅବଲମ୍ବନ ଦ୍ୱାରା ଇଚ୍ଛାଧୀନ କ୍ଷମତାର ବ୍ୟବହାର ସମ୍ଭାବନା କମିଥାଏ ଏବଂ ସ୍ୱଚ୍ଛତା ସୁନିଶ୍ଚିତ ହୁଏ। ଉଦାହରଣ ସ୍ୱରୂପ ଯେଉଁସବୁ ବିଭାଗ ଅନ୍‌ଲାଇନ୍ ଟେଣ୍ଡରିଂ ବ୍ୟବହାର କରୁଛନ୍ତି, ସେଥିରେ ପକ୍ଷପାତିତା ସମ୍ପର୍କିତ ଅଭିଯୋଗ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ଦେଖାଯାଇଛି। ମାନବ ସମ୍ବଳ ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନକୁ ଗୁରୁତ୍ୱ ଦିଆଯାଇ ଅନ୍‌ଲାଇନ୍ ବଦଳି ନୀତିର କାର୍ଯ୍ୟକାରିତା ଏବଂ ସମ୍ବେଦନଶୀଳ ପଦବୀରେ କର୍ମଚାରୀମାନଙ୍କର ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ, ଅନୁଚିତ ଲାଭ ପ୍ରବୃତ୍ତିକୁ ନିରୁତ୍ସାହିତ କରେ। କିଛି ବିଭାଗ ନ୍ୟାୟସଙ୍ଗତ ଓ ସ୍ୱଚ୍ଛତାର ସହ ଅନ୍‌ଲାଇନ୍ ବଦଳି ପ୍ରଣାଳୀ ପରିଚାଳନା କରୁଛନ୍ତି, ଯାହାକି ଅନ୍ୟ ବିଭାଗ କ୍ଷେତ୍ରରେ ମଧ୍ୟ ଅନୁସରଣ କରାଯିବା ଆବଶ୍ୟକ। 'ଆମ ଶାସନ' ପରି ପ୍ରୟାସଗୁଡ଼ିକ ନାଗରିକଙ୍କୁ ସେବା ପ୍ରଦାନ ସମ୍ପର୍କରେ ସିଧାସଳଖ ମତାମତ(ଫିଡ୍‌ବ୍ୟାକ) ପ୍ରଦାନର ସୁଯୋଗ ପ୍ରଦାନ କରୁଛି, ଯାହା ଫଳରେ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଛି। ଏହି ନିର୍ଦ୍ଦେଶଗୁଡ଼ିକ ସମସ୍ତ ଅଧିକାରୀଙ୍କ ନିକଟରେ ଯେପରି ନିଶ୍ଚିତ ଭାବରେ ପହଞ୍ଚିବ ଏବଂ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହେବ, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

# ପୁରୀ ସହରର ବିକାଶ ନେଇ ଯୁଗ୍ମ ମନ୍ତ୍ରୀସ୍ତରୀୟ ବୈଠକ

## ବିକାଶ ପ୍ରକ୍ରିୟା ତ୍ୱରିତ ବେଗରେ ଆଗେଇ ନେବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୯(ସୁନିତ୍ ମିଶ୍ର)



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ।

ଶ୍ରୀଜଗନ୍ନାଥ କ୍ଷେତ୍ର ଭାବେ ପରିଚିତ ପୁରୀ ସହର ସହ ଅନେକଙ୍କ ଭାବାବେଗ ଜଡ଼ିତ। ଅନେକ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ସହିତ ପୁରୀ ସହରକୁ କିଭଳି ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳାଯାଇପାରିବ ସେନେଇ ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀକୁ ଆସିବା ପାଇଁ ଅନେକ ରାଜ୍ୟ ତଥା ଦେଶବାସୀଙ୍କ ସ୍ୱପ୍ନ ରହି ଆସିଛି। ତେଣୁ ପୁରୀକୁ ସବୁ ଦୃଷ୍ଟିରୁ ସରସ ସୁନ୍ଦର କରି ଗଢ଼ି ତୋଳିଯିବା ଆବଶ୍ୟକ। ତେଣୁ ପୁରୀ ସହର ତଥା ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସମୟରେ ଅନେକ ସମସ୍ୟା ଆସିଥାଏ, ତେବେ ଦୃଢ଼ ଇଚ୍ଛାଶକ୍ତି ଓଠିକ ଯୋଜନା ଦ୍ୱାରା ସଫଳତା ଆସିଥାଏ।ତେଣୁ ଯୋଜନାବଦ୍ଧ ଭାବେ ପୁରୀ ସହରର ବିକାଶ ପ୍ରକ୍ରିୟାକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମର ନିର୍ମାଣ ସମ୍ପର୍କିତ ଜମି ଅଧିଗ୍ରହଣ, ସେବାୟତ ହାଉସିଂ ପ୍ରକଳ୍ପ, ବିଶ୍ୱସ୍ତରୀୟ ରଘୁନନ୍ଦନ ପାଠାଗାର ଓ ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର ନିର୍ମାଣ, ପୁରୁଣା ପୋଲିସ ଷ୍ଟେଶନଠାରେ ଭକ୍ତ ନିବାସ ନିର୍ମାଣ, ଅଠରନଳାର ବିକାଶ ସହ ପୁରୀ ସହରର ବିଭିନ୍ନ ଉନ୍ନତୀକରଣ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଇଆଇସି (ସିଭିଲ) ସତ୍ୟବ୍ରତ ବେହେରା, ପୂର୍ତ୍ତବିଭାଗ ଉପଦେଷ୍ଟା ଜୟକୃଷ୍ଣ ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘର ଭାଙ୍ଗିଲେ ହାତୀପଲ: ୩ ଆହତ

କେନ୍ଦୁଝର,୧୧।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବନାଞ୍ଚଳରେ ଗତ ୨ ଦିନ ଧରି ୪୨ ଟିକିଆ ହାତୀପଲ ଉପଦ୍ରବ କରୁଛନ୍ତି। ହାତୀପଲରୁ ୨୯ ହାତୀ ବୁଧବାର ରାତିରେ ସଦର ବ୍ଲକ୍ ମହାଦେଇଯୋଡ଼ା ପଞ୍ଚାୟତ ଡାଲିମ୍ବାପୁର ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଅନ୍ଧାରରେ ହାତୀପଲ ଗାଁ ଭିତରେ ପଶି ବହୁ ଲୋକଙ୍କ ପକ୍କା ଘର ଭାଙ୍ଗିଛନ୍ତି। ଦଳରୁ ଅଲଗା ହୋଇ ଗୋଟିଏ ଦନ୍ତା ହାତୀ ଭବରଞ୍ଜନ ଦାସଙ୍କ ପାଚେରି ଭାଙ୍ଗିବା ପରେ ସେଠାରୁ ଆସି ସୁରେଖା ଦାସଙ୍କ ଘର କାନ୍ଥ ଭାଙ୍ଗି ଦେଇଥିଲା। କାନ୍ଥପଡି ସୁରେଖା ଦାସ (୫୫), ଜାନକୀ ଦାସ (୩୫), ଆୟୁଷ ଦାସ (୬) ଆହତ ହୋଇଛନ୍ତି। ବାପୁ ମହାନ୍ତ ନାମକ ଯୁବକ ଘଉଡ଼ାଇବାରୁ ଦନ୍ତାହାତୀଟି ପଳାଇଥିଲା। ସେଠାରୁ ଦନ୍ତାହାତୀ ଡାଲିମ୍ବାପୁର ଅଙ୍ଗନୱାଡି କେନ୍ଦ୍ର ପରିସରରେ ଥିବା ପାଚେରି ଭାଙ୍ଗିବା ସହ ଡାଲିମ୍ବାପୁରରେ ପଶି ୧୫ରୁ ଊର୍ଦ୍ଧ୍ୱ ଚାଷୀ ଧାନ ଫସଲ ନଷ୍ଟ କରିଛି। ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଡିଏଫଓ ଧନରାଜ ଏଚ୍‌ଡିଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ରାତିରେ ବନ କର୍ମଚାରୀ ହାତୀ ରହୁଥିବା ଅଞ୍ଚଳରେ ରହିବେ ଏବଂ ଘର, ଧାନ ଚାଷ ନଷ୍ଟ ହୋଇଥିବା ଲୋକଙ୍କୁ ନିୟମ ମୁତାବକ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଡିଏଫ୍ଓ ପ୍ରତିଶ୍ରୁତି ଦେଇଛନ୍ତି। ୫ଟି ଗାଡିରେ ବନ କର୍ମଚାରୀ ନିୟୋଜିତ କରାଯାଇ ହାତୀ ଗତିବିଧି ଉପରେ ନଜର ରଖାଯାଇଛି।

# ମୋଦି ଯୁବା ମାରାଥନ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୧।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ, ସମାଜର ପ୍ରତ୍ୟେକ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲକରିବା ପାଇଁ ତାଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରନ୍ତି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ତାଙ୍କର ୭୫ ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ଚାରାରୋପଣଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭାଜପା ଓ ଦଳର ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ମୋଦି ଯୁବା ମାରାଥନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଜ୍ୟ କାର୍ଯ୍ୟାଳୟରେ 'ପ୍ରସ୍ତୁତି ବୈଠକ' ଅନୁଷ୍ଠିତ ହୋଇଯାଇଛି।


ସମଗ୍ର ଶିକ୍ଷା
Samagra Shiksha

# ODISHA SCHOOL EDUCATION PROGRAMME AUTHORITY

"SHIKSHA SOUDHA", UNIT-V, BHUBANESWAR-751001
Website - osepa.odisha.gov.in

No. 9760 / Lib./2025 — Date 11/ 09/2025

## NOTICE INVITING EXPRESSION OF INTEREST

**No.n-** : Odisha School Education Programme Authority (OSEPA) invites Expression of Interest (EoI) from reputed local book Publishers / Publishing houses of Odisha towards procurement of class / age appropriate library books for Class I to XII published in Odia language under Samagra Shiksha & PM SHRI Scheme. The EoI document with all information, instructions, eligibility criteria, terms & conditions etc are available in the website of OSEPA i.e **osepa.odisha.gov.in**. The interested Local book publishers / publishing houses may refer the above web site, read the EoI document carefully & furnish the EoI proposal to the O/o State Project Director, Odisha School Education Programme Authority, Shiksha Soudha, Unit-V, Bhubaneswar, 751001 **by 5 PM of 16/10/2025**. The EoI proposal may be submitted in sealed envelope superscripted as **"Expression of Interest for Supply of Library Books" 2025-26 by Registered Post/ Speed Post/ Courier only**.

Corrigendum / addendum, if required, will be uploaded in the above website. Hence, potential regional / local book publishers / publishing houses of Odisha are requested to be in continuous touch with the above web site. The EoI Inviting Authority i.e. OSEPA reserves the right to accept or reject any / all bids, also can cancel the entire selection process at any stage without assigning any reason thereof. No claim, whatsoever, shall be admissible for the alleged loss/damage suffered by the applicants on account of such rejections.

OIPR-27068/11/0058/2526 — Sd./- State Project Director



# OFFICE OF THE SUPERINTENDING ENGINEER HYDROLOGY & INTERSTATE MATTER, BURLA

AT/PO-BURLA, DIST.SAMBALPUR (ODISHA) 768017
Email Id: sehydrologyismburla@gmail.com

**QUOTATION CALL NOTICE No. SE (H&ISM)-08/2025-26 dated 09.09.2025**

**No.A-613** : Sealed quotation in conformity with the terms & conditions are invited from reputed Travel Agencies/ Tour operators/ Private Individuals for hiring of one private vehicle with commercial registration & having valid contract carriage permit for official use of Superintending Engineer, Hydrology & Interstate Matter, Burla for the year 2025-26 (from 1.10.2025 to 31.03.2026).

Please visit website https://dowrodisha.gov.in or https://sambalpur.nic.in for details.

Date & time of availability of quotation documents from 15.09.2025 (10.00 AM) to 22.09.2025 (5.00 PM).

The last date & time of sale and receipt of Quotation is 22.09.2025 up to 5.00 PM & 23.09.2025 up to 5.00 PM respectively and to be opened on 24.09.2025 at 11:30 AM in the office of the Superintending Engineer, Hydrology & Interstate Matter, Burla.

Sd./- Superintending Engineer, Hydrology & Interstate Matter, Burla
OIPR-32452/11/0001/2526



GOVERNMENT OF ODISHA — No.b-15

# OFFICE OF THE CHIEF CONSTRUCTION ENGINEER SOUTHERN N.H CIRCLE, BERHAMPUR

Email - senhsouthbam@gmail.com

**INVITATION FOR BIDS**

**Bid Identification No. 06 / CCE NH, South of 2025-26**
[e-Procurement]
Bid Identification No.06/CCE NH, South of 2025-26 No. 3349 / Dated : 10.09.2025

1) The **Chief Construction Engineer, Southern N.H. Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of Road works as detailed in the table below.
2) Nature of work : Road
3) No. of work : 1 No.
4) Tender Cost : Rs.10,000/-
5) Class of Contractor : 'A' Class & 'B' Class
6) Availability of Bid document in the Website : From 18.09.2025 11.00 AM to 08.10.2025 5.30 PM
7) Date of Opening of Bid : 09.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation will be displayed in the e-tender website only.

Sd./- Chief Construction Engineer, Southern NH Circle, Berhampur
OIPR-34148/11/0018/2526



# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 17467/ଭୁ.ଉ.କ., ଭୁବନେଶ୍ୱର — ତା: 08.09.2025ରିଖ
CPM-II(S)-185/93

## ସୂଚନା

No. CAD-1736: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ MIG-II ଗୃହ ନଂ. S-2/122କୁ ଶ୍ରୀ ଅମୀୟ ମୋହନ ଦାସ, ପିତା: ସ୍ୱର୍ଗତ କ୍ଷେତ୍ରମୋହନ ଦାସ, ଗ୍ରାମ: ବାଗଲପୁର, ପୋ: ଅଠାନ୍ତର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଅମୀୟ ମୋହନ ଦାସ ଗତ ତା୨୮।୦୩।୨୦୧୫ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Issue No. 15176 dated 11.05.2015).
Legal heir Certificate No. E-LHC/2024/154867 Dated: 21.08.2024 ଅନୁଯାୟୀ ଅମୀୟ ମୋହନ ଦାସଙ୍କର ଉତ୍ତରାଧିକାରୀ (୧) ଗୀତାଞ୍ଜଳୀ ଦାସ (ସ୍ତ୍ରୀ), (୨) ଅମିତାଭ ଦାସ (ପୁତ୍ର) ଓ ଅମ୍ରିତା ଦାସ (ବିବାହିତା କନ୍ୟା) ଅଟନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0371/2526



No.M-28

# Fisheries & ARD Department Government of Odisha

**Expression of Interest (EOI) for the design, construction, exhibit development and operation of a State-of-the-Art Marine Aquarium and Underwater Zoo at/near Puri Sea Beach**

1. The Fisheries & ARD Department, Government of Odisha, invites **Expression of Interest (EOI)** from reputed developers/ companies for the **design, construction, exhibit development, and operation of a State-of-the-Art Marine Aquarium and Underwater Zoo at/near Puri Sea Beach** under the PPP model. The project is envisioned to be of international standard, positioning Puri as a global marine tourism hub while promoting education, conservation and sustainable development.
2. Interested firms may submit their proposals in PDF format to **pmufard@gmail.com** by **5:00 P.M. of 10th October 2025**. Clarifications may be sought through the same email by **30th September 2025, 5:00 P.M.** Detailed EOI document is available in the F& ARD Department, Government of Odisha website https://fard.odisha.gov.in/sites/default/files/2025-09/EOI%2011%209%2025%20FP-2-3.pdf

Date : 12.09.2025 — Sd./- Principal Secretary

Fisheries & ARD Department, Lok Seva Bhawan
Sachivalaya Marg, Bhubaneswar, Odisha
OIPR-52014/11/0001/2526



ପୌରପରିଷଦ କାର୍ଯ୍ୟାଳୟ, ଜୟପୁର

# OFFICE OF THE MUNICIPAL COUNCIL : JEYPORE

Phone No. : 06854-231098, e-Mail : ulbjeypore@gmail.com
Letter No. : 4046 — Date : 08.09.2025

**Quotation call notice**

**No.C-1054** : Sealed quotation in plain paper / letter pad is invited from the interested registered firm/agency for Annual repair & maintenance of wealth center. The individual agency may submit the price of spare parts as including service charges detail in Annexure-A. This will be received by the undersigned up to 11.00A.M. on dt-16 .09.2025 and will be opened at 4.00 P.M. on the same day, if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

Terms and Condition: -
1. The contract would normally be for a period of one year, extendable by one year at a time based upon mutual agreement.
2. The contractor will supply the original parts as per the approved rates of AMC submitted by the agency.
3. No advance payment will be made the approved contract or shall submit his bill (in triplicate) on completion of repairs.
4. Copies of valid GST registration Certificate and PAN card should also accompany the technical Bid.
5. Work should be done based on work order only.

Sd./- Executive Officer, Jeypore Municipality
OIPR-13079/11/0064/2526



# ODISHA POLICE STATE HEADQUARTERS Cuttack

Odisha Police
**Office of the D.G. & I.G. of Police, Odisha, Cuttack**
**Tel. : 0671-2304001, Website** : www.odishapolice.gov.in,
**Email** : aig-prov.odpol@od.gov.in & dcpprov.cphq@odishapolice.gov.in

**No.D-207** : Online Bids through e-Tender Portal https://tendersodisha.gov.in are invited from the eligible bidders for purchase of New Video Wall display to be integrated with I&UCCC of Commissionerate Police, Bhubaneswar-Cuttack during the current financial year, 2025-26 as per the particulars mentioned below.

| Sl. No. | Name of Item | RFP No. & Date | Quantity |
|---|---|---|---|
| 1. | New Video Wall display to be integrated with I&UCCC of Commissionerate Police, Bhuabneswar-Cuttack | **09-RFP-Video Wall display to be integrated with I and UCCC-2025-26 dtd.11.09.2025** | 01 |

| Sl. No. | Parameter | Name |
|---|---|---|
| 1 | Date of publication of NIT T0 | Date : 11/09/2025 |
| 2 | Availability of tender documents on the e-tendering portal of Government of Odisha | Date : 11/09/2025 |
| 3 | Last date for sending queries (T0+5) | Date : 18/09/2025 ; Time : 05.00 PM; queries may be sent by email to **dcpprov.cphq@odishapolice.gov.in** |
| 4 | Issue of responses to pre-bid queries, addendum/ corrigendum, if required (T0+7) | Date : After completion of Query Meeting |
| 5 | Bid Due Date | Date : 03/10/2025; Time : 05.00 PM |
| 6 | Opening of Techno-Commercial Bid | Date : 04/10/2025; Time : 05.00 PM |
| 7 | Opening of Price Bid | To be informed to the Technically Qualified Bidders by appropriate means |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning,)
Odisha, Cuttack
(Tender Calling Authority)
OIPR-12029/11/0103/2526

# ନୂଆପଡ଼ା ବିଧାନସଭା ଉପନିର୍ବାଚନ ନେଇ ପ୍ରକ୍ରିୟା ଆରମ୍ଭ

## ଆସନ ଖାଲି, ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୧୧।୯ (ରବିନାରାୟଣ ଜେନା)

ନୂଆପଡ଼ାର ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଗତ ୮ ତାରିଖରେ ପରଲୋକ ହେବା ପରେ ବିଧାନସଭା ପକ୍ଷରୁ ଉକ୍ତ ଆସନ ଖାଲି ହୋଇଥିବା ନେଇ ସେହି ଦିନ ବିଜ୍ଞପ୍ତି ଜାରି ହୋଇଛି। ସେଥିରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଦର୍ଶାଇଛନ୍ତି, ଢୋଲକିଆଙ୍କ ପରଲୋକ ପରେ ବାଚସ୍ପତି ଉକ୍ତ ଆସନଟି ଖାଲି ହେଲା ବୋଲି ଘୋଷଣା କରିଛନ୍ତି। ଏହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କୁ ଅବଗତ କରାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଇସିଆଇଙ୍କ ପକ୍ଷରୁ ୯ରୁ ଦୁଇଦିନ ଧରି ସବୁ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ସିଇଓମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏସ୍ଆଇଆର୍ ନେଇ କେଉଁ ରାଜ୍ୟ କେତେ ପ୍ରସ୍ତୁତ ରହିଛି ସେସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଏସ୍ଆଇଆର୍ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ଓଡ଼ିଶା ସିଇଓ ଆର୍. ସନ୍ଥ ଗୋପାଲନ ଅବଗତ କରାଇଛନ୍ତି। ସିଇଓଙ୍କ ସୂଚନା ଅନୁଯାୟୀ, ବୁଧବାର ସମ୍ମିଳନୀରେ ଏସ୍ଆଇଆର୍ ଆଲୋଚନା ବେଳେ ଓଡ଼ିଶା ନୂଆ ଭୋଟର ତାଲିକା ଚୂଡ଼ାନ୍ତ ନେଇ ସବୁ ଦିଗରୁ ପ୍ରସ୍ତୁତ ଥିବା ଅବଗତ କରାଯାଇଛି। ତେବେ କେତେକ ରାଜ୍ୟରେ ଏସ୍ଆଇଆର୍ ପ୍ରକ୍ରିୟା ବିଳମ୍ବିତ ହୋଇପାରେ। ଏଥିପାଇଁ ପଞ୍ଜାବରେ ବଡ଼ ବନ୍ୟା ଭଳି କେତେକ ରାଜ୍ୟରେ ବିପର୍ଯ୍ୟୟ କାରଣକୁ ଦର୍ଶାଯାଇଛି। ନୂଆପଡ଼ା ବିଧାନସଭା ଆସନ ଖାଲି ପଡ଼ିଥିବାରୁ ଏହି ନିର୍ବାଚନମଣ୍ଡଳୀରେ ୬ମାସ ମଧ୍ୟରେ ଉପନିର୍ବାଚନ କରାଯିବା ବିଧେୟ। ତେବେ ଇସିଆଇ ପ୍ରଥମେ ଏସ୍ଆଇଆର୍ କିମ୍ବା ଉପନିର୍ବାଚନ ପାଇଁ ନିର୍ଦ୍ଦେଶ ଦେବେ, ସେଥିଲାଗି ସିଇଓ କାର୍ଯ୍ୟାଳୟ ପ୍ରସ୍ତୁତ ରହିଥିବା ସନ୍ଥ ଗୋପାଲନ ସୂଚନା ଦେଇଛନ୍ତି।

### ଉପନିର୍ବାଚନ ଆଗ ନା ଏସ୍ଆଇଆର୍

ବିହାର ପରେ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍) ଆରମ୍ଭ ହେବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିଲା। ଏପରି କି ଆୟୋଗ ଏସ୍ଆଇଆର୍ ପ୍ରସ୍ତୁତି ସମ୍ପର୍କରେ ଦୁଇ ସପ୍ତାହ ତଳୁ ଗଣମାଧ୍ୟମକୁ ସଙ୍କେତ ଦେଇଥିଲେ। ହେଲେ ସେପ୍ଟେମ୍ବର ୮ରେ ନୂଆପଡ଼ା ବିଧାନସଭା ଆସନ ଖାଲି ହେବା ପରେ ପ୍ରଥମେ ଉପନିର୍ବାଚନ ହେବ ନା ଏସ୍ଆଇଆର୍ କରାଯିବ ସେନେଇ ଏବେ ଆୟୋଗ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

# ଶିଆଳି ମୀରା ବିଚ୍‌ରେ ନୂଆ ମୁହାଣ

ଏରସମା, ୧୧।୯ ( ଦୀପ୍ତି ଖଣ୍ଡୁଆଳ )



ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ତଥା ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳିଠାରେ ସମୁଦ୍ର ଜୁଆର ବାରମ୍ବାର କୂଳ ଲଂଘିବାରେ ଲାଗିଛି। ଗତ ପୂର୍ଣ୍ଣିମା ପ୍ରଭାବରେ ଉଠି ଆସିଥିବା ଜୁଆର ମାଡ଼ି ରାମତରା ପାଖ ମୀରା ବିଚ୍‌ଠାରେ ଏକ ମୁହାଣ ସୃଷ୍ଟି କରିଛି। ଦୀର୍ଘବର୍ଷ ଧରି ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୨୦୧୪ରେ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଶିଆଳି ସମୁଦ୍ର ବେଳାଭୂମିଠାରୁ ଉତ୍ତର ଦିଗକୁ ଦେଢ଼ କି.ମି. ଦୂରସ୍ଥିତ ସ୍ଥାନୀୟ ଲୋକେ ମୀରା ବିଚ୍ ବୋଲି କହୁଥିବା ଏକ ନିମ୍ନଭୂମି ଅଞ୍ଚଳ ଦେଇ ସମୁଦ୍ର ଜୁଆର ଜଙ୍ଗଲ ଅତିକ୍ରମ କରି ଚାଷ ଜମିରେ ମାଡି ଯାଇଛି। ଜୁଆର ଫେରିଯିବା ପରେ ସେଠାରେ ନୂଆ କରି ମୁହାଣ ମୁହଁ ସୃଷ୍ଟି ହୋଇଛି। ଏହାକୁ ଦେଖିବା ପରେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଉପକୂଳରେ ଥିବା ପ୍ରାକୃତିକ ବାଲୁକା ସ୍ତୂପ ସମୟକ୍ରମେ ଜୁଆର ମାଡ଼ରେ ଧୋଇ ଯିବାରୁ ସମୁଦ୍ର ଭୟଙ୍କର ଭାବେ କୂଳମୁହାଁ ହୋଇଛି। ଏ ସମ୍ପର୍କରେ ର ଜିଲାପାଳ ଜେ. ସୋନାଲ କହିଛନ୍ତି,ବନ୍ଧ ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ଏଷ୍ଟିମେଟ କରାଯାଇଛି। ଏକ ଉଚ୍ଚ ଅଧିକାରୀ ଦଳ ଘଟଣାସ୍ଥଳକୁ ଯାଇ ପରିସ୍ଥିତିକୁ ମଧ୍ୟ ଅନୁଧ୍ୟାନ କରିଛନ୍ତି। ଏଥିସହ ଜୁଆର ପ୍ରତିରୋଧକ ବନ୍ଧ ନିର୍ମାଣ ପାଇଁ ମଞ୍ଜୁରୀ ହୋଇଥିବା ୬୦ କୋଟି ପ୍ରକଳ୍ପ ରିଟେଣ୍ଡର ପାଇଁ ସୁପାରିସ କରାଯାଇଛି, ତାହା କାର୍ଯ୍ୟକାରୀ ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ଦକ୍ଷିଣ-ଦକ୍ଷିଣ ସହଯୋଗ

### ଆଜି 'ଦକ୍ଷିଣ-ଦକ୍ଷିଣ ସହଯୋଗ'ର ଅନ୍ତର୍ଜାତୀୟ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ୧୨ରେ 'ଦକ୍ଷିଣ-ଦକ୍ଷିଣ ସହଯୋଗ'ର ଅନ୍ତର୍ଜାତୀୟ ଦିବସ ପାଳନ ହୋଇଆସୁଛି। ଏହି ଦିବସଟି ଆର୍ଥିକ, ସାମାଜିକ ଏବଂ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ବିକାଶଶୀଳ ଦେଶ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ। ଦକ୍ଷିଣ-ଦକ୍ଷିଣ ସହଯୋଗ(ଏସ୍ଏସ୍ସି)ହେଉଛି ସାଧାରଣ ବିକାଶ ଲକ୍ଷ୍ୟ ହାସଲ କରିବା ଏବଂ ସହଭାଗୀ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ଦକ୍ଷିଣରେ ବିକାଶଶୀଳ ଦେଶ ମଧ୍ୟରେ ସହଯୋଗ,ସମ୍ବଳ, ଜ୍ଞାନ ଓ ଦକ୍ଷତାର ଆଦାନପ୍ରଦାନ। ଏହି 'ସହଯୋଗ' ରେ ସରକାର, ଅନ୍ତର୍ଜାତୀୟ ସଙ୍ଗଠନ, ଶିକ୍ଷାନୁଷ୍ଠାନ ଏବଂ ଘରୋଇ କ୍ଷେତ୍ର ସମେତ ବିଭିନ୍ନ ଅଂଶୀଦାର ସାମିଲ ଅଛନ୍ତି। ଏଥିସହ ଏହା ସ୍ୱାସ୍ଥ୍ୟ, କୃଷି ଏବଂ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସଫଳତାକୁ ବାଣ୍ଟି ନିରନ୍ତର ବିକାଶ ଲକ୍ଷ୍ୟ ଆଡ଼କୁ ହେଉଥିବା ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ କାର୍ଯ୍ୟକରେ।

# ବ୍ଲକ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ ନିଷ୍ପତ୍ତି ନ ବଦଳିଲେ ଆନ୍ଦୋଳନ: ବିଜେଡି

ଭୁବନେଶ୍ୱର, ୧୧।୯ (ସୁନିତ୍ ମିଶ୍ର)



ବିଧାୟକ ଅରୁଣ କୁମାର ସାହୁ

ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ୍ କରିବା କ୍ଷେତ୍ରରେ ବିଡିଓମାନଙ୍କ କ୍ଷମତା କୌଣସି ପ୍ରତି ସ୍ୱାକ୍ଷର ବିନା ପୂର୍ବରୁ ୨ ଲକ୍ଷ ଥିବାବେଳେ ଏହାକୁ ୧୦ ଲକ୍ଷକୁ ବୃଦ୍ଧିକରିବା ପାଇଁ ରାଜ୍ୟ ସରକାର ବୁଧବାର କ୍ୟାବିନେଟ୍‌ରେ ମଞ୍ଜୁର ଦେଇଛନ୍ତି। ବିଜେଡି ଏହି ନିଷ୍ପତ୍ତିକୁ ଦୃଢ଼ ସମାଲୋଚନାକରିବା ସହ ଆନ୍ଦୋଳନର ଚେତାବନୀ ଦେଇଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଏହି ନିଷ୍ପତ୍ତି ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ବିଜେଡି ସରକାର ସମୟରେ ପଞ୍ଚାୟତ ସମିତିକୁ ପ୍ରଭୂତ କ୍ଷମତା ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନର ଭାଜପା ସରକାର ପଞ୍ଚାୟତ ସମିତିର କ୍ଷମତା ପ୍ରତ୍ୟାହାର କରିବା ପାଇଁ ଅପଚେଷ୍ଟା କରୁଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରାଘାତ ସଦୃଶ। ପୂର୍ବରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ପରିମାଣର ବିଲ୍ ଆସିଲେ, ସେଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତି ସ୍ୱାକ୍ଷର ଆବଶ୍ୟକ ଥିଲା। ପରିବର୍ତ୍ତିତ ନିୟମ ଅନୁଯାୟୀ, ବିଲ୍ ମୂଲ୍ୟ ୧୦ ଲକ୍ଷ ପର୍ଯ୍ୟନ୍ତ ଥିଲେ କେବଳ ବିଡିଓଙ୍କ ସ୍ୱାକ୍ଷର ପର୍ଯ୍ୟାପ୍ତ ହେବ। ପଞ୍ଚାୟତ ସମିତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟର ବିଲ୍ ମୂଲ୍ୟ ପ୍ରାୟତଃ ୧୦ ଲକ୍ଷରୁ ତଳେ ରହିଥାଏ। କାଁ ଭାଁ ବିଲ୍ ୧୦ ଲକ୍ଷରୁ ଅଧିକ ମୂଲ୍ୟର ଥାଏ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ରାଜ୍ୟର ଅଧିକାଂଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ଦଖଲରେ ଥିବାରୁ ସେମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଯଦି ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହୁଏ ତେବେ ବିଜେଡି ସମସ୍ତ ବ୍ଲକ୍ ଅଧ୍ୟକ୍ଷ, ପଞ୍ଚାୟତ ସମିତି ସଦସ୍ୟ ଓ ସରପଞ୍ଚଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଅରୁଣ କହିଛନ୍ତି।


## GOVERNMENT OF ODISHA
## DEPARTMENT OF WATER RESOURCES
Office of the Additional Chief Engineer,
Drainage Circle, Balasore

No.A-611

Email id : sedcbls@yahoo.com

"e" PROCUREMENT NOTICE NO. ACEDCBLS-11/2025-26

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Nature of Work | : | i) Earth Work ii) Concrete Work iii) Stone Work iv) Dredging Work |
| 3 | Total No. of Project | : | 1 No of Individual Work |
| 4 | Estimated cost of individual works | : | Rs.7,25,24,787/- (Excluding G.S.T.) |
| 5 | Period of completion | : | 18 (Eighteen) Calendar months |
| 6 | Bid Identification Number | : | ACEDCBLS/DDJPR-01-11/2025-26 |
| 7 | Date & Time of availability of Bid document in the Portal | : | From Dt.16.09.2025 at 10.00 hours to Dt.03.10.2025 at 17.00 hours |
| 8 | Date of Opening of technical bid | : | Dt.04.10.2025 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial bid | : | To be uploaded in portal |
| 10 | Class of Contractor | : | 'A' & 'Special' Class |
| 11 | Bid Security/EMD | : | Rs.7,25,248.00 |
| 12 | Cost of Tender paper | : | Rs.10,000.00 |
| 13 | Date of Lottery (if required) | : | To be notified |
| 14 | Procurement Officer/ Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

Sd./- Additional Chief Engineer
Drainage Circle, Balasore

OIPR-32190/11/0027/2526



## OFFICE OF THE SORO MUNICIPALITY, SORO, BALASORE

No.4176 Date : 11.09.2025

'e' Procurement Notice

Bid Identification No. SOROM_02_2025-26

No.C-1049 : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1. Name of the Work : Construction of Civil work as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : 90 days
5. Date & Time of availability of Bid documents in the Portal : 12.09.25 at 10.00 A.M. to 22.09.25 up to 5.00 P.M.
6. Last date & time for receipt of bids in the portal : 22.09.25 up to 05.00 P.M.
7. Bid received online shall be opened on : 23.09.25 at 10.00 A.M.
8. Name and address of the officer inviting Bid : Executive Officer, Soro Municipality

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer
Soro Municipality

OIPR-13166/11/0015/2526



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ଇସ୍ତାହାର ସଂଖ୍ୟା: ୫୬୦ ତା: ୦୯।୦୯।୨୦୨୫

No. g-୫୪: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଅଜଣା ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନରେ ରଖାଯାଇଅଛି। ଉକ୍ତ ଶିଶୁର ଯଦି କେହି ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ ଫୋନ ନମ୍ବର: ୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁର କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପଧାରା-୧) ଓ ପୋଷ୍ୟ ସନ୍ତାନ ନିୟମାବଳୀ-୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| କ୍ର.ସଂ. | ଶିଶୁ ନାମ | ପୁଅ/ଝିଅ | ଜନ୍ମ ତାରିଖ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|---|
| ୧ | ଶ୍ରୀହରି | ପୁଅ | ୨୨।୦୮।୨୦୨୫ | ସା: ବାଘୁଆବଳ, ତାଳଚେର ଥାନା: ତାଳଚେର ଜିଲ୍ଲା: ଅନୁଗୋଳ | ୩୬୮ / ୦୧।୦୯।୨୦୨୫ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

OIPR-33032/11/0008/2526

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ



## Government of Odisha

No.B-516

Corrigendum to Bid Identification No. CCE.Ctc.(R&B) 5/2025-26
Tender Reference - CCE.Ctc.(R&B) 5/2025-26

E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

The Bid availabilty period and Date of opening of the tenders have been modified as follows :-

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B)5/2025-26 | 01.09.2025 to 5.30 Hours of 15.09.2025 | 10.09.2025 to 5.30 Hours of 19.09.2025 | 16.09.2025 at 11.00 Hours | 20.09.2025 at 11.00 Hours |

Further details can be seen from the website htpp://tendersodisha.gov.in.

Sd./- Chief Construction Engineer
Cuttack (R&B) Circle

OIPR-34012/11/0045/2526



## ODISHA MINING CORPORATION LIMITED
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

No.CAD-1744

### E-PROCUREMENT NOTICE

| Sl. No. | Notice No. | Work Description | Availability | Bid due date |
|---|---|---|---|---|
| 1 | OMC/E-PROC/C&P/016/2025-26, Dtd : 26/08/2025 | Design, Manufacturing, Supply, Installation, Testing and Commissioning of Capacitor Bank with APFC panel at Ferro Chrome plant, OMC | 12.09.2025 | 15.10.2025 at 3.00 PM |
| 2 | OMC/E-PROC/C&P/018/2025-26, Dtd : 11/09/2025 | Diamond core drilling and allied work for South Kaliapani and Sukrangi Mining lease under JK road Region of OMC | 15.09.2025 | 16.10.2025 at 3.00 PM |
| 3 | OMC/E-PROC/C&P/019/2025-26, Dtd : 11/09/2025 | Engagement of Agencies for Inventorization of Green House Gas (GHG), Capacity Building Training Program for certification of Lead Carbon Verifiers and Verification of GHG Inventories through Accredited Verification & Validation Body (VVB) across various locations of OMC | 15.09.2025 | 17.10.2025 At 3.00 PM |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0260/2526

Sd./- GM (C&P)



## NOTICE INVITING BID
## Odisha State Medical Corporation Limited (OSMCL)
Infront of Ram Mandir, Convent Square, Unit - III, Bhubaneswar - 751001
Tel. : (0674) 2380950, Website : www.osmcl.nic.in, Email : drugs-osmcl@od.gov.in

**Bid Ref. No. : OSMCL/2025-26/Hydroxyurea/05 Date : 12.09.2025**

No.CAD-1741 : **Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of Cap. Hydroxyurea for the year 2025-26 as per the particulars mentioned below :**

| Sl. No. | Particulars | Date and Time | |
|---|---|---|---|
| 1. | Date & Time of relase of bid | 12/09/2025, 3 P.M. | |
| 2. | Date & time for submission of queries by E-mail id : drugs-osmcl@od.gov.in | 17/09/2025, up to 5:00 P.M. | |
| 3. | Date & time of Online bid submission | Start Date & Time 19/09/2025, 3 P.M. | End Date & Time 15/10/2025, 6.00 P.M. |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time 16/10/2025, 10 A.M. | End Date & Time 23/10/2025, 11.00 A.M. |
| 5. | Date & time of online Technical bid opening | 23/10/2025, 11:30 A.M. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites : www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR-10112/11/0032/2526

Sd./- Managing Director, OSMC Ltd., Odisha



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ଜୟପୁର
CIN-U40102OR2004SGC007553

OPTCL Lifeline of Odisha

No. CAD-1740

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାଛକୁଣ୍ଡ ତହସିଲ ଅଧୀନରେ ଥିବା ବୁରୁଡେଲ (R.I Circle-ଗୁନେଇପଡା), ଖରସାପଡା (R.I Circle-ଗୁନେଇପଡା),କୁଜାମ୍ବ (R.I Circle-ଗୁନେଇପଡା), ମନ୍ତ୍ରୀପୁଟ (R.I Circle-ଗୁନେଇପଡା), ଗୋଡାବେଡା (R.I Circle-ଗୁନେଇପଡା), ବନ୍ତଳବିରି (R.I Circle-ଗୁନେଇପଡା), ଲୁଗୁମ(R.I Circle-ତୁଷୁବା), ମାଟାମପୁଟ (R.I Circle-ଗୁନେଇପଡା), ବାୟାପୁଟ (R.I Circle-ଗୁନେଇପଡା),ଗୁନେଇପଡା (R.I Circle-ଗୁନେଇପଡା),ସଇଲପଡା (R.I Circle-ଗୁନେଇପଡା), ଦାସିରିପୁଟ (R.I Circle-ତୁଷୁବା) ଏବଂ ବୈପାରୀଗୁଡା ତହସିଲ ଅଧୀନରେ ଥିବା ବାରଙ୍ଗପାଲି (R.I Circle-ବୈପାରୀଗୁଡା) ଆଦି ଗ୍ରାମ ଦେଇ ଯାଉଥିବା ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ଦ୍ୱାରା ନିର୍ମିତ ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ୧୩୨ କେ.ଭି. ମାଛକୁଣ୍ଡ ପାୱାର ହାଉସ-ଲମତାପୁଟ ଏସ.ସି. ଲାଇନ ତା. ୧୨.୦୯.୨୦୨୫ ରିଖ ପରେ ଯେକୌଣସି ସମୟରେ ସଂଚାରଣ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅର୍ନ୍ତଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ। ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍। ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢ଼ିବା କିମ୍ବା ତହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି। ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

FIPR-42/2025-26

OIPR-04011/11/0216/2526

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ଜୟପୁର

/optcl.odisha /optcl_odisha



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: ୧୬୮୨୭/IND-II-PH-୧୨୮୩ ତାରିଖ: ୧୦।୦୯।୨୦୨୫

### ବିଜ୍ଞାପନ

No. CAD-1742: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଫ୍ଲକ୍ସ ମିନେରାଲ୍ସ, କେନ୍ଦୁଝର ଜିଲ୍ଲାର ଚମ୍ପୁଆ ତହସିଲ ଅନ୍ତର୍ଗତ ରରୁଆଁଗୁଡା ଗ୍ରାମଠାରେ ୨୫.୪୦୬ ହେକ୍ଟର ଖଣିଲିଜ୍ କ୍ଷେତ୍ରରେ ଅବସ୍ଥିତ ରରୁଆଁଗୁଡା କ୍ୱାର୍ଟଜାଇଟ ବ୍ଲକରେ ବାର୍ଷିକ ୦.୫୫୧ ମିଲିୟନ ଟନ୍ କ୍ୱାର୍ଟଜାଇଟ ଉତ୍ତୋଳନ ସହିତ ଘଣ୍ଟାପ୍ରତି ୫୦ ଟନ୍ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ଆବେଦନ କରିଛନ୍ତି।

ଭାରତ ସରକାର, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତାହା ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୫।୧୦।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲାର ରରୁଆଁଗୁଡାଠାରେ ଖାତା ନଂ. ୧୩୩ (ରୟତି), ୮୫ (ରୟତି), ପ୍ଲଟ ନଂ. ୭୮୯, ୭୮୮ (୦.୮୮ ଏକର), କିସମ: ବିଆଲିଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶଅନୁଯାୟୀ
ସ୍ୱା./- ଅତିରିକ୍ତ ମୁଖ୍ୟ ପରିବେଶ ଯନ୍ତ୍ରୀ

OIPR-08012/11/0345/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲକ୍ଷ୍ମୀ ମୁର୍ମୁଙ୍କୁ ଜେଣ୍ଡର ଡାଇଭର୍ସିଟି ପୁରସ୍କାର

## ଜିନ୍ଦଲ ଷ୍ଟେନ୍‌ଲେସ୍‌ର ସଫଳତା



ଭୁବନେଶ୍ୱର,୧୧।୯

ଇଣ୍ଡିଆନ ଷ୍ଟିଲ୍ ଆସୋସିଏଶନ (ଆଇଏସ୍ଏ) ପକ୍ଷରୁ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର ପ୍ଲାଣ୍ଟର ଲକ୍ଷ୍ମୀ ମୁର୍ମୁଙ୍କୁ ପ୍ରତିଷ୍ଠିତ ଜେଣ୍ଡର ଡାଇଭର୍ସିଟି ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସ୍ଏ ଷ୍ଟିଲ୍ କନ୍‌କ୍ଲେଭର ଷଷ୍ଠ ସଂସ୍କରଣର ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ଭାରିଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଲକ୍ଷ୍ମୀ ତାଙ୍କର ନେତୃତ୍ୱ, ସମାବେଶୀ ଭାବଧାରା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟରେ ସମାନ କାର୍ଯ୍ୟସ୍ଥଳ ଗଢ଼ିବାରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ସେ ଗତ ୭ ବର୍ଷ ଧରି ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍ ସହ କାମ କରୁଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ଶିଖିବା ଦିଗରେ ପ୍ରତିବଦ୍ଧତା ଯୋଗୁ ସେ ଏକ୍ସାଭେଟର, ଜେସିବି, କ୍ରେନ୍ ଏବଂ ଫୋର୍କଲିଫ୍ଟ ଭଳି ଭାରି ଯନ୍ତ୍ରପାତି ପରିଚାଳନା କରିପାରୁଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ପୁରସ୍କାର ଲକ୍ଷ୍ମୀଙ୍କ ଅଧ୍ୟବସାୟ, ଦୃଢ଼ତା ଏବଂ ପ୍ରତିବଦ୍ଧତାକୁ ଦର୍ଶାଉଛି। ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଆମେ ଏକ ପ୍ରଗତିଶୀଳ କର୍ମକ୍ଷେତ୍ର ନିର୍ମାଣ ପାଇଁ ପ୍ରତିବଦ୍ଧ ଯେଉଁଠାରେ ବିବିଧତା ଏବଂ ସମାନତା କେବଳ ଆଦର୍ଶ ନୁହେଁ, ବରଂ ବାସ୍ତବରେ କାର୍ଯ୍ୟକାରୀ ହେଉଛି। ସୂଚନାଯୋଗ୍ୟ, ୨୦୨୩ରେ ମିନୁ ମହନ୍ତ ଏବଂ ୨୦୨୪ରେ ସାଗରିକା ଆଇଏସ୍ଏ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିଲେ।

## ପୂର୍ବତଟ ରେଳପଥର ବିକ୍ରେତା ବିକାଶ ବୈଠକ

ଭୁବନେଶ୍ୱର,୧୧।୯

ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନ କଟକର ଏମ୍‌ଏସ୍‌ଏମ୍‌ଇ ବିକାଶ ଏବଂ ସୁବିଧା କାର୍ଯ୍ୟାଳୟ (ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ) ସହ ସମନ୍ୱୟରେ ପୂର୍ବତଟ ରେଳପଥ ପକ୍ଷରୁ ଏକ ବିକ୍ରେତା ବିକାଶ ବୈଠକ- ୨୦୨୫ ଅନୁଷ୍ଠିତ ହୋଇଯାଇଛି। ରେଳ କ୍ରୟରେ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗର ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା, ସରକାରୀ ନୀତି ବିଷୟରେ ସଚେତନତା ପ୍ରସାର କରିବା ଏବଂ ବିକ୍ରେତା-ରେଳ ପାରସ୍ପରିକ କ୍ରିୟାକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ବୈଠକରେ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ଯୁଗ୍ମ ନିର୍ଦ୍ଦେଶକ ଏବଂ କାର୍ଯ୍ୟାଳୟ ମୁଖ୍ୟ ପି.କେ. ଗୁପ୍ତା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

# ଭିଆଇଏମ୍‌ଏସ୍ ହେଲା ବେଲ୍ଲାରି ମେଡିକାଲ କଲେଜ



ଭୁବନେଶ୍ୱର,୧୧।୯

କର୍ନାଟକର ବେଲ୍ଲାରିରେ ଥିବା ଭିଆଇଏମ୍‌ଏସ୍ ବର୍ତ୍ତମାନ ବେଲ୍ଲାରି ମେଡିକାଲ କଲେଜ ଓ ରିସର୍ଚ୍ଚ ସେଣ୍ଟରରେ ପରିବର୍ତ୍ତନ ହୋଇଛି। ଏହା ଏବେ ଏକ ସୁପର-ସ୍ପେସିଆଲିଟି ସରକାରୀ ହସ୍ପିଟାଲ ଭାବେ ବଲ୍ଲାରୀ ସହ ପାଖାପାଖି ଜିଲା ସମେତ ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳକୁ ସ୍ୱାସ୍ଥ୍ୟ

## ଏନ୍‌ଏମ୍‌ଡିସିର ୮.୩୩ କୋଟି ଟଙ୍କାର ସହାୟତା ପ୍ରଦାନ

ସେବା ପ୍ରଦାନରେ ସହାୟକ ହେବ। ଏନ୍‌ଏମ୍‌ଡିସିର ସିଏସଆର ମାଧ୍ୟମରେ ୮.୩୩ କୋଟି ଟଙ୍କାର ସହାୟତା ହସ୍ପିଟାଲରେ ଆଇସିୟୁ ଭେଣ୍ଟିଲେଟର, ନବଜାତକ ପାଇଁ ବବଲ ସିପିଏପି, ପେଡିଆଟ୍ରିକ୍ ବାଇପାପ, ଏଚଡି ଲାପାରୋସ୍କୋପ, ଇଆରସିପି ସ୍କୋପ ଓ ଲେଜର ସିଷ୍ଟମ ଭଳି ଅତ୍ୟାଧୁନିକ ଉପକରଣ ଯୋଗାଇଛି। ନୂତନ ଅପରେଟିଂ ଟେବୁଲ ଓ ଏଲଇଡି ଲାଇଟ ଅସ୍ତ୍ରୋପଚାରରେ ନିରାପତ୍ତା ବୃଦ୍ଧି କରିଛି। ଭିଆଇଏମ୍‌ଏସ୍‌ର ନିର୍ଦ୍ଦେଶକ ଡାକ୍ତର ଟି ଗଙ୍ଗାଧର ଗୌଡ଼ା କହିଛନ୍ତି, ଏହି ଉପକରଣ ସହାୟତାରେ ଅଧିକ ରୋଗୀଙ୍କୁ ସେବା ଦେଇ ପାରୁଛୁ। ବାୟୋମେଡିକାଲ ଇଞ୍ଜିନିୟର ଶାନ୍ତମୂର୍ତ୍ତି କହିଛନ୍ତି, ଜଟିଳ ଅସ୍ତ୍ରୋପଚାର ପାଇଁ ଆମେ ଏବେ ଅଧିକ ପ୍ରସ୍ତୁତ। ଏନ୍‌ଏମ୍‌ଡିସିର ସିଏମ୍‌ଡି ଅମିତାଭ ମୁଖାର୍ଜୀ କହିଛନ୍ତି, ସୁସ୍ଥ ସମୁଦାୟ ହିଁ ରାଷ୍ଟ୍ର ନିର୍ମାଣର ଆଧାର। ବେଲ୍ଲାରି ମେଡିକାଲ କଲେଜକୁ ସହାୟତା ଆମର ଦାୟିତ୍ୱ।


VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
**B.Ed.** Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


# ୟୁକୋ ବ୍ୟାଙ୍କ ପକ୍ଷରୁ ଜନସୁରକ୍ଷା ସମ୍ପୃକ୍ତି ଶିବିର

ଭୁବନେଶ୍ୱର,୧୧।୯

ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ସମ୍ପୃକ୍ତି ନିଶ୍ଚିତ କରିବା ଲକ୍ଷ୍ୟରେ ବାରଙ୍ଗ ବ୍ଲକ୍ ଅନ୍ତର୍ଗତ କୁରଙ୍ଗ ଶାସନ ଗ୍ରାମପଞ୍ଚାୟତ ଆମ୍ରପଲ୍ଲୀ ରିସୋର୍ଟଠାରେ ୟୁକୋ ବ୍ୟାଙ୍କ କଟକ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଏକ ଜନସୁରକ୍ଷା ସମ୍ପୃକ୍ତି ଶିବିର ଏବଂ ରି-କେୱାଇସି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନ୍‌ସନ ଯୋଜନା ପରି ସରକାରୀ ଯୋଜନାଗୁଡିକ ସହ ରି-କେୱାଇସି ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା। ଆର୍‌ବିଆଇ କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି, ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର, ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ସମାବେଶୀକରଣ ଓ ବିକାଶ ବିଭାଗର ମହାପ୍ରବନ୍ଧକ ଅନୀତା ପଟ୍ଟନାୟକ ଏବଂ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ସଂଯୋଜକ ଗୌତମ ପାତ୍ର ଉପସ୍ଥିତ ଥିଲେ। ଅତିଥିମାନେ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଏବଂ ନିରବଚ୍ଛିନ୍ନ ସୁବିଧା ପାଇଁ ନିୟମିତ କେୱାଇସି ଅପ୍‌ଡେଟ୍ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ୟୁକୋ ବ୍ୟାଙ୍କ କଟକ ଅଞ୍ଚଳର ଉପ-ମହାପ୍ରବନ୍ଧକ ବର୍ଷା ଏବଂ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ଭଗବତ ସିଂ ଭାକୁନି ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି, ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ କୁମାର ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଅରୁନ୍ଧତୀ ଜୁଏଲର୍ସର ଆନିଭରସାରି ସ୍ପେଶିଆଲ ଅଫର୍



ଭୁବନେଶ୍ୱର,୧୧।୯

ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ପୁରୀ ଶାଖାର ପ୍ରଥମ ବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ଦିବସରେ ଅରୁନ୍ଧତୀ ଜୁଏଲର୍ସର ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକରି ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ନିଜ ପ୍ରିୟ ଗ୍ରାହକ ବନ୍ଧୁଙ୍କ ସହ ଏହି ବିଶେଷ ଉତ୍ସବକୁ ପାଳନ କରିଥିଲେ। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଆନିଭରସାରି ସ୍ପେଶିଆଲ ମାଧ୍ୟମରେ ୫୧ ଜଣଙ୍କୁ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି। ସୁନାଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଆଡଭାନ୍ସ ବୁକିଂରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ 'ପେ ଜିରୋ ଫର୍ ଇଜି ଜୁଏଲେରି ପର୍‌ଚେଜ୍ ପ୍ଲାନ୍' ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଉଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆଗାମୀ ଦିନରେ ଅରୁନ୍ଧତୀ ସର୍ବଶ୍ରେଷ୍ଠ ସେବା ଯୋଗାଇଦେବା ସହ ଅନେକ ଆକର୍ଷଣୀୟ ଡିଜାଇନ ଓ ଅଫର ନେଇ ଗ୍ରାହକବନ୍ଧୁଙ୍କ ପ୍ରତ୍ୟେକ ଖୁସିରେ ନିଜକୁ ସାମିଲକରିବ।

# ପଞ୍ଜାବରେ ବନ୍ୟା ପ୍ରଭାବିତଙ୍କୁ ରିଲାଏନ୍ସର ସହାୟତା


ଅନନ୍ତ ଅମ୍ବାନୀ

ଭୁବନେଶ୍ୱର,୧୧।୯

ପଞ୍ଜାବରେ ବନ୍ୟା ପରେ ରିଲାଏନ୍ସ ଫାଉଣ୍ଡେଶନ, ବନ୍ତାରା, ରିଲାଏନ୍ସ ରିଟେଲ ଓ ଜିଓ ପକ୍ଷରୁ ମିଳିତ ସହାୟତା ଅଭିଯାନ ଜାରି ରହିଛି। ଅମୃତସର ଓ ସୁଲତାନପୁର ଲୋଧିର କ୍ଷତିଗ୍ରସ୍ତ ଗାଁରେ ପ୍ରଶାସନ ଓ ପଞ୍ଚାୟତ ସହ ମିଳିତ ଭାବେ ଆବଶ୍ୟକ ସହାୟତା ପ୍ରଦାନ କରାଯାଉଛି। ଏନେଇ ରିଲାଏନ୍ସ ଫାଉଣ୍ଡେଶନର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ କହିଛନ୍ତି, ପଞ୍ଜାବର ଦୁଃଖ ଆମକୁ ବ୍ୟଥିତ କରିଛି। ରିଲାଏନ୍ସ ପରିବାର ଖାଦ୍ୟ, ପାଣି, ଆଶ୍ରୟ ଓ ପଶୁ ଯତ୍ନ ପାଇଁ ଲୋକଙ୍କ ସାଙ୍ଗରେ ଅଛି। ୧୦ ହଜାର ପରିବାରଙ୍କ ପାଇଁ ଶୁଖିଲା ଖାଦ୍ୟ, ୧ ହଜାର ପ୍ରଭାବିତ ପରିବାରଙ୍କ ପାଇଁ ୫,୦୦୦ ଟଙ୍କାର ଭାଉଚର, ଜଳ ଫିଲ୍ଟର, ଆଶ୍ରୟ କିଟ୍, ସାନିଟେଶନ କିଟ୍, ପଶୁ ଚିକିତ୍ସା ଓ ବନ୍ୟଜନ୍ତୁ ଉଦ୍ଧାର ସହାୟତା ଜାରି ରହିଛି। ଜିଓ ନେଟ୍‌ୱର୍କ ପୁନଃ ସ୍ଥାପନ ଓ ରିଟେଲ ଟିମ୍ ୨୧ଟି ଜରୁରୀ ସାମଗ୍ରୀର କିଟ୍ ବଣ୍ଟନ କରୁଛି। ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ୟା ଜଳ ଦ୍ୱାରା ବ୍ୟାପୁଥିବା ରୋଗର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଉଛି। ରିଲାଏନ୍ସ ଫାଉଣ୍ଡେଶନ ଏବଂ ବନ୍ତାରା ସାହାଯ୍ୟରେ ଜୀବଜନ୍ତୁଙ୍କ ପାଇଁ ମେଡିସିନ, ଟିକା, ଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବନ୍ତାରାର ୫୦ରୁ ଅଧିକ ସଦସ୍ୟ ନିୟୋଜିତ ଅଛନ୍ତି।


# Classified Everyday

0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ସିଦ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668.** D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର ପିତାପଲ୍ଲିଛକ **NH side**ରେ **immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941




The massage felt totally professional! & comfortable at all times- 7978109255. D-76492

## LOST

I, Sourav Dutta , residing Belpahar, Jharsuguda declearing this affidavit swears that my 10th Matriculation Certificate is completely eaten by white ants which was kept in wooden box and I want to reissue my certificate. D-1950

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By this affidavit sworn before the Executive Magistrate, Jharsuguda, No.4730, date- 08.09.25, I, Vikash Yadav, R/o. Dipupada, P.O./P.S./ Dist.- Jharsuguda, Odisha declare that my name has been wrongly mentioned as Bikash Yadav in my daughter Somya Yadav birth certificate. In order to correct the Birth Certificate henceforth, I shall be known as Vikash Yadav for all purposes. D-1949

By virtue of an affidavit CF No.- 52 sworn before Executive Magistrate, in Bhubaneswar, dated- 10.09.25, I, Rijwana Begum, W/o- Sk Siraj Uddin, Plot No.- 610, Lane No.- 11, Palashpalli, Bhimapur, Aerodrome area, Bhubaneswar, Dist.- Khordha, PIN Code- 751020, declare that I have changed the name of my son from Shakh Sohel Raza to Shaikh Sohel Raza. Henceforth, he shall be known as Shaikh Sohel Raza for all purposes. D-1954

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Before Executive Magistrate, Jagannathprasad, Ganjam, I, Janaki Behera (35), W/o- Saroj Behera, Vill/P.O.- Panchabhuti, P.S.- Jagannathprasad, with affidavit No.- MC No.- 133/ 10.09.25 that my son's actual name is Siba Behera, S/o- Saroj Behera but in Aadhaar Card wrongly written as Raja Behera, both Raja Behera and Siba Behera one and same person. Henceforth he shall be known as Siba Behera, S/o- Saroj Behera in future and other needful. D-1955

Before the Executive Magistrate, Berhampur, Dist.- Ganjam on dated 10.09.2025, I Sradhanjali Bishoyi, D/o- Subhash Chandra Bishoyi, aged about 38 years, residing at Neelakantha Nagar, P.S.- B. Sadar, Dist.- Ganjam, PIN- 761003, Aadhaar No.- 718138925779. I am the mother of my minor son Sahil Sahu and has changed my minor son name to Anvit Kumar vide affidavit. Henceforth, My minor son Sahil Sahu shall be known as Anvit Kumar for all future purpose. D-1951

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦେବଦତ୍ତ ଭଞ୍ଜ
ବେଣୁପୁର (ମଝିଗଡ଼), ବାଲିଅନ୍ତା
ଆବିର୍ଭାବ: ୨୨।୦୫।୧୯୫୫
ତିରୋଧାନ: ୦୨।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ
ଧ-୭୨୨୪୧

ତୃତୀୟ ଶ୍ରାଦ୍ଧବାର୍ଷିକୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ୱଅପରାଜିତା ମହାପାତ୍ର
ଲୁଇସ୍ ରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୩।୦୬।୧୯୫୭
ତିରୋଧାନ: ୧୨।୦୯।୨୦୨୨
ତୁମେ ଏହି ସଂସାର ଛାଡ଼ି ଯିବାର ତିନି ବର୍ଷ ବିତିଗଲା, ତେବେ ତୁମେ ଆମମାନଙ୍କର ହୃଦୟରେ ରହିଅଛ। ମନେ ହୁଏ ତୁମେ ଆମ ସାଙ୍ଗରେ ଘରେ ଅଛ ତିଥିସ୍ଥାନ ତଥା ଭ୍ରମଣରେ ଯାଇଛ ଓ ଶୀଘ୍ର ଫେରିଆସିବ, ତୁମର ଆଦର୍ଶ, ଭଗବତ୍ ବିଶ୍ୱାସ, ପରୋପକାରୀ, କଷ୍ଟ ସହିଷ୍ଣୁତା ଓ ଆତ୍ମ ଶ୍ୱାଭିମାନ ଗୁଣ ଗୁଡ଼ିକ ଆମକୁ ପ୍ରେରଣା ଦେଉଥାଉ। ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମର ଅମର ଆତ୍ମା ସୁଖ ଓ ଶାନ୍ତିରେ ଥାଉ।
ଶୋକସନ୍ତପ୍ତ: ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୭୦୭୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମାଳତୀ ମଞ୍ଜରୀ ସେନାପତି
(ସ୍ୱାମୀ- ସ୍ୱର୍ଗତ କୈଳାସ ଚନ୍ଦ୍ର ସେନାପତି)
ଖଣ୍ଡାସାହି (ଓସ୍ତପୁର), କାକଟପୁର
ବୋଉ, ଚାହୁଁ ଚାହୁଁ ବର୍ଷେ ବିତିଗଲା। ଅନ୍ଧାରରେ ଅଣ୍ଡାଳି ହେଲା ଭଳି ଏ ବର୍ଷଟା ଆମର କଟିଛି। ତୁ ଥିଲୁ ଆମ ପାଇଁ ଆଦର୍ଶ, ପ୍ରେରଣା ବଞ୍ଚିବାର ମାଧ୍ୟମ ଏବଂ ସବୁ ପ୍ରଶ୍ନର ଉତ୍ତର। ତୋ ବିନା ଆମ ପାଇଁ ସବୁକିଛି ନିରସ, ନିସ୍ତବ୍ଧ ଓ ନିସ୍ପୃହ। ତଥାପି ତୋ ସ୍ନେହଭରା ଅମୂଲ୍ୟ ଆଶୀର୍ବାଦ ସାହାରାରେ ଆଗକୁ ଯିବାର ପ୍ରୟାସ କରୁଛୁ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା।
ତୋର ହତଭାଗ୍ୟ ପୁତ୍ରଦ୍ୱୟ- ଜିତେନ୍ଦ୍ର (ବାବୁନି), ବୀରେନ୍ଦ୍ର (ଗୌରୀ) ଓ ପରିବାରବର୍ଗ
ଧ-୭୭୦୭୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ୱଉଷାରାଣୀ ମହାନ୍ତି
ସ୍ୱା- ୱ ପ୍ରଦୀପ ଚନ୍ଦ୍ର ମହାନ୍ତି
ଜଗନ୍ନାଥପୁର, କଲେଜ ଛକ, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୫୦
ତିରୋଧାନ: ୧୨।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର- ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୯୫୨

# ପୁଣି ଭେନସ

**ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ଚର୍ଚ୍ଚିତ ମହିଳା ଖେଳାଳି ଭେନସ ୱିଲିୟମ୍ସ ୪୫ ବର୍ଷରେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୧୯୮୧ରେ ରିନି ରିଚାର୍ଡ୍ସ ୪୭ ବର୍ଷରେ ୟୁଏସ୍ ଓପନ ଖେଳିଥିଲେ। ତେଣୁ ଭେନସ ଦ୍ୱିତୀୟ ବୟସ୍କା ଖେଳାଳି ଭାବେ ନ୍ୟୁୟର୍କ ଟୁର୍ନାମେଣ୍ଟରେ ଅବତୀର୍ଣ୍ଣ ହୋଇଥିଲେ। ସେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ଏବଂ ଡବଲ୍ସର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଏହାଥିଲା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା...**

ଅନ୍ତର୍ଜାତୀୟ ଟେନିସରେ ଅନ୍ୟତମ ଚର୍ଚ୍ଚିତ ମହିଳା ଖେଳାଳି ଭେନସ ୱିଲିୟମ୍ସ ୪୫ ବର୍ଷରେ ଟେନିସ କୋର୍ଟକୁ ଫେରିଛନ୍ତି। ୨୦୨୫ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସର ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ଏବଂ ଡବଲ୍ସ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। କାନାଡ଼ିଆନ ଲୈଲା ଫର୍ନାଣ୍ଡେଜ ଥିଲେ ତାଙ୍କ ଡବଲ୍ସ ପାର୍ଟନର। ଗତ ଦୁଇବର୍ଷ ମଧ୍ୟରେ ଏହାଥିଲା ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା। ୟୁଏସ୍ ଟେନିସ ଆସୋସିଏଶନ ପକ୍ଷରୁ ତାଙ୍କୁ ମହିଳା ସିଙ୍ଗଲ୍ସରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଥିଲା। ମାତ୍ର ସେ ପ୍ରଥମ ରାଉଣ୍ଡରେ ୧୧ଶ ସିଡ୍ କାରୋଲିନା ମୁଚୋଭାଙ୍କଠାରୁ ହାରି ଯାଇଥିଲେ। ୧୯୮୧ରେ ରିନି ରିଚାର୍ଡ୍ସ ୪୭ ବର୍ଷରେ ୟୁଏସ୍ ଓପନ ଖେଳିଥିଲେ। ତେଣୁ ଭେନସ ଦ୍ୱିତୀୟ ବୟସ୍କା ଖେଳାଳିଭାବେ ନ୍ୟୁୟର୍କ ଟୁର୍ନାମେଣ୍ଟରେ ଅବତୀର୍ଣ୍ଣ ହୋଇଥିଲେ। ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ ପଥରେ ୟୁଏସ୍ ଓପନରେ ଭେନସ ନିଜ ଭାଗ୍ୟ ପରୀକ୍ଷା କରିବା ପୂର୍ବରୁ ତାଙ୍କ କ୍ୟାରିୟର ଉପରେ ଆଲୋକପାତ କରାଯାଇପାରେ। ଭେନସ ମହିଳା ସିଙ୍ଗଲ୍ସରେ ୭ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସାନ ଭଉଣୀ ସେରେନାଙ୍କୁ ସାଥିକରି ସେ ମହିଳା ଡବଲ୍ସରେ ୧୪ ଥର ଚାମ୍ପିୟନ ହୋଇଛନ୍ତି। ଏହା ବ୍ୟତୀତ ସେ ୨ ଥର ମିକ୍ସଡ ଡବଲ୍ସ ଏବଂ ଅଲିମ୍ପିକ୍ସରେ ୫ ଥର ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।



**ଟାଇମ୍ ଲାଇନ୍**

✲ ଭେନସ ୧୯୯୪ରେ ପ୍ରୋ ଟେନିସରେ ପଦାର୍ପଣ କଲେ।

✲ ୧୯୮୦ ଜୁନ୍ ୧୭ରେ କାଲିଫର୍ନିଆର ଲିନ୍‌ଉଡ୍‌ଠାରେ ତାଙ୍କର ଜନ୍ମ। ୧୯୯୪ରେ ମାତ୍ର ୧୪ ବର୍ଷରେ ସେ ଓକ୍‌ଲାଣ୍ଡରେ ଜୀବନର ପ୍ରଥମ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟ ଖେଳିଲେ। ୧୯୮୮ରେ ଏନ୍‌ସିସି ଏଏ ସିଙ୍ଗଲ୍ସ ଚାମ୍ପିୟନ ଶନ୍ ଷ୍ଟାଫୋର୍ଡଙ୍କୁ ପ୍ରଥମ ରାଉଣ୍ଡରେ ଭେଟିଥିଲେ ଭେନସ। ଏଥିରେ ବିଜୟୀ ହୋଇଥିଲେ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ଆରାଞ୍ଚା ସାଞ୍ଚେଜ ଭିକାରିଓଙ୍କଠାରୁ ହାରି ଯାଇଥିଲେ।

✲ ୧୯୯୭ରେ ଫ୍ରେଞ୍ଚ ଓପନରେ ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳିଲେ। ପ୍ରଥମ ରାଉଣ୍ଡରେ ସେ ନାଓକୋ ସାୱାମସ୍ତୁଙ୍କୁ ବିଦାୟ ପଥ ଦେଖାଇବା ପରେ ଦ୍ୱିତୀୟ ରାଉଣ୍ଡରେ ନାଥାଲି ଟାଉଜାଟଙ୍କଠାରୁ ହାରି ଯାଇଥିଲେ। ପ୍ରଥମଥର ପାଇଁ ୟୁଏସ୍ ଓପନ ଖେଳି ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ମୁକାବିଲାରେ ମାର୍ଟିନା ହିଙ୍ଗିସଙ୍କଠାରୁ ହାରି ଯାଇଥିଲେ।

✲ ୧୯୯୮ ଅଷ୍ଟ୍ରେଲିଆନ ଓପନରେ ଦୁଇ ୱିଲିୟମ୍ସ ଭଗିନୀ ଭେନସ ଓ ସେରେନା ପରସ୍ପର ବିପକ୍ଷରେ ଖେଳିଲେ। ଏଥିରେ ଭେନସ ତାଙ୍କଠାରୁ ୧୫ ମାସ ସାନ ସେରେନାଙ୍କୁ ପରାସ୍ତ କଲେ।

✲ ୧୯୯୯ରେ ୱିଲିୟମ୍ସ ଭଗିନୀ ସେମାନଙ୍କର ପ୍ରଥମ ମହିଳା ଡବଲ୍ସ ଟାଇଟଲ ହାସଲ କରିଥିଲେ। ଫ୍ରେଞ୍ଚ ଓପନରେ ଏହି ଟାଇଟଲ ଥିଲା ତାଙ୍କ କ୍ୟାରିୟର ସବୁଠାରୁ ବଡ଼ ସଫଳତା। ସେହିବର୍ଷ ଦୁଇ ଭଉଣୀ ୟୁଏସ୍ ଓପନ ଟାଇଟଲ ମଧ୍ୟ ଜିତିଥିଲେ।

✲ ଭେନସ ୱିଲିୟମ୍ସ ୨୦୦୦ରେ ୱିମ୍ବଲଡନରେ କ୍ୟାରିୟରର ପ୍ରଥମ ବଡ଼ ଟାଇଟଲ ହାସଲ କରିଥିଲେ। ଅଲ୍ ଇଂଲଣ୍ଡ କ୍ଲବରେ ୱିମ୍ବଲଡନ ବିଜେତା ହେବା ବେଳକୁ ତାଙ୍କୁ ୨୦ ବର୍ଷ ହୋଇଥିଲା। ଫାଇନାଲରେ ସେ ଲିଣ୍ଡସେ ଡାଭେନପୋର୍ଟଙ୍କୁ ପରାସ୍ତ କରିଥିଲେ। ୧୯୫୦ରେ ଆଲଥିଆ ଗିବସନଙ୍କ ପରେ ଭେନସ ପ୍ରଥମ କୃଷ୍ଣକାୟ ମହିଳା ଭାବେ ୱିମ୍ବଲଡନ ଚାମ୍ପିୟନ ହୋଇଥିଲେ। ୧୯୯୯ରେ ସେରେନା ୱିଲିୟମ୍ସ ୟୁଏସ୍ ଓପନ ଜିତିଥିବାରୁ ଟେନିସ ଇତିହାସରେ ପ୍ରଥମ ଦୁଇ ଭଉଣୀ ଭାବେ ଉଭୟେ ବଡ଼ ଚାମ୍ପିୟନଶିପ୍ ଟାଇଟଲ ବିଜୟୀ ହେବାର ସୌଭାଗ୍ୟପ୍ରାପ୍ତ ହେଲେ। ଏହାପରେ ଭେନସ ୨୦୦୧, ୨୦୦୫, ୨୦୦୭ ଓ ୨୦୦୮ରେ ୱିମ୍ବଲଡନ ଟ୍ରଫି ଜିତିଥିଲେ।

✲ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ଭେନସ ମହିଳା ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କେବଳ ସେତିକି ନୁହେଁ ଭଉଣୀ ସେରେନାଙ୍କୁ ସାଥିକରି ସେ ମହିଳା ଡବଲ୍ସରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଏହାପରେ ୨୦୦୮ ଓ ୨୦୧୨ରେ ମହିଳା ଡବଲ୍ସ ସ୍ୱର୍ଣ୍ଣ ହାସଲ କରିଥିଲେ। ୨୦୧୬ରେ ସେ ରାଜବ ରାମଙ୍କୁ ସାଥିକରି ମିକ୍ସଡ ଡବଲ୍ସରେ ରୌପ୍ୟ ପଦକ ଜିତିଥିଲେ।

✲ ଭେନସ ନିଜ ପ୍ରଥମ ୟୁଏସ ଓପନ ଟାଇଟଲ ୨୦୦୦ରେ ଜିତିଥିଲେ। ଏଥର ମଧ୍ୟ ଫାଇନାଲରେ ସେ ଡାଭେନପୋର୍ଟଙ୍କୁ ପରାସ୍ତ କରିଥିଲେ। ଏହା ପରବର୍ଷ ସେ ନିଜ ଭଉଣୀ ସେରେନାଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ୧୯୮୪ରେ ମଉଦ ୱାଟସନ ଓ ଲିଲିଆନ ୱାଟସନଙ୍କ ପରେ ଦୁଇ ଭଉଣୀଙ୍କ ମଧ୍ୟରେ ପ୍ରଥମଥର ପାଇଁ କୌଣସି ଏକ ବଡ଼ ଚାମ୍ପିୟନଶିପ୍‌ରେ ମୁକାବିଲା ହୋଇଥିଲା। ୨୦୦୨ରୁ ୨୦୦୩ ମଧ୍ୟରେ ସେରେନା ଓ ଭେନସ ପରସ୍ପରକୁ କ୍ରମାଗତ ୪ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ଭେଟିଥିଲେ। ଏଥିରେ ସେରେନା ୪-୦ରେ ବିଜୟୀ ହୋଇଥିଲେ।

✲ ୨୦୦୨ରେ ଭେନସ ପ୍ରଥମଥର ପାଇଁ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ୨୦୦୨ ଫେବୃୟାରୀରେ ଏହି ସଫଳତା ପାଇବା ପରେ କ୍ରମାଗତ ୧୧ ସପ୍ତାହଧରି ଶୀର୍ଷସ୍ଥାନ ବଜାୟ ରଖିଥିଲେ। ମୋଟ ଉପରେ ଦେଖିବାକୁ ଗଲେ ଭେନସ ୩୧୯ ସପ୍ତାହ ପାଇଁ ନମ୍ବର ୱାନ ସ୍ଥାନରେ ରହିଛନ୍ତି।

✲ ୨୦୧୧ରେ ଭେନସ ସେଜୋଗ୍ରେନ୍ସ ସିଣ୍ଡ୍ରମରେ ପୀଡ଼ିତ ଥିବା ଘୋଷଣା କରିଥିଲେ। ଏହା ଜଏଣ୍ଟ ପେନ୍‌ର ଅନ୍ୟତମ କାରଣ ହୋଇଥାଏ। ଏଥିପାଇଁ ସେ ୟୁଏସ୍ ଓପନର ଦ୍ୱିତୀୟ ରାଉଣ୍ଡରୁ ଓହରି ଯାଇଥିଲେ।

✲ ୨୦୧୬-୧୭ରେ ୱିଲିୟମ୍ସ କ୍ୟାରିୟରର ପୁନରୁତ୍ଥାନ ଘଟିଥିଲା। ଏହି ସମୟରେ ସେ ଦୁଇଟି ବଡ଼ ପ୍ରତିଯୋଗିତା ଅଷ୍ଟ୍ରେଲିଆ ଓପନ ଓ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଥିଲେ। ଏହା ଆଉ ୨ ଥର ୱିମ୍ବଲଡନ ଓ ୟୁଏସ୍ ଓପନର ସେମିଫାଇନାଲ ଖେଳିଥିଲେ।

✲ ୨୦୨୩ ୟୁଏସ୍ ଓପନକୁ ମିଶାଇ ଭେନସ କ୍ରମାଗତ ୧୦ଟି ଗ୍ରାଣ୍ଡସ୍ଲାମର ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ସ୍ୱାସ୍ଥ୍ୟକୁ ନେଇ ତାଙ୍କର ଅନେକ ସମସ୍ୟା ଦେଖା ଦେଇଥିଲା। ଗତବର୍ଷ ସେ ୟୁଟେରାଇନ ଫିବ୍ରୋଇଡ୍ସ ସର୍ଜରି କରାଇଛନ୍ତି। ଏଥିପାଇଁ ସେ ୧୬ ମାସଧରି ଟେନିସ କୋର୍ଟରୁ ଦୂରରେ ରହିଥିଲେ। ଗତ ଜୁଲାଇରେ ଡିସି ଓପନ ମାଧ୍ୟମରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

✲ ଦୁଇ ବର୍ଷ ବ୍ୟବଧାନରେ ୪୫ ବର୍ଷ ବୟସରେ ୨୦୨୫ ୟୁଏସ୍ ଓପନକୁ ପ୍ରତ୍ୟାବର୍ତ୍ତନ। ତେବେ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ଏବଂ ଡବଲ୍ସର କ୍ୱାର୍ଟର ଫାଇନାଲରୁ ବିଦାୟ ନେଲେ।

## କେବଳ ମହିଳା ଅଫିସିଆଲ



ଆସନ୍ତା ୩୦ ତାରିଖରୁ ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍‌କୁ ତଦାରଖ ଓ ପରିଚାଳନା କରିବା ପାଇଁ ଗୁରୁବାର ଆଇସିସି ପକ୍ଷରୁ ଅମ୍ପାୟର ଓ ରେଫରିଙ୍କ ପ୍ୟାନେଲ ଘୋଷଣା କରାଯାଇଛି। ଏଥିରେ କେବଳ ମହିଳା ଅଫିସିଆଲଙ୍କୁ ସାମିଲ କରାଯାଇଛି। ୧୪ ଅମ୍ପାୟର ଓ ୪ ରେଫରିଙ୍କ ସମେତ ମୋଟ ୧୮ ଅଫିସିଆଲ୍‌ଙ୍କୁ ୩୧ ମ୍ୟାଚ୍ ବିଶିଷ୍ଟ ଟୁର୍ନାମେଣ୍ଟ ଲାଗି ନିଯୁକ୍ତ କରାଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ସମ୍ପୂର୍ଣ୍ଣ ରୂପେ ମହିଳା ଅଫିସିଆଲଙ୍କ ଦ୍ୱାରା ପରିଚାଳିତ ହେବ। ଏହି ଟ୍ରେଣ୍ଡକୁ ଗତ ଦୁଇ ମହିଳା ଟି୨୦ ବିଶ୍ୱକପ୍ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଆପଣା ଯାଇଥିଲା। ଅଫିସିଆଲଙ୍କ ମଧ୍ୟରେ କ୍ଲେୟାର ପୋଲୋସାକ୍, ଜ୍ୟାକଲିନ ୱିଲିୟମ୍ସ ଓ ସୁ ରେଡଫର୍ନ ତୃତୀୟ ଥର ପାଇଁ ବିଶ୍ୱକପ୍ ପରିଚାଳନା କରିବାକୁ ଯାଉଥିବା ବେଳେ ୨୦୨୨ ସଂସ୍କରଣର ଫାଇନାଲ ପରିଚାଳନା କରିଥିବା ଲୌରେନ ଆଗେନବାଗ ଓ କିମ କଟନ ମଧ୍ୟ ଏଥିରେ ସ୍ଥାନ ପାଇଛନ୍ତି। ରେଫରିଙ୍କ ପ୍ୟାନେଲରେ ଭାରତର ଜିଏସ୍ ଲକ୍ଷ୍ମୀ, ଟ୍ରୁଡି ଆଣ୍ଡରସନ, ଶ୍ରେ ଫ୍ରିଜ ଓ ମିଚେଲ ପେରେଇରା ରହିଛନ୍ତି।

## ହାମ୍ପଶାୟାରରେ ଯୋଗଦେଲେ ସୁନ୍ଦର



ଭାରତର ୱାଶିଂଟନ ସୁନ୍ଦର ଇଂଲିଶ କାଉଣ୍ଟି କ୍ରିକେଟ ଦଳ ହାମ୍ପଶାୟାର ଦଳରେ ଯୋଗଦେଇଛନ୍ତି। ୨୦୨୫ ଚାମ୍ପିୟନଶିପ୍ ଅଭିଯାନରେ ସେ ଏହି ଦଳ ପକ୍ଷରୁ ଶେଷ ଦୁଇଟି ମ୍ୟାଚ ଖେଳିବେ। ଇଂଲିଶ କାଉଣ୍ଟି ଦଳ ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। କିଛି ସପ୍ତାହ ପୂର୍ବେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ବେଳେ ଏହି ଅଲରାଉଣ୍ଡର ଅନ୍ୟତମ ଷ୍ଟାର ଖେଳାଳି ଭାବେ ଉଭା ହୋଇଥିଲେ। ହାମ୍ପଶାୟାର ଏହି ୨୫ ବର୍ଷୀୟ ଖେଳାଳିଙ୍କୁ ସେମାନଙ୍କର ସମରସେଟ ଓ ସରେ ବିପକ୍ଷ ମ୍ୟାଚ ପାଇଁ ଚୁକ୍ତି କରିଛନ୍ତି। ଇଂଲଣ୍ଡ ୫ମ୍ୟାଚ ବିଶିଷ୍ଟ ରୋମାଞ୍ଚକ ସିରିଜରେ ୱାଶିଂଟନ ୪୭ ଆଭରେଜରେ ୨୮୪ ରନ କରିଥିଲେ। ଓଲ୍ଡ ଟ୍ରାଫୋର୍ଡଠାରେ ସେ ଏକ ଶତକ ହାସଲ କରିଥିଲେ। ସେ ୩୮.୫୭ ଆଭରେଜରେ ୭ ଉଇକେଟ ଅକ୍ତିଆର କରିଥିଲେ। ୱାଶିଂଟନ ଦ୍ୱିତୀୟ ଥର ପାଇଁ କାଉଣ୍ଟି କ୍ରିକେଟ ଖେଳିବାକୁ ଯାଉଛନ୍ତି। ପୂର୍ବରୁ ୨୦୨୨ରେ ସେ ଲାଙ୍କାଶାୟାର ତରଫରୁ ଏହି ଚାମ୍ପିୟନଶିପ୍ ଏବଂ ଦିନିକିଆ କପ୍ ଖେଳିଥିଲେ। ୱାଶିଂଟନ ଆହୁରି ମଧ୍ୟ ଚଳିତବର୍ଷ ଦ୍ୱିତୀୟ ଭାରତୀୟ ଭାବେ ହାମ୍ପଶାୟାର ସହିତ ଚୁକ୍ତି କରିଛନ୍ତି। ପୂର୍ବରୁ ତିଳକ ଶର୍ମା ସିଜନ ଆରମ୍ଭରେ ୪ଟି ଚାମ୍ପିୟନଶିପ୍ ମ୍ୟାଚ ଖେଳିଥିଲେ। ୱାଶିଂଟନ ୪୦ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ସାରିଛନ୍ତି। ତନ୍ମଧ୍ୟରେ ୧୩ ଟେଷ୍ଟ ମ୍ୟାଚ ରହିଛି। ସେ ୩୪ ଆଭରେଜରେ ୧୮୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ସେ ଆହୁରି ମଧ୍ୟ ୨୮ ଆଭରେଜରେ ୯୧ ଉଇକେଟ ଅକ୍ତିଆର କରିଛନ୍ତି। ୨୦୨୪ରେ ପୁଣେଠାରେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସହ ୫୯ ରନ ବିନିମୟରେ ୭ ଉଇକେଟ ଅକ୍ତିଆର କରିଥିଲେ।

## ନଭେମ୍ବର ୧୪ରୁ ଆଇକନିକ ସ୍ପୋର୍ଟ୍ସ ଚେସ୍ ପ୍ରିମିୟର ଲିଗ୍



ଅଲ ଓଡ଼ିଶା ଚେସ୍ ଆସୋସିଏଶନ ଓ ଆଇକନିକ ସ୍ପୋର୍ଟ୍ସ ଫେଡେରେଶନର କର୍ମକର୍ତ୍ତା ଓ ଖେଳାଳି।

**ଭୁବନେଶ୍ୱର, ୧୧।୯(ଅନାଦି କର)**

ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ଆଇକନିକ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏଫ୍) ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଆଇକନିକ ଚେସ୍ ପ୍ରିମିୟର ଲିଗ୍ (ଆଇସିପିଏଲ୍) ଆୟୋଜିତ ହେବାକୁ ଯାଉଛି। ୧୨ ଫ୍ରାଞ୍ଚାଇଜିକୁ ନେଇ ହେବାକୁ ଥିବ ଏହି ଟୁର୍ନାମେଣ୍ଟ ଆସନ୍ତା ନଭେମ୍ବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିଲାଗି ଆସନ୍ତା ଅକ୍ଟୋବର ୧୯ ତାରିଖରେ ଖେଳାଳିଙ୍କ ଅକ୍ସନ ହେବାକୁ ଥିବା ବେଳେ ଖୁବ୍‌ଶୀଘ୍ର ଖେଳାଳିଙ୍କ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ପଞ୍ଜୀକରଣ ପାଇଁ ଅକ୍ଟୋବର ୧୦ ତାରିଖକୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଫିଡେ ମାନ୍ୟତାପ୍ରାପ୍ତ ସମସ୍ତ ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତ୍ୟେକ ଦଳ ଲାଗି ୧ ଲକ୍ଷ ଟଙ୍କାର ବିଡ୍ ଭାଲ୍ୟୁ ବା ଏଣ୍ଟ୍ରି ଫି' ରଖାଯାଇଛି। ଏଥିରେ ବିଭିନ୍ନ ରାଜ୍ୟର ଦଳ ତଥା ଖେଳାଳି ଭାଗ ନେବାକୁ ଥିବା ବେଳେ ୧୦ ଲକ୍ଷ ଟଙ୍କାର ମୋଟ ପୁରସ୍କାର ରାଶି ରଖାଯାଇଛି। ଏ ନେଇ ମାଷ୍ଟର କ୍ୟାଣ୍ଟିନସ୍ଥିତ ସ୍ୱସ୍ତି ଗ୍ରାଣ୍ଡ ହୋଟେଲରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଏଓସିଏର ସମ୍ପାଦକ ଦେବବ୍ରତ ଭଟ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, ଇସି ସଦସ୍ୟ ଅଭିଷେକ ଆଚାର୍ଯ୍ୟ, ଡ. ଶେଖ ଅବଦୁଲ ଶମିମ, ଡ. ସଞ୍ଜୟ ଦାସ, ଇସି ସଦସ୍ୟ ରିତେଶ କୁମାର ରଥ, ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ତଥା ପୁରୀ ଚେସ୍ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ଧନଞ୍ଜୟ ସାବତ, ମାନସ ପାଣି, ସଂଜୀବନ ନାୟକ, ଇଣ୍ଟରନ୍ୟାଶନାଲ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର, ଅନ୍ତର୍ଜାତୀୟ ମାଷ୍ଟର ସମ୍ବିତ ପଣ୍ଡା, ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂସା ଶତପଥୀ, ରୋଟାରୀ ପ୍ରାନ୍ତପାଳ ୩୨୬୨ର ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ସାତ୍ୱିକ ସ୍ୱାଇଁ, ପ୍ରୋଚେଷ୍ଟାର ଟ୍ରେନର ଓ ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଏସ୍. ସତ୍ୟପ୍ରଜ୍ଞ, ଡ. ଅନେଶ ଉପାଧ୍ୟାୟ, ଇଣ୍ଟରନ୍ୟାଶନାଲ ମାଷ୍ଟର ସମ୍ବିତ କୁମାର ପଣ୍ଡା, ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ଖେଳ ଖବର

## ଭାରତ-ପାକିସ୍ତାନ ମ୍ୟାଚ୍ ହେବ

**ନୂଆଦିଲ୍ଲୀ, ୧୧।୯**

ଆସନ୍ତା ୧୪ ତାରିଖରେ ଦୁବାଇରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଏସିଆ କପ୍ ମ୍ୟାଚ୍‌କୁ ବାତିଲ କରିବା ପାଇଁ ଦାଖଲ ହୋଇଥିବା ଏକ ପବ୍ଲିକ ଇଣ୍ଟରେଷ୍ଟ ଲିଟିଗେଶନ (ପିଆଇଏଲ୍)କୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଛନ୍ତି। ଉର୍ବଶୀ ଜୈନଙ୍କ ନେତୃତ୍ୱରେ ୪ ଆଇନ ଛାତ୍ରୀଛାତ୍ର ଏହି ଆବେଦନ କରିଥିଲେ। ଜଷ୍ଟିସ ଜେକେ ମାହେଶ୍ୱରୀ ଓ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲା ଶୁଣିବା ପରେ ଯୋଜନା ମୁତାବକ ମ୍ୟାଚ୍ ଖେଳାଯିବା ଦରକାର ବୋଲି କହିଛନ୍ତି। ମ୍ୟାଚ୍‌ଟି ରବିବାର ହେବାକୁ ଥିବାରୁ ଆବେଦନକାରୀଙ୍କ ଓକିଲ ଏହି ମାମଲାର ଶୁକ୍ରବାର ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ଏହି ଆବେଦନ ଓକିଲ ସ୍ନେହା ରାଣୀ, ଅଭିଷେକ ବର୍ମା ଓ ମହମ୍ମଦ ଆନାସ ଚୌଧାରୀଙ୍କ ଜରିଆରେ ଦାଖଲ କରାଯାଇଥିଲା। ଆବେଦନକାରୀ ଯୁକ୍ତି କରିଥିଲେ ଯେ, କ୍ରିକେଟ୍ ମ୍ୟାଚ୍‌ର ଅର୍ଥ ଦୁଇ ଦେଶ ମଧ୍ୟରେ ସମନ୍ୱୟ ଓ ବନ୍ଧୁତାକୁ ପ୍ରଦର୍ଶିତ କରିବା। କିନ୍ତୁ ପହଲଗାମ ଆତଙ୍କବାଦ୍ ଆକ୍ରମଣ ଓ ଅପରେଶନ ସିନ୍ଦୂରରେ ଆମ ନାଗରିକ ଓ ସେନା ସେମାନଙ୍କର ସବୁକିଛି ବାଜିରେ ଲଗାଉଥିବା ବେଳେ ପାକିସ୍ତାନ ସହିତ କ୍ରିକେଟ୍ ମ୍ୟାଚ୍ ଖେଳିବା ଏକ ବିପରିତ ବାର୍ତ୍ତା ଦେବ ଯେ, ଆମ ସୈନ୍ୟମାନେ ବଳିଦାନ ଦେଉଥିବା ବେଳେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଦେଶ ସହିତ ଆମେ କ୍ରୀଡ଼ାକୁ ପାଳନ କରୁଛୁ।

## ଦୃଷ୍ଟିବାଧିତ ଭାରତୀୟ ମହିଳା ଟି୨୦ ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୪



ଯମୁନା ରାଣୀ ଟୁଡୁ, ବାସନ୍ତି ହାଂସଦା, ଫୁଲ ସୋରେନ ଓ ପାର୍ବତୀ ମାର୍ଣ୍ଡି।

**ବାରିପଦା, ୧୧।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଆସନ୍ତା ନଭେମ୍ବର ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ପାଇଁ ଗୁରୁବାର ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଯମୁନା ରାଣୀ ଟୁଡୁ, ବାସନ୍ତି ହାଂସଦା, ଫୁଲ ସୋରେନ ଓ ପାର୍ବତୀ ମାର୍ଣ୍ଡି।

ଏଥିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଆମେରିକା ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଖେଳାଯିବ। ଟୁର୍ନାମେଣ୍ଟରେ ପାକିସ୍ତାନ ଖେଳିବାକୁ ଥିବାରୁ କାଠମାଣ୍ଡୁକୁ ତୃତୀୟ ଭେନ୍ୟୁ ଭାବେ ଚୟନ କରାଯାଇଥିଲା। ହେଲେ ବର୍ତ୍ତମାନ ନେପାଳରେ ଦେଖାଦେଇଥିବା ପରିସ୍ଥିତି କାରଣରୁ ବିକଳ୍ପ ଭେନ୍ୟୁ ଖୋଜା ଯାଉଛି। ଏହି ବିଶ୍ୱକପ୍‌ରେ ୨୧ଟି ଲିଗ୍ ମ୍ୟାଚ୍ ସହିତ ୩ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳାଯିବ। ସମଗ୍ର ଦେଶରେ କରାଯାଇଥିବା ଖେଳାଳିଙ୍କ ଖୋଜା ପ୍ରକ୍ରିୟାରେ ୫୬ ଜଣଙ୍କୁ ଚୟନ କରାଯାଇଥିଲା। କଠିନ ଟ୍ରେନିଂ ଓ ଚୟନ ଶିବିର ପରେ ସେମାନଙ୍କ ମଧ୍ୟରୁ ୧୬ଜଣିଆ ଦଳ ଘୋଷଣା କରାଯାଇଛି। ପୂର୍ବରୁ ୨୦୨୩ ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ଦୃଷ୍ଟି ବାଧିତ ମହିଳା ଗେମ୍ସ ପଦାର୍ପଣ କରିଥିବା ବେଳେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିଲା। ବି୧ କ୍ୟାଟେଗୋରି: ସିମୁ ଦାସ, ପି କରୁଣା କୁମାରୀ, ଅନୁ କୁମାରୀ, ଯମୁନା ରାଣୀ ଟୁଡୁ, କାଭ୍ୟା ଭି। ବି୨ କ୍ୟାଟେଗୋରି: ଅନେଖା ଦେବୀ, ବାସନ୍ତି ହାଂସଦା, ସିମରନଜୀତ କୌର, ସୁନିତା ସରାଥେ, ପାର୍ବତୀ ମାର୍ଣ୍ଡି। ବି୩ କ୍ୟାଟେଗୋରି: ଦୀପିକା ଟି ସି (ଅଧିନାୟିକା), ଫୁଲ ସୋରେନ, ଗଙ୍ଗା ଏସ୍ କଦମ (ଉପ ଅଧିନାୟିକା), କାଭ୍ୟା ଏନ୍ ଆର, ସୁଷମା ପଟେଲ, ଦୁର୍ଗା ୟେଭଲେ। ଖେଳାଳିଙ୍କ ପୂର୍ବ ପ୍ରଦର୍ଶନ ଆଧାରରେ ଅଧିନାୟିକା ଓ ଉପଅଧିନାୟିକା ଚୟନ କରାଯାଇଛି।

### ଏସିଆ କପ୍ ମହିଳା ହକି

## ଭାରତର ପ୍ରଥମ ପରାଜୟ

**ହାଙ୍ଗଝୋ, ୧୧।୯ (ପି.ଟି.)**

ଏସିଆ କପ୍ ମହିଳା ହକିର ଏକ ସୁପର-୪ ମ୍ୟାଚ୍‌ରେ ଚାଇନା ନିକଟରୁ ଭାରତ ୪-୧ ଗୋଲ୍‌ରେ ହାରିଯାଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ୧-୪ ଗୋଲରେ ଚାଇନାଠାରୁ ହାରିଯାଇଛି। ଟୁର୍ନାମେଣ୍ଟରେ ଭାରତର ଏହା ପ୍ରଥମ ପରାଜୟ। ଭାରତ ତରଫରୁ ମମ୍‌ତାଜ ଖାନ୍ ଏକମାତ୍ର ଗୋଲ୍ ଖେଳର ୩୯ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ଚାଇନା ତରଫରୁ ଜୋଉ ମିରଙ୍ଗ (୪ର୍ଥ ଓ ୫୬ତମ) ବ୍ୟକ୍ତିଗତ ଦୁଇଟି ଏବଂ ଚେସ୍ ୟାଙ୍ଗ୍ (୩୧ତମ) ଓ ଟାନ୍ ଜିଙ୍ଗହୁଆଙ୍ଗ ୪୯ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ପୁଲ୍ ପର୍ଯ୍ୟାୟରେ ଭାରତ ଅପରାଜେୟ ରହିଥିଲା। ଦଳ ଥାଇଲାଣ୍ଡ ଓ ସିଙ୍ଗାପୁରକୁ ହରାଇ ଦେଇଥିବା ବେଳେ ଜାପାନ ବିପକ୍ଷ ମ୍ୟାଚ ଡ୍ର' ରଖିଥିଲା। ଦଳ କୋରିଆ ବିପକ୍ଷରେ ୪-୨ ଗୋଲ୍‌ରେ ବିଜୟ ଲାଭ କରି ଭାରତ ସୁପର-୪ରେ ଏହାର ଅଭିଯାନ ଆରମ୍ଭ କରିଥିଲା। ସୁପର-୪ର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ସେପ୍ଟେମ୍ବର ୧୪ରେ ଖେଳାଯିବ। ବିଜେତା ଦଳ ନେଦରଲାଣ୍ଡ୍ସ ଓ ବେଲଜିୟମରେ ହେବାକୁଥିବା ୨୦୨୬ ମହିଳା ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୨/୨୦୨୫ Bhubaneswar, Friday, September 12/ 2025

# ପୁରୀରେ ଟି୧୦ କ୍ରିକେଟ ଧମାକା



ପୁରୀରେ ସର୍ବଭାରତୀୟ ଟି୧୦ ଟେନିସ୍ ବଲ କ୍ରିକେଟ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥିଗଣ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ସର୍ବଭାରତୀୟ ଟେନିସ୍ ବଲ କ୍ରିକେଟ୍ ଉଦ୍‌ଘାଟିତ

ପୁରୀ,୧୧।୯
(ଅଜିତ୍ କୁମାର ମହାନ୍ତି/ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଇତିହାସରେ ସୃଷ୍ଟି ହୋଇଛି ନୂଆ ଅଧ୍ୟାୟ। ଅପୂର୍ବ ଉତ୍ସାହ ଉଦ୍ଦିପନା ମଧ୍ୟରେ ପୁରୀର ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଗୁରୁବାର ଉଦ୍‌ଘାଟିତ ହୋଇଛି ସର୍ବଭାରତୀୟ ଟି୧୦ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍। ଲକ୍ଷ୍ନୌ ଏବଂ ଗୋଆ ପରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଛି ଏହି ମେଗା ପ୍ରତିଯୋଗିତାର ତୃତୀୟ ସଂସ୍କରଣ। ଟି୧୦ ଟେନିସ୍ ବଲ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ, ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପେଣ୍ଟକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ବିଭିନ୍ନ ପାରମ୍ପରିକ ନୃତ୍ୟଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆତସବାଜି ମଧ୍ୟରେ ଅତିଥିମାନେ ଏହି ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଭାଜପା ପୁରୀ ଜିଲା ସଭାପତି ଦେବେନ୍ଦ୍ରନାଥ ତରେଇ, ଟିବିସିଏଆଇ ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, ଗଭର୍ନିଂ ବଡି ଅଧକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, ରାଜ୍ୟ ସମ୍ପାଦକ ବ୍ରଜକିଶୋର ଦାଶ, କ୍ରୀଡ଼ା ସମ୍ପାଦକ ଶିବାନୀ ପ୍ରସାଦ ଦାସମହାପାତ୍ର, ପ୍ରଦୀପ ମହାପାତ୍ର, ଆଡଭାଇଜର ଜୟନ୍ତ କୁମାର ଷଡ଼ଙ୍ଗୀ, ଟିବିସିଏଆଇ ସାଧାରଣ ସମ୍ପାଦକ ଅଭିଷେକ ସିଂ, କୋଷାଧ୍ୟକ୍ଷ ନିତିଶ ସିଦ୍ଧେ, ଦଇତାପତି ନିଯୋଗ ଉପସଭାପତି ଗଣପତି ଦାସମହାପାତ୍ର, ଦଇତାପତି ସେବକ ରାମଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡ଼ାକୁ ଯେପରି ଲୋକପ୍ରିୟ କରାଯାଇପାରିବ, ସେନେଇ ସହଯୋଗ ଯୋଗାଇଦେବାକୁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଓ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଗୋଆ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ବିଜୟୀ

ଗୁରୁବାର ପ୍ରଥମ ଦିବସରେ ପୁରୁଷ ବିଭାଗର ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ ଆସାମକୁ ଗୋଆ ପରାସ୍ତ କରିଛି। ସେହିପରିଦ୍ୱିତୀୟ ମ୍ୟାଚରେ ଓଡ଼ିଶାକୁ ଝାଡ଼ଖଣ୍ଡ ଏବଂ ତୃତୀୟ ମ୍ୟାଚରେ ଉତ୍ତର ପ୍ରଦେଶକୁ ପଶ୍ଚିମବଙ୍ଗ ହରାଇ ଦେଇଛି। ଅନ୍ୟ ମ୍ୟାଚ ଗୁଡ଼ିକରେ ମଧ୍ୟପ୍ରଦେଶ-ଦିଲ୍ଲୀ, ଓଡ଼ିଶା-ସିକିମ, ବିହାର-ଛତିଶଗଡ଼ ମଧ୍ୟରେ ମୁକାବିଲା ହେବାର ଅଛି। ଶୁକ୍ରବାରଠାରୁ ମହିଳା ଦଳର ମ୍ୟାଚ ଆରମ୍ଭ ହେବ। ୧୪ ତାରିଖ ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ ଖେଳାଯିବ। ବିଜେତା, ଉପବିଜେତା, ମ୍ୟାନ୍ ଅଫ୍ ଦି ମ୍ୟାଚ, ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ଫିଲଡରଙ୍କୁ ଟ୍ରଫି ସହ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ସଭାପତି ଦାସମହାପାତ୍ର କହିଛନ୍ତି।



ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆସିଥିବା ବିଭିନ୍ନ ରାଜ୍ୟର ଖେଳାଳି।

## ଭାଗନେଲେ ୨୫ ରାଜ୍ୟର ୩୨ ଦଳ

ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୬ଟି ମହିଳା ଓ ୨୫ଟି ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ୨ଟି ଦଳ ଭାଗ ନେଇଛି। ଓଡ଼ିଶା ବ୍ୟତୀତ ଅଂଶଗ୍ରହଣ କରିଥିବା ଅନ୍ୟ ଦଳ ଗୁଡ଼ିକ ହେଲେ ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ବିହାର, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ଗୋଆ, କର୍ନାଟକ, ନର୍ଥ କର୍ନାଟକ, ମଧ୍ୟଭାରତ, ପୂର୍ବାଞ୍ଚଳ, ଦିଲ୍ଲୀ, ଜମ୍ମୁ-କଶ୍ମୀର, ହରିୟାଣା, ପଞ୍ଜାବ, ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା। ପ୍ରତ୍ୟେକ ଦିନ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ମ୍ୟାଚ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

## ପୁରୀର କ୍ରୀଡ଼ା ସଂସ୍କୃତି ଅନନ୍ୟ: କ୍ରୀଡ଼ାମନ୍ତ୍ରୀ

ପୁରୀ, ୧୧।୯ (ତପନ ସ୍ୱାଇଁ)

"ମହାପ୍ରଭୁ ଜଗନ୍ନାଥଙ୍କ ଏହି ପବିତ୍ର ଭୂମିରେ ଯେପରି ଏହି ଜାତୀୟ ସ୍ତରୀୟ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି ଏବଂ ପୁରୀର ମହାନ ସଂସ୍କୃତିକୁ ସାରା ଭାରତରୁ ଆସିଥିବା ଖେଳାଳିଙ୍କ ସମ୍ମୁଖରେ ଯେପରି ଭାବରେ ଉପସ୍ଥାପନା କରାଯାଇଛି ସେଥିପାଇଁ ଆୟୋଜକଙ୍କୁ ଅନେକ ଧନ୍ୟବାଦ। ପୁରୀରେ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ବୈଭବ ବା ଐତିହ୍ୟ ରହିଛି। ମାତ୍ର ପୁରୀର କ୍ରୀଡ଼ା ସଂସ୍କୃତି ମଧ୍ୟ ଅନନ୍ୟ। ଏହା କୁସ୍ତିଠାରୁ ଆରମ୍ଭ କରିବକ୍ସିଂ ପର୍ଯ୍ୟନ୍ତ ଜଡ଼ିତ। ଆଗାମୀ ଦିନରେ କୁସ୍ତି ବ୍ୟବସ୍ଥାକୁ ପୁନଃସ୍ଥାପନ କରିବା ପାଇଁ ଯାହା ଆବଶ୍ୟକ ହେବ ତାହା କରାଯିବ" ବୋଲି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ମୁଖ୍ୟ ଅତିଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ଏହି ଟୁର୍ନାମେଣ୍ଟର ଆୟୋଜନକୁ ଦେଖିଲେ ଅନୁଭବ ହେଉଛି ଯେ ପୁରୀରେ ସେ ଦକ୍ଷତା ରହିଛି ଆଗାମୀ ଦିନରେ ଆହୁରି ଅନେକ ଜାତୀୟ ସ୍ତରୀୟ ପ୍ରତିଯୋଗୀତାକୁ ପୁରୀରେ ଆୟୋଜନ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



କଳାକାରୀଙ୍କ ଦ୍ୱାରା ସାହିଯାତ ନୃତ୍ୟ।

## ମନ ମୋହିଲା ମାହାରୀ, ସାହିଯାତ ନୃତ୍ୟ

**ପୁରୀ, ୧୧।୯ (ତପନ ସ୍ୱାଇଁ):** ସର୍ବଭାରତୀୟ ଟି୧୦ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ କଳାକାରମାନେ ପୁରୀର ପାରମ୍ପରିକ ନୃତ୍ୟରେ ମନ ମୋହିଥିଲେ। ବନ୍ଦେ ଉତ୍କଳ ଜନନୀ ନୃତ୍ୟରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ମାହାରୀ, ପୁରୀର ସମର କଳା ସାହିଯାତ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆତସବାଜି କାର୍ଯ୍ୟକ୍ରମ ମଧ୍ୟ ବେଶ୍ ଚିତ୍ତାକର୍ଷକ ଥିଲା।



ଉଦ୍‌ଘାଟନୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ହଂକଂକୁ ହରାଇଲା ବାଂଲାଦେଶ

ଆବୁ ଧାବି, ୧୧।୯

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ବାଂଲାଦେଶ ୭ ଉଇକେଟରେ ହଂକଂକୁ ହରାଇଛି। ଏହି ବିଜୟରୁ ବାଂଲାଦେଶ ୨ ପଏଣ୍ଟ ହାସଲ କରି ଗ୍ରୁପ୍ ବି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ଲିଟନ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଆସନ୍ତା ୫ ତାରିଖରେ ବାଂଲାଦେଶ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ହଂକଂ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଦଳ ପାଇଁ ନିଜାକତ ଖାନ୍ ୪୨, ଜିସାନ ଅଲ୍ଲି ୩୦ ଓ ଅଧିନାୟକ ୟାସିମ ମୁର୍ତ୍ତଜା ୨୮ ରନ୍ କରିଥିଲେ।

ଜବାବରେ ବାଂଲାଦେଶ ୧୭.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପାଇଁ ଅଧିନାୟକ ଲିଟନ ଦାସ ୫୯ ରନ କରି ଆଉଟ୍ ହୋଇଥିବା ବେଳେ ତୋହିଦ ହ୍ରିଦୟ ଅପରାଜିତ ୩୫ ରନ କରି ମ୍ୟାଚ୍ ଫିନିଶ କରିଥିଲେ। ହଂକଂ ପକ୍ଷରୁ ଆତିକ ଇକବାଲ ଦୁଇଟି ଓ ଆୟୁଶ ଶୁକ୍ଲା ଗୋଟିଏ ଉଇକେଟ ନେଇଥିଲେ।

**ଏସିଆ କପ୍ କ୍ରିକେଟ**

**(ଆଜିର ମ୍ୟାଚ୍)**

**ପାକିସ୍ତାନ ବନାମ ଓମାନ**

ଭେନ୍ୟୁ: ଦୁବାଇ,
ସମୟ: ରାତି ୮ଟା

ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ

**ସଂକ୍ଷିପ୍ତ ସ୍କୋର**

ହଂକଂ: ୨୦ ଓଭରରେ ୧୪୩/୭ (ଜିଶାନ ଅଲୀ-୩୦, ନିଜାକତ ଖାନ-୪୨, ୟାସିମ ମୁର୍ତ୍ତଜା-୨୮, ତଞ୍ଜିମ ହାସନ ସାକିବ-୨/୨୧, ଟସ୍କିନ ଅହମଦ-୨/୩୮, ରିସାଦ ହୋସେନ-୨/୩୧)।
ବାଂଲାଦେଶ: ୧୭.୪ ଓଭରରେ ୧୪୪/୩ (ଲିଟନ ଦାସ-୫୯, ତୋହିଦ ହ୍ରିଦୟ-୩୫*, ଆତିକ ଇକବାଲ-୨/୧୪, ଆୟୁଶ ଶୁକ୍ଲା-୧/୩୨)।।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ